


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-237 ♦SUNDAY ♦22 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୭ ♦ରବିବାର ♦୨୨ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


ଟି-୨୦ ବିଶ୍ୱକପ୍ ସୁପର ଏଇଟ୍‌ସ

## ଭାରତ-ଦକ୍ଷିଣ ଆଫ୍ରିକା ମୁକାବିଲା ଆଜି




■ ଅହମଦାବାଦ୍, ୨୧।୨ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତାକାଲି ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର ଏଇଟ୍‌ସ ମୁକାବିଲା ହେବ । ଏହି ମୁକାବିଲା ଲାଗି ଉଭୟ ଦଳ ପ୍ରସ୍ତୁତି କରିଛନ୍ତି । ଭାରତର ସ୍ପିନ୍ ପିଚ୍‌ରେ ଦୃଢ଼ ମୁକାବିଲା କରି ଦକ୍ଷିଣ ଆଫ୍ରିକା ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଦମ୍ ଦେଖାଇଛି । ତେଣୁ ସୁପରର୍ ଏଇଟ୍‌ସ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ଭାରତକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିବାକୁ ନିଶ୍ଚୟ ଉଦ୍ୟମ କରିବ । ଭାରତ ମଧ୍ୟ ପାକିସ୍ତାନ ସମେତ ୪ଟି ଯାକ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର ଏଇଟ୍‌ସ ଖେଳିବାକୁ ଯାଉଛି । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ନିକଟରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାକୁ ୩-୧ରେ ପରାସ୍ତ କରିଥିଲା । ଭାରତ ଏହି ବିଜୟ ଧାରା ବଜାୟ ରଖିବାକୁ ସମସ୍ତ ପ୍ରକାର ଚେଷ୍ଟା କରିବ । ସେହିପରି ଗତ ବିଶ୍ୱକପ୍ ଫାଇନାଲ ଓ ଭାରତରେ ଅନୁଷ୍ଠିତ ଟି-୨୦ ସିରିଜ୍ ପରାଜୟର ପ୍ରତିଶୋଧ ନେବାକୁ ଦକ୍ଷିଣ ଆଫ୍ରିକା ତାହାର ▶ପୃଷ୍ଠା-୭

ନାସାର ମିସନ 'ଆର୍ଟେମିସ୍-୨'

## ମାର୍ଚ୍ଚରେ ମହାକାଶଚାରୀଙ୍କ ଚନ୍ଦ୍ର ଅଭିଯାନ



■ ୱାସିଂଟନ, ୨୧।୨ (ଏଜେନ୍ସି): ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ ଆସନ୍ତା ମାର୍ଚ୍ଚରେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ଚନ୍ଦ୍ର ମିସନ । ଏହି ମିସନରେ ମହାକାଶଚାରୀ ଚନ୍ଦ୍ରର ଚାରିପଟେ ପରିକ୍ରମା କରି ଫେରି ଆସିବେ । ଶୁକ୍ରବାର ଦିନ ଏ ନେଇ ଘୋଷଣା କରାଯାଇଛି । ଆସନ୍ତା ମାର୍ଚ୍ଚ ୬ରେ 'ଆର୍ଟେମିସ୍-୨' ମିସନ୍‌ର ଉତକ୍ଷେପଣ କରାଯାଇପାରେ ବୋଲି ନାସା ତରଫରୁ କୁହଯାଇଛି । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ଏହା ହେବ ଚନ୍ଦ୍ରକୁ ପ୍ରଥମ ମାନବ ସମ୍ବଳିତ ମିସନ । ଫେବୃଆରୀ ପ୍ରାରମ୍ଭରେ କିଛି ବୈଷୟିକ ତ୍ରୁଟି ଓ ତରଳ ହାଇଡ୍ରୋଜେନ୍ ଲିକେଜ ଯୋଗୁଁ ଏହି ମିସନ ପ୍ରସ୍ତୁତିରେ ବାଧା ଉପୁଜିଥିଲା । ମାତ୍ର ଗୁରୁବାର ଦିନ ଫ୍ଲୋରିଡ଼ାର କେପ୍ କାନାଭେରାଲଠାରେ କରାଯାଇଥିବା ରିହର୍ସାଲ ସଫଳ ହୋଇଛି । ଏହି ପରୀକ୍ଷଣରେ ରେକଟ୍ ଟାଙ୍କିରେ ସମ୍ପୂର୍ଣ୍ଣ ଇନ୍ଧନ ଭର୍ତ୍ତି କରାଯାଇ ପ୍ରକୃତ ଉତ୍କ୍ଷେପଣ ଭଳି ପରିବେଶ ସୃଷ୍ଟି କରାଯାଇଥିଲା । ଏହି କାଉଣ୍ଟ ଡାଉନ୍ ୨୯ ସେକେଣ୍ଡ ପର୍ଯ୍ୟନ୍ତ ସଫଳତାର ସହ କରାଯାଇଥିଲା । ଏହି ମିସନରେ ୩ ଜଣ ଆମେରିକୀୟ ଓ ଜଣେ କାନାଡ଼ୀୟ ମହକାଶଚାରୀ ସାମିଲ ▶ପୃଷ୍ଠା-୭

### ଧାନ ବିକ୍ରି, ମଣ୍ଡି ସମସ୍ୟାକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଜାରି

# ହଟୁନି ଅଚଳାବସ୍ଥା; ୪ ଦିନ ଧରି ଗୃହ ଅଚଳ



ଶନିବାର ଗୃହ ଚାଲିଲା ୨୨ ମିନିଟ

ସରକାରଙ୍କୁ ଘେରିଲେ ବିରୋଧୀ, ବିଧାନସଭା ଚଳାଇବାକୁ ସରକାରଙ୍କର ମାନସିକତା ନାହିଁ

ଚାଷୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ

■ ଭୁବନେଶ୍ୱର, ୨୧।୨ (ସମିସ): ରାଜ୍ୟରେ ଧାନ ବିକ୍ରି ଓ ଚାଷୀ ସମସ୍ୟାକୁ ନେଇ କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ । ଶନିବାର ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଯେପର୍ଯ୍ୟନ୍ତ ଚାଷୀଙ୍କର ଧାନ ବିକ୍ରି ନେଇ ସମସ୍ୟାର ସମାଧାନ ନହୋଇଛି, ସେପର୍ଯ୍ୟନ୍ତ ଗୃହ ଚଳାଇ ଦିଆଯିବ ନାହିଁ ବୋଲି ବିରୋଧୀ ଜିଦରେ ଅଟଳ ରହିଛନ୍ତି । ଗୃହକୁ ସ୍ୱାଭାବିକ କରିବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଶାସକ ଓ ବିରୋଧୀ ନିଜ ନିଜ ଜିଦରେ ଅଟଳ ରହିଥିବାବେଳେ ଆଜି ବିଧାନସଭା ମାତ୍ର ୨୨ ମିନିଟ୍ ଚାଲିପାରିଛି ।

ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ପ୍ଲାକାର୍ଡ, ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ । ଧାନ କିଣା ଓ ଚାଷୀ ସମସ୍ୟାକୁ ନେଇ ନାରାବାଜି କରି ଗୃହ କମ୍ପାଇଥିଲେ । ବିଧାୟକ ଭାସ୍କର ମଢ଼େଇଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରଖୁଥିବା ବେଳେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଏହା ଶୁଣାଯାଇନଥିଲା । ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ଅନୁରୋଧ କରିଥିଲେ ହେଁ ଏହାକୁ ଶୁଣି ନ ଥିଲେ ବିରୋଧୀ । ପ୍ରଶ୍ନକାଳ ଚାଲିଥିବା ବେଳେ ବିରୋଧୀ ସଦସ୍ୟ 'ପଏଣ୍ଟ ଅଫ୍ ଅର୍ଡର' ମାଗିଥିଲେ । କିନ୍ତୁ ଏହାକୁ ବାଚସ୍ପତି ଅଗ୍ରାହ୍ୟ କରିଥିଲେ । ଏହାକୁ ନେଇ ବିରୋଧୀ ସଦସ୍ୟ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୦ଟା ୩୬ ରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ ।

ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ପୁଣି ହଟ୍ଟଗୋଳ ଆରମ୍ଭ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ । ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଗୃହ ମଧ୍ୟରେ ଜୋରଦାର ହଟ୍ଟଗୋଳ କରିଥିଲେ । ବିରୋଧୀଙ୍କ ପ୍ରବଳ ହୋହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କାଗଜ ଉପସ୍ଥାପନ କରିଥିଲେ । ମାତ୍ର ୧୨ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ସୋମବାର ଯାଏଁ ମୁଲତବୀ ଘୋଷଣା କରିଥିଲେ । ଗୃହକାର୍ଯ୍ୟ ସୁଚାରୁ ରୂପେ ଚାଲି ▶ପୃଷ୍ଠା-୭

## 'ସୁପ୍ରିମ୍' ଝଟ୍‌କା ପରେ ଟ୍ରମ୍ପଙ୍କ ପୁଣି ଦାଦାଗିରି



ବିଶ୍ୱ ଉପରେ ଲଗାଇଲେ ଅତିରିକ୍ତ ୧୫% ଶୁଳ୍କ

ସୁପ୍ରିମକୋର୍ଟ ବିଚାରପତିଙ୍କୁ କଳଙ୍କ କହିଲେ ରାଷ୍ଟ୍ରପତି

ଚାହିଁଲେ ଶୁଳ୍କ ନ ନେଇ ବି ଅନ୍ୟ ଦେଶକୁ ବରବାଦ କରିଦେବି

■ ୱାସିଂଟନ, ୨୧।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଉପରେ 'ସୁପ୍ରିମ' ଛାଟ ବାଜିଛି । ବିଶ୍ୱର ଅନେକ ଦେଶ ଉପରେ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଆମେରିକା ସର୍ବୋଚ୍ଚ ନ୍ୟାୟାଳୟ 'ବେଆଇନ' କହି ରଦ୍ଦ କରିଦେଇଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟର ତିନି ଘଣ୍ଟା ପରେ ରାଷ୍ଟ୍ରପତି ଟ୍ରମ୍ପ ପୁଣି ଦାଦାଗିରି ଆରମ୍ଭ କରିଦେଇଛନ୍ତି । ସୁପ୍ରିମ କୋର୍ଟ ବିଚାରପତିଙ୍କୁ ସମାଲୋଚନା କରିବା ସହିତ ନିଜରୀ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ସମସ୍ତ ରାଷ୍ଟ୍ର ଉପରେ ପ୍ରଥମେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇଲେ । ଏଥିରେ ▶ପୃଷ୍ଠା-୭

### ଚର୍ଚ୍ଚାରେ ଭାରତୀୟ ଓକିଲ ନିଲ କାତ୍ୟାଲ

■ ୱାସିଂଟନ, ୨୧।୨ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟଙ୍କ ଶୁଳ୍କ ରଦ୍ଦ ରାୟ ପଛରେ ଭାରତୀୟ ବଂଶୋଦ୍ଭବ ଓକିଲ ନିଲ କାତ୍ୟାଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଏହି ଶୁଳ୍କ ବିରୋଧରେ କାତ୍ୟାଲ ସୁପ୍ରିମକୋର୍ଟରେ ଲଢ଼ି ବିଜୟୀ ହୋଇଛନ୍ତି । ଏବେ ସାରା ବିଶ୍ୱରେ କାତ୍ୟାଲଙ୍କୁ ପ୍ରଶଂସା କରାଯାଉଛି । ସେ ପୂର୍ବରୁ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରୁଥିଲେ । ଏହି ଶୁଳ୍କ ମାମଲାରେ ସେ କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ଟ୍ରମ୍ପଙ୍କ ବିରୋଧରେ ଯାଇ କାତ୍ୟାଲ ସୁପ୍ରିମକୋର୍ଟରେ ଶୁଳ୍କ ବିରୋଧରେ ଏବଂ ସାମ୍ବିଧାନିକ କ୍ଷମତା ସପକ୍ଷରେ ଯୁକ୍ତି ଉପସ୍ଥାପନ ▶ପୃଷ୍ଠା-୭

ଲଜ୍ଜା

## ଗୁରୁ ନାମରେ କଳଙ୍କ

### ସ୍କୁଲରେ ସପ୍ତମ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ ରାଜକନିକା, ୨୧।୨ (ସମିସ): କେନ୍ଦ୍ରାପଡ଼ାରେ ପୁଣି ଲଜ୍ଜା । ସ୍କୁଲ ଭିତରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ । ରାଜକନିକା ଥାନା ଅଞ୍ଚଳର ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଘଟିଥିବା ଏହି ଜଘନ୍ୟ କାଣ୍ଡ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ୪ଜଣ ଶିକ୍ଷକ ଓ ଜଣେ ପିଅନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ, ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି, ବିଶ୍ୱରଞ୍ଜନ ସାହୁ, ରଶ୍ମିକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ମିନତି ବାଇ ଓ ପିଅନ ରଶ୍ମିରଞ୍ଜନ ରଣା । ଏନେଇ ରାଜକନିକା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୫(୨), ୭୦(୨), ୬୦, ୪୯, ୩୫୧(୨)(୩), ୩(୫) ସହ ପୋକ୍ସୋ ଆଇନର ଧାରା ୪ ଓ ୬ ଅନୁଯାୟୀ ନମ୍ବର ୫୪/୨୬ରେ ଏକ ମାମଲା ରୁଜୁ ହୋଇଛି ।



୪ ଶିକ୍ଷକ ଓ ପିଅନ ଗିରଫ

ପୀଡ଼ିତାଙ୍କ ମାଆଙ୍କ ଏତଲା ଅନୁସାରେ, ତାଙ୍କ ଝିଅ ଓଳାଭରସ୍ଥିତ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲା । ସ୍କୁଲର କିଛି ଶିକ୍ଷକ ତାଙ୍କ ଝିଅକୁ ଦୀର୍ଘ ଦିନ ଧରି ଭୟଭୀତ କରିବା ସହ ଯୌନ ନିର୍ଯାତନା ଦେଉଥିଲେ । ଗତ ଜାନୁଆରୀ ୧୪ ତାରିଖରେ ନାବାଳିକା ଜଣଙ୍କ ଘରକୁ ଫେରି କାନ୍ଦିବା ସହ ତା' ସହ ଘଟିଥିବା ପାଶବିକ ଅତ୍ୟାଚାର ସଂପର୍କରେ ମା'ଙ୍କୁ ଜଣାଇଥିଲା । ଏ ସଂପର୍କରେ ନାବାଳିକାର ମା' ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ସେମାନେ ଏହାକୁ ଗୁରୁତ୍ୱର ସହ ନେଇନଥିଲେ । ଏପରି ସ୍କୁଲ କର୍ତ୍ତୃପକ୍ଷ ଏଭଳି ଗୁରୁତର ଅଭିଯୋଗକୁ ତଦନ୍ତ ପୂର୍ବରୁ ଖଣ୍ଡନ କରିଦେଇଥିଲେ । ପରେ ପରିବାରଲୋକ ଶିଶୁ ସୁରକ୍ଷା ସମିତି ଓ ପୁଲିସର ଦ୍ୱାରସ୍ଥ ହେବା ପରେ ଘଟଣା ପଦାକୁ ଆସିଥିଲା । ପରିବାରଲୋକ ଆହୁରି ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତମାନେ ତାଙ୍କ ଝିଅକୁ ବାରମ୍ବାର ଦୁଷ୍କର୍ମ କରିବା ସହ କାହାରିକୁ ନ କହିବାକୁ ଧମକାଉଥିଲେ । ପାଟି ଖୋଲିଲେ, ସେହି ସ୍କୁଲରେ ପଢୁଥିବା ତାଙ୍କ ସାନଭାଇଙ୍କୁ ହତ୍ୟା କରିବୁ ବୋଲି କହି ଭୟଭୀତ କରୁଥିଲେ ।

ଜିଲ୍ଲା କଂଗ୍ରେସ ଓ ବିଜୁ ମହିଳା ଜନତା ଦଳର ପ୍ରତିନିଧିମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି । ଏବେ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି ।

## ଠିକାଦାରଙ୍କୁ ଘରୁ ଡାକି ଆଣି ମାରିଦେଲେ

■ ଆନନ୍ଦପୁର, ୨୧।୨ (ସମିସ): ଘରୁ ଡାକି ଆଣି ଠିକାଦାରଙ୍କୁ ମାରିଦେଲେ । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଅତାସାହି ଗାଁରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ, ଗାଁର ବିପିନ ପରିଡ଼ା । ଘଷିପୁରା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ହତ୍ୟାକାଣ୍ଡରେ ୪ଜଣ ସାମିଲ ଥିବା ବିପିନଙ୍କ ଘରଲୋକ ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନେ ଘଟଣା ପରଠାରୁ ଫେରାର୍ ହୋଇଯାଇଥିବା ଜଣାଯାଇଛି । ସୂଚନାନୁଯାୟୀ, ବିପିନ ଶୁକ୍ରବାର ରାତିରେ ଖାଇପିଇ ଶୋଇବାକୁ ଯାଉଥିବା ବେଳେ ସେହି ଗାଁର କେତେକ ଯୁବକ ତାଙ୍କ ଘରକୁ ଆସିଥିଲେ । ତାଙ୍କୁ ଘର ବାହାରକୁ ଡାକି ମଦ ପିଇବାକୁ ବିପିନଙ୍କୁ ୫୦୦ ଟଙ୍କା ମାଗିଥିଲେ । କିନ୍ତୁ ବିପିନ୍ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ । କଥା ବଢ଼ିବାରୁ ଦୁର୍ବୃତ୍ତମାନେ ଉତ୍କ୍ଷିପ୍ତ ହୋଇ ବିପିନଙ୍କୁ ବିଧା ଗୋଇଠା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ହୋଇଯାଇଥିଲା । ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କ ପରିଚୟ ଜଣାପଡ଼ିନାହିଁ । ରାତି ହୋଇଥିବାରୁ ସ୍ଥାନୀୟଲୋକ ମଧ୍ୟ ସେମାନଙ୍କ ବିଷୟରେ କେହି କିଛି କହିପାରୁ ନାହାନ୍ତି । ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ।

## ଶୀତ ଯାଇନି; ଡରାଇଲାଣି ଖରା

■ ଭୁବନେଶ୍ୱର, ୨୧।୨ (ସମିସ): ରାତିରେ ଶୀତ ଏବଂ ଦିନରେ ଟାଏଁ ଟାଏଁ ଖରା । ଫେବୃଆରୀ ମାସରୁ ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହେଲାଣି । ରାତିରେ ଶୀତ ସଂପୂର୍ଣ୍ଣ ରୂପେ ଅପସରି ନାହିଁ, କିନ୍ତୁ ଦିନ ତାପମାତ୍ରା ୩୦ ଅତିକ୍ରମ କରିସାରିଲାଣି । ରାତିର ସର୍ବନିମ୍ନ ତାପମାତ୍ରା ୧୩.୬ ଥିବା ବେଳେ ଆଜି ଦିନ ପାରଦ ୩୬ ଡିଗ୍ରୀ ଛୁଇଁଛି । ଏଭଳି ସ୍ଥିତି ଜାରି ରହିଲେ ଆଗକୁ ତାପମାତ୍ରା ଆହୁରି ଭୟଙ୍କର ରୂପ ଧାରଣ କରିବାର ଆଶଙ୍କା ରହିଛି । ତେଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି ।

ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ ସାରା ରାଜ୍ୟରେ ଆଜି ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଛି । ସମସ୍ତ ଜିଲ୍ଲାକୁ ମିଶାଇ ୩୯ଟି ସ୍ଥାନରେ ପାରଦ ୩୧ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୧୨ଟି ସହରରେ ତାପମାତ୍ରା ୩୪ ଡିଗ୍ରୀ ଉପରେ ରହିଛି । ପାରଳାଖେମୁଣ୍ଡିରେ ଆଜି ରାଜ୍ୟର ସର୍ବାଧିକ ତାପମାତ୍ରା ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି । ଏହା ପଛକୁ ରହିଛି ଟିଟିଲାଗଡ଼ (୩୫.୫), ଝାରସୁଗୁଡ଼ା (୩୫.୪) ଏବଂ ଭବାନୀପାଟଣା (୩୫ ଡିଗ୍ରୀ) । ସେହିଭଳି ରାଜଧାନୀ ଭୁବନେଶ୍ୱର ଆଜି ଅପେକ୍ଷାକୃତ ଉତ୍ତପ୍ତ ରହିଥିଲା । ଏଠାରେ ସର୍ବନିମ୍ନ ତାପମାତ୍ରା ୧୬.୫ ଥିବା ବେଳେ ସର୍ବାଧିକ ତାପମାତ୍ରା ୩୫.୪ ଡିଗ୍ରୀ ରେକର୍ଡ କରାଯାଇଛି । ରାଜ୍ୟରେ ଆଗକୁ ତାପମାତ୍ରା ଏମିତି ବୃଦ୍ଧି ପାଇବ ବୋଲି କୁହାଯାଇଛି ।

ବଢୁଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି । ଗ୍ରୀଷ୍ମକାଳୀନ ମୁକାବିଲା ପାଇଁ ଆଜି ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖରାପ ଥିବା ନଳକୂପ ସଜାଡିବା ସହିତ ▶ପୃଷ୍ଠା-୭



ରାଜ୍ୟରେ ୩୬ ଡିଗ୍ରୀ ଡେଇଁଲା ତାପମାତ୍ରା

ଗ୍ରୀଷ୍ମ ପ୍ରବାହ ଆଶଙ୍କାରେ ସ୍କୁଲ ପାଇଁ ମାର୍ଗଦର୍ଶିକା

## ୩୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

■ ଭୁବନେଶ୍ୱର, ୨୧।୨ (ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ କମିସନରେଟ୍ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରର ସମୀର ଖାନ ଓରଫ ମୁନା ଓରଫ ମୋହନ(୪୪), ରାଜପୁର ବସ୍ତିର ସେକ୍ ଇର୍ସାଦ୍ ମହମ୍ମଦ ଓରଫ ସୂର୍ଯ୍ୟ (୨୩), ମୁନାଫ୍ ଖାନ ଓରଫ ମୋନା (୨୨) । ଅଭିଯୁକ୍ତମାନଙ୍କଠାରୁ ୩୭୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଜବତ ବ୍ରାଉନ୍‌ସୁଗର ମୂଲ୍ୟ ୩୭ ଲକ୍ଷ ଟଙ୍କା ହେବ ବୋଲି ପୁଲସ ପକ୍ଷରୁ ସୂଚନା ଦିଆଯାଇଛି ।

ଶନିବାର ପୁଲିସ ସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ଦୁଇଟି ବାଇକରେ ବ୍ରାଉନସୁଗର ଧରି ଜଳେଶ୍ୱରରୁ ଭୁବନେଶ୍ୱର ଆସିଥିଲେ । କିଛି ନିର୍ଦ୍ଦିଷ୍ଟ ଯୁବକଙ୍କୁ ବ୍ରାଉନସୁଗର ଦେବା ପାଇଁ ଯୋଜନା କରିଥିଲେ । ହେଲେ ପୁଲିସର ଚଢ଼ଉ ପରେ ବିକ୍ରି ଯୋଜନା ବିଫଳ ହୋଇଛି । କମିସନରେଟ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ହାତରେ ଧରାପଡ଼ିଛନ୍ତି । ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ଦୂରଦର୍ଶନ କେନ୍ଦ୍ର ନିକଟରେ ଚଢ଼ଉ ବେଳେ ୩ ଅଭିଯୁକ୍ତ ଏସସିୟୁ ଟିମ୍ ହାତରେ ଧରାପଡ଼ିଯାଇଥିଲେ ।

ପଶ୍ଚିମବଙ୍ଗରୁ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ

ପୁଲିସ ପଞ୍ଝାରେ ୩ ବେପାରୀ

ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ଏମାନେ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ । ଗତ ନଭେମ୍ବର ୧୬ ତାରିଖ ଲିଙ୍ଗରାଜ ଷ୍ଟେସନ ନିକଟରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା । ଗିରଫ ▶ପୃଷ୍ଠା-୭

### ମଦ ପିଇବାକୁ ସରକାରଙ୍କ ନୂଆ ପ୍ରୋତ୍ସାହନ!

# ଏଣିକି କାଗଜ ପ୍ୟାକେଟ୍‌ରେ ମିଳିବ ମଦ



■ ଭୁବନେଶ୍ୱର, ୨୧।୨ (ସମିସ): କ୍ଷୀର, ଦହି, ବିଭିନ୍ନ ପ୍ରକାରର ଜୁସ୍ ଟେଟ୍ରା ପ୍ୟାକ୍(କାଗଜ ପ୍ୟାକେଟ) ରେ ଉପଲବ୍ଧ ହେଉଥିବା ବେଳେ ଏଣିକି ରାଜ୍ୟରେ ମଦ ମଧ୍ୟ ଟେଟ୍ରା ପ୍ୟାକ୍‌ରେ ଉପଲବ୍ଧ ହେବ । ରାଜ୍ୟ ଅବକାରୀ ନୀତିରେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି । ମନ୍ତ୍ରୀଙ୍କ ଏପରି ଉତ୍ତରକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିବା ବେଳେ ଏହା ରାଜ୍ୟରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିବ ବୋଲି ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି । ଅବକାରୀ ନୀତିରେ କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦେଇଛନ୍ତି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ଅଟେ । ଜଣାପଡୁଛି । କାଗଜ ପ୍ୟାକେଟରେ ମଦ ଉପଲବ୍ଧ ହେଲେ ଏହା ସହଜରେ ଗ୍ରାମାଞ୍ଚଳରେ ଗଳିକନ୍ଦିରେ ଉପଲବ୍ଧ ହେବ । କାଚ ବୋତଲରେ ମଦ

ବିଧାନସଭାରେ ସୂଚନା ଦେଲେ ମନ୍ତ୍ରୀ, ସମାଲୋଚନା କଲେ ସମାଜସେବୀ

ଆସନ୍ତା ଆର୍ଥିକ ବର୍ଷରେ ଅବକାରୀରୁ ଅଧିକ ୧୧୪୬ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ

ଶନିବାର ବିଧାନସଭାରେ ବିଧାୟକ ସନାତନ ମହାକୁଡ଼ କାଚ ବୋତଲ ପରିବର୍ତ୍ତେ ପ୍ଲାଷ୍ଟିକ କିମ୍ବା ଅନ୍ୟ କୌଣସି ବୋତଲ ବ୍ୟବହାର ଉପରେ ପ୍ରଶ୍ନ କରିଥିଲେ । ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ...

ମନ୍ତ୍ରୀଙ୍କ ଉପରୋକ୍ତ ଉତ୍ତରକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି । ବୁଦ୍ଧିଜୀବୀ ମହଲର ଅଭିଯୋଗ ଅନୁଯାୟୀ ସରକାର ରାଜ୍ୟରେ ଲୋକଙ୍କୁ ମଦ ପିଇବାକୁ ପ୍ରୋତ୍ସାହିତ କରିବା ଉଦ୍ୟମରେ ଥିବା ଥିବାବେଳେ ଏହା ଭାଙ୍ଗିଯିବାର ଆଶଙ୍କା ରହୁଥିବା ବେଳେ କାଗଜ ପ୍ୟାକେଟରେ ସେପରି ଆଶଙ୍କା ରହିବ ନାହିଁ । ଏହାସହ କାଗଜ ପ୍ୟାକେଟ ମଦକୁ ମହଜୁଦ୍ କରି ରଖିବାରେ ବିଶେଷ ଅସୁବିଧା ହେବ ▶ପୃଷ୍ଠା-୭

**ୟୁରିଆ ସାଙ୍ଗକୁ ନାନୋ ବୋଝ**

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଘେରିଲେ ଚାଷୀ

ସମ୍ବଲପୁର, ୨୧।୨ (ସମିସ)

ପୁଣି ଘାରିଛି ନାନୋ ଭୂତ। ଗତ ଖରିଫ୍ ସମୟରେ ୟୁରିଆ ସାର ସହ ଜବରଦସ୍ତି ନାନୋ ସାର ଦେବାକୁ ଚାଷୀମାନେ ବିରୋଧ କରିଥିଲେ। ୟୁରିଆ ସଂକଟ ଦେଖାଇ କଳାବଜାରରେ ବିକ୍ରି କରୁଥିବା ସମୟରେ ଚାଷୀମାନେ ବେସରକାରୀ ସଂସ୍ଥାକୁ ଧରିବାସହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ପୁଣିଥରେ ସେହି ସ୍ଥିତି ଫେରିଛି। ସୋସାଇଟିକୁ ଯେତେ ପରିମାଣରେ ୟୁରିଆ ସାର ଦେବାକଥା ତାହା ଦିଆ ନଯାଇ ବେସରକାରୀ ସଂସ୍ଥାକୁ ଦିଆଯାଉଛି। ଋଣ ଗ୍ରହୀତାମାନେ ସୋସାଇଟିରୁ ୟୁରିଆ ନେଉଥିବାବେଳେ ଅଣ-ଋଣ ଗ୍ରହୀତାମାନେ ବେସରକାରୀ ସଂସ୍ଥା ଉପରେ ନିର୍ଭର କରୁଛନ୍ତି। ସମ୍ପ୍ରତି ୟୁରିଆ ସାର ନାହିଁ ବୋଲି କହି ସଂସ୍ଥାମାନେ ପୁଣି କଳାବଜାର ଆରମ୍ଭ କଲେଣି। ୟୁରିଆ ସାର ପ୍ୟାକେଟ୍ ପିଛା ୨୬୬.୫୦ ଟଙ୍କା ସ୍ଥାନରେ ୪୫୦ରୁ ୫୦୦ ଟଙ୍କାରେ ବିକ୍ରୟ ହେଉଛି। ଚାଷ ସକାଶେ ଅତ୍ୟାବଶ୍ୟକ ଥିବାବେଳେ ଏହି ଦର ଆହୁରି ବଢ଼ିପାରେ। କୃଷି ବିଭାଗ ପକ୍ଷରୁ ତଦାରଖ, ଚଢ଼ଉ ବା ତାଗିଦ୍ କରାଯାଉନାହିଁ। ଜିଲ୍ଲା ପ୍ରଶାସନ ମଧ୍ୟ ନିରବ ରହୁଛି। ଏହାଦ୍ୱାରା ବେସରକାରୀ ସଂସ୍ଥାମାନେ କାହାରିକୁ ଖାତିର କରୁନାହାନ୍ତି। ଏନେଇ ଆଜି ଚାଷୀମାନେ କୃଷି କାର୍ଯ୍ୟାଳୟ ଘେରାଉ କରିଥିଲେ।

ଅନ୍ୟପକ୍ଷରେ ୟୁରିଆ ସାର ସହ ଜବରଦସ୍ତି ନାନୋ ୟୁରିଆ ଦିଆଯାଉଛି। ନଚେତ୍ ୟୁରିଆ ଦିଆଯିବ ନାହିଁ ବୋଲି ଧମକ ଦେଉଛନ୍ତି। ମେଟ୍ରିକ୍ ସଂସ୍ଥାର ୟୁରିଆରେ କୌଣସି ବୋଝ ନଦେଇ କେବଳ ୟୁରିଆ ବିକ୍ରୟ କରିଥାଏ। ତେବେ, ଓଡ଼ିଶାର ପ୍ରାୟ ସିଂହଭାଗ ସାର ଇଫ୍‌କୋ ସଂସ୍ଥା ଦ୍ୱାରା ବିକ୍ରୟ ହେଉଥିବା ଚାଷୀମାନେ କହିଛନ୍ତି। ନାନୋ ନନେଲେ ୟୁରିଆ ଦେବିନାହିଁ ବୋଲି କହୁଥିବା ଅଭିଯୋଗ କରିଛନ୍ତି। ଇଫ୍‌କୋ କମ୍ପାନୀ ଦାଦାଗିରି କରି ସୋସାଇଟି ମାନଙ୍କରେ ଦୁଇଟି ବସ୍ତା ୟୁରିଆ ନେଲେ ଗୋଟିଏ ନାନୋ ଲିକ୍ୟୁଡ୍ ୟୁରିଆ ଜବରଦସ୍ତି ଦେଉଛନ୍ତି। ଗତବର୍ଷ ନାନୋ ୟୁରିଆର ଡେମୋ ପାଇଁ ଚାଷୀମାନେ କହିବାପରେ ଡେଙ୍ଗିମଚା ଓ ଗୋପାଳପାଲିରେ ପକାଗଲା, କିନ୍ତୁ ନାନୋ ଦେବାପରେ ଫସଲ ବଢ଼ିଲା ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସାରା ଭାରତରେ ନାନୋକୁ ବିରୋଧ କରାଯାଉଛି। ସରକାର ମଧ୍ୟ କୌଣସି ସାର ସହ ଅତିରିକ୍ତ ଭିଟାମିନ୍ ବାଧ୍ୟ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ତେବେ ବି ସମ୍ବଲପୁରରେ ୟୁରିଆ ସହ ନାନୋ ସାର ଦିଆଯାଉଥିବାରୁ ଆଜି ଚାଷୀମାନେ ଜିଲ୍ଲା କୃଷି କାର୍ଯ୍ୟାଳୟକୁ ଯାଇଥିଲେ। ଜିଲ୍ଲାର ସାର ଚେକିଂ କରିବା ଦାୟିତ୍ୱରେ ଥିବା ଏଡିଓ କେବେ ବି କାର୍ଯ୍ୟାଳୟକୁ ଆସୁନଥିବା ଅଭିଯୋଗ କରିଛନ୍ତି। ସେଠାରେ କେହି ଅଧିକାରୀ ନଥିବାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଆସିଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଭେଟି ଏନେଇ ଅଭିଯୋଗ କରିଥିଲେ। ରବି ଋତୁରେ ୟୁରିଆ ସାର୍ ଅଭାବ ଓ ଚାଷୀଙ୍କୁ ଜୋର୍ ଜବରଦସ୍ତ ନାନୋ ୟୁରିଆ ଦେଉଛନ୍ତି, ଚାଷୀ ମାନଙ୍କ ତୀବ୍ର ବିରୋଧ ପରେ ସଭା ମଝିରେ ସିଡିଏଓ ଉଠିଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସମସ୍ତ ସୋସାଇଟିକୁ ଚିଠିକରି ନାନୋ ୟୁରିଆ ନଦେବାକୁ ପରାମର୍ଶ ଦେବେ ବୋଲି କହିଥିଲେ।

ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ସମ୍ବଲପୁର କୃଷି କାର୍ଯ୍ୟାଳୟରେ ଧାନ ଚାଷ, ସାର ଅଭାବ ସମୟରେ କେହି ବି ଷ୍ଟାଫ୍ ରହୁନାହାନ୍ତି। ସିଡିଏଓ ଓ ଏଡିଓ ନରହି କେବଳ ତଳିଆ କର୍ମଚାରୀ ରହିଛନ୍ତି। ଏଡିଓ ସାର ଦାୟିତ୍ୱରେ ଥିବାବେଳେ ଚଢ଼ଉ ତ ଦୂରର କଥା, ଅଫିସରେ ରହୁନାହାନ୍ତି। ସେଠାରେ କର୍ମଚାରୀମାନେ କହୁଛନ୍ତି, ବଦଳି ହୋଇଯାଇଛନ୍ତି କିମ୍ବା ବାହାରକୁ ଯାଉଛନ୍ତି। କେବଳ ଚାଷୀ ବିରୋଧରେ ଭଲ ଭାବେ ଚାଷ କରୁନାହିଁ, ସାର ଠିକ୍ ସମୟରେ ଦେଉନାହିଁ ବୋଲି ଅଭିଯୋଗ କରିବା ଛାଡ଼ି ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷି କାର୍ଯ୍ୟାଳୟରେ ସବୁ ସମୟରେ ଅଧିକାରୀ ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଛନ୍ତି। ଜିଲ୍ଲା ସଭାପତି ଶ୍ରୀ ଠାକୁରଙ୍କ ସହ ସମ୍ପାଦକ ଦେବେନ୍ଦ୍ର ପଧାନ, ଜଗଦାନନ୍ଦ ନାୟକ, ବିପିନ ଭୁଏ, ଶାନ୍ତନୁ ପ୍ରଧାନ, ବଂଶୀଧର ପଧାନ, କିସାନ ବେହେରା, ଜୟନାରାୟଣ ପୃଷେଠ, ତରଣୀସେନ ଭୋଇ, ଯୋଗେଶ ଭୋଇ, ଭୈରବ ପ୍ରଧାନ, ସଂଗ୍ରାମ ସାହାଣୀ, ଦିଲ୍ଲୀପ ସାହୁ, ସନ୍ତୋଷ ପଧାନ, ଅଶ୍ୱିନୀ ହୋତା, ଦୋଳଗୋବିନ୍ଦ ନାୟକ, କାଶୀ ବିଶ୍ୱନାଥ ପ୍ରମୁଖ ଉପସ୍ଥିତ ଥିଲେ।

ଏହାସହିତ ଚାଷୀମାନେ ସିଡିଏଓ ଏବଂ ଏଆର୍‌ସିଏସ୍‌ଙ୍କୁ ଟୋକନ ଆସିଥିବାବେଳେ ରେଗୁଲାର୍ ମିଲ୍ ଗୁଡ଼ିକୁ ଦିଆଯାଉନାହିଁ, ଟାର୍ଗେଟ୍ ସେମାନଙ୍କୁ ଦିଆଯାଉନାହିଁ, ସିଏସ୍‌ଓ ଅଫିସ୍‌ରେ ଦୁର୍ନୀତି ଚାଲିଛି ବୋଲି ଅଭିଯୋଗ କରିଛନ୍ତି। ଦୂରରେ ଥିବା ଏବଂ ନୂତନ ମିଲ୍ ମାନଙ୍କୁ ଦିଆଯାଉଛି, ଏଭଳି ମିଲ୍ ମାନଙ୍କୁ ଟାର୍ଗେଟ୍ ଦେଇଛନ୍ତି, ଯେଉମାନଙ୍କ ପୂର୍ବରୁ ବଦନାମ ରହିଛି। ଉଦାହରଣ ସ୍ୱରୂପ, ଗୋଟିଏ ନୂତନ ମିଲ୍‌ରେ ୩୨ ପ୍ୟାକେଟ୍ ଧାନ ଅନ୍‌ଲୋଡ୍ ନକରିବାରୁ ଗୋଟିଏ ଦିନ ଗାଡ଼ି ଅଟକି ରହିଥିବା ଚାଷୀମାନେ କହିଛନ୍ତି।

**କଳାବଜାରରେ ୟୁରିଆ ୫୦୦ ଟଙ୍କାରେ ବିକ୍ରି**

**କୃଷି କାର୍ଯ୍ୟାଳୟରେ ବସୁନାହାନ୍ତି ଅଧିକାରୀ**

**ପୁରୁଣା ମିଲର୍‌ଙ୍କୁ ଟାର୍ଗେଟ୍ ନାହିଁ, ନୂତନ ମିଲର୍ ଦୁର୍ନୀତି**





## ବଜେଟକୁ ନେଇ ପ୍ରତିକ୍ରିୟା



ସମ୍ବଲପୁର, ୨୧।୨(ସମିସ): ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ଚଳିତ ୨୦୨୬-୨୭ ବଜେଟ୍‌କୁ ତୀବ୍ର ନିନ୍ଦା କରିବା ସହିତ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଏ ବଜେଟ ହାତୀର ଦାନ୍ତ ସଦୃଶ କିନ୍ତୁ ଅନ୍ତସାର ଶୂନ୍ୟ। ରାଜ୍ୟର ମୋଟ ଋଣ ଏକ ଲକ୍ଷ ୩୦ କୋଟିରେ ପହଞ୍ଚିବାକୁ ଯାଉଛି, ଯାହା ଭବିଷ୍ୟତରେ ଭବିଷ୍ୟତର ଜନକଲ୍ୟାଣକାରୀ ଯୋଜନାକୁ ବାଧାପ୍ରାପ୍ତ କରିବ, ସେହିପରି ଭାବରେ ଗତ ବର୍ଷ ସରକାର ଦୁଇ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିବା ବେଳେ ଏହାର ୪୩ ପ୍ରତିଶତ ବଜେଟ୍ ଅର୍ଥ ଅବ୍ୟବହୃତ ହୋଇରହିଛି, ଯାହା ନୂତନ ବଜେଟ୍‌କୁ ଅର୍ଥହୀନ କରୁଛି। ଗତକାଲି ଆଗତ କରାଯାଇଥିବା ତିନି ଲକ୍ଷ ୧୦ କୋଟିର ବଜେଟ୍ ଆଗାମୀ ଦିନରେ କେତେ ଦୂର ସଫଳତାର ସହ କାର୍ଯ୍ୟକାରିତା ହେବ ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆହୁରି ମଧ୍ୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ଦଳର ସରକାର ଥିଲେ ମଧ୍ୟ, ହାଇସ୍ପିଡ୍ ରେଳ ଏବଂ ପ୍ରମୁଖ ଶିଳ୍ପାଞ୍ଚଳ ଗଠନ କ୍ଷେତ୍ରରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ତେଣୁ ଏହା ଡବଲ ଇଞ୍ଜିନ ସରକାରର ଓଡ଼ିଶାର ସାଧାରଣ ଜନତାଙ୍କୁ ବିଶ୍ୱାସ ଘାତକତାକୁ ଦର୍ଶାଉଛି।ମୋଟାମୋଟି ଭାବରେ ଆଗତ ଓଡ଼ିଶାର ଏହି ବଜେଟ୍ ଓଡ଼ିଶା ଲୋକଙ୍କୁ ଆକାଶର ଜହ୍ନ ଦେଖାଇବା ଭଳି, ଯାହା ଆଗାମୀ ଦିନରେ ରାଜ୍ୟକୁ ଆର୍ଥିକ ସଙ୍କଟ ଆଡ଼କୁ ଠେଲି ଦେବାର ଏକ ପ୍ରୟାସ ଛଡ଼ା ଅନ୍ୟ କିଛି ନୁହେଁ ବୋଲି କହିଛନ୍ତି।

**ଚଳିତ ବଜେଟ୍ ହାତୀର ଦାନ୍ତ ସଦୃଶ କିନ୍ତୁ ଅନ୍ତସାର ଶୂନ୍ୟ: ରୋହିତ**



ରାଜ୍ୟ ସରକାରଙ୍କ ଚଳିତ ବଜେଟ୍‌କୁ ତ୍ରିବ୍ର ନିନ୍ଦା କରୁଛି। ନୂତନ ଢାଞ୍ଚାଗତ ପ୍ରକଳ୍ପ ଓ ବିଭିନ୍ନ ଯୋଜନା ଘୋଷଣା କରାଯାଇଥିଲେ ମଧ୍ୟ, ଯୁବପିଢ଼ୀ ପାଇଁ ସ୍ଥାୟୀ ଚାକିରି ସୃଷ୍ଟି କିପରି ହେବ ସେଥିପାଇଁ ସ୍ୱଷ୍ଟ ଯୋଜନା ଦେଖାଯାଇନାହିଁ। ପ୍ରତିବର୍ଷ ହଜାରହଜାର ଶିକ୍ଷିତ ଯୁବକ-ଯୁବତୀ ଚାକିରି ବଜାରକୁ ପ୍ରବେଶ କରୁଥିବା ସମୟରେ, ଦୃଢ଼ ନିଯୁକ୍ତି ନୀତିର ଅଭାବ ଗଭୀର ଚିନ୍ତାର କାରଣ ହେଉଛି। ଦରଦାମ ବୃଦ୍ଧିକୁ ବଜେଟ୍ ପର୍ଯ୍ୟାପ୍ତ ଭାବରେ ସମାଧାନ କରିପାରିନାହିଁ। ମଧ୍ୟମବର୍ଗୀୟ ପରିବାର ଓ ଛୋଟ ବ୍ୟବସାୟୀମାନେ ଦରଦାମ ବୃଦ୍ଧି ଲାଗି ଚିନ୍ତିତ। କୃଷିକୁ ମଧ୍ୟ ବଜେଟ୍‌ରେ ପ୍ରୟାପ୍ତ ଗୁରୁତ୍ୱ ମିଳିନାହିଁ। କେନ୍ଦ୍ରିତ ସୁଧାର ଓ ବ୍ୟବହାରିକ କାର୍ଯ୍ୟାନ୍ୱୟନ ନୀତି ବିନା ଗ୍ରାମୀଣ ସମସ୍ୟା ଜାରି ରହିପାରେ।ଏହାସହିତ, କିଛି ଅର୍ଥନୀତିବିଦ୍ ବ୍ୟୟ ପ୍ରାଥମିକତାରେ ଅସମତୁଳନ ଥିବା ନେଇ ମତ ପ୍ରକାଶ କରିଛନ୍ତି। ଦୀର୍ଘକାଳୀନ ଉନ୍ନତି ପାଇଁ ଅତ୍ୟନ୍ତ ଆବଶ୍ୟକ ଥିବା ସ୍ୱାସ୍ଥ୍ୟ ଓ ଶିକ୍ଷା ପରି ଖାତମାନେ ବଡ଼ ଢାଞ୍ଚାଗତ ପ୍ରକଳ୍ପଗୁଡ଼ିକ ସହିତ ତୁଳନା କଲେ ପର୍ଯ୍ୟାପ୍ତ ଗୁରୁତ୍ୱ ପାଇନଥାଇପାରନ୍ତି। ସାରକଥାରେ, ଓଡ଼ିଶା ବଜେଟ୍ ୨୦୨୬ ଆକା,,।ପୂର୍ଣ୍ଣ ଘୋଷଣାମାନେ ଥିଲେ ମଧ୍ୟ, ଆଲୋଚକମାନଙ୍କ ମତାନୁସାରେ ଏହାରେ ସ୍ୱଷ୍ଟତା, ସମତୁଳନ ଓ ଦୃଢ଼ କାର୍ଯ୍ୟଯୋଜନାର ଅଭାବ ରହିଛି। ଅର୍ଥପୂର୍ଣ୍ଣ ଓ ସମାବେଶୀ ଉନ୍ନତି ପାଇଁ ଆସନ୍ତା ମାସଗୁଡ଼ିକରେ ଶକ୍ତିଶାଳୀ ନୀତି ଦିଗନିର୍ଦ୍ଦେଶ ଓ ଦାୟିତ୍ୱବୋଧ ଅତ୍ୟାବଶ୍ୟକ ହେବ।

**ଇଂ ଅନମୋଲ ଦାଶ**
**ରାଜ୍ୟ ଉପସଭାପତି, ବିଜୁ ଛାତ୍ର ଜନତା ଦଳ**

**ମାଟ୍ରିକ୍ ଇଂରାଜୀ ପରୀକ୍ଷାରେ ଜିଲ୍ଲାରେ ୧୨୧ ଅନୁପସ୍ଥିତ**

## କପି କରି କେହି ଧରାପଡ଼ିନାହାନ୍ତି

ସମ୍ବଲପୁର, ୨୧।୨ (ସମିସ) : ଗତ ୧୯ ତାରିଖରୁ ଆରମ୍ଭ ହୋଇଛି ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ପରୀକ୍ଷା। ସମ୍ବଲପୁର ଜିଲ୍ଲାରେ ୨୧୩ଟି ହାଇସ୍କୁଲର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବାସହ ଲାଇଭ୍ ଷ୍ଟ୍ରିମିଂ ହେଉଛି ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡ, କଟକ କାର୍ଯ୍ୟାଳୟରୁ ଏହାକୁ ସିଧାସଳଖ ମନିଟରିଂ କରାଯାଉଛି। ଚଳିତବର୍ଷ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଆଜି ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ପତ୍ର ଇଂରାଜୀ ପରୀକ୍ଷା ହୋଇଯାଇଛି। ଇଂରାଜୀ ପରୀକ୍ଷାରେ ଜିଲ୍ଲାର ରେଗୁଲାର ଓ ଏକ୍ସ-ରେଗୁଲାର ୧୧୪୯୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୩୭୭ ଜଣ ପରୀକ୍ଷା ଦେଇଛନ୍ତି, ୧୨୧ ଜଣ ଅନୁପସ୍ଥିତ ଥିଲେ। ସେହିପରି କରେସ୍‌ପଣ୍ଡେନ୍ସ କୋର୍ସ (ସିସି) ପରୀକ୍ଷାରେ ୩୪ରୁ ୪ ଜଣ ଅନୁପସ୍ଥିତ ଥିବାବେଳେ ମଧ୍ୟମାରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀ ୧୯୨ ଜଣରୁ ୪୭ ଜଣ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଆଜି ମଧ୍ୟ ଜିଲ୍ଲାରେ କେହି ବି କପି କରି ଧରାପଡ଼ିନାହାନ୍ତି। ଆସନ୍ତା ୨୩ ତାରିଖରେ ସଂସ୍କୃତ / ହିନ୍ଦୀ, ୨୫ରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୨ ତାରିଖ ଗଣିତ ପରୀକ୍ଷା ରହିଛି।

ଆଜି ଶନିବାର ଇଂରାଜୀ ପରୀକ୍ଷା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ୭ଟି ଲେଖାଏ କେନ୍ଦ୍ର ପରିଦର୍ଶନ କରିଥିବାବେଳେ ଡିଇଓ କାର୍ଯ୍ୟାଳୟ ସ୍କ୍ୱାଡ୍ ୬ଟି ଏବଂ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍ ୪ଟି ଏହିଭଳି ମୋଟ ୨୪ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଡିଓ ଓ ତହସିଲଦାରମାନେ ସେମାନଙ୍କ ଅଧିନସ୍ଥ ଅଞ୍ଚଳରେ କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି।ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାର ସମସ୍ତ ୬ଟି ନୋଡାଲ କେନ୍ଦ୍ର ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ସେଗୁଡ଼ିକ ହେଲା - ବାମରା ହାଇସ୍କୁଲ, ବୁର୍ଲା ସରକାରୀ ବାଳକ ହାଇସ୍କୁଲ, ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, କୁଚିଣ୍ଡା ସରକାରୀ ବାଳିକା ହାଇସ୍କୁଲ, ରେଢ଼ାଖୋଲର ଗୌରଚନ୍ଦ୍ର ହାଇସ୍କୁଲ ଓ ରେଙ୍ଗାଲିର ନ୍ୟୁ ରମ୍ପେଲା ହାଇସ୍କୁଲ। ପରୀକ୍ଷା ଦିନ ମାନଙ୍କରେ ୨୧ଟି ଡେସପାଚ୍ ଟିମ୍ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଶ୍ନପତ୍ର ଯୋଗାଇବା ସହ ଉତ୍ତର ପତ୍ର ସଂଗ୍ରହ କରି ନୋଡାଲ କେନ୍ଦ୍ରରେ ଜମା କରୁଛନ୍ତି।

## ନକଲି ମଦ କାରବାରରେ ଜଣେ ଗିରଫ

ସମ୍ବଲପୁର, ୨୧।୨(ସମିସ): ନକଲି ମଦ କାରବାରରେ ସଦର ରେଞ୍ଜ ଅବକାରୀ ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ବିହାର ରୋହତାସର ବିକାଶ କୁମାର(୩୦)। ଧନୁପାଲି ଥାନା ତୁରିପଡ଼ା ଅଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରିଛି। ତା ନିକଟରୁ ୫ ଲିଟର ୪ଶହ ମିଲି ଲିଟର ନକଲି ମଦ, ୧୦ହଜାର ୨୨୧ ଟି ବିଭିନ୍ନ ମଦ ବ୍ରାଣ୍ଡର କର୍କସ, ୭୪୧୬ଟି ଲେବଲ, ଗୋଟାଏ ବାଇକ(ଓଡି୨୬ଡି୫୬୭୬) ଓ ଏକ ମୋବାଇଲଫୋନ ଜବତ କରିଛି।

## ଆପାତକାଳୀନ ପରିସ୍ଥିତିକୁ ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

ସମ୍ବଲପୁର, ୨୧।୨ (ସମିସ) : ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଜିଲ୍ଲା ଆପାତକାଳୀନ (ଡିଷ୍ଟ୍ରିକ୍ଟ କ୍ରାଇସିସ୍ ଗ୍ରୁପ୍ ବା ଡିସିଜି) ବୈଠକ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ସ୍ୱାଗତ ବକ୍ତବ୍ୟ ପ୍ରଦାନ ସହ ଡିସିଜିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଅବଗତ କରିଥିଲେ। ଏହାପରେ ଅନ୍ୟାନ୍ୟ ଶିଳ୍ପକ୍ଷେତ୍ର ଅନ୍ତର୍ଗତ ଅନ୍‌ସାଇଟ୍ ଏବଂ ଅଫ୍‌ସାଇଟ୍ ଇମର୍ଜେନ୍ସି ପ୍ଲାନର ଗୁରୁତ୍ୱ, ମକ୍ ଡ୍ରିଲ୍ ସମ୍ପର୍କରେ ବର୍ତ୍ତମାନ ଅବସ୍ଥା, ଜିଲ୍ଲାର ମେଜର୍ ଆକ୍ସିଡେଣ୍ଟ ହାଜାର୍ଡ (ଏମ୍‌ଏଏଚ୍) ଉଦ୍ୟୋଗଗୁଡ଼ିକର ଚିହ୍ନଟ ଏବଂ ତାର ସୁରକ୍ଷା ବ୍ୟବସ୍ଥାର ପରିଚାଳନା ଆଦି ବିଷୟରେ ଆଲୋଚନା ହୋଇଥିଲା। ଉଦ୍ୟୋଗଗୁଡ଼ିକରେ ବ୍ୟବହୃତ ଜଟିଳ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥଗୁଡ଼ିକ ଏବଂ ସେହି ରାସାୟନିକଗୁଡ଼ିକ ସଡ଼କ ମାର୍ଗରେ ଟ୍ୟାଙ୍କର୍ ଏବଂ ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଦ୍ୱାରା ପରିବହନ ସମୟରେ କିପରି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରିବା ଉଚିତ ତଥା ଅନ୍‌ସାଇଟ ଏବଂ ଅଫ୍‌ସାଇଟ ପ୍ରୟୋଜନୀୟ ପ୍ରକଳ୍ପଗୁଡ଼ିକୁରେ ଜରୁରୀକାଳିନ ସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ବିଷୟରେ ବିଶଦଭାବେ ସମସ୍ତେ ମତାମତ ରଖିଥିଲେ।




ଜିଲ୍ଲାପାଳ ଶ୍ରୀ ବୋନ୍ଦର ସଦାସର୍ବଦା ଯେକୌଣସି ଆପାତକାଳୀନ ପରିସ୍ଥିତିକୁ ସାମ୍ନା କରିବାପାଇଁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ଜିଲ୍ଲାପା।ଳ ଛୋଟ ଛୋଟ ଗ୍ୟାସ ଲିକ୍ ଉପରେ ଗୁରୁତ୍ୱ ଦେବା, ନିୟମିତ ମକ୍ ଡ୍ରିଲ୍ କରିବା, ବ୍ୟବହୃତ ଉପକରଣଗୁଡ଼ିକର ଉନ୍ନତିକରଣ ଏବଂ ଏହାର ଅବସ୍ଥା ଅପଡେଟ୍ ରଖିବା, ଶିଳ୍ପଗୁଡ଼ିକର ମଧ୍ୟରେ ସମନ୍ୱୟ ଏବଂ ସହଯୋଗ ବୃଦ୍ଧି କରିବା, ବିପଜ୍ଜନକ ରାସାୟନିକ ପଦାର୍ଥଗୁଡ଼ିକର ପରିବହନ ସମୟରେ ସୁରକ୍ଷା ନିଶ୍ଚିତ କରିବା ଏବଂ ନିଜ ଦାୟିତ୍ୱ ନିଷ୍ଠାର ସହିତ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ରାସାୟନିକ ଦୁର୍ଘଟଣାର ଭୟାବହତା ଓ ଏହାର ମୁକାବିଲା କରିବା ନିମନ୍ତେ ବୃହତ ଶିଳ୍ପର ଆଖପାଖ ଅଞ୍ଚଳବାସୀଙ୍କୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ସମ୍ବଲପୁର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଧବ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍‌ର ଉପନିର୍ଦ୍ଦେଶକ ସ୍ୱରୂପ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

## ବନାଗ୍ନି ପରିଚାଳନା ଓ ପ୍ରଶମନ ସମ୍ପର୍କିତ ସଚେତନା ରଥ ଉଦ୍‌ଘାଟିତ

କୁଚିଣ୍ଡା, ୨୧।୨(ସମିସ): ବନାଗ୍ନିକୁ ଏକ ଜାତୀୟ ବିପର୍ଯ୍ୟୟ ଭାବେ ଦେଖାଯାଇଥିବା ବେଳେ ଏହାର ନିୟନ୍ତ୍ରଣ ଓ ପ୍ରଶମନ ପାଇଁ ବନ ବିଭାଗ ସହ ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ଅନୁଷ୍ଠାନ, ବନ ସୁରକ୍ଷା ସମିତି, ପରିବେଶ ବିକାଶ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବବର୍ଗ ଓ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସଚେତନତାକୁ ବନାଗ୍ନି ନିୟନ୍ତ୍ରଣର ମୁଖ୍ୟ ଅସ୍ତ୍ର ଭାବେ ଗ୍ରହଣ କରାଯାଇଛି। ବାମରା ବନଖଣ୍ଡର ସମୁଦାୟ ଆୟତନ ୨, ୪୦, ୩୭୦ ହେକ୍ଟର ଥିବାବେଳେ ଏଥିରୁ ପ୍ରାୟ ୧, ୨୧, ୧୪୫ ହେକ୍ଟର ଜଙ୍ଗଲ ଅଞ୍ଚଳ, ଅର୍ଥାତ୍ ପ୍ରାୟ ୫୦ ଶତାଂଶ ଅଞ୍ଚଳ ଜଙ୍ଗଲ ଆବୃତ। ଏହି ଜଙ୍ଗଲ ମଧ୍ୟରେ ବଡ଼ରମା ଅଭୟାରଣ୍ୟର ୩୦, ୪୦୩ ହେକ୍ଟର ଓ ଖଲାଶୁଣି ଅଭୟାରଣ୍ୟର ୧୧, ୬୦୦ ହେକ୍ଟର ଅଞ୍ଚଳ ଅନ୍ତର୍ଭୁକ୍ତ। କିନ୍ତୁ ମାତ୍ର ୨୧ ଜଣ ବନପାଳ ଓ ୮୧ ଜଣ ବନରକ୍ଷୀଙ୍କ ସହ ଏତେ ବିଶାଳ ଜଙ୍ଗଲକୁ ସୁରକ୍ଷା ଦେବା ଚାଲେଞ୍ଜ ସୃଷ୍ଟି କରୁଛି। ବନଖଣ୍ଡରେ ବନାଗ୍ନିର ପ୍ରମୁଖ କାରଣ ହେଲା ଚାଷ ଜମିର ନଡା ପୋଡ଼ିବା, ମହୁଲ ସଂଗ୍ରହ ପାଇଁ ଗଛ ତଳେ ନିଆଁ ଜଳାଇ ଛାଡ଼ିଦେବା, କେନ୍ଦୁପତ୍ର ସଂଗ୍ରହ ସମୟରେ କିଛି ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ନିଆଁ ଲଗାଇବା ଏବଂ ରାସ୍ତାରେ ଯାଇଥିବା ସମୟରେ ବିଡି ବା ସିଗାରେଟ ଫିଙ୍ଗିଦେବା ଆଦି। ଏହି କାରଣଗୁଡ଼ିକୁ ରୋକିବା ପାଇଁ ସମୂହୀୟ ସଚେତନତା ଆବଶ୍ୟକ ବୋଲି ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି। ଶୀଘ୍ର ନିଆଁ ନିବାପନ ପାଇଁ ୧୦ଟି ଭଡା ଗାଡ଼ି ବ୍ୟବସ୍ଥା କରାଯାଇଥିବା ସହ ଅନ୍ୟାନ୍ୟ ସରକାରୀ ଗାଡ଼ିମାନେ ମଧ୍ୟ ଏହି କାର୍ଯ୍ୟରେ ବ୍ୟବହୃତ ହେବ। ବନାଗ୍ନି ପ୍ରଶମନ ପାଇଁ ୨୦୬ଟି ବ୍ଲୋଅର ଉପଲବ୍ଧ ରହିଛି ଓ ସମସ୍ତ କ୍ଷେତ୍ରୀୟ କର୍ମଚାରୀଙ୍କୁ ଫାୟାର ସୂଚନା ପାଇଁ ପଞ୍ଜୀକୃତ କରାଯାଇଛି। ଖଣ୍ଡିୟ ଓ ବନାଞ୍ଚଳ ସ୍ତରରେ ୨୪ସ୭ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ଅଛି ଓ ବନଖଣ୍ଡ ନିୟନ୍ତ୍ରଣ କକ୍ଷର ଫୋନ ନମ୍ବର ୭୮୯୪୧୯୯୨୬୬ ରହିଛି। ସଚେତନତା ସୃଷ୍ଟି ପାଇଁ ବନ ସୁରକ୍ଷା ସମିତି, ପଞ୍ଚାୟତ ଓ ବନାଞ୍ଚଳସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ, ପାଲା, ଭ୍ରାମ୍ୟମାନ ସଚେତନତା ରଥ ଓ ପ୍ରଚାରପତ୍ର ମାଧ୍ୟମରେ ବ୍ୟାପକ ପ୍ରଚାର କରାଯାଉଛି। ଯେଉଁ ଗ୍ରାମ କିମ୍ବା ଭିଏସଏସ ଅଞ୍ଚଳରେ ବନାଗ୍ନି ଘଟିବ ନାହିଁ ସେମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା ମଧ୍ୟ ରହିଛି।ଚଳିତ ବର୍ଷ ସମସ୍ତଙ୍କ ସହଯୋଗରେ ବନାଗ୍ନିକୁ ବହୁମାତ୍ରାରେ ହ୍ରାସ କରିବା ଲକ୍ଷ୍ୟ ରଖାଯାଇଥିବା ସହ ସାଧାରଣ ଲୋକଙ୍କୁ ସଚେତନ ହୋଇ ବନାଗ୍ନି ରୋକିବାରେ ସହଯୋଗ କରିବାକୁ ଆହ୍ୱାନ ଜଣାଯାଇଛି।କାର୍ଯ୍ୟକ୍ରମରେ ବାମରା ବ୍ଲକ ଅଧକ୍ଷା ପିଙ୍କି ଧୂରୁଆ, ବାମରା ଡ଼ିଏଫଓ ବିକ୍ରମ ଦେବ ପଟ୍ଟନାୟକ, ବାମରା ରେଞ୍ଜର ଦୀପକ ମହାନନ୍ଦ, କୁଚିଣ୍ଡା ରେଞ୍ଜର ଲେଖାଶ୍ରୀ ମହାନନ୍ଦ, କଲେଜ ଛାତ୍ରଛାତ୍ରୀ, ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ବୈଷ୍ଣୋ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୁଚିଣ୍ଡା, ୨୧।୨(ସମିସ): କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର କୁମୁରଗୋଡା ଠାରେ ମା'ବୈଷ୍ଣୋଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ତିନି ଦିନ ଧରି ଅନୁଷ୍ଠିତ ଉତ୍ସବର ପ୍ରଥମ ଦିନ ଗତ ୧୮ ତାରିଖ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ନିକଟସ୍ଥ ଖର୍ଲା ନଦୀରୁ ଜଳ ଭର୍ତ୍ତି କରି କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ମନ୍ଦିରରେ ଧାନ ଭରଣ, ଧନ୍ତାରି ପୂଜା ଅନୁଷ୍ଠିତ ହେବା ସହିତ ନାମଯଜ୍ଞ ଆରମ୍ଭ କରା ଯାଇଥିଲା, ରାତ୍ରିରେ ପାଲା ପରିବେଷଣ ହୋଇଥିଲା।ଉତ୍ସବର ଅନ୍ତିମ ଦିନ ଗତ ୨୦ ତାରିଖ ମନ୍ଦିର ପ୍ରତିଷ୍ଠା ହୋଇଥିଲା ଏବଂ ଦେବୀଙ୍କ ପ୍ରତିଷ୍ଠା ଓ ଦେବୀଙ୍କ ମନ୍ଦିରକୁ ପ୍ରବେଶ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମନ୍ଦିରର ପୂଜକ ଲମ୍ବୋଦର ସାହୁ ଏବଂ ତାଙ୍କ ସ୍ତ୍ରୀ ତୁଲେଶ୍ୱରୀ ସାହୁ କର୍ତ୍ତା ଭାବେ ଦାୟିତ୍? ତୁଲାଇଥିବା ବେଳେ ପୂଜକ ଭାବେ ଶେଷଦେବ ପୁରୋହିତ ଏବଂ ତାଙ୍କ ପୁତ୍ର ସାର୍ଥକ ପୁରୋହିତ ପୂଜା ପାଠ ଇତ୍ୟାଦି କର୍ମମାନ କରିଥିଲେ। ଉତ୍ସବର ଆୟୋଜନରେ କୁମୁରଗୋଦାର ଗ୍ରାମବାସୀ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୦୮.୧୨.୧୯୩୪
ତିରୋଧାନ: ୧୨.୦୨.୨୦୨୬

୰ସରସ୍ୱତୀ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ, ନାତି- ସୂର୍ଯ୍ୟକାନ୍ତ ତ୍ରିପାଠୀ, ନାତୁଣୀ- ଅଙ୍କିତା ତ୍ରିପାଠୀ ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ

ସୌଜନ୍ୟ- P and A Advertising Agency Pvt. Ltd.
C/1290, 1st Floor, CDA, Sector-VI, Cuttack-753014

**ବନାଗ୍ନି ନିୟନ୍ତ୍ରଣ ଲାଗି ପ୍ରସ୍ତୁତ ବନବିଭାଗ**

## ଜଙ୍ଗଲରେ ମଞ୍ଚା କରି ଜଗିବେ କର୍ମଚାରୀ

ସମ୍ବଲପୁର, ୨୧।୨(ସମିସ)

ପ୍ରତିବର୍ଷ ଖରା ଦିନେ ଜଙ୍ଗଲେ ନିଆଁ ଲାଗେ। ତାହା ବିଶେଷ ଭାବେ ମଣିଷ କୃତ ହୋଇଥାଏ। ଜଙ୍ଗଲ ଜାତ ସାମଗ୍ରୀ, ମହୁଲ ସଂଗ୍ରହ ଓ କେନ୍ଦୁପତ୍ର ସଂଗ୍ରହ ପାଇଁ ନିଆଁ ଲାଗିଥାଏ। ଗତ ବର୍ଷ ତୁଳନା ଏଥର ସମ୍ବଲପୁର ବନଖଣ୍ଡରେ କିପରି ବନାଗ୍ନି ନିୟନ୍ତ୍ରଣ ଅଧିକ କରାଯାଇ ପାରିବ ସେଥି ପାଇଁ ବିଭାଗ ପ୍ରସ୍ତୁତ ରହିଛି। ଗାଁ ଗାଁରେ ସେଚତନତା କାର୍ଯ୍ୟକ୍ରମ କରିବା ସହ ଅଗ୍ନି ନିର୍ବାପକ ଦଳ ଏଥର ଜଙ୍ଗଲରେ ମଞ୍ଚାରେ ରହିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଜାଧବ କହିଛନ୍ତି। ସେ କହିଛନ୍ତି ବନାଗ୍ନି ଦ୍ୱାରା ବନ୍ୟାପ୍ରାଣି, ବନ ପରିସ୍ଥିତି, ପରିବେଶ ଏବଂ ବନ ଉପରେ ନିର୍ଭରଶୀଳ ଜୀବିକା ପାଇଁ ସଙ୍କଟ ସୃଷ୍ଟି କରୁଛି। ବନାଗ୍ନି ଦ୍ୱାରା ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳ ଏବଂ ଜଙ୍ଗଲ ଧ୍ୱଂସ ହୋଇଛି। ଲୋକ ଜୀବନ ଉପରେ ମଧ୍ୟ ବନାଗ୍ନିର ପ୍ରଭାବ ପଡୁଛି। ପୂର୍ବ ବନାଗ୍ନି ଋତୁରେ ସମ୍ବଲପୁର ବନଖଣ୍ଡରେ ପ୍ରାୟ ୭୯୩ ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା ଓ ସେଥିମଧ୍ୟରୁ ୪୨୩ଟି ସ୍ଥଳ ବନଭିତରେ ଏବଂ ୩୭୦ ଗୋଟି ସ୍ଥଳ ବନ ବାହାର ଅଞ୍ଚଳରେ ଚିହ୍ନଟ ହୋଇଥିଲା। ଶୁଷ୍କ ପାଗ, କମ ବର୍ଷା ଏବଂ ମାନବଜନିତ କାରଣ (ଅଣ କାଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ନଡା ଜାଳିବା) ନିଆଁ ଲାଗିବାର ପ୍ରଧାନ କାରଣ ଥିଲା।

**୫୦ ଅଗ୍ନି ନିର୍ବାପକ ଦଳ ପାଇଁ ୧୪୪ରୁ ଅଧିକ ଲିଫ ବ୍ଲୋୱର**

**୧୯୪ ଅଗ୍ନିପ୍ରବଣ ଗ୍ରାମ ଚିହ୍ନଟ, ୧୨୨ ଗାଁରେ ସଚେତନ**



ଶତ ପ୍ରତିଶତ ବନାଗ୍ନି ନିୟନ୍ତ୍ରଣ କରାଯାଇଛି।

ଚଳିତ ବର୍ଷ କିପରି କମ ନିଆଁ ଲାଗିବ ସେଥିପ୍ରତି ବନ ବିଭାଗ ପ୍ରସ୍ତୁତ ରହିଛି। ବନାଗ୍ନି ରୋକିବା ପାଇଁ ବିଭିନ୍ନ ଗୁରୁତର ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୬ ମସିହା ପାଇଁ ଅଗ୍ନି ଯେପରିକି ଜିଲ୍ଲାପାଳ ସମ୍ବଲପୁର ଅଧ୍ୟକ୍ଷରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ୫୭୯ କିଲୋମିଟର ଲମ୍ବ ଅଗ୍ନି ନିରୋଧକ ରେଖା ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରାଯାଉଛି। ଏହା ସହିତ ରେଞ୍ଜ ସ୍ତରରେ ୫୦ ଜଣ ଅଗ୍ନି ନିର୍ବାପକ ଦଳ ନିଯୁକ୍ତି କରାଯାଇଛି। ବନାଗ୍ନି ନିୟନ୍ତ୍ରଣ ପାଇଁ ୨୬ ଟି ନୂଆ ଲିଫ ବ୍ଲୋୱର କିଣା ଯାଇଛି।। ବନ ବିଭାଗର କର୍ମଚାରୀ ଏବଂ ଅଗ୍ନି ନିର୍ବାପଣ ଦଳ ପ୍ରାୟ ୧୪୪ ଲିଫ ବ୍ଲୋୱର ଏବଂ ଅଗ୍ନି ସୁରକ୍ଷା ସାମଗ୍ରୀ ସହ ପ୍ରସ୍ତୁତ ଅଛନ୍ତି। ଜଙ୍ଗଲକୁ ଲାଗି ଥିବା ମହୁଲ ଗଛ ଗୁଡିକ ଚିହ୍ନଟ କରି ନିୟନ୍ତ୍ରିତ ଅଗ୍ନିଦୟ କରାଯିବ ପାଇଁ ପ୍ରସ୍ତୁତି ଚାଲିଛି। ବନ ସୁରକ୍ଷା ସମିତି ଏବଂ ସ୍ଥାନୀୟ ସମୁଦାୟଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯାଇଛି। ଅଗ୍ନିପ୍ରବଣ ୧୯୪ଟି ଗାଁ ଚିହ୍ନଟ କରାଯାଇଛି। ୧୨୨ଟି ଗ୍ରାମରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ହୋଇଛି। ବନଖଣ୍ଡ ସ୍ତରରେ ସମସ୍ତ ବନ କର୍ମଚାରୀଙ୍କୁ ବନାଗ୍ନି ସମ୍ବନ୍ଧରେ ତାଲିମ ଦିଆଯାଇଛି। କେନ୍ଦୁପତ୍ର ବିଭାଗ ସହ ବୈଠକ ହୋଇଛି। ବନ ବିଭାଗ ସାଧାରଣ ଜନତାଙ୍କୁ, ବିଶେଷକରି ବନ ଓ ବନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ, ବନ କିମ୍ବା ବନ ସୀମାରେ ଅଗ୍ନି ପ୍ରଜ୍ୱଳନ ନ କରିବାକୁ ଅନୁରୋଧ କରାଯାଇଛି। ଅସାବଧାନ କିମ୍ବା ଅବହେଳାଜନିତ ଅଗ୍ନି ବ୍ୟବହାର ବନ ଓ ବନ୍ୟାପ୍ରାଣୀ ପାଇଁ ଗୁରୁତର ଏବଂ ଅପରିବର୍ତ୍ତନୀୟ କ୍ଷତି ସୃଷ୍ଟି କରିପାରେ, ଏଣୁ ସୁରକ୍ଷିତ ଏବଂ ବନାଗ୍ନି-ମୁକ୍ତ ବନ ଋତୁ ସୁନିଶ୍ଚିତ କରିବା ପାଇଁ ସାଧାରଣ ଜନତାଙ୍କ ସହଯାଗ କାମନା କରିଛି ବିଭାଗ। ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ମୟଙ୍କ ମେଘୱାଲ, ଏସିଏଫ୍ ମନୋଜ ଶିଖା, ଏସିଏଫ୍ ରାଜଶ୍ରୀ ତିର୍କି, ଏସିଏଫ୍ ସମ୍ବଲପୁର ରୁନେନ୍ଦ୍ର କୁମାର ସ୍ୱାଇଁ, ରେଞ୍ଜ ଅଫିସର ଅମିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଧୂମାଭଟା ଗାଁରେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ଝାରବନ୍ଧ, ୨୧।୨(ସମିସ):** ଜଗଦଳପୁର ଥାନା ଅଧୀନ ଧୂମାଭଟା ଗାଁ ମୁଣ୍ଡରେ ଥିବା ଏକ ଗଛରେ ଜଣେ ଯୁବକର ଝୁଲନ୍ତା ଶବ ଦେଖି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସୂଚନା ପାଇ ଜଗଦଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା। ମୃତକ ଯୁବକ ପଦ୍ମପୁର ଥାନା ଅଧୀନ ଭେଡ଼ଁରିଆ ଗାଁର ନିର୍ମଳ ପଟେଲ (୨୪) ବୋଲି ପରିଚୟ ମିଳିଛି। ବଲାଙ୍ଗିରର ସାଇଣ୍ଟିଫିକ ଟିମ ଓ ଜଗଦଳପୁର ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ତଥ୍ୟ ସଂଗ୍ରହ କରିଛନ୍ତି। ପୁଲିସ ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିବା ବେଳେ ଘଟଣାଟି ଆତ୍ମହତ୍ୟା ନା ଅନ୍ୟ କୌଣସି ସନ୍ଦିଗ୍ଧ ଘଟଣା ସେନେଇ ପୁଲିସର ଅଧିକ ତଦନ୍ତ ଜାରି ରଖିଛି।

# ଏନ୍ଏଚ୍ କଡ଼ରୁ ୩ ଟ୍ରକ୍‌ର ବ୍ୟାଟେରୀ ଚୋରି

**ଅତାବିରା, ୨୧।୨(ସମିସ):** ଏନ୍ଏଚ୍ ୫୩ ସ୍ଥାନୀୟ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ୩ଟି ଟ୍ରକରୁ ୫ଟି ବ୍ୟାଟେରୀ ଗତକାଲି ରାତିରେ ଚୋରି ହୋଇଥିବା ଅତାବିରା ଥାନାରେ ଅଭିଯୋଗ ହୋଇଛି। ଅତାବିରାର ଭାସ୍କର ଦାଶ, ସୁନୀଲ ଅଗ୍ରୱାଲ ଓ ସୁରେନ୍ଦ୍ର ସିଂହଙ୍କ ଟ୍ରକ୍ ପେଟ୍ରୋଲ ପମ୍ପରେ ରହିଥାଏ। ଗତକାଲି ମଧ୍ୟରାତ୍ରି ଦେଢ଼ଟାରେ ସମ୍ବଲପୁର ପଟରୁ ଏକ ଅଲଟୋ କାରରେ ଆସି ବ୍ୟାଟେରୀ ବାକ୍ସ ତାଲା ଭାଙ୍ଗି ନେଇ ବ୍ୟାଟେରୀକୁ ନେଇ ସମ୍ବଲପୁର ପଟକୁ ୨ଟା ୧୫ ମି.ରେ ଫେରି ଯାଇଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଭାସ୍କରଙ୍କ ଗୋଟିଏ ବ୍ୟାଟେରୀ ଓ ଅନ୍ୟ ଦୁଇ ଜଣଙ୍କ ୨ଟି ଲେଖାଏଁ ବ୍ୟାଟେରୀ ଚୋରି ହୋଇଥିବା ଅତାବିରା ଥାନାରେ ଅଭିଯୋଗ ହୋଇଛି।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ କନେକ୍ଟ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୧।୨ (ସମିସ) :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ଆକ୍ସିସ୍ ବ୍ୟାଙ୍କ ସହଯୋଗରେ କ୍ୟାମ୍ପସ୍ କନେକ୍ଟ କାର୍ଯ୍ୟକ୍ରମ ଆଭାସି ଜରିଆରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ତାଲିମ ଏବଂ ପ୍ଲେସମେଣ୍ଟ ସେଲ୍ ଗତକାଲି ଅପରାହ୍ଣରେ ଆକ୍ସିସ୍ ବ୍ୟାଙ୍କ ସହଯୋଗରେ ଏକ ଅନଲାଇନ୍ କ୍ୟାମ୍ପସ୍ କନେକ୍ଟ ପ୍ରୋଗ୍ରାମ୍ ଆୟୋଜନ କରିଥିଲା, ଯାହାର ଉଦ୍ଦେଶ୍ୟ ଏହାର ଶିକ୍ଷାର୍ଥୀ ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଙ୍କିଂ କ୍ଷେତ୍ରରେ କ୍ୟାରିଅର୍ ସୁଯୋଗ ପ୍ରଦାନ କରିବା। କ୍ୟାମ୍ପସ୍ ପ୍ଲେସମେଣ୍ଟ ପ୍ରୋଗ୍ରାମରେ ମୋଟ ୮୯ ଜଣ ଆଶାୟୀ ଅଂଶଗ୍ରହଣ କରିଥିଲେ। ଅନେକ ପ୍ରାର୍ଥୀଙ୍କୁ ଚୂଡ଼ାନ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଚୟନ କରାଯାଇଥିଲା। ଏହି ନିଯୁକ୍ତି ଅଭିଯାନ ଆକ୍ସିସ୍ ବ୍ୟାଙ୍କରେ ବିଭିନ୍ନ ପଦବୀ ପାଇଁ ଶେଷ ବର୍ଷ ସ୍ନାତକ ଏବଂ ଶେଷ ସେମିଷ୍ଟର ସ୍ନାତକୋତ୍ତର ଶିକ୍ଷାର୍ଥୀମାନଙ୍କ ପାଇଁ ହୋଇଥିଲା। ଓଏସ୍ଓୟୁର ଏହି ପଦକ୍ଷେପ ଏହାର ଶିକ୍ଷାର୍ଥୀମାନଙ୍କ ଦକ୍ଷତା ଏବଂ ଆକାଂକ୍ଷା ସହିତ ସମନ୍ୱିତ ଅର୍ଥପୂର୍ଣ୍ଣ ପ୍ଲେସମେଣ୍ଟ ସୁଯୋଗଗୁଡ଼ିକୁ ସହଜ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବରଗଡ଼, ୨୦।୨(ସମିସ)



ବରଗଡ଼ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡି ଚାଲିଛି। ଏହି ପ୍ରସଙ୍ଗ ନେଇ ବରଗଡ଼ ମହିଳା ସମିତି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି। ବରଗଡ଼ ଜିଲ୍ଲା ମହକୁମାର ସ୍ଥିତି ସବୁଠୁ ଅଧିକ ଚିନ୍ତାଜନକ ହୋଇଛି। ମାଦକ ଦ୍ରବ୍ୟର ଅବାଧ କାରବାର ଯୋଗୁଁ ଯୁବ ସମାଜ ନଷ୍ଟ ଭ୍ରଷ୍ଟ ହେଉଛି। ଏଥିରେ ଉଦ୍‌ବେଗ ପ୍ରକାଶ କରାଯାଇ ପୁଲିସର ନିଷ୍କ୍ରିୟତାକୁ ଏଥିପାଇଁ ଦାୟୀ କରାଯାଇଛି। ସହରରେ ଏକ ମହିଳା ଥାନା ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ସ୍ଥାଣୁ ପାଲଟିଥିବା ଜିଲ୍ଲା ପୁଲିସ ବିଭାଗର ସୁଧାର ପାଇଁ ଜଣେ ଦକ୍ଷ ଆଇପିଏସ ଅଧିକାରୀଙ୍କୁ ବରଗଡ଼ ଜିଲ୍ଲାରେ ଅବସ୍ଥାପିତ କରିବାକୁ ନିବେଦନ କରାଯାଇଛି। ଏହା ସାଙ୍ଗକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଦ୍ୱାରା ପ୍ରତିଷ୍ଠିତ ପାଇକମାଲସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନରେ ଥିବା ଅବ୍ୟବସ୍ଥା ଅନୁଷ୍ଠାନକୁ ଅନ୍ଧାର ମଧ୍ୟକୁ ଠେଲି ଦେବାକୁ ଯାଉଛି ବୋଲି ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଆଶ୍ରମର ସମ୍ପୂର୍ଣ୍ଣ ପରିଚାଳନା ଭାର ରାଜ୍ୟ ସରକାର ନିଜ ହାତକୁ ନେବାକୁ ନିବେଦନ କରାଯାଇଛି। ସମିତିର ସଭାନେତ୍ରୀ ଅଞ୍ଜନା ଦାସଙ୍କ ନେତୃତ୍ୱରେ ମମତା ମିଶ୍ର, ରାଧାରାଣୀ ମିଶ୍ର, ପଦ୍ମିନୀ ସାହୁ, ସଲୋନୀ ଦାଶ, ଜୟନ୍ତୀ ପ୍ରଧାନ, ପ୍ରଣତି ପ୍ରଧାନ ଏହି ପ୍ରତିନିଧି ଦଳରେ ସାମିଲ ହୋଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍

# ଜଣେ ମୃତ, ଜଣେ ଗୁରୁତର

**ରେଢ଼ାଖୋଲ, ୨୧।୨ (ସମିସ):** ସାନଭାଇ ବାହାଘର ବରାତି ସାରି ଫେରିବା ବାଟରେ ସଡ଼କ ଦୁର୍ଘଟଣାରେ ବଡ଼ଭାଇର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଦଳିଗଡ଼ ପଞ୍ଚାୟତ ସୁଦମୁଣ୍ଡାଗ୍ରାମ ଛକ ନିକଟରେ ଶନିବାର ଦିନ ସନ୍ଧ୍ୟା ସମୟରେ ଏଭଳି ଘଟଣା ଘଟିଛି। ବାଇକ୍ ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର ହୋଇଛନ୍ତି। ମୃତକ ଚାରମାଳ ଥାନା ଭରତାପୁର ଗ୍ରାମର ବାସିନ୍ଦା ପ୍ରଦୀପ ସାହୁ ଏବଂ ଗୁରୁତର ସୁଶାନ୍ତ ପ୍ରଧାନ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଭାଇ ବାହାଘର ରୋଷଣୀ ସାରି ପ୍ରଦୀପ ବାଇକ୍ ଯୋଗେ ଘରକୁ ଫେରିବା ବାଟରେ ସୁଦମୁଣ୍ଡାଗ୍ରାମ ଛକ ନିକଟ ରାସ୍ତା କଡ ଏକ ବିଜୁଳି ଖୁଣ୍ଟରେ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁଶାନ୍ତ ଅଧିକ ଗୁରୁତର ଆହତ ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଘଟଣାସ୍ଥଳରେ ରେଢ଼ାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୨୬ରୁ ରାଧାକୃଷ୍ଣଙ୍କ ଯୁଗଜନ୍ମା ମହୋତ୍ସବ

**ପାଇକମାଲ, ୨୧।୨(ସମିସ):** ପାଇକମାଲ ବ୍ଲକ ଅଧୀନ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ବେରବାହାଲ ଗାଁର ଶ୍ରୀଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ପ୍ରାଣପ୍ରତିଷ୍ଠା ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ହେବାକୁ ଥିବା ଯୁଗଜନ୍ମା ମହୋତ୍ସବ ଓ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ରେ ପୂର୍ଣ୍ଣାହୂତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ସଭାପତି ଭାବେ ତରଣୀସେନ ଷଡଙ୍ଗୀ, ସମ୍ପାଦକ ମଳୟ ହଂସ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଦେବତାଙ୍କୁ ମନୋନୀତ କରାଯାଇଛି। ଦୀର୍ଘ ୫ ଦିନ ଧରି ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା କରାଯିବା ନେଇ ବୈଠକରେ କୁହାଯାଇଛି।

# ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକସଭା

**ଭଟଲି, ୨୧।୨(ସମିସ):** ଭଟଲି ବ୍ଲକ ଅଧୀନ ଗୋପାଳପୁର ସ୍ଥିତ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାମ ହନୁମନ୍ତ ରେଡ୍ଡୀଙ୍କ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶିକ୍ଷକ ଉଚ୍ଛବ ଭୁଏଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଶୋକ ସଭା ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀ ରେଡ୍ଡୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଦିଲ୍ଲୀପ ପଧାନ, ଅଷ୍ଟମନ୍ୟୁ ବାରିକ, ରାଜୀବ ସାହୁ, ଶିକ୍ଷୟିତ୍ରୀ ମମତା ସାହୁ, ଦୀପ୍ତି ତ୍ରିପାଠୀ, ପଞ୍ଚମୀ ନାଏକ, ସାବିତ୍ରୀ ସା, ମାନସୀ ଷଣ୍ଢ, ଜୟନ୍ତୀ ମୁନା, ସାବିତ୍ରୀ ଭୁଏ, ସାବିତ୍ରୀ ବାଡା, ସବିତା ବାଗ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ, ସଦସ୍ୟ ଅନ୍ତର୍ଯ୍ୟାମୀ ପଧାନ, କ୍ଷେତ୍ରମୋହନ ସାହୁ, ଅଶୋକ ସାହୁ, ସତ୍ୟବାନ ନାଏକ, କ୍ଷୀରୋଦ୍ର ନାଏକ, ସୌକ ବାରିକ, ଦୁର୍ଜୟ ହାତୀ, ଦିବ୍ୟ ବାଗ, ପଞ୍ଛୁଲାଲ ନାଏକ, ସଦସ୍ୟା ସୁଦେଷ୍ଣା ନାଏକ, ସରସ୍ୱତୀ ନାଏକ, ପଦ୍ମିନୀ ବାଗ ଉପସ୍ଥିତ ଥିଲେ। ସ୍ୱର୍ଗତଃ ରେଡ୍ଡୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ମଳୟ ଶତପଥୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଶ ଭୋଇ, ଏଡିଇଓ ସରୋଜ ଭୁଏ, ବିଇଓ ଡ.ସୁରେନ୍ଦ୍ର ସାହୁ, ଏବିଇଓ ରୀତାରାଣୀ ତ୍ରିପାଠୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲିଲିମା ଧରୁଆ, ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା, ସିଆରସିସି ଲୋକନାଥ ମେହେର, ମିଳିତ ଶିକ୍ଷକ ସଂଘର ସଭାପତି ଯୋଗେଶ୍ୱର ପଧାନ, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଶୋକ ପ୍ରକାଶ କରିଛନ୍ତି।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ଅମ୍ବାଭୋନା, ୨୧।୨(ସମିସ):** ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ କଣ୍ଡପଲା ପଞ୍ଚାୟତ ଅଧୀନ କଲମୀ ଗାଁରେ ନାବାଳକ ଓ ନାବାଳିକା ବାଲ୍ୟ ବିବାହକୁ ପ୍ରଶାସନ ରୋକିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଚାଇଲ୍ଡ ଲାଇନ ଟୋଲ ଫ୍ରି ନମ୍ବର ୧୦୯୮ରେ ଖବର ପାଇ ପହଞ୍ଚିଥିଲେ। ପୁଅର ୧୬ ବର୍ଷ ୭ମାସ ଓ ଝିଅର ବର୍ଷ ୧୭ ବର୍ଷ ହୋଇଛି। ଏହି ଘଟଣା ନେଇ ବରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଅମ୍ବାଭୋନା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ସମେତ ସୁପରଭାଇଜର, ଅଙ୍ଗନବାଡ଼ି, ଆଶା ଦିଦି, ପୁଲିସ ବିଭାଗ, ସ୍ଥାନୀୟ ସାମାଜିକ କର୍ମୀ ପହଞ୍ଚି ବାଲ୍ୟ ବିବାହକୁ ରୋକିଥିଲେ। ସମ୍ପୃକ୍ତ ପରିବାରଙ୍କୁ ବାଲ୍ୟ ବିବାହ ନିରୋଧ ଆଇନ ଓ ଏହାରକୁ ପରିମାଣ ସମ୍ପର୍କରେ ସଚେତନ କରିଥିଲେ। ଉଭୟ ନାବାଳକ ଓ ନାବାଳିକା ଶିକ୍ଷା ଜାରି ରଖି ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ।

# ବଜେଟରେ କେବଳ ସୁନେଲି ସ୍ୱପ୍ନ

**ବରଗଡ଼, ୨୧।୨ (ସମିସ):** ଅର୍ଥନୈତିକ ସର୍ଭେ ରିପୋର୍ଟରେ ଯେପରି ସୁନେଲି ସ୍ୱପ୍ନ ଦେଖାଯାଇଛି ଚଳିତ ବଜେଟ ମଧ୍ୟ ଅନୁରୂପ। ବଜେଟର କାୟା ବୃଦ୍ଧି ହୋଇଛି ଏବଂ ମାଳମାଳ ଯୋଜନା ଘୋଷଣା କରାଯାଇଛି। ମଡେଲ ମଣ୍ଡି, ଚାଷୀଙ୍କ ଆୟ ବୃଦ୍ଧି କଥା ଗତ ବଜେଟରେ ମଧ୍ୟ କୁହାଯାଇଥିଲା; ମାତ୍ର ବରାଦ ଅର୍ଥ ସରକାର ଖର୍ଚ୍ଚ କରିପାରିଲେନି। କୃଷି କ୍ଷେତ୍ରକୁ ମାଗଣା ବିଜୁଳି ଓ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ଉପରେ ସରକାର ଚୁପ୍। ଭବିଷ୍ୟତ ପାଇଁ ଯୋଜନା କଲେ ବର୍ତ୍ତମାନ ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବନାହିଁ। ଡାକ୍ତର, ଶିକ୍ଷକ, ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ତାହା ପୂରଣ ପାଇଁ କୌଣସି ଯୋଜନା ନାହିଁ। ବରଗଡ଼ କ୍ୟାନ୍ସର ହସ୍ପିଟାଲ ପାଇଁ ବ୍ୟୟ ବରାଦ ନାହିଁ।

**ଆଇନଜୀବୀ ଅଜିତ ଶତପଥୀ, ପଦ୍ମପୁର**

# ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଅତାବିରା, ୨୧।୨ (ସମିସ):** ଅତାବିରା ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡା ଅଧ୍ୟକ୍ଷତା କରିବା ସହ ଉଦ୍ୟାନ କୃଷି ସମ୍ପର୍କିତ ସଫଳତା ଓ ବ୍ୟବସ୍ଥା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ଏଏଚଓ ନିହାର ରଞ୍ଜନ ଭୋଇଙ୍କ ପରିଚାଳନାରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ସୁଜିତ ବେହେରା, କେବିକେ କୃଷି ବୈଜ୍ଞାନିକ ଇଂ.ସଂଘମିତ୍ରା ବିଶ୍ୱାଳ ମଞ୍ଚାସୀନ ଥିଲେ। ସଫଳ କୃଷକ ଓ ସଂସ୍ଥା ନିଜର ଚାଷ ଓ ଉତ୍ପାଦନ ପ୍ରଣାଳୀ ବିଷୟରେ ମତ ପ୍ରକାଶ କରିଥିଲେ। ଏଚଇଡବ୍ଲୁ ସୁଜାତା ଦାସ, ଦେବାଶିଷ ବେହେରା, ସରୋଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ପଞ୍ଚାୟତସ୍ତରୀୟ କିଶୋରୀ ମେଳା

**ପଦ୍ମପୁର, ୨୧।୨(ସମିସ):** ରାଜବୋଡାସମ୍ବର ବ୍ଲକ ଅଧୀନ ବରିହାପାଲି ପଞ୍ଚାୟତ ଖୁଜେନରେ ପଞ୍ଚାୟତ ସ୍ତରୀୟ କିଶୋରୀ ବାଳିକା ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସର୍ଗିବାହାଲ ସେକ୍ଟରର ବିଭିନ୍ନ ଗାଁରୁ ଆସିଥିବା କିଶୋରୀମାନେ ଭାଗ ନେଇଥିଲେ। ଅତିଥି ଭାବେ ସୁପରଭାଇଜର ସୁକାନ୍ତି ବରିହା କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ସ୍ୱାବଲମ୍ବନତାର ଗୁରୁତ୍ୱ ଉପରେ ଆଲୋକପାତ କରି କିଶୋରୀମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ମେଳାର ଉଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ପୋଷଣ ସମ୍ବନ୍ଧୀୟ ପ୍ରଦର୍ଶନୀ, ଜୀବନ କୌଶଳ ଆଧାରିତ କ୍ରିୟାକଳାପ, କ୍ୱିଜ୍ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଶିକ୍ଷକମାନେ ମିଶି କିଶୋରୀମାନଙ୍କୁ ମାସିକ ସ୍ୱଚ୍ଛତା, ସୁସ୍ଥ ଜୀବନଶୈଳୀ ବିଷୟରେ ସଚେତନ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଦେଖାଇଥିବା କିଶୋରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ମାଧବ ବରିହା, ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଦାୟିତ୍ୱ ତୁଲାଇଥିଲେ।

# ବିଭିନ୍ନ ଅନୁଷ୍ଠାନରେ ବିଶ୍ୱ ମାତୃଭାଷା ଦିବସ

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

**ସମ୍ବଲପୁର, ୨୧।୨ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ପ୍ରଫେସର ଡ. ସମର ମୁଦାଲି ଯୋଗଦେଇ ଗଙ୍ଗାଧର ମେହେରଙ୍କ ମାତୃଭାଷାକୁ ଅବଦାନ ସମ୍ପର୍କରେ ଉଲ୍ଲେଖ କରିବା ସହିତ ମାତୃଭାଷାର ମହନୀୟତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଲେ। ଡିନ ଷ୍ଟୁଡେଣ୍ଟ



ୱେଲଫେୟାର ପ୍ରଫେସର ପାର୍ଥସାରଥୀ ମଲ୍ଲିକ ନିଜ ମାତୃଭାଷା ପାଇଁ ଗର୍ବ ଅନୁଭବ କର ସଂକୁଚିତ ହୁଅ ନାହିଁ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ପରୀକ୍ଷିତ ଭୋଇ ବିଶ୍ୱ ମାତୃଭାଷା ଦିବସର ମହତ୍ୱ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟତମ ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ବେହେରା ମାତୃଭାଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ. ଲିପିକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ ନବୀନ କୁମାର ଜାଲ ସଭା ସଂଯୋଜନା କରିଥିଲେ। ମଞ୍ଚ ପରିଚାଳନାରେ ଅଧ୍ୟାପକ ତୃପିରଞ୍ଜନ ରାଉତ ସହଯୋଗ କରିଥିଲେ। ଶେଷରେ ଡ. ଶ୍ରୀବନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟ, କିଲାସମା

ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ କିଲାସମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁକଲ୍ୟାଣୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କବି ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟ ଅତିଥି ଏବଂ ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ଡ. ନିରୁପମା ବଡ଼ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟେ ମାତୃଭାଷାର ମହତ୍ତ୍ୱ ଓ ଶୈକ୍ଷିକ କ୍ଷେତ୍ରରେ ଭୂମିକା ସମ୍ପର୍କରେ ଆଲୋଚନା କରିବାସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ପାଇଁ ମାତୃଭାଷା ଏକ ପ୍ରମୁଖ ଭୂମିକା ନିର୍ବାହ କରେ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରାଯାଇଥିବା ବେଳେ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ସପ୍ତବର୍ଣ୍ଣା'ର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଗଳ୍ପ ଲିଖନ, କବିତା ଲିଖନ ଓ କବିତା ଆବୃତ୍ତି ପାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମଟି ବିଦ୍ୟାବତୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଛାତ୍ରୀ ପୂଜା ପଧାନ ଏବଂ ମୋନାଲିସା ପଧାନ ସଭା ସଂଯୋଜନା କରିଥିଲେ ଏବଂ ଛାତ୍ର ରୋଶନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟ

ସରକାରୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଏବଂ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ବିଶ୍ୱ ମାତୃଭାଷା ଦିବସର ତାତ୍ପର୍ଯ୍ୟ, ଉପଲବ୍ଧି, ଆହ୍ୱାନ ଓ ବିଭିନ୍ନ ଆୟାମ ଉପରେ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଭୋଇ ଚଳିତବର୍ଷର ଥିମ୍, ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ଆବଶ୍ୟକତା, ବିଶ୍ୱରେ କୁହାଯାଉଥିବା ମାତୃଭାଷାର ସଂଖ୍ୟା, ତଦ୍‌ଜନିତ ସମସ୍ୟା ଏବଂ ମାତୃଭାଷାର ପ୍ରଭାବ, ପ୍ରତିଷ୍ଠା ଓ ଶକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ପାଣିଗ୍ରାହୀ ଦିବସ ପାଳନର ଐତିହାସିକ ପୃଷ୍ଠଭୂମି, ସର୍ଜନଶୀଳତାରେ ମାତୃଭାଷାର ଭୂମିକା, ସର୍ବୋପରି ଏହାର ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଏବଂ ଦିଗ ପ୍ରତି ଦୃଷ୍ଟିପାତ କରିଥିଲେ। ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍ ସିବି) ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓ ଅଧ୍ୟକ୍ଷ ଡ. ପ୍ରଦୀପ ହରପାଲଙ୍କ ତତ୍ତ୍ୱାବଧାନରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ଅଧ୍ୟାପିକା ମୋଞ୍ଜା ପୂର୍ତ୍ତି, ଅଧ୍ୟାପକ ରୋଶନ ଭୋଇ ଆଲୋଚକ ଭାବରେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ଇତିହାସ ବିଭାଗର ସହକାରୀ ପ୍ରଫେସର ଡ. ରାଘୁମଣି ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ଓ ମହନୀୟତା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଭୋଜରାଣୀ ତାଣ୍ଡିଆ, ଲିସା ପଧାନ, ଝିଲିମା ପଧାନ, ଅଲିଭା ମେହେର, କୀର୍ତ୍ତିରାଣୀ କଲେତ, ବବ୍ଲି ଷଣ୍ଢ, ଲିଲି ତରିଆ, ପଦ୍ମିନୀ ପ୍ରଧାନ, ସୋନାଲି ପାତ୍ର, ମୈତ୍ରୀ ବେହେରା, ପ୍ରମୋଦ ନାଏକ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ ଶେଷରେ ବିଭାଗୀୟ ଅଧ୍ୟାପିକା ମୋଞ୍ଜା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିର, ହୀରାକୁଦ

ସରସ୍ୱତୀ ଶିଶୁ ମନ୍ଦିର, ହୀରାକୁଦରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଯୋଗଦେଇ ମାତୃଭାଷାକୁ ଆମେ ସ୍ୱାଭିମାନର ସହିତ ସମ୍ମାନ ଦେବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୁରୁଜୀ ବିଶ୍ୱନାଥ ମିଶ୍ର ଯୋଗଦେଇ ମାତୃଭାଷାକୁ ବଞ୍ଚେଇ ରଖିବା ପାଇଁ ଆମକୁ ନିଜେ ଜାଣିବା ସହ ଅନ୍ୟକୁ ଜଣେଇବା ଦରକାର ବୋଲି କହିଥିଲେ। ପର୍ଯ୍ୟାୟ ପ୍ରମୁଖ ବୈକୁଣ୍ଠ ନାଗ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ମାତୃଭାଷା ଆଧାରିତ ସାମୂହିକ ସଙ୍ଗୀତ ଗାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ସସ୍ମିତା ମିଶ୍ର ବୌଦ୍ଧିକ ପରିଚାଳନା କରିଥିବାବେଳେ ଗୁରୁମା ସୁଶୀଳା ଗଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା କାଜଲ ପ୍ରଧାନ, ଜୟଲକ୍ଷ୍ମୀ ରେଡ୍ଡୀ ସହଯୋଗ କରିଥିଲେ।

## ଓଡ଼ିଶା ସାଂସ୍କୃତିକ ସମାଜ

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାତୃଭାଷା ଦିବସ ପାଳନ ସଭାରେ ଦୀପକ କୁମାର ପଣ୍ଡା କହିଲେ ଯେ ବିଶ୍ୱ ମାତୃଭାଷା ଦିବସ ପାଳନ ଉପରେ ୧୯୯୯ ରେ ୟୁନେସ୍କୋ ଏବଂ ୨୦୦୨ରେ ୟୁଏନ ର ଗୃହୀତ ପ୍ରସ୍ତାବ ସ୍ୱୀକୃତି ଦେଇଛି। ବିଶ୍ୱବ୍ୟାପୀ ଅନେକ ଭାଷା ଲୋପ ପାଇ ଯାଉଥିବାରୁ ସ୍ଥାନୀୟ ଭାଷା ଓ ସଂସ୍କୃତି ଉପରେ ସଚେତନତା ସୃଷ୍ଟି ଲାଗି ଦିବସ ପାଳନର ଆବଶ୍ୟକତା ଅନୁଭବ କରାଯାଇଛି। ଡ. ସତ୍ୟନାରାୟଣ ଠାକୁର କହିଲେ ଜନଗଣନା ଆରମ୍ଭ ହେବାକୁ ଯାଉଛି। ପ୍ରତ୍ୟେକ ସମ୍ବଲପୁରୀ ଭାଷା ଭାଷୀ ଯେପରି ନିଜର ମାତୃଭାଷା ସମ୍ବଲପୁରୀ ବୋଲି ଦରଜ କରାଇବେ, ସେଥିପାଇଁ ସଜାଗ ରୁହନ୍ତୁ। ଓଡ଼ିଶା ସାଂସ୍କୃତିକ ସମାଜର ନେତୃତ୍ୱରେ ତଥା ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର ଭାଗିଦାରୀରେ ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ଶିବ ପ୍ରସାଦ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଖିଳ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ବନାଗ୍ନି ନିୟନ୍ତ୍ରଣ ସଚେତନତା କର୍ମଶାଳା



**ବଣାଇଁ, ୨୧।୨(ସମିସ):** ବଣାଇଁ ବନଖଣ୍ଡକୁ ବନାଗ୍ନି କବଳରୁ ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଆରମ୍ଭ କରାଯାଇଛି। ଅକ୍ଟୋବର ଶେଷ ସପ୍ତାହରୁ ବର୍ଷା ବନ୍ଦ ହୋଇଯାଇ ଥିବା ବେଳେ ଶୁଷ୍କତା ସାଙ୍ଗକୁ ପର୍ଣ୍ଣମୋଚୀ ଜଙ୍ଗଲରେ ପତ୍ରଝଡା ଯୋଗୁଁ ବନାଗ୍ନି ଭୟ ଘାରିଛି। ସୁତରାଂ ମନୁଷ୍ୟକୃତ ବନାଗ୍ନି ଉପରେ ୱାଚଟାୱାର ଓ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ବନାଗ୍ନି ନିୟନ୍ତ୍ରଣ ପାଇଁ ବିଭାଗ ନଜର ରଖିବା ସହ ବ୍ୟାପକ ସଚେତନତା ଓ ମୁକାବିଲା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛି। ଏନେଇ ବଣାଇଁ ବନଖଣ୍ଡ ପକ୍ଷରୁ ବନାଗ୍ନି ନିୟନ୍ତ୍ରଣ ଓ ସଚେତନତା କର୍ମଶାଳା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣାଇଁ ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜରୁ ୨୦୦ ରୁ ଉର୍ଦ୍ଧ୍ୱ ନିଆଁ ଲିଭା କର୍ମଚାରୀ, ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କ ସମେତ ସମସ୍ତ ରେଞ୍ଜ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ବଣାଇଁ ବନଖଣ୍ଡ ୭ ଟି ରେଞ୍ଜରେ ମୋଟ ୧୬୦୦ କିମିରୁ ଅଧିକ ଫାୟର ଲାଇନ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪୦୦ କିମି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୧୯୦ ଜଣ କର୍ମଚାରୀଙ୍କୁ ନେଇ ୧୫ /୨୦ ଟି ଫାୟାର ସ୍କ୍ୱାଡ୍ ଗଠନ କରାଯାଇ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ରେଞ୍ଜରେ କର୍ମଶାଳା ଆୟୋଜନ କରାଯାଉଛି। ତା' ସହିତ ଜଙ୍ଗଲ ସଂଲଗ୍ନ ବିଭିନ୍ନ ଗ୍ରାମରେ ପାଲା, କ୍ଷୁଦ୍ର ନାଟକ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଉଛି। ସଚେତନତା କାର୍ଯ୍ୟକ୍ରମକୁ ପୂର୍ବ ବର୍ଷ ଅପେକ୍ଷା ଅଧିକ କରିବାର ଲକ୍ଷ୍ୟ ରଖାଯାଇଛି। ତେବେ ବିଗତ ବର୍ଷରେ ବନାଗ୍ନିର ମୁକାବିଲା ପାଇଁ ବୈଷୟିକ ଜ୍ଞାନକୌଶଳ ମଧ୍ୟ ପ୍ରୟୋଗ କରାଯାଉଛି। ପ୍ରଥମଥର ଏଆଇ କ୍ୟାମେରା ସହ ଡ୍ରୋନ ବ୍ୟବହାର ଫଳପ୍ରଦ ହେବା ପରେ ଏହି ଡ୍ରୋନ୍ ବ୍ୟବହାରକୁ ବନ ବିଭାଗ ଗୁରୁତ୍ୱ ଦେଇଛି। ଏଆଇ କ୍ୟାମେରା ସହ ଡ୍ରୋନ କ୍ୟାମେରା ଚିତ୍ର ଦେଖି ବନ ବିଭାଗ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରି ପାରୁଛି। ସେହିପରି ବନାଗ୍ନିକୁ ନିୟନ୍ତ୍ରଣ କରିବାରେ ୱାଚ୍‌ଟାୱାରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିବାରୁ ୱାଚ୍‌ଟାୱାର ସହାୟତାରେ ବନାଗ୍ନି ଉପରେ ନଜର ରଖି ସଫଳ ମୁକାବିଲା କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ନଳିନୀକାନ୍ତ ବେହେରା, ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁଙ୍କ ସମେତ ବନପାଳ ଓ ବନରକ୍ଷୀ ଉପସ୍ଥିତ ଥିଲେ।

### ଲୁହାପଥର ଚୋରା ଚାଲାଣ

# ଦୁଇଟି ୧୬ ଚକିଆ ଓ ଜେସିବି ଜବତ

**କୋଇଡ଼ା, ୨୧।୨(ସମିସ):** ମାଙ୍ଗାନିଜ୍ ମାଫିଆଙ୍କ ଗଡ଼ ବୋଲାଉଥିବା କୋଇଡ଼ା ଖଣିଅଞ୍ଚଳରେ ଦୀର୍ଘ ଦିନର ବ୍ୟବଧାନ ପରେ ବେଆଇନ ଖଣି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବନ ବିଭାଗ। ଶୁକ୍ରବାର ରାତିରେ କୋଇଡା ବନାଞ୍ଚଳ ମେଣ୍ଢାମାରୁଣି ପିଆରଏଫ ଅଞ୍ଚଳ ମଧ୍ୟରେ ବେଆଇନ ଲୁହାପଥର ପରିବହନରେ ଜଡ଼ିତ ଦୁଇଟି ୧୬ ଚକିଆ ଟ୍ରକ୍ ଏବଂ ଗୋଟିଏ ଜେସିବି ମେସିନ୍ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜବତ କରିଛନ୍ତି। ପାଟ୍ରୋଲିଂ ସମୟରେ ଯାନଗୁଡ଼ିକୁ ଅଟକାଯାଇଥିଲା ଏବଂ ପରେ ଏହି ମାମଲାରେ ଅଟକ ଥିବା ଜଣେ ଅଭିଯୁକ୍ତ ସହିତ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା।

### ୧୭ ଲକ୍ଷ ଟଙ୍କାର ୮୫ ମୋବାଇଲ ଫୋନ ଉଦ୍ଧାର

# ୧୦୦ରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ ଜବତ; ୭ ଗିରଫ

**ରାଉରକେଲା, ୨୧।୨(ସମିସ)**

ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ସାଇବର ପୁଲିସ ଦଳ ଏବଂ ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ସମସ୍ତ ଥାନା ଦ୍ୱାରା ହଜିଥିବା ତଥା ଚୋରୀ ହୋଇଥିବା ୮୫ ଟି ମୋବାଇଲ ଫୋନକୁ ସଫଳତାର ସହ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ମୋବାଇଲ ହ୍ୟାଣ୍ଡସେଟର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ ବୋଲି ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର କହିଛନ୍ତି। ଏହାବ୍ୟତୀତ ୧୦୦ ରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ୍ ଜବତ କରାଯିବା ସହ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଆଜି ସୁନ୍ଦରଗଡ଼ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁନ୍ଦରଗଡ଼ର ଏସ୍‌ପି ଅମ୍ରିତପାଲ କୌର ସୂଚନା ଦେଇ କହିଲେ ଯେ ସାଇବର ଅପରାଧକୁ ରୋକିବା ଏବଂ ନାଗରିକଙ୍କ ପାଇଁ ହଜିଯାଇଥିବା ସମ୍ପତ୍ତି ପୁନରୁଦ୍ଧାର କରିବା ପାଇଁ ସୁନ୍ଦରଗଡ଼ ପୁଲିସ ପ୍ରଯୁକ୍ତିବିଦ୍ୟା ଏବଂ ବୃତ୍ତିଗତ ତଦନ୍ତ ବ୍ୟବହାର କରିବାକୁ ପ୍ରତିବଦ୍ଧ। ଗତ କିଛିଦିନ ହେବ ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଫୋନ ହ୍ୟାଣ୍ଡସେଟ ଚୋରି ହେବା ଏବଂ ହଜି ଯାଇଥିବା ନେଇ ରିପୋର୍ଟ ହୋଇଥିଲା। ଜିଲ୍ଲାର ସାଇବର ଥାନା ପୁଲିସ ଏବଂ ସମ୍ପୃକ୍ତ ଅଞ୍ଚଳର ଥାନା ଅଧିକାରୀଙ୍କ ପ୍ରଚେଷ୍ଟାରେ ଆଇଏମ୍‌ଇଆଇ ନମ୍ବର ଟ୍ରାକିଂ ଜରିଆରେ ଏହି ୮୫ଟି ମୋବାଇଲ ଫୋନ ସେଟ୍ ଉଦ୍ଧାର କରାଯାଇ ପାରିଛି। ଏହାପରେ ଜବତ ଉକ୍ତ ସମସ୍ତ ମୋବାଇଲ ଫୋନଗୁଡିକୁ ସେମାନଙ୍କ ମାଲିକଙ୍କୁ ଫେରସ୍ତ କରି ଦିଆଯାଇଥିଲା। ମୋବାଇଲ ଫୋନ ମାଲିକମାନେ ସୁନ୍ଦରଗଡ଼ ପୁଲିସ ପ୍ରତି ଖୁସି ହେବା ସହ କୃତଜ୍ଞତା ପ୍ରକାଶ କରିଛନ୍ତି। ମୋବାଇଲ୍ ଫୋନ୍ ହଜିବା କିମ୍ବା ଚୋରି ହେବା ମାତ୍ରେ ଏ ବିଷୟରେ ତୁରନ୍ତ ନିକଟସ୍ଥ ପୁଲିସ ଷ୍ଟେସନରେ କିମ୍ବା ସିଇଆଇଆର ପୋର୍ଟାଲ୍ ମାଧ୍ୟମରେ ରିପୋର୍ଟ କରିବାକୁ ଏସପି ଶ୍ରୀମତୀ କୌର ଅନୁରୋଧ କରିଛନ୍ତି। ମୋବାଇଲ ଫୋନ ସେଟର ସେମାନଙ୍କ ମୋବାଇଲ୍ ଫୋନ୍‌ର ଆଇଏମଇଆଇ ନମ୍ବର ରେକର୍ଡ କରିବା ସହ ଉପଯୁକ୍ତ କାଗଜପତ୍ର ସାଇତି ରଖିବାକୁ ଜନତାଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ, ସୁନ୍ଦରଗଡ଼ ଜିଲ୍ଲା ପୁଲିସ ଅପରେସନ୍ ସାଇବର କବଚ୍ ଅଧୀନରେ ଜିଲ୍ଲା ସାରା କାର୍ଯ୍ୟ କରୁଥିବା ମ୍ୟୁଲ୍ ଆକାଉଣ୍ଟ୍ ନେଟୱାର୍କଗୁଡ଼ିକୁ ଖୋଳତାଡ଼ କରି ସଂଗଠିତ ସାଇବର ଅପରାଧ ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି ବୋଲି ଏସପି ଶ୍ରୀମତୀ କୌର କହିଛନ୍ତି। ଅପରେସନ୍ 'ସାଇବର କବଚ' ଅଧୀନରେ ବର୍ତ୍ତମାନ ସୁଦ୍ଧା ସୁନ୍ଦରଗଡ଼ ପୁଲିସ ୧୦୦ ରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ୍ ଯାଞ୍ଚ କରାଯାଇଥିଲା। ଏହି ଘଟଣାରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅଧୀନ ଭସ୍ମା ଥାନା, ଧାରୁଆଡିହି ଥାନା, ରାଜଗାଙ୍ଗପୁର ଥାନା, ସୁନ୍ଦରଗଡ଼ ଟାଉନ୍ ଥାନା, ବୀରମିତ୍ରପୁର ଥାନା ଏବଂ କୁତ୍ରା ଥାନାରେ ୭ ଟି ମାମଲା ପଞ୍ଜିକୃତ କରାଯାଇଛି। ମ୍ୟୁଲ୍ ଆକାଉଣ୍ଟ, ଚେକ୍ ଉଠାଣ, ନଗଦ ଉଠାଣ ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି ଏବଂ ୭ କୋଟିରୁ ଅଧିକ ଟଙ୍କାର କାରବାର ସହିତ ଜଡିତ ୮ ଜଣଙ୍କୁ ଧାରା ୩୫(୩) ବିଏନ୍‌ଏସ୍ ନୋଟିସ ଜାରି କରାଯାଇଛି। ଆହୁରି ମଧ୍ୟ ସୁନ୍ଦରଗଡ଼ ପୁଲିସ ଜନସାଧାରଣଙ୍କୁ ଠକମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ସିମ୍ କାର୍ଡ, ଏଟିଏମ କାର୍ଡ ଭଡାରେ ନଦେବା କିମ୍ବା ସେୟାର ନକରିବାକୁ ଅନୁରୋଧ କରାଯାଇଛି। ଏହିପରି କାର୍ଯ୍ୟ ଗମ୍ଭୀର ଫୌଜଦାରୀ ଅପରାଧ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨୧।୨(ସମିସ):** ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ବଡଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମ ଠାରେ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ପୁଲିସ ପକ୍ଷରୁ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ରୋକିବା ଏବଂ ଏହାର ବିଭିନ୍ନ ଦିଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇୟୁସିଏବ୍ଲ୍ୟୁ ୟୁନିଟ୍ ଏବଂ ବଡଗାଁ ଥାନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ସ୍ଥାନୀୟ ମହିଳା, ଆଶା ଏବଂ ଅଙ୍ଗନୱାଡି କର୍ମୀ, ସାକ୍ଷୀର ସଦସ୍ୟ, ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ବୈଠକ ବରଗାଁ ଥାନା ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିବା ବେଳେ ସୁନ୍ଦରଗଡ଼ର ଅତିରିକ୍ତ ଏସପି ସାନ୍ତା ନୁତନ ସାମଦ, ସୁନ୍ଦରଗଡ଼ର ଅତିରିକ୍ତ ଏସପି (ଆଇୟୁସିଏବ୍ଲ୍ୟୁ) କେ.ପି ମିଶ୍ର ଏବଂ ରାଜଗାଙ୍ଗପୁରର ଏସଡିପିଓ ବିଭୁତିଭୁଷଣ ଭୋଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ମହିଳା ଏବଂ ଶିଶୁ ସମ୍ପର୍କିତ ବିଭିନ୍ନ ଆଇନ, ବାଲ୍ୟବିବାହ ରୋକିବା, ଆଇନଗତ ଏବଂ ସରକାରୀ ସହାୟତା ବ୍ୟବସ୍ଥାର ବ୍ୟବହାର, ଏକ ସୁସ୍ଥ ସମାଜ ଗଠନର ଗୁରୁତ୍ୱ, ଅଭିଭାବକଙ୍କ ସତର୍କତା, ସାମାଜିକ ଗଣମାଧ୍ୟମ ସହିତ ଜଡିତ ବିପଦ ଏବଂ ସାଇବର ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏକ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ସଫଳ ଅଂଶଗ୍ରହଣକାରୀମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଏପରି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଖୁସି ଏବଂ କୃତଜ୍ଞତା ପ୍ରକାଶ କରିଥିଲେ।



# ପୃଥକ୍ ପୃଥକ୍ ସ୍ଥାନରେ ଦୁର୍ଘଟଣା; ୪ ଗୁରୁତର

**ଲହୁଣିପଡ଼ା, ୨୧।୨(ସମିସ):** ଲହୁଣିପଡ଼ା ଥାନା ଅଧୀନ ରାଜ୍ୟ ରାଜପଥ ୧୦(କ) ରାସ୍ତାର ପୃଥକ୍ ପୃଥକ୍ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ବାଇକରେ କେନ୍ଦୁଝରର କୁଶକଳା ନୂଆସାହିର ସାନିକା ଧନୁଆର(୨୦) ଏବଂ ସୁଜିତ ଧନୁଆର (୨୬) ଏକ ବାଇକରେ କୌଣସି କାର୍ଯ୍ୟରେ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ବଣାଇଁ ପୋଇଗା ନିକଟରେ ଥିବା ମତୁଆଲି ପୋଲରେ ଭାରସାମ୍ୟ ହରାଇ ପୋଲ ବାଡ଼ରେ ବାଡେଇ ହୋଇଥିଲେ। ଫଳରେ ଉଭୟ ବାଇକରୁ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଘଟଣାସ୍ଥଳରେ ଜଣକ ଗୋଡ଼ ଭାଙ୍ଗି ଯାଇ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବାରୁ ସ୍ଥାନୀୟଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେହିପରି ବେଲକୁଦର ନିକଟରେ ସହଦେବ ମୁଣ୍ଡା ସାଇକେଲ ଯୋଗେ ଲଲେଇ ଆଡକୁ ଆସୁଥିବା ବେଳେ ସମ୍ମୁଖ ଭାଗ ପଟୁ ଏକ ବାଇକ ଯୋଗେ ଦୁଇ ଜଣ ଯୁବକ ବୁଧୁରାମ ମୁଣ୍ଡା ଓ ବେଲଗାସି ମୁଣ୍ଡା ଫୁଲଝର ନଗରିଆ ଗାଁକୁ ଯାଉଥିବା ବେଳେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଆରୋହୀ ଓ ସାଇକଲ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଫଳରେ ସ୍ଥାନୀୟ ଲୋକେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ଭର୍ତ୍ତି କରିଥିଲେ। ତେବେ ଉଭୟ ଦୁର୍ଘଟଣା ଘଟି ଥିବା ଯୁବକମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ୪ ଜଣ ଯୁବକ ଅଧିକ ଚିକିତ୍ସା ନିମନ୍ତେ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଲହୁଣିପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# କୋକ୍ ଓଭେନ୍ ବ୍ୟାଟେରୀ - ୭ର କୋକ୍ ଡ୍ରାଏ କୁଲିଂ ପ୍ଲାଣ୍ଟ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ

**ରାଉରକେଲା, ୨୧।୨(ସମିସ):** ରାଉରକେଲା ଇସ୍ପାତ କାରଖାନା କୋକ୍ ଓଭେନ୍ ବ୍ୟାଟେରୀ ନମ୍ବର - ୭ (ସି ଓ ବି -୭) ର 'ବିପିଟିଜି, ବଏଲର୍ ଏବଂ ଡିଏମ୍ ୱାଟରପ୍ଲାଣ୍ଟ (ପ୍ୟାକେଜ୍-୩) ସମେତ କୋକ୍‌ଡ୍ରାଏ କୁଲିଂ ପ୍ଲାଣ୍ଟ' ପାଇଁ ଟର୍ନକି ଆଧାରରେ ଲାର୍ସନ୍ ଆଣ୍ଡ ଟୁବ୍ରୋ ଲିମିଟେଡ୍ (କନସୋର୍ସିୟମ୍ ଲିଡର) ଏବଂ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡିଜାଇନିଂ ଏଣ୍ଟରପ୍ରାଇଜେସ୍ ଅଫ୍ କୋକ୍ ଓଭେନ୍ ଆଣ୍ଡ ବାଇ-ପ୍ରଡକ୍ଟ ପ୍ଲାଣ୍ଟ ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଫେବୃଆରୀ ୨୦ରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ ଡି.କେ. ସାହୁ, ସିଜିଏମ୍ ରାହୁଲ ଅଗ୍ରୱାଲ, ପ୍ରୋଜେକ୍ଟ କମର୍ସିଆଲ ବିଭାଗର ସିଜିଏମ ଏ.କେ.ସାହୁଙ୍କ ଉପସ୍ଥିତିରେ କନସୋର୍ସିୟମ୍‌ର ବରିଷ୍ଠ ଅଧିକାରୀଙ୍କ ସହିତ ସ୍ୱାକ୍ଷରିତ ହୋଇଥିଲା। ଆର୍‌ଏସ୍‌ପି ଏବଂ କନ୍‌ସୋର୍ସିୟମର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭିପିଆଣ୍ଡ ହେଡ୍ (ଏଫ ବି) ଏବି ଦାସ ମେସର୍ସ ଏଲଆଣ୍ଡଟି ଦଳର ନେତୃତ୍ୱ ନେଇଥିଲେ ଏବଂ ମେସର୍ସ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଡିଜାଇନିଂ ଏଣ୍ଟରପ୍ରାଇଜେସ୍ ଅଫ୍ କୋକ୍ ଓଭେନ୍ ଆଣ୍ଡ ବାଇ-ପ୍ରଡକ୍ଟ ପ୍ଲାଣ୍ଟର ପ୍ରତିନିଧିତ୍ୱ ଡେପୁଟି ଡାଇରେକ୍ଟର ଏକେ କତୁରା କରିଥିଲେ। ପ୍ରୋଜେକ୍ଟ ବିଭାଗର ଜିଏମ ସୂର୍ଯ୍ୟକୁମାର ଦାଶ ଏହି ପ୍ରକଳ୍ପର ପ୍ରକଳ୍ପ ପ୍ରବନ୍ଧକ ରହିଛନ୍ତି। ଏହି ପ୍ରକଳ୍ପରେ ଏକ ଅତ୍ୟାଧୁନିକ କୋକ୍ ଡ୍ରାଏ କୁଲିଂ ପ୍ଲାଣ୍ଟ (ସିଡିସିପି) ସ୍ଥାପନ କରାଯିବା ସହିତ ଏକ ବ୍ୟାକ୍ ପ୍ରେସର୍ ଟର୍ବାଇନ୍ ଜେନେରେଟର (ବିପିଟିଜି), ବଏଲର୍ ଏବଂ ଡିଏମ୍‌ୱାଟର ପ୍ଲାଣ୍ଟ ସ୍ଥାପନାର ଯୋଜନା ରହିଛି। ଏଥିରେ ସିଓବି-୭ରୁ ଉତ୍ପାଦିତ ହଟ୍ କୋକ୍‌କୁ ଥଣ୍ଡା କରିବା ପାଇଁ ୫୫ ଟିପିଏଚର ତିନୋଟି କୋକ୍ କୁଲିଂ ଚାମ୍ବର ରହିବ। ଡ୍ରାଏ କୁଲିଂ ପ୍ରଯୁକ୍ତିବିଦ୍ୟା ବିପିଟିଜି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ଅପବ୍ୟବସ୍ଥୁ ତାପ ପୁନରୁଦ୍ଧାରକୁ ସକ୍ଷମ କରିବ, ଯାହା ଦ୍ୱାରା ଶକ୍ତି ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆସିବ। ଏଥିସହ ପରିବେଶଗତ ନିର୍ଗମନ ହ୍ରାସ ହେବ ଏବଂ କୋକ୍ ଓଭନ୍ କାର୍ଯ୍ୟର ସାମଗ୍ରିକ ସ୍ଥାୟୀତ୍ୱ ମଧ୍ୟ ବୃଦ୍ଧି ପାଇବ। ଚୁକ୍ତିନାମା କାର୍ଯ୍ୟକାରୀ ହେବା ତାରିଖ ଠାରୁ ୩୦ ମାସର ପ୍ରକଳ୍ପ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ଯୋଜନା କରାଯାଇଛି। କୋକ୍‌ଡ୍ରାଏ ସ୍ଥାପନ ଆରଏସପିରେ ଆଗାମୀ ସିଓବି -୭ ର କାର୍ଯ୍ୟ ଆରମ୍ଭ ପାଇଁ କୁଲିଂ ପ୍ଲାଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ରଣନୈତିକ ସହଯୋଗ ଦକ୍ଷ ଶକ୍ତି ପରିଚାଳନାରେ ସାହାଯ୍ୟ କରିବା ସହିତ ପରିବେଶଗତ ଭାବରେ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଏହାର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ମଧ୍ୟ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି।



### ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚାଲିଥିଲା ନକଲି ମଦ ପ୍ରସ୍ତୁତି

# ନକଲି ମଦ, ଠିପି ଓ ବ୍ରାଣ୍ଡେଡ୍ ଲେବୁଲ ଜବତ: ୩ ଗିରଫ




**ରାଉରକେଲା, ୨୧।୨(ସମିସ)**

ରାଉରକେଲା ସହରର ମଧ୍ୟଭାଗରେ ଥିବା ଟ୍ରାଫିକ ମାର୍କେଟ ଠାରେ ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ପ୍ରସ୍ତୁତ ହେଉଥିଲା ନକଲି ବିଦେଶୀ ମଦ। ନକଲି ବିଦେଶୀ ମଦକୁ ଅସଲି ଲେବୁଲ ଦେଇ କରାଯାଉଥିଲା ବଟଲିଂ। ଖବର ପାଇ ଅବକାରୀ ବିଭାଗ ପହଞ୍ଚି ଚଢ଼ଉ କରି ବିପୁଳ ପରିମାଣରେ ନକଲି ବିଦେଶୀ ମଦ ସହ ବୋତଲର ବିଭିନ୍ନ ପ୍ରକାରର ଠିପି, ଲେବୁଲ ଆଦିକୁ ଜବତ କରିବା ସହ ଏହି ଘଟଣାରେ ୩ ଜଣ କର୍ମଚାରୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ୩ ଜଣ କର୍ମଚାରୀ ହେଉଛନ୍ତି ଗାନ୍ଧୀ ରୋଡ ଅଞ୍ଚଳର ସନ୍ଦୀପ ଗୁପ୍ତା (୪୪), ଗୁରୁଦ୍ୱାର ରୋଡ ଅଞ୍ଚଳର ଜୟପ୍ରକାଶ ଗୁପ୍ତା (୪୫) ଓ ଶିବସିଂ ଗଣ୍ଡ (୩୪)। ତେବେ କେବେ ଠାରୁ ଏହି ବେଆଇନ ବଟଲିଂ କାରବାର ଚାଲୁଥିଲା ତାର ସ୍ପଷ୍ଟ ସୂଚନା ଅବକାରୀ ବିଭାଗ ଦେଉନଥିବା ବେଳେ ଏହି ବେଆଇନ କାରବାର ପଛରେ ନିଶ୍ଚିତ ଭାବେ ଅବକାରୀ ବିଭାଗର ସମ୍ପୃକ୍ତି ରହିଥିଲା ବୋଲି ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଟ୍ରାଫିକ ମାର୍କେଟ ସ୍ଥିତ ବିଦେଶୀ ମଦ ଦୋକାନରେ ଏହି ବେଆଇନ ମଦ ବଟଲିଂ ହେଉଥିଲା ବୋଲି ଅବକାରୀ ବିଭାଗ ନିକଟରେ ଗତକାଲି ସୂଚନା ପହଞ୍ଚି ଥିଲା ବୋଲି ଅବକାରୀ ଅଧିକ୍ଷକ ଝଶକେତନ ବରିହା କରିଛନ୍ତି। କର୍ମଚାରୀମାନେ ସମ୍ବଲପୁରରୁ ମଦ ବୋତଲ, ମଦ ବୋତଲ ଠିପି, ଲେବୁଲ ସମେତ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହକରି ଏହି ନକଲି ବିଦେଶୀ ମଦ ବଟଲିଂ କରୁଥିଲେ ବୋଲି ଅବକାରୀ ଅଧିକ୍ଷକ

**ସନ୍ଦେହ ଘେରରେ ରାଉରକେଲା ଅବକାରୀ ବିଭାଗ**

ଶ୍ରୀ ବରିହା କହିଛନ୍ତି। ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସମ୍ବଲପୁରକୁ ସୂଚନା ଦେବା ପରେ ସେଠାରେ ମଧ୍ୟ ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏଠାରେ ଏହି ନକଲି ବିଦେଶୀ ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ହୋଟେଲ, ଢାବା ସମେତ ଗ୍ରାମାଞ୍ଚଳରେ ଥିବା ହୋଟେଲ ଗୁଡ଼ିକୁ ଚାଲାଣ କରୁଥିଲା ବୋଲି ସୂଚନା ମିଳିଛି। ଜବତ କରାଯାଇଥିବା ମୋଟ ୪୨ ଲିଟର ମଦ ଜବତ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅଧିକ୍ଷକ ଶ୍ରୀ ବରିହା କହିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

### 'ସାଇବର୍ କବଚ' ନେଇ ପୁଲିସର ସାମ୍ବାଦିକ ସମ୍ମିଳନୀ

# ଅନ୍ତର୍ଜାତୀୟ ସାଇବର ଠକେଇ ରାକେଟ୍‌ର ପର୍ଦ୍ଦାଫାସ, ୭ ଗିରଫ

ଝାରସୁଗୁଡ଼ା, ୨୧।୨(ସମିସ)

'ସାଇବର କବଚ' ଅଭିଯାନରେ ଝାରସୁଗୁଡ଼ା ପୁଲିସ ସାଇବର ଠକେଇରେ ଜଡିତ ଅନ୍ତର୍ଜାତୀୟ ରାକେଟର ପର୍ଦ୍ଦାଫାସ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଏଥିରେ ମ୍ୟୁଲ୍ ବା ଛଦ୍ମ ବ୍ୟାଙ୍କ ଖାତା ଓ କ୍ରିପ୍ଟୋ କରେନ୍ସି (ୟୁଏସଡିଟି) ବ୍ୟବହାର କରି ୧୪ କୋଟିରୁ ଅଧିକ ଟଙ୍କା ହେରଫେର ହୋଇଥିବା ସୂଚନା ରହିଛି। ବ୍ୟାଙ୍କ ଠାରୁ କ୍ରିପ୍ଟୋ ପର୍ଯ୍ୟନ୍ତ ନୂଆ ନୂଆ ଉପାୟରେ ସାଇବର ଠକେଇ କରୁଥିଲେ ବୋଲି ଶନିବାର ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଏହି ଠକେଇ ପ୍ରକ୍ରିୟାରେ ଅନେକ ବ୍ୟାଙ୍କ ଖାତା ଏବଂ ବାଇବିଟ୍ ଭଳି କ୍ରିପ୍ଟୋ ୱାଲେଟ୍ ବ୍ୟବହାର କରି ଟଙ୍କାର ଉତ୍ସ ଓ ଗନ୍ତବ୍ୟ ସ୍ଥାନକୁ ଲୁଚା ଯାଉଥିଲା। ପ୍ରଥମେ ସାଇବର ଠକେଇରେ ଲୋକଙ୍କୁ ଶିକାର କରି ସେମାନଙ୍କ ଠାରୁ ଟଙ୍କା ହଡ଼ପ କରାଯାଉଥିଲା। ଏହି ଟଙ୍କାକୁ ଛଦ୍ମ ବ୍ୟାଙ୍କ ଖାତାଧାରୀଙ୍କ ଖାତାକୁ ସ୍ଥାନାନ୍ତର କରାଯାଉଥିଲା। ଟ୍ରାକିଂକୁ ଜଟିଳ କରିବା ପାଇଁ ଟଙ୍କାକୁ ଅନେକ ଥର ଆରଟିଜିଏସ, ଏନଇଏଫ୍‌ଟି ମାଧ୍ୟମରେ




ପଠାଯାଉଥିଲା। ଶେଷରେ ଟଙ୍କାକୁ ବାଇନାନ୍ସର ଭଳି କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜକୁ ପଠାଯାଇ ସେଠାରୁ କ୍ରିପ୍ଟୋ ୱାଲେଟ୍‌କୁ ପଠାଯାଉଥିଲା। ପୁଲିସର ତଦନ୍ତରୁ ମୋଟ ଠକେଇ ରାଶିରୁ ଖାତାଧାରୀଙ୍କୁ ୦.୮ ପ୍ରତିଶତ ଏବଂ ମଧ୍ୟସ୍ଥ ବ୍ୟକ୍ତିଙ୍କୁ ୦.୨ ପ୍ରତିଶତ ମିଳିଥାଏ ବୋଲି ଜଣାପଡ଼ିଛି। ଏହି ଠକେଇରେ ସୁନ୍ଦରଗଡ଼ର ଏକ ବ୍ୟାଙ୍କ ଶାଖା ଏବଂ ଲଇକେରା ଥାନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଜଣେ କର୍ମଚାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି କର୍ମଚାରୀ ସାଇବର ଠକମାନଙ୍କ ସହ ମିଶି ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ଘରକୁ ଘର ବୁଲି ଲୋକଙ୍କ ନାମରେ ବ୍ୟାଙ୍କ ଖାତା ଖୋଲୁଥିଲେ। ଖାତାଧାରୀମାନେ ଝାରସୁଗୁଡ଼ା ଜିଲ୍ଲାର ହୋଇଥିଲେ ମଧ୍ୟ ସମସ୍ତ ଖାତା ସୁନ୍ଦରଗଡ଼ ଶାଖାରେ ଖୋଲାଯାଇଥିଲା। ଏହି ଖାତାଗୁଡ଼ିକ ଅପରାଧ ଓ ଠକେଇରେ ଟଙ୍କା ଲେଣଦେଣ ପାଇଁ ବ୍ୟବହୃତ ହେଉଥିଲା। ବର୍ତ୍ତମାନ ସୁଦ୍ଧା, ୨ଟି ମାମଲାରେ ସମୁଦାୟ ଠକେଇ ଲେଣଦେଣ ରାଶି ୧୪ କୋଟି ଟଙ୍କାରୁ ଅଧିକ ହୋଇଛି। ଏହା ଏହି ସାଇବର ଅପରାଧର ବ୍ୟାପକତାକୁ ଦର୍ଶାଇଛି। ଏହି ଠକେଇ ମାମଲାରେ ଆଜି ବେଲପାହାଡ ଥାନା ପୁଲିସ ଘଟଣାର ମାଷ୍ଟରମାଇଣ୍ଡ ଉତ୍ତରପ୍ରଦେଶ ଗୌତମବୁଦ୍ଧ ନଗରର ହିମାଂଶୁ ଶ୍ରୀବାସ୍ତବ, ବ୍ରଜରାଜନଗର ଇଏସଆଇ ଛକର ପରମାନନ୍ଦ ଦାସ, ବେଲପାହାଡର ଷ୍ଟିଫନ ବସ୍ତାରୟା, ବ୍ରଜରାଜନଗର ଲମଟିବାହାଲ ଅଞ୍ଚଳର ତନୋଜ ପ୍ରଧାନ, ଝାରସୁଗୁଡ଼ା ସଦର ବ୍ଲକ ପୁଡାପାଲିର କେଦାର ପ୍ରଧାନ ଓ ଭୀମ ମୁଣ୍ଡା ଏବଂ ବଲାଙ୍ଗିର ଜିଲ୍ଲା ପୁଇଁତଲା ଅଞ୍ଚଳ ଈଶ୍ୱର ଦରୁୱାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଲପାହାଡ ଥାନା ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଠାରୁ ଠାରୁ ଗୋଟିଏ ଲାପଟପ, ୮ଟି ମୋବାଇଲ, ୧୦ଟି ଏଟିଏମକାର୍ଡ, ୮ଟି ପାସବୁକ, ୨ଟା ଡେବିଟ କାର୍ଡ, ଗୋଟିଏ ଇଣ୍ଡିଆନ ପାସପୋର୍ଟ, ୩ଟା ପାନକାର୍ଡ ଏବଂ ୨ଟି ଆଧାର କାର୍ଡ, ଲଇକେରା ଥାନାରୁ ଗିରଫ ହୋଇଥିବା ଅଭିଯୁକ୍ତ ଠାରୁ ଏକ ବ୍ୟାଙ୍କ ନିଯୁକ୍ତି ଲେଟର, ୨ଟି ମୋବାଇଲ ଏବଂ ଭିଜିଟିଂ କାର୍ଡ ଜବତ କରାଯାଇଛି। ଏହା ସହିତ ବେଲପାହାଡ ଓ ଲଇକେରାରୁ ଗିରଫ ହୋଇଥିବା ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଓଡ଼ିଶା ପୁଲିସ ଏହି ରାକେଟ ବିଷୟରେ ଅଧିକ ଜାଣିବା ପାଇଁ ତଦନ୍ତ ଜାରି ରଖିଛି ବୋଲି ଝାରସୁଗୁଡ଼ା ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

● ନବ ଦାସ ହତ୍ୟା ମାମଲା

## ଜିଲ୍ଲା କୋର୍ଟରେ ପିଏସ୍‌ଓଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, ୨୧।୨(ସମିସ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାରେ ନବ ଦାସଙ୍କ ତତ୍କାଳୀନ ପିଏସଓ ମିତ୍ରଭାନୁ ଦେଓ ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ତାଙ୍କ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ହତ୍ୟାକାଣ୍ଡ ଦିନ ବ୍ରଜରାଜନଗର ଥାନା ଅଞ୍ଚଳର ଗାନ୍ଧୀ ଛକ ନିକଟରେ ସ୍ୱର୍ଗତ ନବ ଦାସଙ୍କ ଏକ କାର୍ଯ୍ୟକ୍ରମ ରହିଥିଲା ବୋଲି ସେ ସାକ୍ଷ୍ୟ ପ୍ରଦାନ ବେଳେ କହିଛନ୍ତି। "ନବ ଦାସ ତାଙ୍କ ଇନୋଭା କାରର ଆଗ ସିଟରେ ବସିଥିବା ବେଳେ ପଛ ସିଟରେ ଅନ୍ୟ ୩ଜଣ ବସିଥିଲେ। ମୁଁ ନବ ଦାସଙ୍କ ଇନୋଭାର ପଛରେ ଥିବା ଅନ୍ୟ ଏକ ବୋଲେରୋରେ ବସିଥିଲି। କାର୍ଯ୍ୟକ୍ରମରେ ପହଞ୍ଚିବା ପରେ ସେଠାରେ ବାଜା ବାଜିବା ସହିତ ବାଣ ମଧ୍ୟ ଫୁଟୁଥିଲା। ନବ ଦାସ ତାଙ୍କ ଗାଡ଼ିରୁ ଓହ୍ଲାଇବା ସମୟରେ ଉପସ୍ଥିତ ଜନସାଧାରଣ ଫୁଲମାଳା ପିନ୍ଧାଉଥିଲେ। ଏତିକିବେଳେ ଜୋରରେ ବନ୍ଧୁକ ଫୁଟିବା ଶବ୍ଦ ଶୁଣିବାକୁ ମିଳିଥିଲା। ଲୋକମାନେ ଭୟରେ ଦୌଡ଼ାଦୌଡ଼ି କରି ପଳାଉଥିବା ବେଳେ ମୁଁ ନବ ଦାସଙ୍କ ପାଖରେ ପହଞ୍ଚିଥିଲି। ଶ୍ରୀ ଦାସ ମୋତେ କିଏ ଗୁଳି ମାରିଦେଲା ବୋଲି କହି ଭାରସାମ୍ୟ ହରାଇ ପଡ଼ିଥିଲେ। ତାଙ୍କ ଛାତିରେ ଟାୱେଲ ଗୁଡାଇ ପଛ ସିଟରେ ଶୁଆଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲୁ। ଏହି ସମୟରେ ଇନୋଭା କାରର ପଛ ପଟେ ଗୋପାଳ ଦାସ ବନ୍ଧୁକ ଧରି ଠିଆ ହୋଇଥିଲେ। ତତ୍କାଳୀନ ବ୍ରଜରାଜନଗର ଆଇଆଇସି ତାଙ୍କୁ ଆୟତ୍ତ କରିବା ପାଇଁ ଗୋପାଳ ଦାସଙ୍କ ବନ୍ଧୁକ ଧରିଥିବା ହାତକୁ ଉପରକୁ ଟେକି ଦେଇଥିଲେ। ଫଳରେ ଦୁଇଟି ବ୍ଲାଙ୍କ ଫାୟାର ମଧ୍ୟ ହୋଇଥିଲା। ନବ ଦାସଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରୁ ପୁଣି ଭୁବନେଶ୍ୱର ଏୟାର ଲିଫ୍ଟ କରାଯାଇଥିଲା" ବୋଲି ତାଙ୍କ ସାକ୍ଷ୍ୟ ଗ୍ରହଣ ସମୟରେ ପିଏସଓ ମିତ୍ରଭାନୁ ଦେଓ ପ୍ରକାଶ କରିଥିବା ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ ପ୍ରକାଶ କରିଛନ୍ତି।

## ଧାନ ବିଲରୁ ମୃତଦେହ ଉଦ୍ଧାର

ଦେବଗଡ଼, ୨୧।୨(ସମିସ): ବାରକୋଟ ଥାନା ଅଧୀନ ଦଣ୍ଡାସିଂହା-ମହୁଲନାଲୀ ଗାଁ ରାସ୍ତାକଡ ଧାନ ବିଲରୁ ଶନିବାର ଜଣଙ୍କର ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ଦଣ୍ଡାସିଂହା ଗାଁର ଶଙ୍କର ଦେହୁରୀ (୫୫) ବୋଲି ଜଣାପଡ଼ିଛି। ଗତକାଲି ସନ୍ଧ୍ୟାରେ ବାସୁପାଲୀ ସାପ୍ତାହିକ ହାଟକୁ ଯାଇ ସେ ଆଉ ଘରକୁ ଫେରି ନଥିଲେ। ଆଜି ସକାଳୁ ଗ୍ରାମବାସୀ ମହୁଲନାଳୀ ରାସ୍ତାକଡ ଧାନ ବିଲରେ ସାଇକଲ ସହ ଶଙ୍କରଙ୍କ ମୃତଦେହ ଦେଖିଥିଲେ। ପୁଲିସକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ବାରକୋଟ ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରାଥମିକ ତଦନ୍ତରେ ପୁଲିସ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରିଥିବା ବେଳେ ଗ୍ରାମବାସୀ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା କରିଛନ୍ତି। ଏପରିସ୍ଥଳେ ସାଇଣ୍ଟିଫିକ ଟିମର ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୁଲିସ କହିଛି।

## ଜ୍ୱାଇଁ ଓ ସମୁଦିଙ୍କୁ ଆକ୍ରମଣ ମାମଲା, ୪ ଗିରଫ

ଦେବଗଡ଼, ୨୧।୨(ସମିସ): କୁଣ୍ଢେଇଗୋଲା ଥାନା ଅଧୀନ ଝରାବେର୍ଣ୍ଣି ଗାଁରେ ଗତ ନଭେମ୍ବର ୧୯ରେ ବରୁଣ ରଣା (୭୦)ଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ପୁଅ ଜିତେନ୍ଦ୍ର ରଣାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଆଜି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନଭେମ୍ବର ୧୯ରେ ପୁଅ ଜିତେନ୍ଦ୍ରଙ୍କ ଶ୍ୱଶୁର ଘର ଲୋକ କାଳିଆ ନାଏକ, ହରି ନାଏକ, ମଦନ ନାଏକ ଓ ବାବାଜୀ ନାଏକଙ୍କ ସମେତ ପ୍ରାୟ ୧୫ଜଣ ୭ଟି ବାଇକରେ ଆସି ବରୁଣଙ୍କ ଘରେ ପଶିଥିଲେ। ବରୁଣ ଓ ଜିତେନ୍ଦ୍ରଙ୍କୁ ଠେଙ୍ଗା ଓ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଜିତେନ୍ଦ୍ରଙ୍କ ବାମ ହାତ ପଞ୍ଜରା ଭାଙ୍ଗି ଯାଇଥିବା ବେଳେ ବରୁଣଙ୍କ ଜଙ୍ଘ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏନେଇ ବରୁଣ କୁଣ୍ଢେଇଗୋଲା ଥାନାରେ ଗତ ନଭେମ୍ବର ୨୪ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଲା ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣା ପର ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଗତକାଲି ରାତିରେ କୁଣ୍ଢେଇଗୋଲା ଥାନା ପୁଲିସ ସେମାନଙ୍କୁ ଗୁଣ୍ଡୁରୀଝରଣ ଗାଁରୁ ଧରିଥିଲା। ପୁଲିସ ସେମାନଙ୍କୁ କୁଣ୍ଢେଇଗୋଲା ଥାନାକୁ ଆଣି ପଚରା ଉଚୁରା କରିବା ପରେ ଆଜି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୦୨୦ରେ ଝରାବେର୍ଣ୍ଣି ଗାଁର ବରୁଣଙ୍କ ପୁଅ ଜିତେନ୍ଦ୍ର ଅନୁଗୁଳ ଜିଲ୍ଲା ହଣ୍ଡପା ଥାନା ଅଧୀନ ଗୁଣ୍ଡୁରୀଝରଣ ଗାଁର ନେଙ୍କୁରୀ ନାଏକଙ୍କ ଝିଅ ଛବି ସହିତ ବିବାହ କରିଥିଲେ। ସେମାନଙ୍କର ୨ଟି କନ୍ୟା ସନ୍ତାନ ରହିଥିବା ବେଳେ ଅଧିକାଂଶ ସମୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ଲାଗିରହୁଥିଲା। ଫଳରେ ଛବି ନିଜ ପିଲାଙ୍କୁ ଛାଡି ଅଧିକାଂଶ ସମୟ ବାପ ଘରକୁ ଚାଲି ଯାଉଥିଲେ। ଗତ ନଭେମ୍ବର ୧୭ରେ ଛବିର ବଡ ଭାଇ ହରି ଓ କାଳିଆ ଛବିକୁ ଝରାବେର୍ଣ୍ଣି ସ୍ଥିତ ସ୍ୱାମୀଙ୍କ ଘରେ ଛାଡି ଯାଇଥିଲେ। ପରେ ୧୯ ତାରିଖ ୭ଟି ବାଇକ ଯୋଗେ ପ୍ରାୟ ୧୫ ଜଣ ସମ୍ପର୍କୀୟ ହଠାତ ଆସି ଜ୍ୱାଇଁ ଜିତେନ୍ଦ୍ରକୁ ଠେଙ୍ଗା ଓ ଲୁହାରଡ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏବି ସମୟରେ ଜିତେନ୍ଦ୍ରଙ୍କ ବାପା ବରୁଣ ସେମାନଙ୍କୁ ରୋକିବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଦେବଗଡ଼, ୨୧।୨(ସମିସ): ଦେବଗଡ଼ ପୌରାଞ୍ଚଳର ଜାମୁଣ୍ଡା ଚର୍ଚ୍ଚ ଛକ ଠାରେ ଅଜଣା ଗାଡି ଧକ୍କାରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ରଜାମୁଣ୍ଡା ନୂଆସାହିର ସନ୍ତୋଷ ସିଂ (୨୩) ବୋଲି ଜଣା ପଡ଼ିଛି। ସହରରେ ପ୍ଲାଷ୍ଟିକ, କାଚ ଓ କାଗଜ ଆଦି ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିବା ଯୁବକର ମୃତ୍ୟୁ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଗତ ୨ ଦିନ ମଧ୍ୟରେ ୩ଟି ରାସ୍ତା ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଅଞ୍ଚଳରେ ଚିନ୍ତା ବଢ଼ାଇଛି।

## ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘ ପକ୍ଷରୁ ସହାୟତା

ଦେବଗଡ଼, ୨୧।୨(ସମିସ): ତିଳେଇବଣି ବ୍ଲକ କଂସର କ୍ଲଷ୍ଟର ଅଧୀନ ହେଠଖମାର ପ୍ରାଥମିକ ବିଦ୍ୟାଳୟର ମୃତ ଶିକ୍ଷକ ଯୁଧିଷ୍ଠିର ଦୀପଙ୍କ ଏକାଦଶାହ ଅବସରରେ ଶନିବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୃତ ଶିକ୍ଷକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଙ୍ଘର ସଭାପତି ସୁଶାନ୍ତ ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରକୋଟ ବ୍ଲକ ଅଧୀନ ବସାଲଇ ଗାଁ ସ୍ଥିତ ସ୍ୱର୍ଗତ ଶିକ୍ଷକ ଯୁଧିଷ୍ଠିର ଦୀପଙ୍କ ବାସଭବନକୁ ଯାଇଥିଲେ। ସ୍ୱର୍ଗତ ଦୀପଙ୍କ ପତ୍ନୀ ପୂର୍ଣ୍ଣିମା ଦୀପଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କଠାରୁ ସଂଗୃହିତ ୨୦ ହଜାର ଟଙ୍କାର ସହାୟତାରାଶି ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ (ଏନପିଏସ)ର ସଭାପତି ତ୍ରିନାଥ ଖୁଣ୍ଟିଆ, ତିଳେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଡୋଳାଧର ସ୍ୱାଇଁ, ସୌମିତ୍ରୀ ମହାପାତ୍ର, ଅକ୍ଷୟ ଗୁରୁ, ଭବାନୀକାନ୍ତ ପ୍ରଧାନ, ମେଘନାଦ ରଞ୍ଜିତ ଓ କଂସର ସିଆରସିସି ଅଜୟ ସାହୁ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଗତ ୧୧ରେ ସ୍ୱର୍ଗତ ଦୀପଙ୍କ ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଥିଲା।



## ବିଭିନ୍ନ ସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ



ବନ୍ଧବାହାଲ/ଝାରସୁଗୁଡ଼ା, ୨୧।୨(ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ବିଭାଗର ଶିକ୍ଷକ ଗୋପୀନାଥ ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ, କକ୍ଷା-'ଖ'ର ଛାତ୍ର ଆୟାନ ସାହୁ ମାତୃଭାଷା ସମ୍ପର୍କିତ କବିତା ଆବୃତ୍ତି କରିଥିଲେ। ଓଡ଼ିଆ ବିଭାଗର ଶିକ୍ଷୟିତ୍ରୀ ମଧୁମିତା ସାହୁ ମାତୃଭାଷାର ମହତ୍ତ୍ୱ ଶୀର୍ଷକ ବକ୍ତବ୍ୟ ରଖିଥିଲେ। ଶେଷରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଗଙ୍ଗାଧରଙ୍କ ଉଦ୍‌ବୋଧନ କବିତାକୁ ସମବେତ କଣ୍ଠରେ ଗାନ କରାଯାଇଥିଲା। ସମଗ୍ର ସଭାକାର୍ଯ୍ୟକୁ ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ଅଖିଳ ମିଶ୍ର ପରିଚାଳନା କରିଥିଲେ।

**ଦେବଗଡ଼:** ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଦ୍ୱତ୍ ପରିଷଦ ସଦସ୍ୟ ରାମଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୨୧ ଜଣ ଶିଶୁଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପରମାନନ୍ଦ ସାହୁ ଆଶୀର୍ବଚନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତ୍ୟାଧୁନିକ 'ଗ୍ରେନ୍ ଏଟିଏମ୍' ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

ଝାରସୁଗୁଡ଼ା, ୨୧।୨(ସମିସ): ଜିଲ୍ଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତ୍ତିକ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରସ୍ତାବିତ 'ଗ୍ରେନ୍ ଏଟିଏମ' ସ୍ଥାପନ ପାଇଁ ଉଦ୍ଦିଷ୍ଟ ସ୍ଥଳ ପରିଦର୍ଶନ କରି ଏହାର ଭିତ୍ତିଭୂମି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ଜିଲ୍ଲାରେ ସ୍ଥାପନ ହେବାକୁ ଥିବା ଅତ୍ୟାଧୁନିକ ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ହିତାଧିକାରୀମାନେ ବିନା କୌଣସି ଅସୁବିଧାରେ ଏବଂ ସଠିକ୍ ପରିମାଣର ଖାଦ୍ୟଶସ୍ୟ ପାଇପାରିବେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ପ୍ରକଳ୍ପର ସ୍ଥାୟିତ୍ୱ ଓ ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଖାଦ୍ୟଶସ୍ୟ ଯେପରି ବର୍ଷା ଜଳ କିମ୍ବା ବାୟୁମଣ୍ଡଳର ଆଦ୍ରତା ଯୋଗୁଁ ନଷ୍ଟ ନହୁଏ, ସେଥିପାଇଁ ଏହି ସ୍ୱତନ୍ତ୍ର ଢାଞ୍ଚା ବା ଷ୍ଟ୍ରକଚରଟିକୁ ସମ୍ପୂର୍ଣ୍ଣରୂପେ ଜଳପ୍ରତିରୋଧକ କରି ନିର୍ମାଣ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶସ୍ୟର ଗୁଣବତ୍ତା ବଜାୟ ରଖିବା ସହ ଲୋକଙ୍କ ନିକଟରେ ସୁବିଧାରେ ରାସନ ପହଞ୍ଚାଇବା ଦିଗରେ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ଡାକ୍ତର ଓ ବିଶେଷଜ୍ଞ ଅଭାବ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା, ୨୧।୨(ସମିସ): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ଏହାର ଅଧୀନରେ ଥିବା ପିଏଚ୍‌ସି ଗୁଡ଼ିକରେ ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ନେଇ ଅଞ୍ଚଳରେ ଚିନ୍ତା ବଢ଼ିଚାଲିଛି। ମୋଟ ୨୬ଟି ଡାକ୍ତର ପଦବୀ ମଧ୍ୟରୁ ୨୦ଟି ଏମ୍‌ବିବିଏସ୍ ଓ ୪ଟି ବିଶେଷଜ୍ଞ ପଦ ରହିଥିବା ସତ୍ତ୍ୱେ ବର୍ତ୍ତମାନ କେବଳ ୯ ଜଣ ଏମ୍‌ବିବିଏସ୍ ଡାକ୍ତର କାର୍ଯ୍ୟରତ ଅଛନ୍ତି। କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଜଟିଳତର ରୋଗୀମାନେ ଚିକିତ୍ସା ସେବାରେ ଗୁରୁତର ସମସ୍ୟା ସମ୍ମୁଖୀନ ହେଉଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ଓ ବିପିଏସଓ ପଦବୀ ଦୀର୍ଘଦିନ ଧରି ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ଅବ୍ୟବସ୍ଥିତ ହୋଇ ରହିଛି। ଡାକ୍ତର ଅଭାବରେ ସାଧାରଣ ଚିକିତ୍ସା ପ୍ରାୟ ଅଚଳ ହୋଇପଡ଼ିଛି। ଏହାଦ୍ୱାରା ଗ୍ରାମୀଣ ଲୋକମାନେ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ବିଶେଷ କରି ଗର୍ଭବତୀ ମହିଳା, ଶିଶୁ ଓ ଜରୁରୀ ସେବା ଆବଶ୍ୟକ ଥିବା ରୋଗୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଗୁରୁତର ପରିସ୍ଥିତିର ତୁରନ୍ତ ସମାଧାନ ଦାବି କରି ଆଞ୍ଚଳିକ ବିକାଶ ପରିଷଦ, ଲଇକେରା, କୋଲାବିରା ଓ କିର୍ମିରା ସଂଗଠନର ସଦସ୍ୟମାନେ କୋଲାବିରା ବ୍ଲକ ଉନ୍ନୟନ



ଅଧିକାରୀଙ୍କ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ସହ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପରିଷଦର ସଦସ୍ୟ ମାନେ କହିଛନ୍ତି। ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆ, ଉପ ସଭାପତି ସ୍ୱରୂପ କିଷାନ, ସମ୍ପାଦକ ପ୍ରଶାନ୍ତ ମହାନନ୍ଦିଆ, ଉପଦେଷ୍ଟା ପଦ୍ମଲୋଚନ ବୁଦୁଲା, ତ୍ରିଲୋଚନ ଡନସନା, ଜୟ ମଙ୍ଗଳ ଲୋହା, ତୁଳାରାମ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

## ମାନସିକ ଭିନ୍ନକ୍ଷମ ଯୁବତୀକୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ଦେବଗଡ଼, ୨୧।୨(ସମିସ): ଦେବଗଡ଼ ଥାନାଞ୍ଚଳର ଜଣେ ମାନସିକ ବିକୃତ ଯୁବତୀକୁ ଜଣେ ବିବାହିତ ଯୁବକ ବଳପୂର୍ବକ ଦୁଷ୍କର୍ମ କରିଥିବା ନେଇ ପୀଡିତାର ମା' ଦେବଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଅଭିଯୁକ୍ତ ଯୁବକ ଶଶୀ କିଷାନ (୪୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଶଶୀକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୧୮ ତାରିଖ ଯୁବତୀର ପରିବାର ଲୋକ ଘରେ ନଥିବାର ସୁଯୋଗରେ ପ୍ରଭାଶୁଣି ଗାଁର ଅଭିଯୁକ୍ତ ଯୁବକ ଶଶୀ ମାନସିକ ବିକୃତ ଯୁବତୀକୁ ଘରେ ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ଏହି ସମୟରେ ପରିବାର ଲୋକ ଘରେ ପହଞ୍ଚି ଯୁବତୀକୁ ବଳ ପୂର୍ବକ ଦୁଷ୍କର୍ମ କରୁଥିବା ଦେଖିବାରୁ ଅଭିଯୁକ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପୀଡିତା ଯୁବତୀର ମା' ଗତକାଲି ସନ୍ଧ୍ୟାରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦେବଗଡ଼ ଥାନା ପୁଲିସ ଦୁଷ୍କର୍ମ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ପୀଡିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ ଯୁବକ ଶଶୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଝାରସୁଗୁଡ଼ା ଡିଭିଜନର କେନ୍ଦୁପତ୍ର ତୋଳାଳିଙ୍କ ଗଣବିକ୍ଷୋଭ

**ପତ୍ର ଦାମ ବୃଦ୍ଧି କରିବାକୁ କହି ଠକି ଦେଲା ସରକାର**





ଝାରସୁଗୁଡ଼ା, ୨୧।୨(ସମିସ)

କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନରେ ରାଜ୍ୟର ୨୨ଟି ଜିଲ୍ଲାର ଶତାଧିକ ରେଞ୍ଜରେ ଘୋଷିତ ୨ ଦିନିଆ ଗଣଧାରଣାର ଦ୍ୱିତୀୟ ଦିନରେ ଝାରସୁଗୁଡ଼ା ଡିଭିଜନର ସମସ୍ତ ରେଞ୍ଜରେ ଗଣ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ସମସ୍ତ ରେଞ୍ଜରେ ଶତାଧିକ ତୋଳାଳି ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ଥିଲେ। କେନ୍ଦୁପତ୍ର ତୋଳାଳିଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା ଆଦି ଦାବି ଉପରେ ସଂଘ ପକ୍ଷରୁ ଜୋର ଦିଆଯାଇଥିଲା। ଏହାସହ କେନ୍ଦୁପତ୍ର ଫଡି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ ଓ ଯୁଗ୍ମ ସମ୍ପାଦକ ଅଶୋକ ମାଝୀ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳି ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଦାବି ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ଝାରସୁଗୁଡ଼ା ସହ ରାଜ୍ୟ ସାରା ରାସ୍ତାରୋକ ଆନ୍ଦୋଳନକୁ ତୀବ୍ର କରାଯିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଜଣାଇଥିଲେ। ଆଜିର ଏହି ବିକ୍ଷୋଭରେ ରେଞ୍ଜ ସମ୍ପାଦକ ରମେଶ ଚନ୍ଦ୍ର ଭୋଇ, ସରୋଜ ଭଣ୍ଡ, ରମେଶ ପଟେଲ, ଅଲେଖ ସାହୁ, ଦୟାନନ୍ଦ ଭୋଇ, ପ୍ରେମାନନ୍ଦ ଖଣ୍ଡା, କଳାକାହ୍ନୁ ସେଟ୍, କିଶୋର ଖଣ୍ଡା, କପିଳ ଶା, ଜଗଦୀଶ, ରମେଶ ପଧାନ, ମନବୋଧ ପଣ୍ଡା, ଫକିର ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ ତୋଳାଳି ଓ କର୍ମଚାରୀଙ୍କୁ ନେଇ ଧାରଣା ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା।

## ଦେବଗଡ଼ରେ କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା

**ଦେବଗଡ଼:** ଦେବଗଡ଼ କେନ୍ଦୁପତ୍ର ଡିଭିଜନରରେ ଚାଲିଥିବା ଗଣଧାରଣା ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ତିଳେଇବଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜ କମିଟି ପକ୍ଷରୁ ଦ୍ୱିତୀୟଦିନ ପାଇଁ ସରକାରଙ୍କ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ମାନଙ୍କ ଦାବି ପୂରଣରେ ସରକାରଙ୍କର ଉଦାସୀନତା ବିରୋଧରେ ଗଣଧାରଣା ଦେଇଥିଲେ। ପ୍ରଥମ ଦିନ ଗଣଧାରଣାରେ ତୋଳାଳି ଶ୍ରମିକ ମାନଙ୍କ ପକ୍ଷରୁ ରେଞ୍ଜ ସେକ୍ରେଟାରୀ ପ୍ରସନ୍ନ ଦେହୁରୀ ରେଞ୍ଜ ଅଫିସରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଆଜି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ ମହାନ୍ତି ଧାରଣାରେ ଯୋଗ ଦେଇ କେନ୍ଦୁପତ୍ର ତୋଳାଳି ଶ୍ରମିକ ମାନେ ଆହୁରି ସଂଗଠିତ ହୋଇ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୨୬ ତାରିଖ ସୁଦ୍ଧା ସଙ୍ଘର ଦାବି ପୂରଣ ନହେଲେ ୨୭ରେ 'ରାସ୍ତାରୋକ' ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଜଣାଇଥିଲେ। ଧାରଣାରେ ଚିତ୍ରସେନ ନାୟକ, ଅଲେଖ ମହାନନ୍ଦ, ମନେଶ ନାଏକ, ପ୍ରମୋଦ ପ୍ରଧାନ, ପ୍ରଫୁଲ୍ଲ କିସପଟ୍ଟା, ବୈକୁଣ୍ଠ ବେହେରା, ସମ୍ଭାରି ପ୍ରୀୟବାନ୍ଧ, ତିଲେଇ ସାଇ, ଫୁଲ ପ୍ରୀୟବାନ୍ଧ, ରଜନୀ ମୁଣ୍ଡା ଓ ଜାନକୀ ମହାକୁଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂଘ ଓ ସଦସ୍ୟଙ୍କ ମଧ୍ୟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ

**ଦେବଗଡ଼:** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀଙ୍କ ଏହି ଦୁଇଦିନିଆ ଧାରଣା ଡାକରାରେ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ବୃନ୍ଦ ସଂଘର ଆନ୍ଦୋଳନ ବେଳେ ବିଭିନ୍ନ ରେଞ୍ଜର ଅନେକ ସେକ୍ସନରେ ସମ୍ପୃକ୍ତ ଅଞ୍ଚଳର ଋତୁ କାଳୀନ କର୍ମଚାରୀଙ୍କୁ କଳବଳ ଓ କୌଶଳରେ ନିୟୋଜିତ କରି ଗାଁ ଗାଁରେ ଶ୍ରମିକଙ୍କୁ ନେଇ ଗୋଛା କଟେଇ କରୁଥିବା ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ରେଞ୍ଜରେ ଗଣ ଧାରଣାର ନେତୃତ୍ୱ ନେଉଥିବା ସଙ୍ଘର ନେତୃତ୍ୱ ନେଇଥିବା ନେତା ନିଜର ଗୁରୁତ୍ୱ ହରାଇଥିଲେ। ସମସ୍ତ ରେଞ୍ଜରେ ଗଣ ଧାରଣା ପାଇଁ ସଙ୍ଘର ସଦସ୍ୟ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ନିଜ ଦାବି ହାସଲ ପାଇଁ ରାଜ୍ୟ ସରକାରଙ୍କୁ ଚାପ ପକାଇବାର ପ୍ରୟାସ କରିଥିଲେ। ଅନ୍ୟ ପକ୍ଷରେ ଆନ୍ଦୋଳନ ସମୟରେ ବିଭିନ୍ନ ରେଞ୍ଜରେ ଗୋଛା କଟେଇ କରି ସରକାରୀ ନଥିରେ ସଙ୍ଘର ଆନ୍ଦୋଳନକୁ ବିଭାଗୀୟ ଅଧିକାରୀ ମାନେ ପ୍ରଭାବ ଶୂନ୍ୟ ପ୍ରମାଣିତ କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘର ସମ୍ପାଦକ ସଞ୍ଜିତ ମହାନ୍ତି ନିଜ ପ୍ରତିକ୍ରିୟାରେ ସଙ୍ଘର ଏହି ଗଣ ଆନ୍ଦୋଳନରେ କୌଣସି କେନ୍ଦୁପତ୍ର ବନଖଣ୍ଡରେ ଗୋଛା କଟେଇ ହେଉ ନଥିବା ପ୍ରକାଶ କରିଛନ୍ତି। ତେବେ ଦେବଗଡ଼ରେ ଏହାର ବ୍ୟତିକ୍ରମ ଘଟିଥିବା ସ୍ୱୀକାର କରିଛନ୍ତି। ଯେହେତୁ ସଙ୍ଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିନାହିଁ ତେଣୁ ଏଭଳି ହୋଇଥାଇପାରେ ବୋଲି ପ୍ରକାଶ କରିବା ସହ ବର୍ତ୍ତମାନ ଗୋଛା କଟେଇ ପାଇଁ ପାଗ ପ୍ରତିକୂଳ ଥିବାରୁ ଏଭଳି ପାଗରେ ଗୋଛା କଟେଇ କରାଗଲେ ନିକୃଷ୍ଟ ମାନର କେନ୍ଦୁପତ୍ର ଉତ୍ପାଦନ ହେବା ନିଶ୍ଚିତ ଓ ଏହା ବିଭାଗକୁ କ୍ଷତିରେ ପକାଇବ ବୋଲି ମତ ରଖିଥିଲେ। ତେବେ କେଉଁ କାରଣ ଓ କେଉଁ ଉଦ୍ଦେଶ୍ୟରେ ଦେବଗଡ଼ କେନ୍ଦୁପତ୍ର ବନଖଣ୍ଡରେ ଯୁଦ୍ଧ କାଳୀନ ଭିତ୍ତିରେ ଗୋଛା କଟେଇ ଆରମ୍ଭ କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଆନ୍ଦୋଳନକାରୀ ସଙ୍ଘର ସଦସ୍ୟ ମାନେ ପ୍ରଶ୍ନ କରିଛନ୍ତି।

ରହୁ ନାହାନ୍ତି ଅଧିକାରୀ କର୍ମଚାରୀ, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଘା ନାହିଁ

# ଭଗବାନଙ୍କ ଭରସାରେ ଚାଲିଛି ସରକାରୀ କାର୍ଯ୍ୟାଳୟ

କଳମପୁର, ୨୧।୨(ସମିସ)

କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଜନ ସାଧାରଣଙ୍କ ସୁବିଧା ଲାଗି ସରକାର ବିଭିନ୍ନ କାର୍ଯ୍ୟାଳୟ ବ୍ୟବସ୍ଥା କରିଛନ୍ତି। ଏଥି ସହିତ ଆବାସିକ ଗୃହ ମଧ୍ୟ ନିର୍ମାଣ କରି ଦେଇଛନ୍ତି, କାର୍ଯ୍ୟାଳୟର ମୁଖ୍ୟାଳୟରେ ବିଭାଗୀୟ ଅଧିକାରୀମାନେ ରହିବାର ମଧ୍ୟ ନିୟମ ରହିଛି। ଏହାକୁ ଏଠାରେ ଅବମାନନା କରାଯାଇ ଆସୁଥିବା ଦେଖିବାକୁ ମିଳିଛି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧିନରେ କଳମପୁର ଅଞ୍ଚଳରେ ବିଭିନ୍ନ ପ୍ରକାରର କାମ ଆଗେଇ ଚାଲିଛି। ଏଥିପାଇଁ ଏହି ବିଭାଗ କର୍ମେଲ ଡଙ୍ଗରିଗୁଡା ଗ୍ରାମର ଶିବ ମନ୍ଦିର ପାର୍ଶ୍ୱରେ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିଛି। ତାହା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ହୋଇଥିବା ବେଳେ ସେଠାରେ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି।କିନ୍ତୁ ସେଠାରେ କନିଷ୍ଠ ଯନ୍ତ୍ରୀ ରହୁ ନାହାନ୍ତି, ଦୀର୍ଘ ବର୍ଷ ହେଲା ସେହି କାର୍ଯ୍ୟାଳୟ ଏକ ପ୍ରକାର ଭୁତକୋଠି ପାଲଟିଛି। ବିଭିନ୍ନ ସମୟରେ ମରାମତି ହେଉଛି ରଙ୍ଗ ବୋଲା ହେଉଛି ହେଲେ ସେଠାରେ କେହି ରହୁ ନାହାନ୍ତି। ଏଥିପାଇଁ କଳମପୁର +୨ ଓ +୩ କଲେଜ ଛାତ୍ରଛାତ୍ରୀ ରାସ୍ତା ପାଇଁ ବିଡିଓଙ୍କ ନିକଟରେ ଫେରାଦ ହୋଇଥିଲେ। କଲେଜ ରାସ୍ତା ଓ ପାତ୍ରବସା ଠାରୁ ବଡକୁଟ୍ଟ ରାସ୍ତା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଯାଏଁ ତାହାର ସମାଧାନ ହୋଇ ପାରିନାହିଁ। ଏନେଇ ସମ୍ପୃକ୍ତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ତରୁଣ ନାଏକ, କନିଷ୍ଠ ଯନ୍ତ୍ରୀ କେଦାରନାଥ ଦାସ ଫୋନ ନ ଉଠାଇବାରୁ ମତାମତ ମିଳି ପାରିନାହିଁ। ସେହିପରି ଜୁନାଗଡ଼ ପିଡ୍ଲ୍ୟୁଡି ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ କଳମପୁର



ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପାଦନ ହୋଇ ଆସୁଥିଲା, ଜୁନାଗଡ଼ ଠାରୁ ଆସି ବିଭାଗୀୟ ଯନ୍ତ୍ରୀ କାମ ତଦାରଖ କରୁଥିଲେ। ଦୁଇ ବର୍ଷ ହେବାକୁ ଯାଉଛି ଏଠାରେ ଏକ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇ ଲୋକାର୍ପିତ ହେଲା। ବିପୁଳ ଟଙ୍କା ଖର୍ଚ୍ଚ କରି ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଥିବା ବେଳେ ସେଠାରେ ମଧ୍ୟ ଅନୁରୂପ ଭାବେ କେହି ରହୁ ନାହାନ୍ତି। ଏଥିପାଇଁ ଲୋକେ ଅଭିଯୋଗ କରିବାକୁ ଆସୁଛନ୍ତି ହେଲେ କେହି ନ ଥିବାରୁ ଫେରି ଯାଉଛନ୍ତି। ଏହି ବିଭାଗ ଦ୍ୱାରା ସମ୍ପାଦିତ ସିଂଘାରି ଛକରୁ ଚୁରାଗାଁ ରାସ୍ତା ମନ୍ଥର ଗତିରେ ନିର୍ମାଣ ହେଉଥିବାରୁ ଲୋକେ ତିବ୍ରଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବିଭାଗ ଅଧିନରେ ଥିବା ସିଂଘାରି ଘାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତା ସର୍ବଦା ଦୁର୍ଘଟଣାର କାରଣ ସାଜିଥିବା ବେଳେ ବାରମ୍ବାର ଲୋକେ ଏନେଇ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଏଯାଏଁ କୌଣସି ସୁଫଳ ମିଳିନାହିଁ, ଏପରିକି ଏହି ରାସ୍ତାରେ ଭାରିଯାନ ଚଳାଚଳ ନେଇ ବାରଣ କରାଯାଇଥିବା କୁହାଯାଉଛି, କିନ୍ତୁ କିଛି ଭାରିଯାନ ଚାଳକ ଗୁଗଲ ମ୍ୟାପ ଦେଖି ଚାଲି ଆସି ଅପଦସ୍ତ ହୋଇଥିବାର ଅନେକ ନଜିର ଅଛି। ତଥାପି ବିଭାଗ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ସୂଚନା ଫଳକ ବ୍ୟବସ୍ଥା ଖଣ୍ଡିଏ ମଧ୍ୟ କରିବାକୁ ଆଗ୍ରହ ପ୍ରକାଶ କରି ନାହାନ୍ତି। ଏସମ୍ପର୍କରେ ମଧ୍ୟ ଯୋଗାଯୋଗ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ, ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ କଳମପୁର ଠାରେ ବିଭାଗ ଏକ କଲୋନୀ ନିର୍ମାଣ କରି ଦେଇଛନ୍ତି, ସେଠାରେ ବିଭାଗର କାର୍ଯ୍ୟାଳୟ ପରିଚାଳିତ ହେବା ସହିତ ଆବାସିକ ବାସଭବନ ମଧ୍ୟ ରହିଥିଲା।ଏହା ଏବେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭାବେ ପଦୋନ୍ନତି ହୋଇଛି।ଏହି କାର୍ଯ୍ୟାଳୟରେ ମଧ୍ୟ ସମଦଶା ଦୃଷ୍ଟି ଗୋଚର ହୋଇଛି। ଏଠାରେ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ ପର୍ଯ୍ୟନ୍ତ କେହି ରହୁ ନାହାନ୍ତି। ଫଳରେ ଜଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଥିବା ପାଣି ପଞ୍ଚାୟତ ମହଲରେ ଅଭିଯୋଗ ହେଉଛି, ଏପରିକି ବିନା ଟେଣ୍ଡର, ବିନା ସୂଚନା ଫଳକ ଓ ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତତାରେ କୋଟି କୋଟି ଟଙ୍କାର କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇଥିବାରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହୋଇଛି, ଲୋକଙ୍କ ସେବା କରିବା ପାଇଁ ସରକାର କର୍ମଚାରୀ ମାନଙ୍କୁ ଖଞ୍ଜି ଦେଇଥିବା ବେଳେ କାମ ନ କରି କିପରି ଦରମା ନେବାରେ ସେମାନେ ସକ୍ଷମ ହୋଇ ପାରୁଛନ୍ତି ତାହା ହିଁ ତଦନ୍ତ ସାପେକ୍ଷ।

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା

# ଜେଲ୍ ଗଲେ କୋଟିପତି ଫରେଷ୍ଟର

**ଭବାନୀପାଟଣା, ୨୧।୨(ସମିସ):** ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଜେଲ ଯାଇଛନ୍ତି କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଭଟାଙ୍ଗପଦର ସେକ୍ସନର କୋଟିପତି ଫରେଷ୍ଟର ଭାଗବତ ଭୂଷଣ ବେହେରା। ତାଙ୍କ ନାଁରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ହେବା ପରେ ଶୁକ୍ରବାର ଠାରୁ ଭିଜିଲାନ୍ସ ଟିମ୍ ଏକକାଳୀନ ଭାବେ ଭବାନୀପାଟଣା ହିଲଟାଉନସ୍ଥିତ ତାଙ୍କ ଆଲିଶାନ କୋଠା,

**ଭିଜିଲାନ୍ସ ସ୍କାନରରେ ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀ**

ଜୁନାଗଡ଼ ଦେଉଣ୍ଡିସ୍ଥିତ ତାଙ୍କ ପୈତୃକ ବାସଭବନ, ଭଟାଙ୍ଗପଦରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅନେକ ସ୍ଥାବର, ଅସ୍ଥାବର ଓ ବେନାମୀ ସମ୍ପତ୍ତି ଥିବା ପ୍ରମାଣ ମିଳିଥିଲା। ଏପରିକି ଜବତ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସେ ନିଜ ଭାଇଙ୍କ ନାମରେ କରାଇ ନେଇଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ମିଳିଛି। ଗତ ୨୦୦୦ ମସିହାରେ ଜିଲ୍ଲାର ଉତ୍ତର ବନଖଣ୍ଡରେ ଜଣେ ଫରେଷ୍ଟର ଭାବେ ମାସିକ ୩ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ଶ୍ରୀ ବେହେରା ଗତ ୨୦୨୪ ମସିହାରେ ଫରେଷ୍ଟର ଭାବେ ପଦୋନ୍ନତି ପାଇଥିଲେ। ଏହି ସମୟ ମଧ୍ୟରେ ସେ ଅନେକ ଦୁର୍ନୀତି ଓ ଅନିୟମିତତାରେ ଲିପ୍ତ ରହିବା ସହିତ ବେଆଇନ ଭାବେ ନିଜ ପ୍ରକୃତ ଆୟରୁ ପ୍ରାୟ ୪୭୦ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଗତକାଲି ଦିନତମାମ ଚଢ଼ଉ ଓ ତାଙ୍କୁ ଅଟକ ରଖି ପଚରାଉଚୁରା କରାଯିବା ପରେ ତାଙ୍କ ସମ୍ପତ୍ତି ସମ୍ପର୍କରେ ସେ କୌଣସି ସଠିକ ଉତ୍ତର ରଖି ନପାରିବାରୁ ଆଜି ତାଙ୍କୁ ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା।ସେଠାରେ ଜାମିନ ନାମଞ୍ଜୁର ହେବାରୁ ଫରେଷ୍ଟର ଶ୍ରୀ ବେହେରାଙ୍କୁ ଆଜି ଜେଲ ଯିବାକୁ ପଡ଼ିଛି। ସେହିପରି ଅଭିଯୁକ୍ତ ଫରେଷ୍ଟରଙ୍କ ସ୍ତ୍ରୀ, ତାଙ୍କ ଭାଇ ଓ ଭାଉଜଙ୍କ ନାମରେ ମଧ୍ୟ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ଏନେଇ କୋରାପୁଟ ଭିଜିଲାନ୍ସ କେସ ନଂ ୦୨/୨୦୨୬ ରୁଜୁ କରାଯାଇ ତଦନ୍ତ ଜାରି ଥିବା ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ବନବିଭାଗରେ ଗୋଟିକ ପରେ ଗୋଟିଏ ଦୁର୍ନୀତିଗ୍ରସ୍ତ ଓ କୋଟିପତି ଅଧିକାରୀ ଭିଜିଲାନ୍ସ ଜାଲରେ ପଡୁଥିବା ବେଳେ ଅନ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ମହଲରେ ଏବେ କୋକୁଆ ଭୟ ଖେଳିଯାଇଛି। କେବଳ ଉତ୍ତର ବନଖଣ୍ଡ ନୁହେଁ ଦକ୍ଷିଣ ବନଖଣ୍ଡର କିଛି ଅଧିକାରୀ ଓ କର୍ମଚାରୀ ଏବେ ଭିଜିଲାନ୍ସ ସ୍କାନରରେ ଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଆଧିକାରିକ ଭାବେ ଏନେଇ ସୂଚନା ମିଳିନାହିଁ।

## ଆଜି ବିଦ୍ୟୁତ୍ ଯୋଗାଣ ବନ୍ଦ

**ଗୋଲାମୁଣ୍ଡା, ୨୧।୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବିଦ୍ୟୁତ୍ ସବ୍‌ଷ୍ଟେସନର ଗୋଲାମୁଣ୍ଡା ପିଡରେ ଆସନ୍ତାକାଲି(ରବିବାର) ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ନେଇ ସମସ୍ତ ଉପଭୋକ୍ତାଙ୍କ ଅବଗତି ପାଇଁ ସୂଚନା ଜାରି କରିଛି ବିଦ୍ୟୁତ୍ ବିଭାଗ। ଫେବୃୟାରୀ ୨୨ ତାରିଖ ୧୧ କେଭି ବିଦ୍ୟୁତ୍ ମରାମତି ହେବ ତେଣୁ ସକାଳ ୧୦ ଘଣ୍ଟାରୁ ଅପରାହ୍ନ ୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**କେସିଙ୍ଗା, ୨୧।୨(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସେମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ସାଙ୍ଗକୁ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶନିବାର ଦିନ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା।କେସିଙ୍ଗା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ୧୮୮ ଜଣ ହିତାଧିକାରୀ ଆସି ଥିଲେ।ଏଥିମଧ୍ୟରୁ ଆଖି ସମସ୍ୟା ପାଇଁ ୫୧ଜଣ, ହାତଗୋଡ ଭଙ୍ଗା ଓ ହାଡ଼ ସମସ୍ୟା ପାଇଁ ୭୧ ଜଣ, ୩୮ ଜଣ ବଧିର ଓ ୨୮ ଜଣ ମାନସିକ ସମସ୍ୟା ପାଇଁ ନିଜର ସାର୍ଟିଫିକେଟ ପାଇବା ଆଶାରେ ଉପସ୍ଥିତ ଥିଲେ।୧୮୮ ଜଣଙ୍କ ମଧ୍ୟରୁ ୫୪ ଜଣଙ୍କୁ ଅନ ଦ ସ୍ପଟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ବସ୍‌ପାସ ପାଇଁ ୩୨ ଜଣ, ଟ୍ରେନ ପାସ୍ ପାଇଁ ୩୬ ଜଣ, ହ୍ୱିଲଚେୟାର ପାଇଁ ୫ ଜଣ ଓ ଟ୍ରାଇସାଇକଲ ପାଇଁ ୭ଜଣ ଆବେଦନ କରିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଅର୍ନ୍ତଜାତୀୟ ମାତୃଭାଷା ଦିବସ





**କୋକସରା, ୨୧।୨(ସମିସ) :** କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅର୍ନ୍ତଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ତଥା ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ମାତୃଭାଷା ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମାତୃଭାଷାର ଗୁରୁତ୍ୱ ଓ ଏହାର ଉପଦେୟତା ସମ୍ବନ୍ଧେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମଧ୍ୟରେ ଆମ ମାତୃଭାଷା ଓଡ଼ିଆରେ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା।ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଗଜେନ୍ଦ୍ର କୁମାର ଧରୁଆ ପରିଚାଳନା କରିଥିଲେ।

**କର୍ଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ ହୋଇଥିଲା। ଶିକ୍ଷକ ପ୍ରସନ୍ନ ବାଗ, ସୁଶୀଲ ରଣା, ସଞ୍ଜୟ ସେନାପତି, ବୈଜୟନ୍ତୀ ପୋଢ଼, ରାଉତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଗୋଲାମୁଣ୍ଡା, ୨୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନବନିର୍ମାଣ ସର୍ବମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ଅଂଶଗ୍ରହଣ କରିଥିବା ବେଳେ ମହିଳାମାନେ ପାଟିପଖାନ୍ ନାଲାରୁ ଜଳପୂର୍ଣ୍ଣ କଳସ ଉଠାଇ ଯଜ୍ଞପୀଠରେ ସ୍ଥାପନ କରିଥିଲେ। ଅପରାହ୍ନରେ ଯଜ୍ଞ ଆରମ୍ଭ ଏବଂ ଅପରାହ୍ନ ୩ ଘଣ୍ଟାରୁ ବନଯାଗ ଏବଂ ବୃକ୍ଷରୋପଣ କରାଯାଇଥିଲା। ଗଣ୍ଡାବାହେଲିର ହରିଶ୍ଚନ୍ଦ୍ର ଖମାରୀ ପୁରୋହିତ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରଥମ କର୍ତ୍ତା ଭାବେ ଡ. ଅଶିତ କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ପ୍ରିୟଙ୍କା ନାୟକ, ଦ୍ୱିତୀୟ କର୍ତ୍ତା ଭାବେ ସୁଶାନ୍ତ କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ କନକ ମଞ୍ଜରୀ ସାହୁ ଏବଂ ତୃତୀୟ କର୍ତ୍ତା ଭାବେ ଯଜ୍ଞସେନ୍ ବାଗ ଏବଂ ତାଙ୍କ ଧର୍ମପତ୍ନୀ ମେନକା ବାଗ ଦାୟିତ୍ୱ ନିର୍ବାହ କରିଥିଲେ।



■ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

# ରକ୍ତଦାନ ଶିବିରରେ ୩୧ ୟୁନିଟ୍ ସଂଗ୍ରହ



**ଭବାନୀପାଟଣା, ୨୧।୨ (ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଳାହାଣ୍ଡି ବ୍ଲଡ୍ ବ୍ୟାଙ୍କ ତରଫରୁ ଡ.ଡୋଳାମଣୀ ମାଝୀ ସମେତ ସଞ୍ଜିବ ମହାକୁଡ, ଗିରିଶ ନାଏକ, ଜ୍ୟୋସ୍ନା ସେନାପତୀ ଓ ମଧୁସ୍ମିତା ସେନାପତି ପ୍ରମୁଖ ରକ୍ତଦାନ ଶିବିରର କାର୍ଯ୍ୟ ସମ୍ପାଦନ କରିବା ସହ ରଦାରଖ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରକ୍ତଦାତା ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ, ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ରେଡ୍‌କ୍ରସ କାର୍ଯ୍ୟକ୍ରମ ଅଧିକାରୀ ପୁରୀତ ରଣା, ମିନିକେତନ ସାହୁ, ଫାଲଗୁନି ପ୍ରଧାନୀ, ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୂଳ ସାହାଣି ଆଦି ଏହାର ସଫଳତା ପାଇଁ କାର୍ଯ୍ୟ କରିଥିବା ବେଳେ ସମୁଦାୟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଆନ୍ତର୍ଜାତିକ ମାତୃଭାଷା ଦିବସ

**ନୂଆପଡ଼ା, ୨୧।୨(ସମିସ):** ପରସଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି।ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଟିଟିଲାଗଡ଼ ଡି.ଏ.ଭି କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବୋର୍ଡ ସଦସ୍ୟ ଡ. ଶିବପ୍ରସାଦ ବେହେରା ମୁଖ୍ୟଅତିଥି, ଜାନ ସଭାପତି ଘନଶ୍ୟାମ ଭୋଇ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପଣ୍ଡା ଏବଂ ଗୋଡ଼ଫୁଲ୍ଲା ସି.ଆରସିସି ଗୋପାଳ ଭବତୋଷ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁଷମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ସଭା କାର୍ଯ୍ୟକୁ ଆଗକୁ ବଢ଼ାଇଥିଲେ।ମୁଖ୍ୟଅତିଥି ଡ. ଶିବପ୍ରସାଦ ବେହେରାଅଭିଭାଷଣରେ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ମାଟିର ଆଶୀର୍ବାଦ ଯୋଗୁଁ ହିଁ ମୁଁ ବିଶ୍ୱପ୍ରସିଦ୍ଧ 'ମାରାଗୁଡ଼ା ସଭ୍ୟତା' ଉପରେ ଗବେଷଣା କରି ପିଏଚ୍‌ଡି ଲାଭ କରିପାରିଛି। ମାରାଗୁଡ଼ା ଓ ନୂଆପଡ଼ା ମୋ ଅସ୍ତିତ୍ୱ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଯାହାକୁ ବିଦ୍ୟାଳୟର ପିଇଟି ଅନିଲ କୁମାର ରାଉତ ଏବଂ ଶିବ ପ୍ରସାଦ ଦାସ ସୂଚାରୁରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦେବାଧି ଶିଖା, ରାଜେଶ ମହଲା, ପୁଷ୍ପରାଜ ଚନ୍ଦ୍ରକାର ଏବଂ ନିବେଦିତା ସେଠ ମିଳିତ ଭାବେ ସମସ୍ତ ପ୍ରତିଯୋଗିତାକୁ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶରତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଋଣ ମେଳା



**ସିନାପାଲି, ୨୧।୨(ସମିସ):** ସିନାପାଲି ବ୍ଲକ ମିଶନଶକ୍ତି ଦକ୍ଷତା ବିକାଶ କେନ୍ଦ୍ରରେ ସିନାପାଲି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଋଣ ମେଳା ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଲଡିଏମ ନୂଆପଡ଼ା, ଷ୍ଟେଟ ବ୍ୟାଙ୍କ ଓ ୟୁଜିବି ବ୍ୟାଙ୍କ ମ୍ୟାନେଜର, ଓଏଲଏମ ମିଥୁନ କୁମାର ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ମିଶନଶକ୍ତି ପକ୍ଷରୁ ୧୨୧ ଗୋଟି ଏସଏଚ୍‌ଜି ଗ୍ରୁପକୁ ୮ କୋଟି ୧୦ ଲକ୍ଷଟଙ୍କା ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିମାନେ ଋଣ ମେଳା ଉଦ୍ଦେଶ୍ୟ ଉପରେ ମତ ପ୍ରକାଶ କରିଥିଲେ। ମିଶନଶକ୍ତି ଅଧିକାରୀ ରାଜେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି, ଏସଏଚ୍‌ଜି ମହିଳା ଉପସ୍ଥିତ ଥିଲେ।




# କେନ୍ଦୁମୁଣ୍ଡା ପାକ୍ସ ସମ୍ପାଦକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ସିନାପାଲି, ୨୧।୨(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପ୍ୟାକ୍ସ ସମ୍ପାଦକ ନିଯୁକ୍ତିରେ ଅନିୟମିତତା ହୋଇଥିବା ନୂଆପଡ଼ା ଜିଲ୍ଲାପାଳ ଓ ଉପନିବନ୍ଧକ ଠାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ସରକାରୀ ନିର୍ଦ୍ଦେଶ ଅନୁସାରେ କେନ୍ଦୁମୁଣ୍ଡା ପ୍ୟାକ୍ସ ସମ୍ପାଦକ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିବା ପରେ ପ୍ରାର୍ଥି ଆବେଦନ କରିଥିଲେ। ସେହି ବିଜ୍ଞାପନ ଅନୁସାରେ କେବଳ ଉକ୍ତ ପ୍ୟାକ୍ସ ଅଧିନସ୍ଥ ପ୍ରାର୍ଥି ହିଁ ଆବେଦନ କରି ପାରିବେ। ଏହି ପାକ୍ସ ଅଧୀନରେ ଝାରବନ୍ଧ ପଞ୍ଚାୟତର ଝାରବନ୍ଧ, ତିଲେଇମାଲ ଓ ନାଗଝର ଗ୍ରାମ କେନ୍ଦୁମୁଣ୍ଡା ସେବା ସମବାୟ ସମିତି ଅଧୀନ ରେ ରହିଥିବା ବେଳେ ଅନ୍ୟ ଗ୍ରାମ ଗୁଡିକ ସିନାପାଲି ପ୍ୟାକ୍ସ ଅର୍ନ୍ତଭୁକ୍ତ ରହିଛି। ବିଜ୍ଞପ୍ତିର ନିୟମାବଳୀକୁ ଜିଲ୍ଲା ଚୟନ କମିଟି ଉଲ୍ଲଙ୍ଘନ କରି ଅନ୍ୟ ପ୍ୟାକ୍ସର ଜଣେ ପ୍ରାର୍ଥିଙ୍କୁ ତାଲିକା ଭୁକ୍ତ କରି କେନ୍ଦୁମୁଣ୍ଡା ପ୍ୟାକ୍ସ ବୋର୍ଡ କମିଟିକୁ ନିଯୁକ୍ତି ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶକୁ ଆଧାର କରି କେନ୍ଦୁମୁଣ୍ଡା ପ୍ୟାକ୍ସ ବୋର୍ଡ କମିଟି ଦେଖିଲା ଯେ ଜିଲ୍ଲା ଚୟନ କମିଟି ଏକ ନମ୍ବର କରିଥିବା ପ୍ରାର୍ଥି କେନ୍ଦୁମୁଣ୍ଡା ପ୍ୟାକ୍ସ ପରିସରରେ ନାହିଁ। ସେନେଇ ୧୪ ଏପ୍ରିଲ ୨୦୨୫ରେ କେନ୍ଦୁମୁଣ୍ଡା ପ୍ୟାକ୍ସ ବୋର୍ଡ କମିଟି ଏକ ବୈଠକ ବସି ଚୁମ୍ବକ ବହିର ଏକକିତା ନକଲ ଏହାର ସୁବିଚାର କରିବାକୁ ଉପନିବନ୍ଧକଙ୍କୁ ପ୍ରେରଣା କରିଥିଲା। କିନ୍ତୁ ତାହାକୁ ଜିଲ୍ଲା ଚୟନ କମିଟି ବିରୋଧ କରି ଉପରିସ୍ଥ ଅଧିକାରୀ ଚାପ ପକାଇ ପରିସର ବାହାରେ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାକୁ ପୁନର୍ବାର ଚିଠି କରିଥିଲା।ଯାହା ଯୋଗୁଁ ନିଯୁକ୍ତିରେ ଅନିୟମିତତା ହୋଇଥିବା ଆବେଦନ ପ୍ରାର୍ଥି ଘନେନ୍ଦ୍ର ସା ଅଭିଯୋଗ କରିଛନ୍ତି।

**ଅନ୍ୟ ପାକ୍ସର ପ୍ରାର୍ଥୀଙ୍କୁ ନିଯୁକ୍ତି**

ପ୍ରକାଶ ଯେ ନିଯୁକ୍ତିରେ ଜିଲ୍ଲା ଚୟନ କମିଟି ନିଜର ମନମୁଖି କରି ଅନ୍ୟ ଏକ ପ୍ୟାକ୍ସର ପ୍ରାର୍ଥି ସହ ସଲାସୁତୁରା କରି ତାଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ବେଳେ ସିଧାସଳଖ ଭାବେ ସରକାରୀ ଆଇନର ଅପବ୍ୟବହାର କରାଯାଇଥିବା ବୁଦ୍ଧିଜୀବୀ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଉଛି। ପ୍ରାପ୍ତ ଖବର ଅନୁସାରେ ଗତ ୨୦୨୩ ମସିହାରେ ନୂଆପଡ଼ା ଜିଲ୍ଲା ବିଭାଗୀୟଅଧିକାରୀଙ୍କ ଏକ ଚିଠି ଅନୁସାରେ ସିଙ୍ଗଝର ସୋସାଇଟିରେ ଝାରବନ୍ଧ ପଞ୍ଚାୟତର ଝାରବନ୍ଧ, କନ୍ଦାମୁଣ୍ଡା, ମାଳପଡ଼ା, ତିଲେଇମାଲ, ଝୁଲେନବର ଓ ନାଗଝର ଗ୍ରାମ ଉଲ୍ଲେଖ ରହିଛି। ହେଲେ ବିଭାଗୀୟ କିଛି ଅସାଧୁ ଅଧିକାରୀ କର୍ମଚାରୀ ସଲାସୁତୁରା କରି ପଦବିର ମାନ ମର୍ଯ୍ୟାଦା ଭୁଲି ଅଯୋଗ୍ୟ ପ୍ରାର୍ଥିଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ବେଳେ ତାର ଜାଲ ସାର୍ଟିଫିକେଟ ନେଇ ସନ୍ଦେହ କରୁଥିବା ଶ୍ରୀ ସାଙ୍କ ଅଭିଯୋଗ ହୋଇଛି। ନୂଆପଡ଼ା ଜିଲ୍ଲାପାଳ ଦୃଷ୍ଟିଦେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।ନୂଆପଡ଼ା ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ତଦନ୍ତ କରି ତୁରନ୍ତ ସତ୍ୟା ସତ୍ୟ ରିପୋର୍ଟ ପ୍ରଦାନ କରିବା ପାଇଁ ଉପ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହାର କେତେଦୂର ସତ୍ୟତା ରିପୋର୍ଟ ପ୍ରଦାନ କରାଯାଉଛି ଓ ପରିସରଭୂକ୍ତ ନ ଥାଇ ସମ୍ପାଦକ ପଦବୀ ହାତେଇଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି କିଭଳି ଭାବରେ ଏଭଳି ନିଷ୍ପତ୍ତି ନେଇ ସମ୍ପାଦକ ପଦବୀରେ ନିଯୁକ୍ତି ଦିଆଯାଇଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନୂତନ ବିଡିଓଙ୍କୁ ସ୍ୱାଗତ



ଟିକିରି, ୨୧।୨(ସମିସ): କାଶୀପୁର ବ୍ଲକ କଂଗ୍ରେସ ପକ୍ଷରୁ ନୂତନ ବିଡିଓ ଉମାଶଙ୍କର କୋୟାଙ୍କୁ ତାଙ୍କ ଅଫିସରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ଦୁରିଆଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବିଡିଓଙ୍କୁ ପୁଷ୍ପଗଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଜୁରୁ ମାଝୀ, ଅଗନ୍ଧ ନାଏକ, ଜଗବନ୍ଧୁ ମାଝୀ, ବୁଦ ଖୋସଲା, ମଣ୍ଟୁ ସାହୁ, ପରଦେଶୀ ମାଝୀ, ଲକ୍ଷ୍ମଣ ନାଏକ, ସଦନ ମାଝୀଙ୍କ ସହ ବିଭିନ୍ନ ପଞ୍ଚାୟତର ଅନେକ କର୍ମୀ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଦୁରିଆ ଗ୍ରାମୀଣ ପ୍ରାଥମିକ ସୁବିଧା, ଜଳ ବ୍ୟବସ୍ଥା, ସଡ଼କ ଓ ଶିକ୍ଷା-ଆରୋଗ୍ୟ ସେବାରେ ଗୁରୁତ୍ୱ ଦେବାକୁ ବିଡିଓଙ୍କୁ ନିବେଦନ କରିଥିଲେ। ନୂତନ ବିଡିଓ ଉମାଶଙ୍କର କୋୟା ମଧ ସମସ୍ତଙ୍କ ସହଯୋଗ ଆଶା କରି ସରକାରୀ ଯୋଜନାଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଆଶ୍ୱାସନ ଦେଇଥିଲେ।

## ମାତୃଭାଷାର ସୁରକ୍ଷା ପାଇଁ ସଂକଳ୍ପ



ରାମନାଗୁଡ଼ା, ୨୧।୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ସମ୍ମାନିତ ଅତିଥି ରୂପେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଅତିରିକ୍ତ ତହସିଲଦାର ଦିପାରାଣୀ ବେହେରା ଯୋଗଦେଇ ପ୍ରଥମେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ବରପୁତ୍ର ଙ୍କ ଫଟୋ ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ।ସଭାରେ ଉପସ୍ଥିତ ଅତିଥିମାନେ ଓଡ଼ିଆ ଭାଷାର ଗାରିମା ଏବଂ ଏହାର ଶାସ୍ତ୍ରୀୟ ମାନ୍ୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ଗଳ୍ପ କଥନ, ପ୍ରତିଶବ୍ଦ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାତୃଭାଷାକୁ ସମ୍ମାନ ଦେବା ସହ ଏହାର ପ୍ରଚାର ପ୍ରସାର ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ, ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅକ୍ଷୟ କୁମାର ପଣ୍ଡା ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଟିକିରି:** ଟିକିରି ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଓ ଲେଖକ ନିରଞ୍ଜନ ନାୟକ, ସଭାପତି ସରଜନୀ ନନ୍ଦ ଓ ସମ୍ପାଦକ ପଦ୍ମନାଭ ମହାନ୍ତି



ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ମାତୃଭାଷା ଆଧାରିତ ଲେଖନ, ଅଭିଭାଷଣ, କବିତା ପାଠ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ ଶିଶୁମାନଙ୍କ ଦ୍ୱାରା ପଥସଞ୍ଚଳନ ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପୌରପାଳିକା ଦୁର୍ନୀତି ଅଭିଯୋଗକୁ ନେଇ ମୁହଁ ଖୋଲିଲେ ପୌରାଧ୍ୟକ୍ଷ

# ‘ମୋ କାର୍ଯ୍ୟକାଳ ମଧ୍ୟରେ କୌଣସି ଦୁର୍ନୀତି ହୋଇନି’

ଜୟପୁର, ୨୧।୨(ସମିସ)



**ପ୍ରମାଣ କରିଦେଲେ ପଦବୀରୁ ଇସ୍ତଫା ଦେବି; ପୌରାଧ୍ୟକ୍ଷ**

କୋରାପୁଟ ଜିଲ୍ଲା ଜୟପୁର ସହରରେ ଗତି କିଛି ଦିନ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ ଜୋରଦାର ହୋଇଥିବା ବେଳେ ପୌରସଂସ୍ଥା ଅଧ୍ୟକ୍ଷଙ୍କୁ ଟାର୍ଗେଟ କରାଯାଇ ଘରୋଇ ବସ୍ ମାଲିକ ସଂଘର ବିବାଦ ଏବଂ ପୂର୍ବତନ ପୌର ଉପାଧ୍ୟକ୍ଷ ମନ୍ତବ୍ୟକୁ ନେଇ ଶେଷରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ମୁହଁ ଖୋଲିବା ସହିତ ତାଙ୍କ କାର୍ଯ୍ୟକାଳ ସମୟରେ ପୌରସଂସ୍ଥାରେ କୌଣସି ଦୁର୍ନୀତି ହୋଇନାହିଁ। ଏନେଇ ଅଭିଯୋଗକାରୀମାନେ ପ୍ରମାଣ କରିଦେଲେ ସେ ନିଜର ଏହି ସାମ୍ବିଧାନିକ ପଦବୀରୁ ଇସ୍ତଫା ଦେବେ ବୋଲି ଚ୍ୟାଲେଞ୍ଜ କରିଛନ୍ତି। ଆଜି ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ରୂପକ ତୁରୁକ ଏବଂ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ମୁହଁ ଖୋଲି ଏପରି କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ବିରୋଧରେ ହେଉଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ। ଏଥିରେ କୌଣସି ପ୍ରମାଣ ନାହିଁ ଏବଂ ବିନା କାଗଜପତ୍ର ନଥାଇ ଏପରି ଅଭିଯୋଗ କରାଯାଇ ଏକ ହୀନ ରାଜନୀତି ଓ ଚକ୍ରାନ୍ତ କରାଯାଉଛି ବୋଲି ପାଲଟା ଅଭିଯୋଗ କରିଛନ୍ତି ଶ୍ରୀ ମହାନ୍ତି। ଜଗନ୍ନାଥ ସାଗର ପୁନଃ ଉଦ୍ଧାରରେ କୌଣସି ଦୁର୍ନିତୀ ହୋଇନାହିଁ। ଏଥିପାଇଁ ତତ୍କାଳିନ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଡିପିଆର ଅନୁଯାୟୀ ୧୫ କୋଟି ଟଙ୍କାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସରକାରଙ୍କ ନିୟମ ଅନୁଯାୟୀ ମହିଳା ସଶକ୍ତିକରଣ ପାଇଁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସହରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କ ଜରିଆରେ ୫ କୋଟି ୬୫ ଲକ୍ଷ ଟଙ୍କାର ଏବଂ ପରବର୍ତ୍ତୀ ଅବସ୍ଥାରେ ଟେଣ୍ଡର ପ୍ରକ୍ରିୟାରେ ୯ କୋଟି ୪୫ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ସୁନାବେଡ଼ା ହାଲ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ଅନୁଯାୟୀ ୬ କୋଟି ଟଙ୍କା ପାଣ୍ଠି ପ୍ରଦାନ ନେଇ ଚୁକ୍ତିନାମା ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ହାଲ ପକ୍ଷରୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଯାହା ସାଗରର ପାର୍ଶ୍ୱବର୍ତ୍ତୀ ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ କରାଯିବ। ସେହିପରି ନାଲୋକ ପକ୍ଷରୁ କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ (ମୁନା) ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଜୟପୁରବାସୀଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛନ୍ତି ବୋଲି ଯେଉଁ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। କେବଳ ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ ବୋଲି ପୌରାଧ୍ୟକ୍ଷ କହିଛନ୍ତି। ଏଥିସହ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦୁର୍ନୀତିରେ ସାମିଲ ରହିଥିବା ଯୋଗୁଁ ମୁହଁ ଖୋଲୁନଥିବା ନେଇ ହୋଇଥିବା ଅଭିଯୋଗକୁ ମଧ ଶ୍ରୀ ମହାନ୍ତି ଖଣ୍ଡନ କରିଛନ୍ତି। ଜୟପୁର ବିଧାୟକ ଶ୍ରୀ ବାହିନୀପତି ଦୁର୍ନିତୀମୁକ୍ତ ବ୍ୟକ୍ତିତ୍ୱ, ତେଣୁ ତାଙ୍କୁ ଦୁଇଟି ବିଧାନସଭା ମଣ୍ଡଳୀରେ ଲୋକମାନେ ୫ ଥର ବିଧାୟକ ଭାବେ ନିର୍ବାଚିତ କରିଛନ୍ତି। ସେ ଜୟପୁର ବିଧାୟକ ହେବା ଦିନ ଠାରୁ ଜୟପୁର ବିଧାନସଭା ମଣ୍ଡଳୀରେ ବ୍ୟାପକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଗତ ୧୫ ବର୍ଷରେ ପୂର୍ବତନ ଉପାଧ୍ୟକ୍ଷ ପଦବୀ ରହିବା ସମୟରେ ଦୋକାନ ଗୃହ ବଣ୍ଟନରେ ବ୍ୟାପକ ଦୁର୍ନିତୀ କରିଥିଲେ। ପୌରାଧ୍ୟକ୍ଷ ଭୁବନେଶ୍ୱର ଗସ୍ତ କରିବା ବଦଳରେ ତତ୍କାଳିନ ଉପାଧ୍ୟକ୍ଷ ଶ୍ରୀ ରଥ ଭୁବନେଶ୍ୱର ଗସ୍ତ କରିବା ସହିତ ଲକ୍ଷାଧିକ ଟଙ୍କାର ସରକାରୀ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ପାଲଟା ଅଭିଯୋଗ କରିଥିବା ବେଳେ ସେ ଗତ ୩ ବର୍ଷରେ ଗୋଟିଏ ଟଙ୍କା ମଧ ଗସ୍ତ ଖର୍ଚ୍ଚ ବାବଦକୁ କୌଣସି ଟଙ୍କା ନେଇ ନାହାଁନ୍ତି ବୋଲି କହିଥିଲେ। ସେମାନଙ୍କ ୧୫ ବର୍ଷ କାଳ ପୌରସଂସ୍ଥାରେ ହୋଇଥିବା ଦୁର୍ନିତୀକୁ ଘୋଡାଇବା ପାଇଁ ଏବଂ ପୌରସଂସ୍ଥାର ଅଳିଆ ଆବର୍ଜନା ଉଠାଇବା ପାଇଁ ପୂର୍ବତନ ଉପାଧ୍ୟକ୍ଷଙ୍କ ଟ୍ରାକ୍ଟର ନିୟୋଜିତ କରାଯାଇଥିଲା। କିନ୍ତୁ ପୌର କାର୍ଯ୍ୟାଳୟର ନିଷ୍ପତି ଅନୁଯାୟୀ ବାହାରରୁ ଭଡା ସୂତ୍ରରେ ଅଣାଯାଉଥିବା ଟ୍ରାକ୍ଟର ବନ୍ଦ କରାଯିବା ଯୋଗୁଁ ପୂର୍ବତନ ପୌର ଉପାଧ୍ୟକ୍ଷ ଶ୍ରୀ ରଥ ଆକ୍ରୋଶମୂଳକ ଭାବେ ଏପରି ଅଭିଯୋଗ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ତୁରୁକ୍ କଂଗ୍ରେସ ଦଳକୁ ବଦନାମ କରିବା ପାଇଁ ବିରୋଧି ଦଳ ପକ୍ଷରୁ ଷଡଯନ୍ତ୍ର କରାଯାଉଛି ବୋଲି କହିଛନ୍ତି। ଜିଲ୍ଲାର ସମସ୍ତ କଂଗ୍ରେସ ବିଧାୟକ, ନେତା ଏବଂ ଜୟପୁର ପୌରାଧ୍ୟକ୍ଷ ଦୁର୍ନିତୀ ମୁକ୍ତ ଅଟନ୍ତି। କୌଣସି ଅଭିଯୋଗ ନ ଥିବାରୁ ସାଧାରଣରେ ବଦନାମ କରିବା ପାଇଁ ଏପରି ମିଥ୍ୟା ଅଭିଯୋଗ କରାଯାଉଛି। ଯାହା କୋରାପୁଟ ଜିଲ୍ଲା ବାସିନ୍ଦା ଜାଣିଛନ୍ତି ଏବଂ ଏହାକୁ ଗ୍ରହଣ କରିବେ ନାହିଁ ସତ୍ୟର ହିଁ ଜୟ ହେବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ନିହାର ରଞ୍ଜନ ବିଶୋୟୀ, ବ୍ଲକ ସଭାପତି ବସନ୍ତ ନାୟକ, ବରିଷ୍ଠ ନେତା ଭେଙ୍କଟରାଓ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୋଟିଆର ବିକାଶ ପାଇଁ ପାହାଡ଼ ଚଢ଼ିଲେ ଜିଲ୍ଲାପାଳ




ପଟ୍ଟାଙ୍ଗି, ୨୧।୨(ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତ ଉନ୍ନତି ପାଇ ପାହାଡ ଚଢିଲେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ କୋଟିଆର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକୁ ତଦାରଖ କରି ଫେରିଛନ୍ତି। ଆଜି ଜିଲ୍ଲାପାଳ ଶ୍ରୀ ମହାଜନ କୋଟିଆ ପଞ୍ଚାୟତ ଗସ୍ତ କରିଥିଲେ।ସେଠାରେ ପହଞ୍ଚି ସେ ପଞ୍ଚାୟତ କାର୍ଯ୍ୟାଳୟ, ଜଗନ୍ନାଥ ମନ୍ଦିର, କୋଟିଆ ଆଶ୍ରମ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ତାଙ୍କ ପାଠପଢ଼ା, ଅସୁବିଧା ସୁବିଧା ନେଇ ପଚାରି ବୁଝିଥିଲେ। ଫୁଲ ଝାଡୁ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରି ଝାଡୁ ପ୍ରସ୍ତୁତ କରୁଥିବା ମହିଳାଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ଜାନିଗୁଡ଼ାଠାରେ ଚାଷ ହୋଇଥିବା ଷ୍ଟବେରୀ, କେମୋମାଇଲ ଚାଷ କିଭଳି କରାଯାଇଛି ଦେଖିବା ନିମନ୍ତେ ପାହାଡ ଚଢି ଚାଷ ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିବା ନେଇ ଜଣାପଡ଼ିଛି। ଆଗାମୀ ଦିନରେ କୋଟିଆବାସୀ କିଭଳି ଆତ୍ମନିର୍ଭରଶିଳ ହୋଇପାରିବେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ଅଧିକାରୀଙ୍କୁ ଆଗାମୀ ଯୋଜନା ନେଇ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ଉକ୍ତ ସମୟରେ ପଟ୍ଟାଙ୍ଗି ବିଡ଼ିଓ ରାମ କୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ, କଲେକ୍ଟରେଟ୍‌ର ଲିଭ୍ ରିଜର୍ଭ ଅଫିସର ସ୍ୱରବ କୁମାର ଦାସ, ଏଇଇ ଅଜୟ ରାମ ତରାଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ କଣ୍ଡା ଗୋଲରୀ, ଏଡିଓ ସୁକାନ୍ତ କୁମାର ରୂଢ଼ି, ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ରାମନାଗୁଡ଼ାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ରାମନାଗୁଡ଼ା, ୨୧।୨(ସମିସ): ରାୟଗଡ଼ା ଜିଲ୍ଲାର ରାମନାଗୁଡ଼ା ଥାନାରେ ନୂତନ ଥାନା ଅଧିକାରୀ ଭାବେ କିରଣବାଳା ସାମଲ ଯୋଗଦାନ କରିଛନ୍ତି। ଶନିବାର ଦିନ ଔପଚାରିକ ଭାବେ ସେ କାର୍ଯ୍ୟରେ ଯୋଗଦାନ କରିଛନ୍ତି।



ପୂର୍ବତନ ଥାନା ଅଧିକାରୀ ସୁନିତା ବେହେରାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଥାନା କର୍ମଚାରୀମାନଙ୍କ ସହ ବୈଠକ କରି ଅଞ୍ଚଳର ଆଇନ-ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶ୍ରୀମତୀ ସାମଲ ଜନସାଧାରଣଙ୍କ ସୁରକ୍ଷା ଓ ନ୍ୟାୟ ପ୍ରଦାନ ତାଙ୍କର ପ୍ରଥମ ପ୍ରାଥମିକତା ରହିବ ବୋଲି କହିଛନ୍ତି। ଅବୈଧ କାର୍ଯ୍ୟକଳାପ, ଟ୍ରାଫିକ ସମସ୍ୟା ସୁଧାରିବା, ଚୋରାଚାମାରି ଓ ଅନ୍ୟାନ୍ୟ ଅପରାଧ ଉପରେ କଡା ନଜର ରଖାଯିବ ବୋଲି ସେ କହିଥିଲେ।




### ଆୟୁର୍ବେଦ କଲେଜ ସ୍ଥାପନ ଘୋଷଣାକୁ ସାଂସଦଙ୍କ ସ୍ୱାଗତ

# ‘ରାୟଗଡ଼ାରେ ଭେଷଜ ମେଡିକାଲ କଲେଜ ସ୍ଥାପନ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉ’

ରାୟଗଡ଼ା, ୨୧।୨(ସମିସ)

ରାୟଗଡ଼ା, ଗଜପତି, ମାଲକାନଗିରିରେ ନୂତନ ଆୟୁର୍ବେଦିକ ମେଡିକଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାରେ ଦୁଇଟି ହୋମିଓପାଥିକ୍ କଲେଜ ସ୍ଥାପନା ନିମନ୍ତେ ୧୪୦ କୋଟିର ବ୍ୟୟବରାଦ ପ୍ରସ୍ତାବ ବଜେଟ୍‌ରେ ଉପସ୍ଥାପନା କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ଘୋଷଣା କରିଛନ୍ତି। ଯାହାକୁ ନେଇ ରାୟଗଡ଼ା ଜିଲ୍ଲାରେ ନୂତନ ଆୟୁର୍ବେଦିକ ମେଡିକଲ କଲେଜ ସ୍ଥାପନା ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ମିଳିତ ପ୍ରତିକ୍ରିୟା ଶୁଣିବାକୁ ମିଳିଛି। କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଏନେଇ ନିଜ ଟ୍ୱିଟର ଏକ୍ସ ଆକାଉଣ୍ଟରେ ଦକ୍ଷିଣ ଓଡ଼ିଶାରେ ପାରମ୍ପରିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ରାୟଗଡ଼ାରେ ଏକ ଆୟୁର୍ବେଦିକ ମେଡିକଲ କଲେଜ ଘୋଷଣାକୁ ସ୍ୱାଗତ କରିଥିବା ଉଲ୍ଲେଖ କରିବା ସହ ଆଦିବାସୀ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ରାୟଗଡ଼ାରେ ସରକାରୀ ଭେଷଜ ମେଡିକଲ କଲେଜ ପାଇଁ ଦୀର୍ଘ ଦିନରୁ ହୋଇ ଆସୁଥିବା ଯୁକ୍ତିଯୁକ୍ତ ନ୍ୟାର୍ଯ୍ୟ ଦାବିକୁ ମଧ ସମାନ ଭାବରେ ପୂରଣ କରିବା ଜରୁରି ଅଟେ ବୋଲି କହିଛନ୍ତି। ବର୍ତ୍ତମାନ ରାୟଗଡ଼ା ଜିଲ୍ଲାରେ ୧୮ ଟି ଆର୍‌ୟୁବେଦିକ ଡିସପେନ୍ସରୀ ଏବଂ ଦୁଇଗୋଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି। ଲୋକଙ୍କୁ ଆୟୁର୍ବେଦିକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ଅତ୍ୟାବଶ୍ୟକୀୟ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବାରୁ ବର୍ଷ ବର୍ଷ ଧରି ଏହା ଉପରେ ନିର୍ଭର କରୁଥିବା ରୋଗୀମାନେ ଏଲୋପାଥିକ ସ୍ୱାସ୍ଥ୍ୟସେବା ଉପରେ ଏବେ ଅଧିକ ନିର୍ଭର କରୁଛନ୍ତି। ଜିଲ୍ଲାର ରାମନାଗୁଡା ବ୍ଲକ ଭାମିନି ଗ୍ରାମ ପଞ୍ଚାୟତର ଲିମାପଦର ଏବଂ ପଦ୍ମପୁର ବ୍ଲକର ଟିଟିବିରିଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କେନ୍ଦ୍ର ରହିଥିବା ବେଳେ ରାୟଗଡ଼ା ବ୍ଲକର କୁମତଲପେଟା, ଗୁମ୍ମା, କୋଲନରା ବ୍ଲକର ଥେରୁବାଲି, ମୁନିଗୁଡା ବ୍ଲକର ଡିମିରିଗୁଡା ଓ ରଘୁବାରି, କାଶିପୁର ବ୍ଲକର ଶଙ୍କରଡା, ଶିରିପାଇ, ଗୁଣୁପୁର ବ୍ଲକର ମରାଠିଗୁଡା, କୁଲସିଙ୍ଗ, ପଦ୍ମପୁର ବ୍ଲକର ଗୁଡିଆବନ୍ଧ ଓ ଅନ୍ୟ ସ୍ଥାନ ସମେତ ଗୁଡାରୀ, ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ଆଦି ଅନ୍ୟାନ୍ୟ ସ୍ଥାନରେ ମୋଟ ୧୮ ଗୋଟି ଆୟୁର୍ବେଦିକ ଡିସପେନ୍ସରୀ ରହିଛି। ଜିଲ୍ଲା ସଦର ମହକୁମାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାର ସାର୍କିଲ କାର୍ଯ୍ୟାଳୟ ଅବସ୍ଥିତ ରହିଥିବା ବେଳେ ଆଗାମୀ ଦିନରେ ରାୟଗଡ଼ାଠାରେ ଏକ ଯୋଗ କେନ୍ଦ୍ର ସ୍ଥାପନ ନିମନ୍ତେ ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ତେବେ ଜିଲ୍ଲାରେ ଏହି ଆର୍‌ୟୁବେଦିକ ଡିସପେନ୍ସରୀ ଓ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ରହିଥିଲେ ମଧ ଜିଲ୍ଲାର ୯୦ ପ୍ରତିଶତ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ଏଲୋପାଥିକ୍ ଉପରେ ନିର୍ଭର କରୁଥିବା ବେଳେ ସରକାରଙ୍କ ଆୟୁର୍ବେଦିକ ମେଡିକଲ କଲେଜ ଖୋଲିବା ନିମନ୍ତେ ନିଆଯାଇଥିବା ଦୂରଦୃଷ୍ଟି ସମ୍ପନ୍ନ ଘୋଷଣା ଜିଲ୍ଲାବାସୀଙ୍କ କେତେ ହିତରେ ଆସିବ ତାହା ସମୟ କହିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।





# ପୁଣି ଉପବାସ ରହିଲେ ଲିଙ୍ଗରାଜ

## ୧୨ ବର୍ଷ ପୂରିଲା ନୋହିଲା ହାଣ୍ଡିଭଙ୍ଗା ଯାତ୍ରା



ଭୁବନେଶ୍ୱର, ୨୧।୨(ସମିସ): ଗତ ୧୧ ବର୍ଷ ହେଲା ଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ହୋଇପାରୁ ନ ଥିବା ବେଳେ ଚଳିତ ବର୍ଷ ମଧ ଏହି ହାଣ୍ଡିଭଙ୍ଗା ଯାତ୍ରା ହୋଇପାରିନାହିଁ। ଯେଉଁଥିପାଇଁ ଲିଙ୍ଗରାଜଙ୍କୁ ଅଧାଓଳି ଉପବାସରେ ରହିବାକୁ ପଡ଼ିଛି। ଏହି ହାଣ୍ଡିଭଙ୍ଗା ଯାତ୍ରା ପାଇଁ ଲିଙ୍ଗାରଜଙ୍କ ସେବାୟତ ଓ କପିଳନାଥଙ୍କ ସେବାୟତଙ୍କୁ ଡାକି ପ୍ରଶାସନ ପକ୍ଷରୁ ଘନ ଘନ ବୈଠକ ସହ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ହେଲେ ଏତେ ସବୁ ପରେ ବି ଚଳିତ ବର୍ଷ ଏହି ହାଣ୍ଡିଭଙ୍ଗା ଯାତ୍ରା ପର୍ବ ହୋଇପାରିଲା ନାହଁ ଯେଉଁଥିପାଇଁ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଫାଲଗୁନ ମାସ ଶୁକ୍ଳପକ୍ଷର ପ୍ରଥମ ଶନିବାର ଦିନ ଲିଙ୍ଗରାଜ ମହାପ୍ରଭୁଙ୍କ ପୀଠରେ ବଲ୍ଲଭ ଭୋଗ ବଢ଼ିବା ପରେ ଦକ୍ଷିଣୀ ଘରୁ ଚନ୍ଦ୍ରଶେଖର ଲିଙ୍ଗରାଜ, ଦେବୀ ଦୁର୍ଗା, ପାର୍ବତୀ ଏବଂ ବାସୁଦେବଙ୍କୁ ବିମାନ ଓ ପାଲିଙ୍କି ରେ ବିଜେ କରାଯାଏ। ପୀଠରେ ଦ୍ୱିପ୍ରହର ଧୂପ ପରେ ପହୁଡ଼ ହୁଏ ଏବଂ ସନ୍ଧ୍ୟା ସମୟରେ ଠାକୁରମାନଙ୍କୁ ଶୋଭାଯାତ୍ରାରେ କପିଳେଶ୍ୱର ଗ୍ରାମ ମଧ୍ୟ ରେ ସ୍ଥିତ ଶ୍ରୀକପିଳନାଥ ମହାଦେବଙ୍କ ମନ୍ଦିରକୁ ନିଆଯାଏ। ସେଠାରେ ଦିଅଁ ମାନଙ୍କୁ ମନ୍ଦିର ବେଢ଼ାରେ ଥିବା ହାଜରା (ହଜୁରୀ) ମଣ୍ଡପରେ ବିଜେ କରାଯାଇ ଫଂକ୍ତି ଭୋଗ ଓ ଆଳତୀ କରାଯାଇଥାଏ। ଭୋଗ ପରେ ଚଳନ୍ତି ପ୍ରତିମା ମାନଙ୍କୁ ମଣ୍ଡପ ପାର୍ଶ୍ୱସ୍ଥ ଶନିଶ୍ୱରଙ୍କ ନିକଟକୁ ନିଆଯାଇ ଭେଟ ଆଳତି କରାଯାଏ। ତତ୍ ପରେ ଶ୍ରୀ କପିଳନାଥଙ୍କ ନିକଟକୁ ନିଆଯାଇ ସେଠାରେ ମଧ ଭେଟ ତେ ଆଳତି ଅନୁଷ୍ଠିତ କରାଯାଇଥାଏ।

ହେଲେ ଲିଙ୍ଗରାଜଙ୍କ କପିଳେଶ୍ୱର ମନ୍ଦିରକୁ ବିଜେ ସମୟରେ ଦିଅଁଙ୍କ କପିଳେଶ୍ୱରଙ୍କ ମଳିଆ ଓ ଖୁଣ୍ଟିଆ ସେବାୟତ ପକ୍ଷରୁ କିଏ ଦିଅଁଙ୍କୁ ବରଣୀ କରିବା ସହ ଭେଟ ଆଳତୀ ସମୟରେ କିଏ ସାମଗ୍ରୀ ସବୁ ଠା କରିବେ ଏହାକୁ ଦୀର୍ଘ ୧୧ ବର୍ଷ ହେଲା ବିବାଦ ଲାଗି ରହିଛି। ଯେଉଁଥି ପାଇଁ ଚଳିତ ବର୍ଷ ମଧ ଏହି ପରମ୍ପରା ଭଙ୍ଗ ହୋଇଛି।

ଶନିବାର ସକାଳେ ଏଡ଼ିଏମଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅଧକ୍ଷତା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବରୁ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ ପକ୍ଷରୁ ଦୁଇଟି ସର୍ତ୍ତ ରଖିଥିଲେ। ଲିଙ୍ଗରାଜଙ୍କ ବିଜେ ସମୟରେ ଖୁଣ୍ଟିଆ ସେବାୟତ ଲିଙ୍ଗରାଜଙ୍କ ବରଣୀ କରିବା ସହ ଭେଟ ଆଳତି ପୂଜାପଣ୍ଡା କରୁଥିଲେ ତେଣୁ କରିବେ ବୋଲି ସର୍ତ୍ତ ରଖିଥିଲେ। ପ୍ରଶାସନ ମଳି ଆ ସେବାୟତ ଙ୍କ ସହ ଆଲୋଚନା ପରେ ଜଣାଇବାକୁ କହି ନୀରବ ରହିଥିଲା। ଦିନ ୪ଟା ସୁଦ୍ଧା କୌଣସି ସୂଚନା ପ୍ରଶାସନ ନ ଦେବାରୁ ଯେଉଁଥି ପାଇଁ ଚଳିତ ବର୍ଷ ପୁଣି ଲିଙ୍ଗରାଜଙ୍କର ହାଣ୍ଡି ଭଙ୍ଗା ଯାତ୍ରା ସହ ହେବା ସହ ବୀରକିଶୋରୀ ବଲ୍ଲଭ ଠାରୁ ନୀତିକାନ୍ତି ହୋଇନାହିଁ।

ଲିଙ୍ଗରାଜଙ୍କ ସନ୍ଧ୍ୟା ଧୂପ ଏଥିସହିତ କପିଳେଶ୍ୱର ମନ୍ଦିରକୁ ଲିଙ୍ଗରାଜ ବିଜେ କରିବାକୁ ଥିବା ବେଳେ ସେବାୟତଙ୍କ ବିବାଦ ପାଇଁ ଲିଙ୍ଗରାଜ କପିଳେଶ୍ୱର ମନ୍ଦିରକୁ ବିଜେ କରି ନାହାନ୍ତି। ଏଥିସହିତ କପିଳେଶ୍ୱର ମନ୍ଦିରରେ ମଧ ଦିଅଁଙ୍କର ପହୁଡ଼ ହୋଇନାହିଁ।

ବଡ଼ କଥା ହେଲା ଏହି ଯାତ୍ରା ଆରମ୍ଭ କରିବା ତଥା ବିବାଦର ସମାଧାନ ପାଇଁ ଗତ ୧୯ ତାରିଖରେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ କପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ବୈଠକ ହୋଇଥିଲା। ଚଳିତ ବର୍ଷ ଏହି ପରମ୍ପରା ହେବା ନେଇ କୁହାଯାଇଥିଲା। ମାତ୍ର ଏହା ଏବେ ପୁଣି ବନ୍ଦ ରହିଲା। ସୂଚନାଥାଉକି, ଦୀର୍ଘ ବର୍ଷ ଧରି ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ବିବାଦ ରହିଆସିଛି। ଫଳରେ ମହାପ୍ରଭୁଙ୍କର ଏହି ସ୍ୱତନ୍ତ୍ର ଯାତ୍ରା ହୋଇପାରୁନାହିଁ।

# ଗାଁର ନିର୍ମଳ ପରିବେଶ ମନକୁ ଶାନ୍ତି ଦିଏ



ଗାଁ କଥା ଉଠିଲେ ମନରେ ଅସଂଖ୍ୟ ସ୍ମୃତି ସବୁ ନାଚିଉଠେ। ପିଲାବେଳେ ସେଠି ବିତିଥିବା ସମୟଗୁଡା ଯେ କେତେ ମୂଲ୍ୟବାନ ଥିଲା ଆଜି ଜଣାପଡୁଛି। ସେ ପରିବେଶରେ ମୋହ ଥିଲା, ଯେଉଁଠି ନଈ, ନାଳ, ଗଛଲତାଙ୍କ ମେଳ ମନକୁ ଶାନ୍ତି ଦେଉଥିଲା। ଗାଁର ସେ ସ୍ନେହଭରା ଡାକକୁ କେମିତି ସମହରରେ ଶୁଣିପାରିବ ଏ ନୂଆ ପିଢ଼ି।

ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି। ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ମଣିଷ ଶିଖିଛି ଆଉ ସାଇତିଛି ବାପା, ଭାଇ, ଦାଦା ପରି କେତେ ଡାକ। ଏପରି ଜଣେ ଗାଁ ପ୍ରେମୀ ହେଲେ ଜଗତସିଂପୁର ଜିଲ୍ଲା ଗଜରାଜପୁର ଗ୍ରାମର ପ୍ରିୟଦର୍ଶିନୀ ଦାସ। ହେଲେ ଦୀର୍ଘ ୧୭ ବର୍ଷରୁ ଅଧିକ ସମୟ ହେବ ଭୁବନେଶ୍ୱର ପଟିଆ ଅଞ୍ଚଳରେ ରହୁଛନ୍ତି। ସେ ଜଣେ ମହିଳା ବ୍ୟବସାୟୀ ଭାବେ ନିଜ ପରିଚୟ ତିଆରି କରିଛନ୍ତି। ସମୟ ସହ ପଛରେ ଛାଡି ଆସିଥିବା ତାଙ୍କ ଗାଁ ବିଷୟରେ କୁହନ୍ତି, ଗାଁ ମୋର ବହୁତ ସୁନ୍ଦର ଏବଂ ସେଠାକାର ଲୋକ ମଧ ବହୁତ ସରଳ। ତେଣୁ ହିଂସା, ବିବାଦଠୁ ସେମାନେ ବହୁତ ଦୂରରେ ଥାନ୍ତି। ସରଳ ଜୀବନ ଯାପନ ସେମାନଙ୍କୁ ସହରୀମାନଙ୍କଠୁ ଭିନ୍ନ କରେ। ଗାଁ ବାଡି ପଛ ପଟେ ଆମର ଗୋଟେ କେନାଲ ଥିଲା ଯାହାକୁ ଗୋବରୀ କେନାଲ ବୋଲି ସମସ୍ତେ ଜାଣନ୍ତି। ଆରମ୍ଭରୁ ଗାଁର ଗ୍ରାମ ଦେବତୀଙ୍କ ମନ୍ଦିର ରହିଛି। ଏହା ସହ ଗୋପାଳ ଜୀଉ ମନ୍ଦିର ମଧ ଅଛି। ସେଠି ଦୋଳ ପୂର୍ଣ୍ଣମୀ ବେଶ ଧୂମଧାମରେ ପାଳନ କରାଯାଏ। ସେ ସମୟରେ ପ୍ରତି ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗି ରୁହେ। ସେହିଭଳି ଗାଁରେ ଆଉ ଏକ ଦେବୀ ଦୋଳ ମନ୍ଦିର ଅଛି। ସେଠାରେ ମା କୁତାମ ଚଣ୍ଡୀ ପୂଜା ପାଆନ୍ତି। ପ୍ରତି ଗୁରୁବାର ସେଠାରେ ମାଛ ଭୋଗ ଦିଆଯାଇଥାଏ। ସେଠି ପୂଜା କଲେ ମାନସିକ ପୂରଣ ହେଉଥିବା ବିଶ୍ୱାସ ରହିଛି। ଗାଁରେ ଏକ ନିଆରା ପର୍ବ ନଉଡି ଖେଳ ହୁଏ। ସେଥିରେ ଗୌଡ଼ ପୁଅମାନେ ଦୋଳ ସମୟରେ କୃଷ୍ଣଙ୍କ ବେଶ ହୋଇ ବାଡି ଖେଳ କରନ୍ତି। ତାକୁ ଦେଖିବାକୁ ଗାଁରୁ ଏବଂ ଗାଁ ବହାରୁ ଲୋକଙ୍କ ଭିଡ଼ ଲାଗିଥାଏ। ହେଲେ ସହରର ଲୋକଙ୍କ ପାଇଁ ସେସବୁ ସମ୍ପୂର୍ଣ୍ଣ ଅଜଣା। ସେହି ସ୍ଥାନର ନିର୍ମଳ ପରିବେଶ ମନକୁ କେତେ ଶାନ୍ତି ଦେଇଥାଏ। ତାଛଡା ଆଗରୁ ଗାଁରେ ବାହାଘର ହେଲେ ଏକ କାନ୍ଦଣା, ଢଗଢମାଳି ଶୁଣିବାକୁ ମିଳୁଥିଲା। ସମୟ ସହ ଏସବୁ ଏବେ ଗପପରି ଲାଗୁଛି। ଏସମସ୍ତ କଥା ସହରରେ ସବୁବେଳେ ଖୋଜା ପଡୁଥିବ ହେଲେ ମିଳିବନି।

ଆମେ ଗାଁରୁ ଆସିଛୁ

# ୨୨ରେ ବୈଷ୍ଣବ ପରିଡ଼ାଙ୍କ ଜୟନ୍ତୀ ସମାରୋହ

**ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସ୍ୱର୍ଣ୍ଣପଦକ ବିଜୟିନୀଙ୍କୁ 'ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ'**

ଭୁବନେଶ୍ୱର, ୨୧।୨ (ସମିସ): ରାଜନୀତିଜ୍ଞ, ପୂର୍ବତନ ରାଜ୍ୟସଭା ସାଂସଦ, ସାହିତ୍ୟିକ ତଥା 'ଭାଷା ସୁରକ୍ଷା ସମ୍ମିଳନୀ'ର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ୮୫ତମ ଜୟନ୍ତୀ ସମାରୋହ ଆସନ୍ତା ଫେବୃଆରୀ ୨୨ ଲୋହିଆ ଏକାଡେମୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏଥିରେ ଗାନ୍ଧୀବାଦୀ ଓ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସଭାପତି କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେବାକୁ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଶ୍ରମିକ ନେତା, ଆଇଏନ୍‌ଟିୟୁସିର ଉପସଭାପତି ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ସିପିଆଇ (ଏମ୍) ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଓ ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଯୋଗଦେବେ। ଏହି ଅବସରରେ 'ନୂତନ ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ସ୍ଥାନ' ଶୀର୍ଷକ ପମ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ସାହିତ୍ୟିକ ଓ ସମାଲୋଚକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର। ସମାରୋହରେ ସଭାପତିତ୍ୱ କରିବେ ବରିଷ୍ଠ ସାମ୍ବାଦିକ ରବି ଦାସ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋର ଓଡିଆ ଭାଷା, ସାହିତ୍ୟ ବିଭାଗର ବିଗତ ବର୍ଷରେ ସର୍ବୋଚ୍ଚ ନମ୍ବରପ୍ରାପ୍ତ ସ୍ୱର୍ଣ୍ଣପଦକ ବିଜୟିନୀ ଛାତ୍ରୀ ସୁଶ୍ରୀ ଜ୍ୟୋର୍ତିମୟୀ ପୃଷ୍ଟିଙ୍କୁ 'ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯିବ।

# ଗୋଷ୍ଠୀସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର



ବାଲିପାଟଣା, ୨୧।୨(ସମିସ): ଗତ ୨୦ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଗୋଷ୍ଠି ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଶନିବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଛି। ଗତକାଲି ଏହାକୁ ଆନୁଷ୍ଠାନିକ ଭାବରେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ଉଦଘାଟନ କରି କହିଥିଲେ ଯେ ଅକ୍ଷର ଶିକ୍ଷା ପରେ ପିଲାଙ୍କୁ ସହଜରେ ପାଠ ପଢ଼ାଇବାକୁ ହେଲେ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ, ସେମାନଙ୍କୁ ପାଠ ପ୍ରତି ଅଧିକ ଆଗ୍ରହ ବଢ଼ାଇ ଥାଏ। ଦୁଇଦିନିଆ କର୍ମଶାଳା ରେ ପ୍ରଥମ ଦିନ ଶିକ୍ଷକମାନେ ସାମଗ୍ରୀ ପ୍ରସ୍ତୁତି କରି ଆଜି ସେଗୁଡିକୁ କ୍ଲଷ୍ଟରସ୍ତରରେ ପ୍ରଦର୍ଶିତ କରିଥିଲେ।ବିଚାରପତି ଭାବେ ବିଇଓ ଭକ୍ତ ବତ୍ସଳ ମହାପାତ୍ର ଓ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ନାୟକ ଯୋଗଦେଇ ମନୋନୀତ କରିଥିବା ଅଠାନ୍ତର କ୍ଲଷ୍ଟର୍ ପ୍ରଥମ, ବସନ୍ତମାଳ ଦ୍ୱିତୀୟ ଓ ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ବିଜୟ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଦାଶ, ସୁଷମାରାଣୀ ମହାପାତ୍ର, ସାମ୍ବାଦିକ ଅରୁଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ସିଆରସିସି ମମିତା ଦଳାଇ, ଅଲିଭା ଦାସ, ଝୁନୀ ଦେଇ, ପ୍ରଭାତ ସାହୁ, ହେଦାତୁଲା ଖାଁ, ଦିପ୍ତିରେଖା ଓଝା, ତୋଫାନ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଅନ୍ଧାଯୁଗ' ମଞ୍ଚସ୍ଥ | ଅର୍ଜୁନ କାହିଁକି ଫେରେଇ ଆଣିଲେ ବ୍ରହ୍ମାସ୍ତ୍ର



ଭୁବନେଶ୍ୱର, ୨୧।୨ (ସମିସ): ଅଶ୍ୱସ୍ତମା ପାଣ୍ଡବଙ୍କ ହତ୍ୟା କରିବାକୁ ଯାଇ ଭୁଲ୍ ବଶତଃ ଦ୍ରୌପଦୀଙ୍କର ୫ପୁତ୍ରଙ୍କୁ ହତ୍ୟା କରିଥିଲେ। ପୁତ୍ରଙ୍କ ମୃତ୍ୟୁର ପ୍ରତିଶୋଧ ଲାଗି ଦ୍ରୌପଦୀ ପାଣ୍ଡବମାନଙ୍କୁ ଅନୁରୋଧ କଲେ ଅଶ୍ୱସ୍ତମାକୁ ଧରିଆଣି ତାଙ୍କ ମଥାରୁ ମଣି ହରଣ କରିବାକୁ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଜୁନ ଓ ଅଶ୍ୱସ୍ଥମାଙ୍କ ଭିତରେ ଯୁଦ୍ଧ ଚାଲିଥିଲା। ଏହା ଭିତରେ ଦୁହେଁ ପ୍ରୟୋଗ କରିଥିଲେ ବ୍ରହ୍ମାସ୍ତ୍ର। ବ୍ୟାସ ଦେବଙ୍କ ଆଦେଶରେ ଅର୍ଜୁନ ତାଙ୍କ ବ୍ରହ୍ମାସ୍ତ୍ର ଫେରେଇ ଆଣିଲେ। କିନ୍ତୁ ଅଶ୍ୱସ୍ଥମା ଫେରେଇବାର ମନ୍ତ୍ର ଜାଣି ନ ଥିବାରୁ ତାହାକୁ ଦିଗ ପରିବର୍ତ୍ତନ କରି ଉତ୍ତରାଙ୍କ ଗର୍ଭସ୍ଥ ସନ୍ତାନକୁ ହତ୍ୟାକରିବାକୁ ପ୍ରେରିତ କଲେ। ତେଣୁ ଶ୍ରୀକୃଷ୍ଣ ଗର୍ଭସ୍ଥ ସନ୍ତାନ ପରୀକ୍ଷିତକୁ ରକ୍ଷାକରି ଅଶ୍ୱସ୍ଥମାଙ୍କୁ ଅଭିଶାପ ଦେଲେ। ଏହା ଜାଣିବା ପରେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ସେଠାରେ ଉପସ୍ଥିତ ହୋଇ କୃଷ୍ଣଙ୍କୁ ତାଙ୍କ ବଂଶ ନାଶର ଅଭିଶାପ ଦେଲେ ପରବର୍ତ୍ତୀ ସମୟରେ ଯାଦବ ବଂଶ ନାଶ ଯିବା ସହ ଶ୍ରୀକୃଷ୍ଣ ଶବର ଦ୍ୱାରା ଶରବିଦ୍ଧହୋଇ ଜଙ୍ଗଲରେ ନିଜ ଶରୀର ତ୍ୟାଗକଲେ। ଏପରି ଏକ କାହାଣୀକୁ ନେଇ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ନାଟ୍ୟକାର ଧର୍ମବୀର ଭାରତୀ ଓ କଲ୍ଲୋଳ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ବେଙ୍ଗଲୀ ନାଟକ 'ଅନ୍ଧା ଯୁଗ' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକକୁ ଆମ୍ରା। କୋଲକାତା ପକ୍ଷରୁ ପରିବେଷଣ କରାଯାଇଥିଲା। ଶତାବ୍ଦୀର କଳାକାର ପକ୍ଷରୁ ଆୟୋଜିତ ୨୮ ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାମ୍ବାଦର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଗତିବାଦୀ ଖବରକାଗଜର କାର୍ଯ୍ୟକାରୀ ସାମ୍ପଦକ ବିରୂପାକ୍ଷ ତ୍ରିପାଠୀ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମାତୃଭାଷା ଦିବସ

ଭୁବନେଶ୍ୱର, ୨୧।୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଶିକ୍ଷାବିତ୍ ତଥା ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, କୁଳସଚିବ ଅନାମିକା ଅଧିକାରୀ, ପ୍ରଫେସର ଧରଣୀଧର ରଣା, ସୁନନ୍ଦା ଷଡଙ୍ଗୀ, ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ମାତୃଭାଷା ଦିବସର ପ୍ରାସଙ୍ଗିକତା ଓ ମାତୃଭାଷାର ମାର୍ଗଦର୍ଶନରେ ସଫଳତା ପାଇବାର ବିଭିନ୍ନ ଦିଗ ଓ ଦୃଷ୍ଟାନ୍ତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମକୁ ସୁଶ୍ରୀ ଲକ୍ଷ୍ମୀପ୍ରିୟା ଜେନା ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡିଶୀ କଣ୍ଠସଙ୍ଗୀତ ବିଭାଗର ଛାତ୍ରୀମାନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚନାରୁ ମାତୃଭାଷା ସଙ୍ଗୀତ ପରିବେଷଣ କରିଥିଲେ।

# ୨୩ରେ କାନନକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ନନ୍ଦନକାନନ, ୨୧।୨(ସମିସ): ରଘୁନାଥପୁର ନନ୍ଦନକାନନ ନିକଟରେ ଥିବା କାନନକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୩ତାରିଖଠାରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ଶନିବାର ମନ୍ଦିର କମିଟି ତରଫରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ୧୯୬୨ମସିହାରେ ସ୍ଥାନୀୟ ଜଣେ ବାସିନ୍ଦା କାଞ୍ଜିଆ ହ୍ରଦରୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପାଇଥିଲେ। ସେବେଠାରୁ ନନ୍ଦନକାନନ ସମ୍ମୁଖରେ ଏକ ଚାଳିଆ ଘରେ ରଖି ଜଗନ୍ନାଥଙ୍କୁ ପୂଜାଅର୍ଚ୍ଚନା କରାଯାଇଥିଲା। ଏବେ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆସନ୍ତା ୨୩ତାରିଖରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ୨୬ତାରିଖ ଗୁରୁବାର ଦିନ ମନ୍ଦିର ପ୍ରତିଷ୍ଠା ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଅନୁସୟା ନାଥ ଓ ତାଙ୍କ ସାଥି ଭଜନ ପରିବେଷଣ କରିବେ। ମନ୍ଦିର ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ବିଜୟ କୁମାର ପାତ୍ର, ବାବାଜି ଚରଣ ପ୍ରଧାନ, ନବଘନ ପାତ୍ର, ମିହିର କୁମାର ପଢ଼ିଆରୀ, ସୁମନ୍ତ ସୁନ୍ଦରରାୟ, ଶୁକ ଦେବ ପରିଡ଼ା, ପ୍ରାଣକୃଷ୍ଣ ପଢ଼ିଆରୀ, ନିହାର କାନ୍ତ ପଢ଼ିଆରୀ, ଅଶୋକ କୁମାର ରାଉତ, ଜଗନ୍ନାଥ ରାଉତ, ଦୀନବନ୍ଧୁ ପାତ୍ର, ଅକ୍ଷୟ କୁମାର ପାତ୍ରଙ୍କ ସମେତ ମନ୍ଦିର ପରିଚଳନା କମିଟିର ସଦସ୍ୟମାନେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଫାଇବ୍ରୋମାୟାଲଜିଆ ସଚେତନତା

ଭୁବନେଶ୍ୱର, ୨୧।୨(ସମିସ): ଅମୃତ ଧାରା ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ନ୍ୟୁରୋଲୋଜିକାଲ ସର୍ଜନ୍ସ ସୋସାଇଟି ଅଫ୍ ଇଣ୍ଡିଆ ସମ୍ମେଳନ ଅବସରରେ ଫାଇବ୍ରୋମାୟାଲଜିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଇବ୍ରୋମାୟାଜାଲିଆ ହେଉଛି ଏକ ଦୀର୍ଘକାଳୀନ ସ୍ନାୟୁଜନିତ ବ୍ୟଥା ରୋଗ। ଏହାଦ୍ୱାରା ସମଗ୍ର ଶରୀରରେ ବ୍ୟଥା, କ୍ଲାନ୍ତି ଭଳି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ସଚେତନତା ଅଭାବରୁ ଅନେକ ରୋଗୀ ଠିକ୍ ସମୟରେ ଚିହ୍ନଟ ହୋଇପାରୁନାହାନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଡାକ୍ତର, ରୋଗୀ, ସାଧାରଣ ଲୋକଙ୍କୁ ଶୀଘ୍ର ଚିହ୍ନଟ ଓ ସଠିକ୍ ଚିକିତ୍ସା ବିଷୟରେ ସଚେତନ କରାଯାଇଥିଲା। ଉପସ୍ଥିତ ନ୍ୟୁରୋସର୍ଜନ ଓ ପ୍ରତିନିଧିମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଫାଇବ୍ରୋମାୟାଜାଲିଆ ଏକ ଗୁରୁତର ସମସ୍ୟା। ଏହାର ଶୀଘ୍ର ଚିହ୍ନଟ ଓ ସଠିକ୍ ଚିକିତ୍ସା ପାଇଁ ସଚେତନତା ଜରୁରୀ ବୋଲି ଅମୃତ ଧାରା ଟ୍ରଷ୍ଟର ସଚିବ ଡା. ଧରିତ୍ରୀ ମହାକୁଡ଼ କହିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୦୮.୧୨.୧୯୩୪
ତିରୋଧାନ: ୧୨.୦୨.୨୦୨୬

୰ସରସ୍ୱତୀ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ, ନାତି- ସୂର୍ଯ୍ୟକାନ୍ତ ତ୍ରିପାଠୀ, ନାତୁଣୀ- ଅଙ୍କିତା ତ୍ରିପାଠୀ ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ

ସୌଜନ୍ୟ- P and A Advertising Agency Pvt. Ltd.
C/1290, 1st Floor, CDA, Sector-VI, Cuttack-753014

# ବାରମ୍ବାର ଖୋଳାପୋତା; ଲୋକେ ହିନସ୍ତା



ଭୁବନେଶ୍ୱର, ୨୧।୨(ସମିସ): ବିଭିନ୍ନ ବିଭାଗ ମଧ୍ୟରେ ସଂଯୋଜନାର ଅଭାବ ପାଇଁ ଭିନ୍ନଭିନ୍ନ କାମ ପାଇଁ ଗୋଟିଏ ରାସ୍ତାକୁ ବାରମ୍ବାର ଖୋଳାଯାଉଛି। ଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ହଇରାଣ ହରକତ ହେଉଛି।

ରାଜଧାନୀରେ ରାଜୀବ ଭବନ, ଶାସ୍ତ୍ରୀ ନଗର, ନୂଆପଲ୍ଲୀ, ଜାଗମରା, ଡ଼େଲଟା ଛକରୁ ଗୋପବନ୍ଧୁ ଯିବା ରାସ୍ତା ପରି ଅଞ୍ଚଳରେ ରାସ୍ତା ଖୋଳାଖୋଳି ହୋଇପଡ଼ିଛି। ଫଳରେ ଦିନକୁ ଦିନ ଏହି ରାସ୍ତା ଖୋଳା କାର୍ଯ୍ୟ ସହର ପାଇଁ ଏକ ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରତିବର୍ଷ ରାସ୍ତା କାମ ପାଇଁ ଲୋକମାନେ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବର୍ଷକୁ ବର୍ଷ ଧରି ରାସ୍ତା କାମ ସରିବାର ନାଁ ଧରୁନାହିଁ। ବିଶେଷକରି ରାସ୍ତାକୁ ଖୋଳି ଦିଆଯିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି। ଏଥିସହିତ ରାସ୍ତା ଖୋଳାରୁ ଗଦା ହୋଇରହିଥିବା ବର୍ଜ୍ୟ ରାସ୍ତାକୁ ସଙ୍କୁଚିତ କରିଦଉଛି। ଫଳସ୍ୱରୂପ ରାସ୍ତାରେ ଗୋଟେ ଚାରିଚକିଆ ଗାଡ଼ି ଗଲେ କିମ୍ବା ଆସିଲେ ଅନ୍ୟ ଗାଡ଼ିଗୁଡ଼ିକୁ ଧାଡ଼ି ଲମ୍ବାଇବାକୁ ପଡୁଛି। ବିଶେଷ କରି ସକାଳେ ଓ ସନ୍ଧ୍ୟାରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିପରି ଅନ୍ୟ ସହରର ଅନ୍ୟ ରାସ୍ତା ଗୁଡ଼ିକରେ ରାସ୍ତା କାମ ସରିଥିଲେ ମଧ ଏ ପର୍ଯ୍ୟନ୍ତ ରାସ୍ତାରୁ ନିର୍ମାଣ ବର୍ଜ୍ୟବସ୍ତୁ ଉଠିପାରିନାହିଁ। ଗାଡ଼ିମଟର ଯିବା ଆସିବା କରିବା ସମୟରେ ଗଦା ହୋଇରହିଥିବା ଏହି ବର୍ଜ୍ୟରୁ ଧୂଳି ଉଡ଼ି ଲୋକଙ୍କ ପାଟି ଓ ନାକରେ ପଶିବା ସହିତ ପରିବେଶକୁ ଦୂଷିତ କରୁଛି।

ଏନେଇ ଗୋପବନ୍ଧୁ ଛକର ରାଜୀବ ସାହୁ କୁହନ୍ତି ଏହି ରାସ୍ତା କାମ ସବୁବେଳେ ଚାଲିଛି ହେଲେ ସରିବାର ନାଁ ଧରୁନାହିଁ। ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାରେ ପାଇପ୍ ବିଛାଯାଉଛି। ହେଲେ ଆସନ୍ତା ବର୍ଷକୁ ଏହି ରାସ୍ତା ଖୋଳା ହଉଥିବାର ଦେଖିବାକୁ ମିଳିବ। ବୋଲି ସେ କହିଛନ୍ତି। ଏହିପରି ଶାସ୍ତ୍ରୀ ନଗରର ସନ୍ତୋଷ କୁମାର ସାହୁ କୁହନ୍ତି ରାସ୍ତା ଖୋଳା ହେବା ଦିନ ହେବା ଠାରୁ ତାଙ୍କ ଘରସାରା ଧୂଳି ଗଦା ହୋଇଛି। ରାସ୍ତା କାମ ସରୁଛି ହେଲେ ବର୍ଜ୍ୟ ସେମିତି ପଡ଼ି ରହୁଛି। ଗଳିମାନଙ୍କରେ ଛୋଟ ରାସ୍ତା ହୋଇଥିବାରୁ ଗୋଟେ ପଟ ରାସ୍ତା ଖୋଳା ହୋଇପଡ଼ିଲେ ଆଉ ଏକ ପଟ ସବୁ ଗାଡ଼ି ଯାଉଛି ଯାହା ଫଳରେ ଘର ସାରା ଧୂଳି ଧୂସର ହୋଇପଡୁଛି। ଯେତେବେଳେ ବି ଯେଉଁ କାମ କରାଯାଉଛି ସେଠାରୁ ସାଙ୍ଗେ ସାଙ୍ଗେ ସେସବୁ ପରିଷ୍କାର କରିଦେଲେ କଥା ସରନ୍ତା ହେଲେ ନା ଠିକାଦାର ନା ସଂସ୍ଥା କେହିବି କିଛି ପଦକ୍ଷେପ ନଉନାହାନ୍ତି ବୋଲି ସେ କହିଛନ୍ତି।



## ପୁଣି ଅଶାନ୍ତ ରାଜଧାନୀ

# ଖୁଚୁରା ଟଙ୍କାକୁ ନେଇ ବ୍ଲାଙ୍କ୍ ଫାୟାରିଂ

ଭୁବନେଶ୍ୱର, ୨୧।୨(ସମିସ): ପୁଣି ଅଶାନ୍ତ ହୋଇଛି ରାଜଧାନୀ ଭୁବନେଶ୍ୱର। ଶନିବାର ଅପରାହ୍ଣରେ ଖାରବେଳ ନଗର ଥାନା ଅନ୍ତର୍ଗତ ପଞ୍ଜାବୀ କଲୋନୀ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ମାତ୍ର ୫୦ଟଙ୍କା ପାଇଁ ଜଣେ ପାନ ଦୋକାନୀ ଏବଂ ଜଣେ ରାଜନେତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

- ■ ରାଜନେତାଙ୍କୁ ନିସ୍ତୁକ ପିଟି ପୁଲିସ ଜିମା ଦେଲେ ସ୍ଥାନୀୟ ଲୋକେ
- ■ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଚାଲିଥିଲା ଗୁଳି

ରାଜନେତା ଜଣଙ୍କ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକ ବାହାର କରି ଗୋଟିଏ ରାଉଣ୍ଡ ବ୍ଲାଙ୍କ୍ ଫାୟାର କରିଥିଲେ। ଏହାପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଥିଲେ। ରାଜନେତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବନ୍ଧୁକ ଛଡାଇ ନେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାଜନେତାଙ୍କୁ ଉଦ୍ଧାର କରିଥିଲା। ତାଙ୍କ ଦେହରେ ୮ରୁ ଊର୍ଦ୍ଧ୍ୱ ଷ୍ଟିଜ୍ ପଡ଼ିଥିବା ଜଣାପଡ଼ିଛି। ପୁଲିସ ଏନେଇ ଦୁଇଟି ମାମଲା ରୁଜୁ କରିଛି।



ମିଳିଥିବା ସୂଚନା ମୁତାବକ, ପଞ୍ଜାବୀ କଲୋନୀ ଅଞ୍ଚଳରେ ଦୀର୍ଘଦିନ ହେଲା ଦିଲୀପ କୁମାର ରଥ ପାନ ଦୋକାନ କରିଛନ୍ତି। ଅପରାହ୍ଣ ପ୍ରାୟ ୧ଟାରୁ ୨ଟା ମଧ୍ୟରେ ପାନଦୋକାନକୁ ରାଜନେତା ତଥା ବିରିଆନି ୨୪ର ଅନ୍ୟତମ ମାଲିକ ବିଭୂତି ବଡ଼ଜେନା ଜିନିଷ କିଣିବାକୁ ପାନ ଦୋକାନକୁ ଯାଇଥିଲେ। ସେଠାରୁ ପାଣି ବୋତଲ ସହ ଅନ୍ୟ କିଛି ସାମଗ୍ରୀ କିଣିଥିଲେ। ଯାହାର ମୂଲ୍ୟ ୫୦ଟଙ୍କା। ହେଲେ ପାନଦୋକାନୀଙ୍କୁ ଏକ ୫ଶହ ଟଙ୍କିଆ ନୋଟ୍ ବଢ଼ାଇଥିଲେ। ଖୁଚୁରା ୫୦ଟଙ୍କା ଦୋବାକୁ ଦୋକାନୀ ଅନୁରୋଧ କରିଥିଲେ। ନ ହେଲେ ୫୦ଟଙ୍କା ଅନ୍‌ଲାଇନ୍ ମାଧ୍ୟମରେ ଦେବାକୁ କହିଥିଲେ। ସାମାନ୍ୟ କଥାକୁ ନେଇ ବିଭୂତି ଉଗ୍ର ହୋଇ ଉଠିଥିଲେ। କ'ଣ ପାଇଁ ଅନ୍‌ଲାଇନ୍ କରିବାକୁ କହିଲୁ। ତୋର ବ୍ୟବହାର ଠିକ୍ ନାହିଁ। ଏଭଳି ବ୍ୟବହାର କରିବାକୁ ତୋର ସାହାସ କିପରି ହେଲା ବୋଲି ପାଲଟା ପ୍ରଶ୍ନ କରି ପାନ ଦୋକାନୀଙ୍କ ସହ ଯୁକ୍ତତର୍କ କରିଥିଲେ।

ଏହାପରେ ପରିସ୍ଥିତି ବିଗିଡ଼ିବାରେ ଲାଗିଥିଲା। ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ହୋସ୍ ହରାଇ ବସିଥିଲେ ବିଲଡ଼ର। ନିଜ ଅଣ୍ଟାରୁ ବନ୍ଧୁକ ବାହାର କରି ପାନ ଦୋକାନୀଙ୍କୁ ଡରାଇବା ଉଦ୍ଦେଶ୍ୟରେ ଗୋଟିଏ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଗୁଳି ଶବ୍ଦଶୁଣି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିଲେ। ବିଭୂତିଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକଙ୍କ ମାଡ଼ ଯୋଗୁଁ ସେ ଗଭୀର ଭାବେ ଆହତ ହୋଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ଥିଲା। ସେଠାରୁ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ତାଙ୍କର ୮ଟି ଷ୍ଟିଜ୍ ପଡ଼ିଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ପୁଲିସ ୨ଟି ମାମଲା ରୁଜୁ କରିବା ସହ ବନ୍ଧୁକ ନିଜ ହେପାଜତ୍‌କୁ ନେଇଛି।

## ଫିଜିଓଥେରାପି ଛାତ୍ରଙ୍କ ଆତ୍ମହତ୍ୟା



ବାଲିପାଟଣା, ୨୧।୨(ସମିସ): ରାଜଧାନୀ ଉପକଣ୍ଠସ୍ଥ ବାଲିପାଟଣା ଥାନା କୁରୁଞ୍ଜିପୁର ଗ୍ରାମରେ ଜଣେ ଫିଜିଓଥେରାପି ଛାତ୍ର ବେଡ୍‌ସିଟ୍‌ରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଲେ ଉମେଶ ପ୍ରଧାନଙ୍କ ପୁଅ ତରୁଣ ଓରଫ ଓମ (୨୦)। ଶୋଇବା ଘରେ ବେଡ଼ସିଟ ବେକରେ ବାନ୍ଧି ଜୀବନ ହାରିଥିବା ଜଣାପଡ଼ିଛି। ବାଲିପାଟଣା ଥାପା ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଓମ ଜଣେ ମେଧାବୀ ଛାତ୍ର ଥିଲେ ଏବଂ ଫିଜିଓଥେରାପି ଅଧ୍ୟୟନ ସହ ଅଭ୍ୟାସ କରୁଥିଲେ। ଏହି ଘଟଣାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଏହା ପ୍ରେମ ଜନିତ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି।

ଖବର ନେବାରୁ ଜଣାପଡ଼ିଛି ଯେ, ରମେଶଙ୍କ ଏକମାତ୍ର ପୁଅ ଓମ ଫିଜିଓଥେରାପିରେ ଆଡ଼ମିସନ କରିଥିଲେ ଏବଂ ବାଲିପାଟଣାର ଏକ ଫିଜିଓଥେରାପି କ୍ଲିନିକରେ ଅଭ୍ୟାସ ଜାରି ରଖିଥିଲେ। ଗତକାଲି ଏକ ବିବାହ ଭୋଜିରେ ଯୋଗଦେଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଶନିବାର ସକାଳୁ ଉଠିବାରେ ବିଳମ୍ବ ହେବାରୁ ଘର ଲୋକେ କବାଟ ବାଡେଇ ଡାକିଥିଲେ। ଘର ଭିତରୁ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗି ଭିତରେ ପଶିଥିଲେ। ଆଜବେଷ୍ଟ ଘରେ ବେଡ଼ସିଟରେ ଓମ୍ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ ପହଞ୍ଚି ଶବ ଜବତ କରିବା ପରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ଲୁଟ୍ ସାମଗ୍ରୀ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୨୧।୨(ସମିସ): ଘର ତାଲା ଭାଙ୍ଗି ଲୁଟ୍ କରିବା ଅଭିଯୋଗରେ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ଶନିବାର ଜଣେ ପେସାଦାର ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ କାଲ୍ଲା ସାହୁ ଓରଫ ସୁବାସ (୩୩) ଓ ତାଙ୍କ ଘର ବଡ଼ଗଡ଼ ଥାନା ଅନ୍ତର୍ଗତ ହାତିଆସୁଣୀ ମନ୍ଦିର ଗଳିରେ ବୋଲି ଜଣାପଡ଼ିଛି। ଗିରଫ କାଲ୍ଲା ନାମରେ ରାଜଧାନୀର ବିଭିନ୍ନ ଥାନାରେ ପ୍ରାୟ ୧୮ ଟିରୁ ଅଧିକ ମାମଲା ରହିଛି। ଅଭିଯୋଗକାରିଣୀଙ୍କର ଜଗନ୍ନାଥ ଭିଲ୍ଲା, ରାଧାକୃଷ୍ଣ ନଗରରେ ଏକ ଆବାସିକ ଘର ରହିଛି। ଯେଉଁଠାରେ ସେ ରୁହନ୍ତି ସେଠାରେ ଘରକରଣା ସାମଗ୍ରୀ ସହିତ ସୁନା ଅଳଙ୍କାର ସଂରକ୍ଷିତ କରି ରଖିଛନ୍ତି। ଗତ ୧୮ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ୋଶୀମାନଙ୍କଠାରୁ ତାଙ୍କ ଘରର ଗ୍ରୀଲ୍ ଏବଂ ପଛ ଦ୍ୱାର ଖୋଲା ଥିବା ସମ୍ପର୍କରେ ସୂଚନା ପାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ସେ ଦେଖିଥିଲେ ଯେ କିଛି ଅଜ୍ଞାତ ଅପରାଧୀ କବାଟ ଏବଂ ଗ୍ରୀଲ୍ ଭାଙ୍ଗି ଘର ଭିତରକୁ ପ୍ରବେଶ କରି ନଗଦ ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଚୋରି କରି ନେଇଛନ୍ତି। ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା କି ଗତ ୧୫ ତାରିଖ ଦିନ ସମୟରେ ୩ଜଣ ଅଜଣା ବ୍ୟକ୍ତି ତାଙ୍କ ଘରେ ପ୍ରବେଶ କରି ଆଲମିରା ଭାଙ୍ଗି ଚୋରି କରିଛନ୍ତି। ବିଶ୍ୱସ୍ତ ସୂତ୍ର ସୂଚନା ଏବଂ ସିସିଟିଭି ଫୁଟେଜ୍ ବିଶ୍ଳେଷଣ ଆଧାରରେ, ବଡ଼ଗଡ଼ା ଥାନା କ୍ଷେତ୍ର ଅଧୀନସ୍ଥ ରାଜାରାଣୀ କଲୋନି ନିକଟରେ ସନ୍ଦେହଜନକ ଭାବରେ ଗତିବିଧି କରୁଥିବା ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଏକ ପୁଲିସ ଦଳ ଅଭିଯୁକ୍ତ କଲ୍ଲା ସାହୁ ଉରଫ ସୁବାଷଙ୍କୁ ଗିରଫ କରିବା ସହ ତାଙ୍କ ଜଣେ ନାବାଳକ ସହଯୋଗୀଙ୍କୁ ଯାଞ୍ଚ ପାଇଁ ଥାନାକୁ ଅଣାଯାଇଥିଲା। ପଚରାଉଚରା ପରେ ସେମାନେ ଅନ୍ୟ ଜଣେ ସହଯୋଗୀଙ୍କ ସହିତ ମିଶି ଅପରାଧ କରିଥିବା ସ୍ୱୀକାର କରିଥିଲେ।

## ପୂଜାରେ ବ୍ୟାଘାତ ସୃଷ୍ଟି କରି ୩ ଗିରଫ


ଭୁବନେଶ୍ୱର, ୨୧।୨(ସମିସ): ପୂଜା ସମୟରେ ବ୍ୟାଘାତ ସୃଷ୍ଟି କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ସାଲିଆସାହି ନିରଙ୍କରୀ ନଗରର ରୁଦ୍ର ଦାସ ଓରଫ ବିଭୁ (୧୯), ଜନତା ନଗରର କେ କମଲ ଦେବ ରାଓ ଓରଫ ଗୁନୁ (୧୯) ଓ ସୁନୀଲ କୁମାର ବରାଳ (୨୦)। ଗତ ଏକ ମାତ ତଳେ ଘଟିଥିବା ଏହି ମାମଲାରେ ପୂର୍ବରୁ ସାହିଲ ନାୟକଙ୍କୁ ପୁଲିସ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, ଗତ ସରସ୍ୱତୀ ପୂଜା ସନ୍ଧ୍ୟାରେ ନିରଙ୍କରୀ ନଗରରେ ସ୍ଥାନୀୟ ପିଲାମାନେ ଶାନ୍ତିପୂର୍ଣ୍ଣ ଭାବେ ସରସ୍ୱତୀ ପୂଜା କରୁଥିବା ବେଳେ, ଅଭିଯୁକ୍ତ ସାହିଲ ନାୟକ ସମେତ କିଛି ଅସାମାଜିକ ବ୍ୟକ୍ତି ଅନ୍ୟାନ୍ୟ ସହଯୋଗୀମାନଙ୍କ ସହିତ ବେଆଇନ ଭାବରେ ଏକତ୍ରିତ ହୋଇ ଧାର୍ମିକ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସେମାନେ ପୂଜା ସାଜସଜ୍ଜାକୁ କ୍ଷତି ପହଞ୍ଚାଇଥିଲେ ପିଲାମାନଙ୍କୁ ଅଶ୍ଳୀଳ ଓ ଅସଭ୍ୟ ଭାଷାରେ ଗାଳି ଦେଇଥିଲେ ଏବଂ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲେ। ଅଭିଯୋଗକାରୀ ସେମାନଙ୍କୁ ପ୍ରତିବାଦ କରିବା ସମୟରେ ଅଭିଯୁକ୍ତମାନେ ମିଳିତ ଭାବରେ ତାଙ୍କ ଉପରେ ଆକ୍ରମଣ କରି ହତ୍ୟା ଧମକ ଦେଇଥିଲେ। ଅଭିଯୁକ୍ତ ସାହିଲ ନାୟକ ଖଣ୍ଡା ଧରି ହତ୍ୟା କରିବା ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ ପିଠିରେ ଗଭୀର ଆଘାତ ଲାଗିଥିଲା। ବିଶ୍ୱସ୍ତ ସୂତ୍ର ସୂଚନା ଅନୁଯାୟୀ, ଚଢ଼ାଉ କରାଯାଇଥିଲା ଏବଂ ଅଭିଯୁକ୍ତ ସାହିଲ ନାୟକଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଏହି ମାମଲାରେ ଫେରାର ଅଭିଯୁକ୍ତମାନଙ୍କୁ ଶନିବାର ଗିରଫ କରାଯାଇଛି।

## ଆକ୍ରମଣକାରୀକୁ ବର୍ଷେ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର, ୨୧।୨(ସମିସ): ଏଡିଜେ-କମ-ସ୍ପେଶାଲ ଜଜ୍ (ସିବିଆଇ୨)ର ବିଚାରପତି ରାଜ କିଶୋର ଲେଙ୍କା ଶନିବାର ଏକ ଆକ୍ରମଣ ମାମଲାର ବିଚାରକରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏନେଇ ୨୦୨୫ ମସିହା ସେପ୍ଟେମ୍ବର ମାସରେ ପାହାଳ ଥାନା ଅନ୍ତର୍ଗତ ହରିଦାସପୁର ଅଞ୍ଚଳରେ ଘଟଣା ଘଟିବା ପରେ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଆସାମୀ ସବିର ଖାଁକୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ମିର୍ଜା ନିୟମତ ବୈଗ୍ ଓ ଅଭିଯୁକ୍ତ ସବିର ଖାନ, ଉଭୟେ ହରିଦାସପୁରସ୍ଥ ମୁସଲିମ କଲୋନୀର ବାସିନ୍ଦା। ସ୍ଥାନୀୟ ମସଜିଦର ନବୀକରଣ କାର୍ଯ୍ୟ ଚାଲୁଥିବା ସମୟରେ, ଅନେକ ଶ୍ରମିକ ନିୟୋଜିତ ଥିଲେ। ୨୦୨୫ ମସିହା ସେପ୍ଟେମ୍ବର ୧୫ ତାରିଖ ଦିନ ଅଭିଯୁକ୍ତ ସବିର ଖାନ ଶ୍ରମିକମାନଙ୍କ ପାଖକୁ ଯାଇ ଟଙ୍କା ଦାବି କରିଥିଲେ। ଶ୍ରମିକମାନେ ମନା କରିବା ପରେ, ସେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପ୍ରାୟ ୭ରୁ ୮ ଜଣ ଶ୍ରମିକଙ୍କୁ ମସଜିଦ ଭିତରେ ତାଲା ପକାଇ ଅବୈଧ ଭାବରେ ବନ୍ଦୀ କରି ରଖିଥିଲେ। ଘଟଣା ବିଷୟରେ ସୂଚନା ପାଇ, ଅଭିଯୋଗକାରୀ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ମସଜିଦରେ ପହଞ୍ଚି ତାଲା ଭାଙ୍ଗି ଶ୍ରମିକମାନଙ୍କୁ ମୁକ୍ତ କରିଥିଲେ। ପ୍ରାୟ ଅଧଘଣ୍ଟା ପରେ, ଅଭିଯୁକ୍ତ ପୁଣି ଘଟଣାସ୍ଥଳକୁ ଫେରି ଆସି କିଏ ତାଲା ଭାଙ୍ଗିଛି ବୋଲି ସାଧାରଣରେ ପଚାରିଥିଲେ। ଅଭିଯୋଗକାରୀ ନିଜେ ଏହା କରିଥିବା କହିବାରୁ, ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଏକ ଲୁହା ରଡ୍ ସାହାଯ୍ୟରେ ଆକ୍ରମଣ କରିଥିଲେ, ଫଳରେ ଅଭିଯୋଗକାରୀଙ୍କ କପାଳରେ ଗୁରୁତର ଆଘାତ ଓ ପ୍ରବଳ ରକ୍ତସ୍ରାବ ହୋଇ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥ ହାଇ-ଟେକ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟମଧ୍ୟରେ, ସ୍ଥାନୀୟ ଗ୍ରାମବାସୀ ଅଭିଯୁକ୍ତକୁ ଧରି ପିସିଆରକୁ ସୂଚନା ଦେଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଚିକିତ୍ସା ପରେ, ଅଭିଯୋଗକାରୀ ସେହି ଦିନ ରାତ୍ରି ପ୍ରାୟ ୧୦ଟା ସମୟରେ ପାହାଳ ଥାନାରେ ଏକ ଲିଖିତ ଏଫଆଇଆର ଦାଖଲ କରିଥିଲେ। ଏହି ମାମଲାର ତଦନ୍ତ ଏସ୍‌ଆଇ ବିଭୂତି ଭୂଷଣ ମୁଦୁଲି କରିଥିବା ବେଳେ କୋର୍ଟ ୮ ଜଣ ସାକ୍ଷୀ ଓ ଦସ୍ତାବିଜ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ବିଶ୍ୱ ନାରାୟଣ ମହାନ୍ତି ଏବଂ ମନୋଜ କୁମାର ଦାସ ସଫଳତାର ସହିତ ପରିଚାଳନା କରିଥିଲେ।

## ଚୋରି ଅଭିଯୋଗରେ ଯୁବକ ଗିରଫ

ବାଲିଅନ୍ତା, ୨୧।୨(ସମିସ): ଏକ ଚୋରି ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଲିଅନ୍ତା ଥାନା ପୁଲିସ। ଗିରଫ ଯୁବକ ହେଲା ପ୍ରତାପରୁଦ୍ରପୁର ତଳ ସାହିର ସାଗର ଭୋଇ(ରାଜା) (୨୨)। ଖବର ନେବାରୁ ଜଣାପଡ଼ିଛି ଯେ, ଗତ ୧୮ ତାରିଖ ରାତି ପ୍ରାୟ ୧୦ଟା ବେଳେ ପ୍ରଶାନ୍ତ କୁମାର ମହାରଣା (୩୬ ବର୍ଷ)ଙ୍କ ନିଜ ଇଲେକ୍ଟ୍ରିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳେ ଯେତେବେଳେ ସେ ତାଙ୍କ ଦୋକାନ ଖୋଲିଥିଲେ, ଦୋକାନର ତାଲା ଭାଙ୍ଗିଛି ଏବଂ ଦୋକାନରୁ ବୈଦ୍ୟୁତିକ ମେସିନ୍, ଉପକରଣ, ଶବ୍ଦ ବାକ୍ସ ଏବଂ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଛନ୍ତି। ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ବାଲିଅନ୍ତା ଥାନା ପୁଲିସ ପ୍ରତାପରୁଦ୍ରପୁର, ତଳସାହି ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଥିଲା। ତଲାସୀ ସମୟରେ, ତାଙ୍କ ହେପାଜତରୁ ଗୋଟିଏ ପୁରୁଣା ଲିନୋଭୋ ଲାପଟପ୍, ଗ୍ରାଇଣ୍ଡର ମେସିନ୍, ଡ୍ରିଲ୍ ମେସିନ୍, ସାଉଣ୍ଡ ବାକ୍ସ, ଗୋଟିଏ ସାଉଣ୍ଡ ମେସିନ୍ ଏବଂ କଟା ବିଦ୍ୟୁତ୍ ତାର ସହିତ ଚୋରି ସାମଗ୍ରୀ ଉଦ୍ଧାର ଓ ଜବତ କରାଯାଇଥିଲା।





### ବିଶ୍ୱାସ ହରାଉଛି କି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା

# ବ୍ୟାଙ୍କ୍ ଲକର୍‌ରେ ଅସୁରକ୍ଷିତ ସୁନାଗହଣା

ଭୁବନେଶ୍ୱର, ୨୧।୨ (ସମିସ): ଦିନକୁ ଦିନ ସୁନାଦର ଆକାଶଛୁଆଁ ହେଉଥିବା ବେଳେ ଲୁଟେରାଙ୍କ ପ୍ରାଦୁର୍ଭାବ ମଧ୍ୟ ବଢ଼ିବାରେ ଲାଗିଛି। ଘରୁ ଗୋଡ଼ କାଢ଼ିଲେ ସୁନା ଚେନ୍ ଛଡ଼ାଇ ନେଉଥିବା ବେଳେ ଘରେ ନଥିବାବେଳେ କଳାକନା ବୁଲାଇ ଦେଉଛନ୍ତି। ପରିସ୍ଥିତି ଏମିତି ହେଲାଣି ଯେ, ସୁନା ପିନ୍ଧିବା ଓ ରଖିବା ଦୁଇଟି ଯାକ ବିପଦଜନକ ହୋଇଯାଇଛି। ଏଭଳି ସ୍ଥିତିରେ ବ୍ୟାଙ୍କ୍ ଲକରର ଆବଶ୍ୟକତା ଢେର୍ ବଢ଼ିଛି। ଲୋକମାନେ ନିଜ ସୁନାଗହଣାକୁ ସୁରକ୍ଷା ଦେବାପାଇଁ ବ୍ୟାଙ୍କ୍ ଲକରରେ ରଖୁଛନ୍ତି। ହେଲେ ବ୍ୟାଙ୍କ୍ ଲକର୍ ମଧ୍ୟ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଲକରରୁ ସୁନା ଗାଏବ ହେବା ଅଭିଯୋଗ ଆସିବା ପରେ ଏଭଳି କଥା ସ୍ପଷ୍ଟ ହୋଇଛି।



ଅଭିଯୋଗ ଅନୁଯାୟୀ, ପୋଖରୀପୁଟ ଅଞ୍ଚଳର ବରିଷ୍ଠ ନାଗରିକ ଧନେଶ୍ୱର ସ୍ୱାଇଁ ଗହଣା ରଖିବା ପାଇଁ ଲକର୍ ଆବଶ୍ୟକ କରୁଥିଲେ। ବହୁତ ଖୋଜାଖୋଜି କରିବା ପରେ ୟୁକୋ ବ୍ୟାଙ୍କ୍ ପୋଖରୀପୁଟ ଶାଖାରେ ଲକର୍ ଟିଏ ମିଳିଥିଲା। ଆବଶ୍ୟକୀୟ ଟଙ୍କା ଦାଖଲ କରିବା ପରେ ବ୍ୟାଙ୍କର ୭୦ ନମ୍ବର ଲକରରେ ସୁନା ଚେନ୍ ରଖିଥିଲେ। ଗତବର୍ଷ ଜୁନ୍ ମାସ ୧୩ ତାରିଖରେ ଧନେଶ୍ୱର ଓ ତାଙ୍କ ପତ୍ନୀ ବ୍ୟାଙ୍କକୁ ଯାଇ ଲକରରେ ସୁନା ଥିବା ଦେଖିଥିଲେ। ହେଲେ ଗତ ଡିସେମ୍ବର ୧୯ ତାରିଖ ଦିନ ଧନେଶ୍ୱର ବ୍ୟାଙ୍କ୍ ଯାଇଥିଲେ। ସେଠି ଯାଇ ଦେଖିବା ବେଳକୁ ୭୦ ନମ୍ବର ଲକର୍ ଖାଲି ପଡ଼ିଥିଲା। ଆଉ ଲକର୍ ଭିତରେ ଥିବା ଷ୍ଟିଲ୍ ବାକ୍ସ ଓ ସୁନା ଚେନ୍ ମଧ୍ୟ ଗାଏବ ହୋଇଯାଇଥିଲା। ଏନେଇ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବାରୁ ସେମାନେ ଆଭ୍ୟନ୍ତରୀଣ ଅନୁସନ୍ଧାନ ପାଇଁ ସମୟ ନେଇଥିଲେ। ତାପରେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ସବୁ ଦିଗରୁ ନିରାଶ ହେବାପରେ ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ। ଲକର୍ ରୁମ ପାଇଁ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କରାଯାଇନଥିବା ବେଳେ ଯିବାଆସିବା ଉପରେ କଟକଣା ନଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ସେହିପରି ଗୋପୀନାଥ ପରିଡ଼ା ତାଙ୍କ ପତ୍ନୀ ହରପ୍ରିୟା ପରିଡ଼ା ନାମରେ ବାଲୁଗାଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ୧୬୩ ଗ୍ରାମର ସୁନାଗହଣା ବନ୍ଧକ ରଖି ଋଣ ନେଇଥିଲେ। ଗତ ଅକ୍ଟୋବର ୨୫ ତାରିଖରେ ଋଣ ପରିଶୋଧ କରି ସୁନାଗହଣା ଫେରାଇ ଆଣିବାକୁ ବ୍ୟାଙ୍କକୁ ଯାଇଥିଲେ। ହେଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ କଥା ଶୁଣିବା ପରେ ତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ତାଙ୍କ ସୁନାଗହଣାକୁ ଜଣେ କର୍ମଚାରୀ ଚୋରି କରି ନେଇଥିବା କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ। ଇଏ କେବଳ ଦୁଇଟି ଘଟଣା ନୁହଁ, ଉଦଳାର ବିଜୟ କୁମାର ସାହୁ ସ୍ଥାନୀୟ ଆକ୍ସିସ୍ ବ୍ୟାଙ୍କରେ ସୁନା ବନ୍ଧକ ରଖି ୧୩ ଲକ୍ଷ ଟଙ୍କା ଋଣ ନେଇଥିଲେ। କିଛିମାସ ପରେ ସମ୍ପୂର୍ଣ୍ଣ ଟଙ୍କା ପରିଶୋଧ କରି ସୁନାଗହଣା ମୁକୁଳାଇ ଥିଲେ। ହେଲେ ବ୍ୟାଙ୍କ୍ ତାଙ୍କୁ ଅସଲି ବଦଳରେ ଗୋଟିଏ ନକଲି ବା ଇମିଟେସନ୍ ଚେନ୍ ଦେଇଥିଲା। ଏନେଇ ସେ ଅଭିଯୋଗ କରିଥିଲେ। ବ୍ୟାଙ୍କ୍ ଗୁଡ଼ିକରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଏଥିରେ କୌଣସି ସୁଧାର ଆସିପାରିନାହିଁ। ସେପଟେ ଲୋକମାନେ ମଧ୍ୟ ବ୍ୟାଙ୍କ୍ ଲକରକୁ ନିୟମିତ ଯାଞ୍ଚ ନ କରୁନଥିବାରୁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ବୃଦ୍ଧି ପାଉଛି।

### ହେରଫେର ପଛରେ ଅସାଧୁ କର୍ମଚାରୀ

ବ୍ୟାଙ୍କ୍ ଲକର୍ ଗୁଡ଼ିକ ସବୁବେଳେ ସୁରକ୍ଷା ବଳୟ ଭିତରେ ରହୁଛି। ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ନଜର ସହ ସୁରକ୍ଷାକର୍ମୀ ରହୁଛନ୍ତି। ତଥାପି ସୁନାଗହଣା ହେରଫେର ହୋଇଯାଉଛି। ଲକରରୁ ସୁନା ଗାଏବ ଠାରୁ ଆରମ୍ଭ କରି ବନ୍ଧକ ସୁନା ଚୋରି ଓ ବଦଳି ପର୍ଯ୍ୟନ୍ତ, ସବୁଠି କର୍ମଚାରୀଙ୍କ ହାତ ରହିଥିବା ସ୍ପଷ୍ଟ ହୋଇଛି। ବାଲୁଗାଁ ଘଟଣାରେ, ବ୍ୟାଙ୍କ କର୍ମଚାରୀ ଜଣକ କେବଳ ହରପ୍ରିୟାଙ୍କର ନୁହେଁ, ବରଂ ୧୨ ଜଣ ଋଣ ଗ୍ରହିତାଙ୍କର ୬୦୦ ଗ୍ରାମ ସୁନାଗହଣା ଓ ନଗଦ ୭ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। କର୍ମଚାରୀ ଜଣକ ଚୋରି ସୁନାକୁ ନେଇ ବାଲୁଗାଁରେ ଥିବା ୩ଟି ସୁନା ଋଣ ସଂସ୍ଥାରେ ଚୋରି ସୁନା ବନ୍ଧକ ରଖି ୫୦ ଲକ୍ଷ ଟଙ୍କା ନେଇ ଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଉଚ୍ଚ ଅଧିକାରୀଙ୍କ ଅନୁପସ୍ଥିତିରେ କର୍ମଚାରୀମାନେ ଚାବିର ଦୁରୁପଯୋଗ କରି ସୁନାଗହଣା ଚୋରି କିମ୍ବା ବଦଳାଇ ଦେଉଛନ୍ତି।

### ୩୦ ବର୍ଷ ତଳର ଯୌତୁକ ନିର୍ଯାତନା ମାମଲା

# ସ୍ୱାମୀ ଓ ଶାଶୂଙ୍କୁ ଆଜୀବନ କାରାଦଣ୍ଡାଦେଶ

ଆଠମଲ୍ଲିକ, ୨୧।୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ସଦର ମହକୁମାରେ ୩୦ ବର୍ଷ ତଳର ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର ରାୟ ପ୍ରକାଶ କରିଛନ୍ତି। ଏଥିରେ ଅଭିଯୁକ୍ତ ସ୍ୱାମୀ ମହାଦେବଲାଲ ଗୋଦୁକା ଓ ଶାଶୂ ଦେବକୀବାଇ ଗୋଦୁକାଙ୍କୁ ହତ୍ୟା ଅଭିଯୋଗରେ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ନଣନ୍ଦ ସରୋଜା ଦେବୀ ଓ ଦିଅର ବିନାୟକ ଗୋଦୁକାଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

ଅନୁଗୋଳ ଏଫସିଆଇ ଅଞ୍ଚଳ ବାସିନ୍ଦା ନଥୁରାମ ଅଗ୍ରୱାଲଙ୍କ ବଡ଼ଝିଅ ସରିତା ଅଗ୍ରୱାଲ ଗତ ୧୯୯୪ ମାର୍ଚ୍ଚ ୫ ତାରିଖ ଆଠମଲ୍ଲିକ ସହର ରଥସାହି ନିବାସୀ ନଥୁଲାଲ ଗୋଦୁକାଙ୍କ ବଡପୁଅ ମହାଦେବଲାଲଙ୍କୁ ବିବାହ କରିଥିଲେ। ୧୯୯୬ ଜାନୁଆରୀ ୫ ତାରିଖରେ ନାଥୁଲାଲ ଅଗ୍ରୱାଲ ଆଠମଲ୍ଲିକ ଥାନାରେ ତାଙ୍କ ଝିଅ ସରିତାଙ୍କୁ ସ୍ୱାମୀ, ଶଶୁର, ଶାଶୂ, ନଣନ୍ଦ ଓ ଦିଅର ମିଶି ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା ରୁଜୁକରି ତଦନ୍ତ କରିଥିଲା। ଏହି ବହୁଚର୍ଚ୍ଚିତ ମାମଲାକୁ ବରିଷ୍ଠ ଆଇନଜୀବୀ ଜିତେନ ମିଶ୍ର ଓ ସରକାରଙ୍କ ପକ୍ଷରୁ ଏପିପି ଗାୟତ୍ରୀ ଦାସ ଓ ସହଯୋଗୀ ଓକିଲ ଭାବେ ରାଜେଶ ମିଶ୍ର ପରିଚାଳନା କରୁଥିଲେ।

# ତିନି ଦୁର୍ଦ୍ଧାନ୍ତ ସାଇବର ଠକ ଗିରଫ



ଅନୁଗୋଳ, ୨୧।୨(ସମିସ): ଫ୍ରଡ ଡିଜିଟାଲ ୱାଲେଟ ତଥା ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଶ ସାରା ଏକାଧିକ ଲୋକଙ୍କୁ ଚୂନା ଲଗାଇଥିବା ତିନିଜଣ ଅପରାଧୀଙ୍କୁ ଅନୁଗୋଳ ପୁଲିସ ଗିରଫ କରିଛି। ଗୋଇନ୍ଦା ସଂସ୍ଥାର ସୂଚନା ଏବଂ ଅନୁଗୋଳ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପୁଲିସର ସାଇବର ବିଶେଷଜ୍ଞ ଏବଂ ଅନ୍ୟମାନଙ୍କୁ ନେଇ ଗଠିତ ଟିମ୍ ସାଇବର ଠକେଇର କିଙ୍ଗପିନଙ୍କୁ ଧରିଛନ୍ତି। ଅନୁଗୁଳର ଆଇଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲି ଏମାନେ ଲୋକଙ୍କୁ ଠକୁଥିଲେ। ଏମାନଙ୍କ ଆକାଉଣ୍ଟ ମାଧ୍ୟମରେ ଏକ କୋଟି ୬୮ ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି।

ଅଭିଯୁକ୍ତମାନେ ହେଲେ ସଙ୍କି ଅଗ୍ରୱାଲ, ସବ୍ୟସାଚୀ ପ୍ରଧାନ ଓ ସମ୍ବିତ ଶେଠ୍। ଅନୁଗୋଳ ଆଇଆଇସି ପ୍ରକାଶଚନ୍ଦ୍ର ମାଝୀ ଏବଂ ଅତିରିକ୍ତ ଆଇଆଇସି ଅରୁଣ ଖିଲାରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏମାନଙ୍କୁ ଠାବ କରି କାବୁ କରିଥିଲେ।



ଅନୁଗୋଳ ଲିଙ୍ଗରାଯୋଡ଼ି ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବିଶାଳ କଳସ ଯାତ୍ରା

## ଦୁର୍ଘଟଣାରେ ଯୁବକ ମୃତ

କାମାକ୍ଷାନଗର,୨୧।୨(ସମିସ): କଙ୍କଡାହାଡ଼ ଥାନା ମରୁଆବିଲ ପଞ୍ଚାୟତ ଅନ୍ତର୍ଗତ ରାଣା ପୂର୍ଣ୍ଣୀ (୧୮)ଙ୍କ ସନ୍ଧ୍ୟା ୭ଟା ସମୟରର ଅଜଣା ଗାଡ଼ି ଧକ୍କାରେ ପରଲୋକ ଘଟିଛି। ଶ୍ରୀ ପୂର୍ଣ୍ଣୀ ବିରାଶାଳରୁ ନିଜ ଗ୍ରାମ ସାରିଅକୁ ଫେରୁଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଯୁବକ ଜଣଙ୍କ ରାସ୍ତାରେ ପଡ଼ିଥିଲା ବେଳେ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା କାମାକ୍ଷାନଗର ଉପଖଣ୍ଡ ମେଡ଼ିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ କଙ୍କଡାହାଡ଼ ପୁଲିସ ତଦନ୍ତ ଜାରି ରଖିଛି।

## କୋଶଲାରେ ଭ୍ରାତୃହତ୍ୟା

ଛେଣ୍ଡିପଦା,୨୧।୨(ସମିସ): ଛେଣ୍ଡିପଦା ଥାନା କୋଶଲା ବହିଆଲିସାହି ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ପାରିବାରିକ ଶତ୍ରୁତା ଏବଂ ଜମିବାଡ଼ି ସମସ୍ୟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି। ବିଳମ୍ବିତ ରାତିରେ କେହି ଘରେ ନଥିବା ବେଳେ ସୁଗ୍ରୀବ ପ୍ରଧାନ ଶୋଇଥିବା ଅବସ୍ଥାରେ ତାଙ୍କୁ ଦାଦା ପୁଅ ସମ୍ପର୍କୀୟ ଭାଇ ସୁଶାନ୍ତ ପ୍ରଧାନ ବୀଭତ୍ସ ଭାବେ ହତ୍ୟା କରିଥିବା ପୁଲିସ ନିକଟରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ଛେଣ୍ଡିପଦା ଥାନା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତକଙ୍କ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏଥିସହ ହତ୍ୟାକାରୀ ଅଭିଯୁକ୍ତ ସୁଶାନ୍ତ କୁମାର ପ୍ରଧାନଙ୍କୁ ପୁଲିସ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଥାନା ସମ୍ମୁଖ ରାସ୍ତାରେ ପାର୍କିଂ

ତାଳଚେର, ୨୧।୨(ସମିସ): ତାଳଚେର ଥାନା ସମ୍ମୁଖ ରାସ୍ତା ଜବରଦଖଲ ହେଉଛି। ଏହାକୁ ପାର୍କିସ୍ଥଳ ଭାବେ ବ୍ୟବହାର କରାଯାଉଛି। କେବଳ ରବିବାର ଦିନଟି ଛାଡିଦେଲେ ଆଉ ଛଅ ଦିନ ଏହି ରାସ୍ତାଟି ଗହଳ ଚହଳ ହୋଇଥାଏ। ସେହି ରାସ୍ତାଦେଇ ଛୋଟ ଛୋଟ ପିଲା ଟିଉସନ୍, ସ୍କୁଲ, କଲେଜ, ମାର୍କେଟ, ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଲୋକମାନେ ଯାତାୟତ କରୁଛନ୍ତି। ଏହି ଅଫିସ୍ ସମ୍ମୁଖ ବା କାର୍ଯ୍ୟାଳୟର ୨ଶହ ମିଟର୍ ପର୍ଯ୍ୟନ୍ତ ଗାଡିଗୁଡିକ



ଏଣେତେଣେ ମନଇଚ୍ଛା ପାର୍କିଙ୍ଗ କରୁଥିବା ଯୋଗୁଁ ରାସ୍ତାଟି ଏକପ୍ରକାର ସଂକୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇଯାଉଛି। କିଛି ବ୍ୟକ୍ତି କାର୍ଯ୍ୟାଳୟକୁ ବିଭିନ୍ନ କାମନେଇ ଆସୁଥିବା ବେଳେ ଏମାନେ ନିଜର ଗାଡିଗୁଡିକ କାର୍ଯ୍ୟାଳୟ ସମ୍ମୁଖରେ ରଖୁଥିବା ମଧ୍ୟ ଦେଖାଯାଇଛି। ଏଠି କଥା ଆସେକି, ପ୍ରଶାସନ ପକ୍ଷରୁ ପାର୍କିଙ୍ଗ କରିବାକୁ ନେଇ ଅନ୍ୟ ଲୋକଙ୍କୁ ତାଗିଦ୍ କରୁଥିବା ବେଳେ ଖୋଦ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗାମୀ ଦେଶର ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ ପାଠ ଅଧ୍ୟୟନ କରିବା ସମୟ ଓ ଘରକୁ ଫେରିବା ସମୟରେ ପାର୍କିଙ୍ଗ ହେତୁ ଏହି ରାସ୍ତାଟି ସଙ୍କୁଚିତ ହେଉଥିବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ଦେଖାଦେବା ସହ ଯାତାୟତରେ ବାଧା ଉପୁଜୁଛି ବୋଲି ଅଭିଭାବକ ମହଲରେ ଏହାକୁ ନେଇ ଘୋର ନିନ୍ଦା କରାଯାଇଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଧ୍ୟାନଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ସଚେତନତା

କିଶୋରନଗର, ୨୧।୨(ସମିସ): ବିଶ୍ୱ ଯୁବ କେନ୍ଦ୍ର, ବଣିନଳି, ଅନୁଗୋଳ ପକ୍ଷରୁ "ଆକ୍‌ସେସ ଟୁ ଜଷ୍ଟିସ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର କିଶୋରନଗର ବ୍ଲକ୍ ଉରୁକୁଳା ପଞ୍ଚାୟତର



ସତପେରେଡିଆ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନବାଡ଼ି, କିଶୋରୀ, କିଶୋରୀଙ୍କ ଉପସ୍ଥିତିରେ ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ଆଦି ପ୍ରସଂଗର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଭାରତୀୟ ଆଇନ ଅନୁଯାୟୀ ବାଲ୍ୟ ବିବାହର ଦଣ୍ଡ ବିଧାନ ଓ ନିୟମାବଳି ଏବଂ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ପରିଚାଳନା ବିଶ୍ୱଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ସଭା ପରିଚାଳନା କରିଥିଲେ।

## ତାଳଚେର ବାୟୁ ପ୍ରଦୁଷଣ; ଜବାବ୍ ମାଗିଲେ ଏନ୍‌ଜିଟି

ତାଳଚେର ସହର, ୨୧।୨ (ସମିସ): କଳାହୀରାର ସହର ତାଳଚେରର ବାୟୁର ଗୁଣବତ୍ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ ରାଜକିଶୋର ସାହୁ। ଶ୍ରୀ ସାହୁ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାର ଗୁରୁତ୍ୱକୁ ବିଚାରକୁ ନେଇ ୧୬ ତାରିଖରେ ସମସ୍ତ ପକ୍ଷକୁ ଜବାବ୍ ତଲବ କରିଛନ୍ତି। ପରବର୍ତ୍ତୀ ତାରୀଖ ୧୬ ଅପ୍ରେଲକୁ ଧାର୍ଯ୍ୟ କରାଯାଇଛି। ଏମସିଏଲ୍, ଓଡ଼ିଶା ସରକାର, ସିପସିବି, ଅନୁଗୁଳ ଜିଲ୍ଲାପାଳ, ପୂର୍ବତଟ ରେଳପଥ, ପ୍ରଦଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, କେବଳ ତାଳଚେରରେ ଚଳିତ ଆର୍ଥିକ ବର୍ଷରେ ମହାନଦୀ କୋଲ୍ ଲିମିଟେଡ୍ ବାର୍ଷିକ ୧୨୫ ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ତାଳଚେର କୋଇଲା କ୍ଷେତ୍ର ୫୦୦ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ଓ ଏହା ଦେଶର ସବୁଠାରୁ ବୃହତ୍ କୋଇଲା ଭଣ୍ଡାର ଅଟେ। ଗତ ୨୨ ଜାନୁଆରୀ ୨୦୨୫ ତାରିଖରେ ତାଳଚେରର ଏକ୍ୟୁଆଇ ୩୧୨ ପଏଣ୍ଟ ଥିଲା ବେଳେ ତାହା ଭାରତର ଦ୍ୱିତୀୟ ସର୍ବୋଚ୍ଚ ପ୍ରଦୂଷିତ ସହର ମାନ୍ୟତା ଥିଲା। ୨୦୧୮ ମସିହାରୁ ନନ୍ ଆଟେନମେଣ୍ଟ ସିଟି ଭାବେ ସିପିସିବି ମାନ୍ୟତା ହାସଲ କରିଛି। ଏଭଳି ପରିସ୍ଥିତିରେ କୋଇଲା ଖଣିରୁ ପରିବାହନ ହେଉଥିବା କୋଇଲା ରେକ୍ ଓ ଗାଡ଼ିକୁ ପାଲ ଟାଣି ତାଙ୍କି ନେବାର ବ୍ୟବସ୍ଥା ଥିଲାବେଳେ ତାହାକୁ ଅନୁପାଳନ କରାଯାଉ ନାହିଁ।

## ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ୨୭ତମ ପୁଣ୍ୟତିଥି



ଅନୁଗୋଳ, ୨୧।୨(ସମିସ): ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ୨୭ତମ ପୁଣ୍ୟତିଥି ପଞ୍ଚମହଲାସ୍ଥିତ ରିମିଟ ମହାବିଦ୍ୟାଳୟରେ ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦ, ବାଣୀବିତାନ, ଅନୁଗୋଳ ତରଫରୁ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ କବି କୁମୁଦଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ବକ୍ତା ତଥା ପ୍ରଶାସକ ଡକ୍ଟର ଧରଣୀଧର ନାଥ ମୁଖ୍ୟଅତିଥି, ବାଗ୍ମୀ ପ୍ରଫେସର ଶାନ୍ତନୁ କୁମାର ସାର ମୁଖ୍ୟବକ୍ତା, ଅନଗୁଳ ଜିଲ୍ଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଏବଂ ପରିଚାଳନା ବିଭାଗର ମୁଖ୍ୟ ମିତ୍ରଭାନୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତି ସଂସଦର ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ମନୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କବି ପୌତ୍ର ଆଲୋକ ଗଡ଼ନାୟକ ଓ ପୁଲକ ଗଡ଼ନାୟକଙ୍କ ସମେତ ସ୍ଥାନୀୟ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏଥିସହ ସକାଳ ୮ଟାରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖସ୍ଥିତ ରାଧାମୋହନ ଗଡ଼ନାୟକ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ବନାଗ୍ନି ନିୟନ୍ତ୍ରଣ ପାଇଁ ମକ୍‌ଡ୍ରିଲ୍

ଅନୁଗୋଳ, ୨୧।୨(ସମିସ): ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ବଣନିଆଁକୁ ପ୍ରତିହତ କରିବା ପାଇଁ ଅନୁଗୋଳ ବନଖଣ୍ଡ ପକ୍ଷରୁ ଏକ ବ୍ୟାପକ ସଚେତନତା ଓ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଯାଇଛି। ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ଅଭ୍ୟାସ କାର୍ଯ୍ୟକ୍ରମ ବିଭାଗର ସମସ୍ତ ରେଞ୍ଜ୍‌ରେ ଆୟୋଜିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଅନୁଗୋଳ ବନଖଣ୍ଡର ସମସ୍ତ ରେଞ୍ଜ ଅଫିସର, ଅଗ୍ନିଶମ ବାହିନୀ ଅଧିକାରୀ, ବନପାଳ, ବନରକ୍ଷୀ, ଗଜସାଥୀ, ଗଜମିତ୍ର ଏବଂ ପ୍ରତ୍ୟେକ ରେଞ୍ଜର ବନ ଅଗ୍ନି ନିରୋଧ ସ୍କ୍ୱାଡ୍ ସାମିଲ ହୋଇଥିଲେ। ଏହା ମାଧ୍ୟମରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ଦ୍ରୁତ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଛି।

## ନବକୃଷ୍ଣ ଚୌଧୁରୀ ବିଏଡ୍ କଲେଜରେ ସ୍ୱାସ୍ଥ୍ୟ ସଚେତନତା

ଅନୁଗୋଳ, ୨୧।୨ (ସମିସ): ଅନୁଗୋଳର ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ନବକୃଷ୍ଣ ଚୌଧୁରୀ ବିଏଡ କଲେଜରେ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେତନା ମିଶନର ପ୍ରତିଷ୍ଠାତ୍ରୀ ବାଣୀ ଦେବ ଉଭୟ କର୍ମଶାଳା ସମ୍ପର୍କରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସଖି' ମାଧ୍ୟମରେ ନାଲକୋ ଡାକ୍ତରଖାନାର ଅବସରପ୍ରାପ୍ତ ଡାକ୍ତର ସୁଷମା ଚୌଧୁରୀଙ୍କ ଦ୍ୱାରା ଛାତ୍ରୀମାନଙ୍କ ନିମନ୍ତେ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ଦ୍ୱାରା ସେ ବୁଝାଇଥିଲେ ଯେ ମାସିକ ଋତୁସ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ ପ୍ରସ୍ତୁତି ଓ ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା। ଋତୁସ୍ରାବ ସମୟରେ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଉପଚାର ବିଷୟରେ ଆଲୋଚନା କରାଯାଇଥିଲା। ଛାତ୍ରୀମାନେ ନିଜର ସମସ୍ତ ସନ୍ଦେହ ଦୂର କରିଥିଲେ। କଲେଜର ଅଧ୍ୟକ୍ଷା ଦ୍ରୌପଦୀ ପଟେଲ, ସ୍ୱାସ୍ଥ୍ୟ ଓ ସୁସ୍ଥତା କ୍ଲବର ସଂଚାଳିକା ଡ. ପ୍ଲାବନି ବଳ ଓ ମନ୍ଦାକିନୀ ବାରିକ ତଥା ଅନ୍ୟ ସମସ୍ତ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ।

## ଭୂଗର୍ଭ କୋଇଲା ଖଣି ପାଇଁ ଅସୁରକ୍ଷିତ ତାଳଚେର

ତାଳଚେର, ୨୧।୨(ସମିସ): ତାଳଚେର ଭୂଗର୍ଭ କୋଇଲା ଖଣି ଯୋଗୁଁ ସହରବାସୀ ନିଜର ଧନଜୀବନ ନେଇ ଏବେ ଆଶା ଆଶଙ୍କାରେ କାଳତିପାତ କରୁଛନ୍ତି। କେତେବେଳେ କେଉଁ ସମୟରେ ଯେ ଅଘଟଣ ଘଟିବ ସେହି ଚିନ୍ତା ଅଞ୍ଚଳବାସୀଙ୍କୁ ଘାରୁଛି। ବିଗତ ଦିନଗୁଡିକରେ ଅନେକ ସ୍ଥାନ ଦବିଯିବା, ଗର୍ତ୍ତ ସୃଷ୍ଟି ହେବା, କାନ୍ଥ ଫାଟିବା ଘଟଣାମାନ ଲୋକଙ୍କ ଅଶଙ୍କାକୁ ଘନୀଭୂତ କରିଛି। ନିୟମ ଅନୁଯାୟୀ, ଭୂଗର୍ଭ କୋଇଲା ଖଣିରୁ କୋଇଲା ଉତ୍ତୋଳନ ପରେ ଆବଶ୍ୟକ ବାଲି ଭର୍ତ୍ତି କରାଯିବା କଥା କିନ୍ତୁ ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ ଏଭଳି ଘଟଣାମାନ ଘଟୁଛି ବୋଲି ବାରମ୍ବାର ସହରବାସୀ ଅଭିଯୋଗ କରୁଛନ୍ତି। ତାଳଚେର କୋଇଲା ଖଣି ଅନ୍ତର୍ଗତ ଚମ୍ପାପଶି, ଡ?ରା, ନନ୍ଦିରା, ଦେଉଳବେଡା, ହାଣ୍ଡିଧୂଆଁ ଭୂଗର୍ଭ କୋଇଲା ଖଣି ଅଟେ। ତେବେ ଏଥିମଧ୍ୟରୁ ହାଣ୍ଡିଧୂଆଁ, ଦେଉଳବେଡା ଓ ଚମ୍ପାପଶି ଖଣି ଗୁଡିକ ଉପରେ ସହର ଜନବସତି ଗଢ଼ି ଉଠିଛି। ୧୯୨୧ରୁ ଭିଲିୟର୍ସ ନାମକ କୋଇଲା ଖଣି ପ୍ରଥମେ ତାଳଚେର ହାଣ୍ଡିଧୂଆଁ କୋଇଲା ଖଣିକୁ ଶୁଭାରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ଦେଶର କୋଇଲା ଖଣି ଜାତୀୟକରଣ ହେବାପରେ ଏହି ଖଣି ଗୁଡିକୁ କୋଇଲା ଉତ୍ତୋଳନ କରି ବେଶ ଲାଭବାନ୍ ହୋଇଥିଲେ। ଦେଶରେ କୋଇଲାର ଚାହିଦା ବୃଦ୍ଧି ପାଇବାରୁ ଅଧିକ କୋଇଲା ଉତ୍ପାଦନ ନିମନ୍ତେ ଭୂଗର୍ଭ କୋଇଲା ଖଣି ପରିବର୍ତ୍ତେ ପୋଖରୀଆ କୋଇଲା ଖଣିର ପରିକଳ୍ପନା କରାଯାଇ କାର୍ଯ୍ୟକ୍ଷମ ହେଲା। ଏହି ସମୟରେ ଭୂଗର୍ଭର କୋଇଲା ଶେଷ ହୋଇବସିବା ବେଳେ ଏହାକୁ ବନ୍ଦ କରି ଦିଆଯାଇଥିଲା। ଚମ୍ପାପଶି ଓ ଦେଉଳବେଡ଼ା କୋଇଲା ଖଣି ଯୋଗୁଁ ସହରରେ ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବାରୁ ଅଞ୍ଚଳବାସୀ ବ୍ୟାପକ ଜନଆନ୍ଦୋଳନ କରିଥିଲେ। ଲିଙ୍ଗରାଜ ରୋଡ୍, ହାଣ୍ଡିଧୂଆଁ, ବାଇପାସ୍, ହାଟତୋଟା, ନବମିଶ୍ର କଲୋନୀ ଓ ତାଳଚେର ଟାଉନ ଥାନା ସମ୍ମୁଖରେ ଏହି ମାଟି ଦବି ଗର୍ତ୍ତ ସୃଷ୍ଟି ହୋଇଥିଲା। ଭୂଗର୍ଭର କୋଇଲା ଖଣି ଯୋଗୁଁ ଏପରି ମାଟି ଦବିବା ଘଟଣା ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା ବେଳେ ଏମସିଏଲର ଖଣି କାର୍ଯ୍ୟ ଯୋଗୁଁ ଏହି ମାଟି ଦବିବା ଘଟଣା ହୋଇ ନାହିଁ, ଭୂତଳ ଖଣିରେ ବୋର୍ଡ ଓ ପିଲାର୍ ପ୍ରଣାଳୀ କାର୍ଯ୍ୟ ହୋଇଥାଏ ବୋଲି ଏମସିଏଲ କହିଥିଲେ ମଧ୍ୟ ଏହା ଅଞ୍ଚଳବାସୀଙ୍କୁ ସନ୍ତୁଷ୍ଟ କରିପାରି ନଥିଲା। ଏଥିଯୋଗୁଁ ତାଳଚେର ବନ୍ଦ ପାଳନ କରାଯିବା ସହିତ ପ୍ରତିବାଦ କରାଯାଇଥିଲା। ତେବେ ତାଳଚେର ଭୂକମ୍ପନ ଜୋନରେ ଆସୁଥିବାରୁ ଭୂ-ତଳ କୋଇଲା ଖଣିଗୁଡିକରେ ଆବଶ୍ୟକ ବାଲି ଭର୍ତ୍ତିକରି ଅଂଚଳବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ ହୋଇପଡ଼ିଛି ବୋଲି ବୁଦ୍ଧିଜିବୀ ମହଲରେ ମତ ପାଉଛି।

## ନୂତନ ଥାନାଧିକାରିଣୀଙ୍କ ଯୋଗଦାନ



କଣିହାଁ, ୨୧।୨(ସମିସ): କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଡ୍ୟାମ ସାଇଟ ଥାନାରେ ନୂତନ ଥାନାଧିକାରୀ (ଆଇଆଇସି) ଭାବେ ଚଞ୍ଚଳା ନାୟକ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ତାଳଚେର ଥାନାରେ ଆଡିସନାଲ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ଏପର୍ଯ୍ୟନ୍ତ ରେଙ୍ଗାଳି ଆଇଆଇସି ଥିବା ଶ୍ୟାମଲାଲ ଓରାମଙ୍କର ତାଳଚେର ଥାନାକୁ ବଦଳି ହୋଇଥିବା ସୂଚନା ମିଳିଛି। ମାସେ ଭିତରେ ତିନିଜଣ ଆଇଆଇସିଙ୍କ ବଦଳିକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ନୂତନ ଆଇଆଇସି ଶ୍ରୀମତୀ ନାୟକ କହିଛନ୍ତି ଯେ ଅଞ୍ଚଳରେ ମହିଳା ସୁରକ୍ଷା ସହ ଶାନ୍ତିଶୃଙ୍ଖଳା ରକ୍ଷାକୁ ସେ ପ୍ରାଥମିକତା ଦେବେ। ଏହାସହ ଶିଶୁ ସୁରକ୍ଷା, ଟ୍ରାଫିକ ସମସ୍ୟାର ସମାଧାନ ଓ ମଦ୍ୟପ ଚାଳକଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜିଲ୍ଲା କାର୍ଯ୍ୟାଳୟର ପ୍ରଥମ ବଡ଼ବାବୁଙ୍କ ପରଲୋକ



ଅନୁଗୋଳ, ୨୧।୨(ସମିସ): ଅମଲାପଡ଼ା ନିବାସୀ ତଥା ଅନୁଗୋଳ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟର ପ୍ରଥମ ବଡ଼ବାବୁ ମୋହନଚନ୍ଦ୍ର ଦେବତାଙ୍କର ୯୦ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁ ସମୟରେ ତାଙ୍କର ସମସ୍ତ ପୁତ୍ର, କନ୍ୟା ନାତିନାତୁଣୀ ସହ ପୁତୁରା ଅନୁଗୋଳର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା ଉପସ୍ଥିତ ଥିଲେ। ସେ ଅମଲାପଡ଼ାର ରାଧାକୃଷ୍ଣ ମନ୍ଦିର, ଅମଲାପଡ଼ା ପୂଜା କମିଟି, ଅନୁଗୋଳ ଭାଗବତ ପାରାୟଣ କମିଟି, ଜଗନ୍ନାଥ ମନ୍ଦିର ଭଳି ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁରେ ଅମଲାପଡ଼ା ତଥା ସହରରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇବା ପରେ ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ପୂର୍ବତନ ନଗରପାଳ ଶକ୍ତିପ୍ରସାଦ ପଟ୍ଟନାୟକ, ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ, ବର୍ତ୍ତମାନର ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ବ୍ଲକଅଧ୍ୟକ୍ଷ ପ୍ରିୟଦର୍ଶୀ ପଟ୍ଟନାୟକ, ପୂର୍ବତନ ସାଂସଦ ମହେଶ କୁମାର ସାହୁ, ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି ସୁରେଶଚନ୍ଦ୍ର ସାହୁ ଶୋକ ବ୍ୟକ୍ତ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ଅନ୍ତ୍ୟୋଷ୍ଟି କ୍ରିୟା ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି।




# ପାଉଁଶ ରାସ୍ତା ପ୍ରଶସ୍ତୀକରଣକୁ ନେଇ ହଟିଙ୍ଗ ଅଧିବାସୀଙ୍କ ଆଶଙ୍କା



କଣିହାଁ, ୨୧।୨(ସମିସ): ଟୋଲକାବେଡ଼ା ମୁଣ୍ଡା ହଟିଙ୍ଗ ରାସ୍ତାକୁ ପାଉଁଶ ପରିବହନ ପାଇଁ ପ୍ରଶସ୍ତୀକରଣ କରିବା ଉଦ୍ଦେଶ୍ୟରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ହଟିଙ୍ଗ ଅଧିବାସୀ ଆଶଙ୍କା ପ୍ରକଟ କରିଛନ୍ତି। ଏ ସଂକ୍ରାନ୍ତରେ କଣିହାଁ ସରପଞ୍ଚ ଗଂଜିତା ବେହେରାଙ୍କ ନେତୃତ୍ୱରେ ଏନଟିପିସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାସହ ଅନୁଗୁଳ ଜିଲ୍ଲାପାଳଙ୍କୁ ଏହାର ଏକକିତା ନକଲ ଦିଆଯାଇଛି। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ପ୍ରାୟ ପାଞ୍ଚ ଶହ ପରିବାର ଦିନମଜୁରିଆ ଭାବେ ବସବାସ କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ସ୍ଥାନୀୟ ଖଣି ଓ ଅନ୍ୟାନ୍ୟ କାମକାର୍ଯ୍ୟ ଉପରେ ନିର୍ଭରଶୀଳ। ଯଦି ପାଉଁଶ ପରିବହନ ରାସ୍ତା ପ୍ରଶସ୍ତୀକରଣ ନାମରେ ପ୍ରାୟ ୫୦୦ ବାସଗୃହ ଓ କିଛି ଦୋକାନ ଗୃହ ଉଚ୍ଛେଦ କରାଯାଏ, ତେବେ ପ୍ରାୟ ୨୫୦୦ ଲୋକ ଦୈନନ୍ଦିନ ରୋଜଗାର ହରାଇ ଗୁରୁତର ଆର୍ଥିକ ସଙ୍କଟରେ ପଡ଼ିବେ। ବାସଗୃହହୀନ ହେବାର ସମ୍ଭାବନା ରହିଛି ବୋଲି ଅଧିବାସୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସରପଞ୍ଚ ଗଂଜିତା ବେହେରା କହିଛନ୍ତି, ପୁନର୍ବାସ ଓ ଯଥୋଚିତ ପ୍ରତିକ୍ଷପୂରଣ ବ୍ୟବସ୍ଥା ବିନା କୌଣସି ପରିସ୍ଥିତିରେ ଉଚ୍ଛେଦ ଗ୍ରହଣଯୋଗ୍ୟ ହେବ ନାହିଁ। ପ୍ରଶାସନ ଏହି ମାମଲାରେ ସମ୍ବେଦନଶୀଳ ଭାବେ ବିଚାର କରି ତତ୍କାଳ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି।

## ୨୫ରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ

କେନ୍ଦ୍ରାପଡ଼ା,୨୧।୨(ସମିସ): ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଆସନ୍ତା ୨୫ ତାରିଖରେ ଆୟୋଜିତ ହେବ ବୋଲି ଆଜି




ଅପରାହ୍ନରେ ଜାତୀୟ ସେବା ଯୋଜନା ଓ ମୁଁ ଭାରତ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର, ମୁଁ ଭାରତ-ଯୁବ ଭାରତର ଯୁବ କାର୍ଯ୍ୟକ୍ରମ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଓ ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଯୋଗଦେଇ ୟୁଥ ପାର୍ଲାମେଣ୍ଟ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ୟୁଥ୍ ପାର୍ଲାମେଣ୍ଟରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ୧୫ରୁ ୨୫ ବର୍ଷ ବୟସ୍କ ଇଚ୍ଛୁକ ଯୁବକ ଯୋଗଦେବେ। 'ବିକଶିତ ଭାରତ ୧୦୦ ଓ ଗଣତନ୍ତ୍ରର ୫୦ ବର୍ଷ' ବିଷୟବସ୍ତୁକୁ ଆଧାର କରି ଆଲୋଚନା ସହିତ ଏକ ଛାୟା ସଂସଦ ପ୍ରକ୍ରିୟା ଆୟୋଜିତ ହେବ। ଏଥିରେ ଜୁରୀ ସଦସ୍ୟ ଅଂଶଗ୍ରହଣ କରି ପ୍ରତିଯୋଗୀଙ୍କ ଦକ୍ଷତା ଓ ଉପସ୍ଥାପନାକୁ ବିଚାର କରିବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ୟୁଥ ପାର୍ଲାମେଣ୍ଟରେ ଅଂଶଗ୍ରହଣ କରିବେ। ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟାପିକା ରୁକ୍ମଣୀ ସାହୁ, ମନୋରଞ୍ଜନ ରାଉତ, ମୁଁ ଭାରତ କର୍ମୀ ଲକ୍ଷ୍ମୀକାନ୍ତ ଜେନା ଓ କର୍ମଚାରୀ ଅଶୋକ ମଲିକ, କିସନ ନିମାଇ ଓ ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା କେନାଲ ପାଲଟିଛି ଡମ୍ପିଂୟାର୍ଡ

# ପୂତିଗନ୍ଧମୟ ପରିବେଶ; ଲୋକେ ଅତିଷ୍ଠ

ଡେରାବିଶ,୨୧।୨(ସମିସ)

ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲ୍ ଏବେ ପାଲଟିଛି ଡମ୍ପିଂୟାର୍ଡ। କେନ୍ଦ୍ରାପଡ଼ା କେନାଲର ଦାନପୁର ଲକର ଉପର ମୁଣ୍ଡରେ କେନାଲ୍ ଭିତରେ ଗତ କିଛିଦିନ ଧରି କେହି ଟ୍ରିପ୍ ଟ୍ରିପ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ବ୍ୟବହୃତ ସାନିଟାରି ନାପକିନ୍, ହଗିସ୍ ଓ ଥର୍ମୋକୁଲ୍ ବ୍ୟବହୃତ ପାତ୍ର ଆଦି ଆବର୍ଜନା ପକାଉଥିବା ଦେଖିବାକୁ



ମିଳିଛି। କେନାଲ୍‌ରେ ଥିବା ସ୍ୱଳ୍ପ ପାଣିରେ ଏହି ବର୍ଜ୍ୟବସ୍ତୁ ପଡ଼ି ଦୁର୍ଗନ୍ଧ ହେଉଛି। ଏହି ଦୁର୍ଗନ୍ଧ ଫଳରେ କେନାଲର ଉଭୟ ପାଶ୍ୱର୍ ରାସ୍ତାରେ ଯାଉଥିବା ଯାତ୍ରୀ ଅସ୍ୱାସ୍ଥ୍ୟକର ଓ ଦୁର୍ଗନ୍ଧମୟ ପରିବେଶ ଅନୁଭବ କରୁଛନ୍ତି। ଏହାପରେ ବର୍ଷା କିମ୍ବା କେନାଲରେ ପାଣି ଆସିଲେ ଏଗୁଡ଼ିକ ପଚି କେବଳ ଏହି ଅଞ୍ଚଳ ନୁହେଁ, କେନାଲ୍ ପାଣି ଯାଉଥିବା ଅଞ୍ଚଳକୁ ପ୍ରଦୂଷିତ କରିବ। ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଛି ଏକ ସାମାଜିକ ସଂସ୍ଥା ପକ୍ଷରୁ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଗହଗାଠାରେ ଥିବା ଡମ୍ପିଂୟାର୍ଡକୁ ଏହି ବର୍ଜ୍ୟବସ୍ତୁ ନେବା ବଦଳରେ କର୍ମଚାରୀମାନେ କେନ୍ଦ୍ରାପଡ଼ା କେନାଲ୍‌ରେ ଫୋପାଡ଼ି ଦେଉଛନ୍ତି। ଯଦି ଏହା ସତ୍ୟ ହୋଇଥାଏ, ତେବେ ସଂସ୍ଥାର କର୍ମକର୍ତ୍ତାଙ୍କୁ ଏହି ବର୍ଜ୍ୟବସ୍ତୁକୁ କେନ୍ଦ୍ରାପଡ଼ା କେନାଲ୍‌ରେ ନ ପକାଇବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ପରାମର୍ଶ ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୨୧।୨(ସମିସ): ପଟ୍ଟାମୁଣ୍ଡାଇ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଶିବିରକୁ ଉଦଘାଟନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ଓ କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ସାମ୍ପ୍ରତିକ ସମୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ଏକାନ୍ତ ଜରୁରୀ ହୋଇଥିବାରୁ ଆତ୍ମରକ୍ଷା ପ୍ରଶିକ୍ଷଣ ସେମାନଙ୍କ ମନୋଭାବ ଓ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ନିୟୋଜିତ ପ୍ରଶିକ୍ଷିକା ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଓ ପ୍ରୟୋଗିକ ଅଭ୍ୟାସ କରାଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଚିନ୍ମୟ ସାମଲ ଧନ୍ୟବାଦ ଦେଇଥିଲେ।

## କସ୍ତୁରୀ କଳା ନିକେତନ ପକ୍ଷରୁ ଦିବାକର ବିଶ୍ୱାଳଙ୍କ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ,୨୧।୨(ସମିସ): କସ୍ତୁରୀ କଳା ନିକେତନ ପକ୍ଷରୁ ବିଶିଷ୍ଟ ସ୍ତମ୍ଭକାର, ଶିକ୍ଷକ ନେତା, ନାଟ୍ୟକାର, ସାହିତ୍ୟିକ ଦିବଂଗତ



ଦିବାକର ବିଶ୍ୱାଳଙ୍କ ୯୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଦିବାକର ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠିତ କସ୍ତୁରୀ କଳା ନିକେତନରେ ଆୟୋଜିତ ଜୟନ୍ତୀ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, କବି ସଚିତ୍ର ବେହୁରା, କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନା, ସମ୍ପାଦକ କୃପାସିନ୍ଧୁ ନାୟକ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ବିଦ୍ୟୁତ ଉପଭୋକ୍ତା ମଞ୍ଚ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଆଡଭୋକେଟ ପ୍ରମୋଦ ସାହୁ, ଇଂ ତପନ ପାତ୍ର, ଶିକ୍ଷକନେତା ବିଜୟ ସାହୁ, ନବକିଶୋର ପଣ୍ଡା, ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ, ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ, ଡା ଅଲେଖ ଶର୍ମା, କବି ଅନୀଲ ଚୌଧୁରୀ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିବସ

# ଇଂରାଜୀ ବିଷୟରେ ୩୫୮ ଅନୁପସ୍ଥିତ

କେନ୍ଦ୍ରାପଡ଼ା,୨୧।୨(ସମିସ): ଚଳିତବର୍ଷ ବାର୍ଷିକ ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିବସରେ କେନ୍ଦ୍ରାପଡା ଜିଲ୍ଲାରେ ଇଂରାଜୀ ବିଷୟର ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ୧୯ ହଜାର ୮୨୫ ଜଣ ପରୀକ୍ଷାର୍ଥୀ ଇଂରାଜୀ ପରୀକ୍ଷା ଦେବାକୁ ନାମଭର୍ତ୍ତି କରିଥିବାବେଳେ ୧୯ ହଜାର ୪୬୭ ଜଣ ପରୀକ୍ଷାରେ ଯୋଗ ଦେଇଥିଲେ। ୩୫୮ ଜଣ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ନିୟମିତ ବିଭାଗର ୧୯ ହଜାର ୨୮୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ହଜାର ୫ ଜଣ ପରୀକ୍ଷା ଦେଇଥିବାବେଳେ ୨୭୬ ଜଣ ଅନୁପସ୍ଥିତ ଥିଲେ। ସେହିପରି ମଧ୍ୟମାରେ ୨୬୩ ଜଣ ମଧ୍ୟରୁ ୨୧୬ ଜଣ ପରୀକ୍ଷା ଦେଇଥିଲେ ଓ ୪୭ ଜଣ ଅନୁପସ୍ଥିତ ଥିଲେ। ଓପନ ସ୍କୁଲ ବିଭାଗରେ ୨୮୧ ଜଣ ପରୀକ୍ଷାର୍ଥୀ ନାମଭର୍ତ୍ତି କରିଥିବାବେଳେ ୨୪୬ ଜଣ ପରୀକ୍ଷା ଦେଇଥିଲେ ଓ ୩୫ ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଶୃଙ୍ଖଳାପୂର୍ଣ୍ଣ ଓ ନିୟମାନୁସାରେ ସମ୍ପନ୍ନ ହୋଇଥିଲା। ପରୀକ୍ଷା ସମୟରେ କୌଣସି ପରୀକ୍ଷାର୍ଥୀ କପି କରୁଥିବା ଅଭିଯୋଗରେ ଧରାପଡି ନ ଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି।

## ଗୋଗୁଆରେ ଆର୍‌ଡି କାମକୁ ନେଇ ଅସନ୍ତୋଷ

# ଭଲ ରାସ୍ତାରେ ମରାମତି, ଖରାପକୁ ଅବହେଳା

ମହାକାଳପଡ଼ା,୨୧।୧(ସମିସ): ମହାକାଳପଡ଼ା ବ୍ଲକ ଗୋଗୁଆ ପଞ୍ଚାୟତ ଅଧୀନ ଗୋଗୁଆ ଗ୍ରାମର ଆରଡି ରାସ୍ତା ମରାମତି କାମକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ସ୍ଥାନରେ ରାସ୍ତା ଭଲ ଅବସ୍ଥାରେ ରହିଛି, ସେଠାରେ ମରାମତି କାମ କରାଯାଉଥିବାବେଳେ ଅତ୍ୟନ୍ତ ଖରାପ ଅଂଶକୁ ଅବହେଳା କରାଯାଉଛି। ଜେଇଙ୍କ ଉପସ୍ଥିତିରେ ମଝି ରାସ୍ତାରେ ନିର୍ମାଣ



ସାମଗ୍ରୀ ଖାଲି କରି କାମ କରାଯାଉଥିବାରୁ ଯାତାୟାତ ଅସୁବିଧା ହେଉଛି। ଗତ ତିନି ଦିନ ଧରି ରାସ୍ତା ମଝିରେ ମାଲ ପଡି ରହିଥିବାରୁ ଯାତାୟାତରେ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏଥିସହ ପାଣି ଯୋଗାଣ ପାଇଁ ଲଗାଯାଇଥିବା ମୋଟରରେ ତାର ସର୍ଟସର୍କିଟ୍ ଘଟି ନିକଟସ୍ଥ କୁଟାଗଦା ଜଳିଯାଇଥିବା ଅଭିଯୋଗ ମଧ୍ୟ ଆସିଛି। ଗ୍ରାମବାସୀ ଶୀଘ୍ର ଖରାପ ରାସ୍ତାର ସଠିକ୍ ମରାମତି କରିବା, ମଝି ରାସ୍ତାରୁ ସାମଗ୍ରୀ ହଟାଇବା ଓ ସୁରକ୍ଷାମୂଳକ ବ୍ୟବସ୍ଥା ନେବା ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।

## ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ



ଡେରାବିଶ, ୨୧।୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଦୁଇଦିନିଆ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରମୋଦ ମଲ୍ଲ ଓ ନୂଆପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରାଗ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସଚ୍ଚିକାନ୍ତ ମିଶ୍ର, ବିଆରସିସି ଦେବଦତ୍ତ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ଶରତ ଆଚାର୍ଯ୍ୟ, ଶିକ୍ଷକ ପ୍ରଶାନ୍ତ ଶତପଥୀ ଓ ଅଜୟ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରସ୍ତୁତ ବିଭିନ୍ନ ଶିକ୍ଷା ସାମଗ୍ରୀର ବ୍ୟବହାର ଓ ଶ୍ରେଣୀ କକ୍ଷରେ ଏହାର ଉପଯୋଗିତା ସମ୍ପର୍କରେ ମତ ରଖିଥିଲେ। ଶିକ୍ଷୟିତ୍ରୀ ରସିକାରାଣୀ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଡ଼ିଗଲା ଦୋକାନ ଘର

ରାଜକନିକା,୨୧।୨(ସମିସ):ରାଜକନିକା ଥାନା ଅନ୍ତର୍ଗତ ବରୁଣା ପଞ୍ଚାୟତର ବିଲବରୁଣା ଗାଁର ନିତ୍ୟାନନ୍ଦ ପାତ୍ରଙ୍କ ଦୋକାନ ଘର ଶୁକ୍ରବାର ଦିନ ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପୋଡ଼ିଯାଇଛି। ଫଳରେ ଲକ୍ଷ୍ୟାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ ସଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ନିତ୍ୟାନନ୍ଦଙ୍କୁ ସରକାରୀ ସାହାଯ୍ୟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମଞ୍ଚ କଳାକାର ଗଗନ ପାତ୍ରଙ୍କ ପରଲୋକ

ରାଜକନିକା,୨୧।୨(ସମିସ): ରାଜକନିକା ଅଞ୍ଚଳରେ ନିଜର ଅଭିନୟ ଚାତୁରୀ ପାଇଁ ଘରେ ଘରେ ପରିଚିତ ବରିଷ୍ଠ ମଞ୍ଚ କଳାକାର ତଥା ଘୋଡାନାଚ କଳାକାର ଗଗନ ପାତ୍ର (୬୩)ଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା



ଖେଳିଯାଇଛି। ଅଶୀ ଦଶକରେ ସ୍ୱର୍ଗତ ଗଗନ ଯାତ୍ରା ପାର୍ଟିରେ ନାରୀ ଚରିତ୍ରରେ ଅଭିନୟ ଓ ନୃତ୍ୟ କରି ସୁନାମ ସାଉଁଟିଥିଲେ। ପରବର୍ତ୍ତୀ ଅବସ୍ଥାରେ ଯାତ୍ରାରେ ମହିଳା କଳାକାରଙ୍କ ପ୍ରବେଶ ପରେ ସେ ଯାତ୍ରା ଜଗତରୁ ଫେରି ମୁମ୍ବାଇର ବଡ଼ ବଡ଼ ହୋଟେଲ ଓ ବାର୍‌ରେ ମହିଳା କଳାକାର ଭାବେ ନୃତ୍ୟ ପରିବେଷଣ କରି ପରିବାର ପ୍ରତିପୋଷଣ କରୁଥିଲେ। ଘୋଡା ନାଚକୁ ରାଜକନିକା ଅଞ୍ଚଳରେ ବଞ୍ଚାଇ ରଖିବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ଜନସଚେତନତା କରିଆସୁଥିଲେ ହେଁ ଏଭଳି ଜଣେ ଦକ୍ଷ କଳାକାରଙ୍କୁ କଳାକାର ଭତ୍ତା ନ ମିଳିବା ଅତ୍ୟନ୍ତ ପରିତାପର ବିଷୟ। ଆଜି ତାଙ୍କ ମରଶରୀର ନିଜ ଗାଁ ବର୍ତ୍ତନୀକୁ ଅଣାଯିବା ପରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ବେହେରା, ନାରୀନେତ୍ରୀ ପଦ୍ମାବତୀ ବ୍ରହ୍ମ, ରଞ୍ଜନ ପାଣି, ସଂଜୀବ ସାହୁ, ସମିତି ସଭ୍ୟ ଅମିତ ନାୟକ, ଯୁବନେତା ରତିକାନ୍ତ ନାୟକ ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୁଅ କୃଷ୍ଣଚନ୍ଦ୍ର ପାତ୍ର ବାହାରେ ରହୁଛନ୍ତି। ସେ ଆସୁଥିବାରୁ ଆସନ୍ତାକାଲି ଶେଷକୃତ୍ୟ କରାଯିବ।

## କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ ଘୋଷଣାକୁ ସ୍ୱାଗତ

ପଟ୍ଟାମୁଣ୍ଡାଇ,୨୧।୨(ସମିସ): ଓଡିଶାର ସର୍ବପୁରାତନ ଐତିହ୍ୟ ସମ୍ପନ୍ନ ସହର କେନ୍ଦ୍ରାପଡ଼ାରେ କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାରୁ ଜିଲ୍ଲାର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ ବୋଲି ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ଜିଲ୍ଲା ବିଜେପି ଉପସଭାପତି ଆଡଭୋକେଟ ଭାରତ ଭୂଷଣ ଦାସ, ବିଜେପି ନେତା ସୁରେଶ ସାହୁ, ମିଟୁ ମନୋଜ ନାୟକ, ଯୁବନେତା ପରେଶ ସାହୁ ଓ ଦଳିତ ନେତା ଆଡଭୋକେଟ ଶିଶିର ମଲିକ ପ୍ରକାଶ କରିବା ସହ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ଶ୍ରୀରାମ ସେନା ପକ୍ଷରୁ ଶିବାଜୀ ଜୟନ୍ତୀ



ରାଜନଗର,୨୧।୨(ସମିସ): ବନ୍ଧପଡ଼ା ପଞ୍ଚାୟତ ଦାଣ୍ଡିସ୍ଥ ହନୁମାନ ମନ୍ଦିର ପରିସରରେ ଶକ୍ତିଶାଳୀ, ଚମତ୍କାର ସାହସ ଓ ବୀରତ୍ୱର ପ୍ରତୀକ, କୁଶଳୀ ପ୍ରଶାସକ ତଥା ଧର୍ମ ପ୍ରତି ସମର୍ପିତ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଶ୍ରୀରାମ ସେନା ପକ୍ଷରୁ ପାଳନ କରାଯାଇଛି। ପ୍ରଥମେ ଶ୍ରୀରାମ ସେନା ପକ୍ଷରୁ ଶିବାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ବୀରତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରୀରାମ ସେନା ରାଜନଗର ନିର୍ବାଚନମଣ୍ଡଳୀ ସଭାପତି ସାରଦା ପ୍ରସାଦ ରାଉତ ଯୋଗଦେଇ ଆମେ ସମସ୍ତେ ଛତ୍ରପତି ଶିବାଜୀ ମହାରାଜା ଭଳି ହେବା ସହିତ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀରାମ ସେନାର ମୋତିଲାଲ ସାହୁ, ଆଶିଷ ମଲ୍ଲିକ, ଶୁଭକାନ୍ତ ପାତ୍ର, ଗଣେଶ ସାମଲ, ଶୁଭକାନ୍ତ ରାଉତ, ଆଲୋକ ବେହେରା, ପ୍ରକାଶ ପାତ୍ର, ବିଶ୍ୱରଞ୍ଜନ ଜେନା, ଜଗନ୍ନାଥ ନାୟକ, ପ୍ରକାଶ ବେହେରା, ପ୍ରତୀକ ସ୍ୱାଇଁ, ଚିତ୍ତରଞ୍ଜନ ମହାନ୍ତି, ସଞ୍ଜୟ ବେହୁରା, ଦୀପକ ବେହୁରା, ଦୀପକ କୁଣ୍ଡ, ନଳିନୀକାନ୍ତ ମହାନ୍ତି, ବାଦଲ ନାୟକ, ଅବକାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ମିଲର ନେଉଥିବା ଧାନ ଅଟକ ରଖିଲେ ଚାଷୀ

# ପୁଲିସ ଅଧିକାରୀ ବୁଝାଇବା ପରେ ମଣ୍ଡିରୁ ଗଲା ଧାନ

ପଞ୍ଚୁପାଣ୍ଡବ,୨୧।୨(ସମିସ)

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତିରୁ ମିଲର ମିଲ୍‌କୁ ନେଉଥିବା ଧାନକୁ ଅଟକ ରଖିଥିଲେ ଚାଷୀ। ଏହି ମଣ୍ଡିରେ ପ୍ରାୟ ମାସେ ହେଲା ଧାନ ପଡ଼ିରହିଥିବା ଅଭିଯୋଗ ହେଉଛି। ଶୁକ୍ରବାର ଏକ ମିଲର ଏହି ମଣ୍ଡିରୁ ଆଗରୁ ପଡ଼ିରହିଥିବା ଧାନ ନ ନେଇ ପଛରେ ଆସିଥିବା ଧାନକୁ ଗାଡ଼ିରେ ଭର୍ତ୍ତି କରାଯାଇଥିଲା।



କେତେକ ଚାଷୀ ଏକଜୁଟ ହୋଇ ମିଲର ଗାଡ଼ିକୁ ଅଟକାଇ ଥିଲେ। ଆମ ଧାନ ଆଗେ ଯିବା ପରେ ଏ ଗାଡି ପଛରେ ଯିବ ବୋଲି ଅଡି ବସିଥିଲେ। ଚାଷୀଙ୍କୁ ସରକାରୀ ନିୟମ ଅନୁସାରେ ଧାନ ଯିବ ବୋଲି କହିଥିଲେ ସୁଦ୍ଧା ଚାଷୀ ଗାଡ଼ିକୁ ଅଟକାଇ ରଖିଥିଲେ। ପରେ ଡେରାବିଶ ଥାନା ପୁଲିସ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିବାବେଳେ ଶନିବାର ସକାଳେ ମିଲ୍‌କୁ ଗାଡ଼ି ଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ମଣ୍ଡି ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ସରକାରଙ୍କ ନିୟମ ଅନୁସାରେ ଝୋଟ ଅଖାରେ ଥିବା ଧାନ ଯିବାର ବ୍ୟବସ୍ଥା କରାଯାଇଥିଲା। ପ୍ଲାଷ୍ଟିକ ଅଖା ବସ୍ତାରେ ଥିବା ଧାନ ଯିବାରୁ ଅସୁବିଧା ହେଉଥିବା କହିଛନ୍ତି। ତୁରନ୍ତ ପ୍ଲାଷ୍ଟିକ ଅଖାରେ ଥିବା ଧାନ ନେବା ସହ ଝୋଟ ଅଖା ବ୍ୟବସ୍ଥା କରାଯିବା ପାଇଁ ଶତାଧିକ ଚାଷୀ ଦାବି କରିଛନ୍ତି।




# ଇଂରାଜୀ ପରୀକ୍ଷାରେ ୮୫୯ ଛାତ୍ରଛାତ୍ରୀ ଅନୁପସ୍ଥିତ

**ମାଟ୍ରିକ୍ ପରୀକ୍ଷା**

ବାଲେଶ୍ୱର,୨୧।୨(ସମିସ)

ଚଳିତ ମାସ ୧୯ତାରିଖ ଠାରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି । ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏ ନେଇ ମୋଟ୧୮୩ଟି ସେଂଟରରେ ୩୨ହଜାର ୩୦୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ହଜାର ୫୪୭ଜଣ ପରୀକ୍ଷା ଦେଇଥିବା ବେଳେ ମୋଟ ୮୫୯ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ଆଜି ରେଗୁଲାର ଇଂରାଜୀ ପରୀକ୍ଷାରେ ମୋଟ ୩୦ ହଜାର ୪୯୧ଜଣ ଛାତ୍ରଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୮୮ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ସେହିପରି ମଧ୍ୟମା ପରୀକ୍ଷାରେ ୮୯୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୬୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୩୬ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଏସଓଏସସିରେ ୨୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୫ଜଣ ଅନୁପସ୍ଥିତ ରହିଛନ୍ତି । ଆଜି କୌଣସି ଛାତ୍ରଛାତ୍ରୀ ଏମପିରେ ବୁକ ହୋଇନଥିବା ଜଣାଯାଇଛି । ଅନ୍ୟପଟେ ଚଳିତ ବର୍ଷ ରେଗୁଲାର ପରୀକ୍ଷାରେ ସିମୁଳିଆ ବ୍ଲକର ଆରଏନ ସରକାରୀ ବିଦ୍ୟାଳୟରେ ୧୫୫୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ୧୫୩୨ଜଣପରୀକ୍ଷାଦେଇଥିବାବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବସ୍ତା ବ୍ଲକର ଏସଏନ ହାଇସ୍କୁଲରେ ୨୨୫୪ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୯୪ଜଣ ପରୀକ୍ଷା ଦେଇଥିବା ବେଳେ ୬୦ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଖଇରା ବ୍ଲକର ଖଇରା ସରକାରୀ ହାଇସ୍କୁଲରେ ୩୬୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୨୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାହାନଗା ବ୍ଲକର ଖନ୍ତାପଡା ହାଇସ୍କୁଲରେ ୨୨୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୬୯ଜଣ ପରୀକ୍ଷା ଦେଇଥିବା ବେଳେ ୪୧ଜଣ ଅନୁପସ୍ଥିତ ରହିଛନ୍ତି । ରେମୁଣା ବ୍ଲକରେ ରେମୁଣା ହାଇସ୍କୁଲରେ୨୦୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୦୭ଜଣ ପରୀକ୍ଷା ଦେଇଥିବା ବେଳେ ୪୩ଜଣ ଅନୁପସ୍ଥିତ ରହିଛନ୍ତି । ନୀଳଗିରି ବ୍ଲକରେ କେସି ହାଇସ୍କୁଲରେ ୨୪୬୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪୦୪ଜଣ ପରୀକ୍ଷା ଦେଇଥିବା ବେଳେ ୬୩ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ସୋର ବ୍ଲକରେ ଏସଏନ ହାଇସ୍କୁଲରେ ୨୬୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୫୭ଜଣ ପରୀକ୍ଷା ଦେଇଥିବା ବେଳେ ୭୧ଜଣ ଅନୁପସ୍ଥିତ ରହିଛନ୍ତି । ଜଳେଶ୍ୱର ବ୍ଲକରେ ଜଳେଶ୍ୱର ସରକାରୀ ହାଇସ୍କୁଲରେ ୩୦୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ଭୋଗରାଇ ବ୍ଲକରେ କମର୍ଦ୍ଦା ଜେଏନ ହାଇସ୍କୁଲରେ ୧୪୫୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ୧୪୧୯ଜଣ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ଅନୁପସ୍ଥିତ ଥିବା ବେଳେ ଏଚସି ଏକାଡେମୀରେ ୨୧୦୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୮୨ଜଣ ପରୀକ୍ଷା ଦେଇଥିବା ବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାଲିଆପାଳ ବ୍ଲକର ଏସଆର ସରକାରୀ ହାଇସ୍କୁଲରେ ୩୧୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୯୧ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୬ଜଣ ଅନୁପସ୍ଥିତ ରହିଛନ୍ତି । ସେହିପରି ବାଲେଶ୍ୱର ସଦର ବ୍ଲକର ଜିଲ୍ଲା ସ୍କୁଲରେ ୪୫୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪୫୫ଜଣ ପରୀକ୍ଷା ଦେଇଥିବା ବେଳେ ୬୭ଜଣ ଅନୁପସ୍ଥିତ ରହିଛନ୍ତି । ତେବେ ମୋଟ ଉପରେ ରେଗୁଲାର ପରୀକ୍ଷାରେ ୬୮୮, ମଧ୍ୟମା ପରୀକ୍ଷାରେ ୧୩୬ ଏବଂ ଏସଓଏସସିରେ ୩୫ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ସୂଚନା ଯୋଗ୍ୟ ଯେ,୧୯ ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଦିନର ମାତୃଭାଷା ପରୀକ୍ଷାରେ ରେଗୁଲାରରେ ୬୫୬ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ବେଳେ ମଧ୍ୟମା ପରୀକ୍ଷାରେ ୧୪୨ଜଣ ଅନୁପସ୍ଥିତ ରହିଥିଲେ । ଏସଓଏସସିରେ ୩୭ଜଣ ଅନୁପସ୍ଥିତ ରହିଥିଲେ । ତେବେ ଏହି ଦୁଇ ଦିନ ପରୀକ୍ଷାକୁ ମିଶାଇଲେ ମୋଟ ୧୬୯୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି । ସେଥିମଧ୍ୟରୁ୧୩୪୪ଜଣ ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି ।

## ବିଶ୍ୱ ମାତୃଭାଷା ଦିବସ



ବାଲେଶ୍ୱର,୨୧।୨(ସମିସ): ସଦର ବ୍ଲକ ବଡକିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ସ୍ଥାନୀୟ ଗ୍ରାମବାସୀ, ମାଟ୍ରିକ ପରୀକ୍ଷାର୍ଥୀଙ୍କ ଅଭିବାବକଙ୍କ ଉପସ୍ଥିତରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ପରିଷଦ ସଭାପତି ଜଳଧର ସାମଲ ଅଧ୍ୟକ୍ଷତରେ ଆୟୋଜିତ 'ମୋ ଭାଷା ମୋ ପାଇଁ ଶ୍ରେଷ୍ଠ' ଆଲୋଚନା ଚକ୍ରରେ ଇଂ ମନ୍ମଥ କୁମାର ବାରିକ ମଞ୍ଚ ଆହ୍ୱାନ କରିଥିଲେ । ସମ୍ପାଦକ କବି ସୁଧାକର ସେଠୀ ପ୍ରାରମ୍ଭିକ କଥା ରଖିବା ସହ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନେଇଥିବା ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ । ଶ୍ରୀ ସେଠୀ କବିତା ମାଧ୍ୟମରେ ନିଜ ମାତୃଭାଷାର ଜୟଗାନ କରରିବା ସହ, ଆଗାମୀ ଦିନରେ ଭାଷାର ସୁରକ୍ଷା, ବିକାଶ ପାଇଁ ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ନବକୁମାର ନାୟକ, ବିଜୟ ଦାସ, ଠକର ଚରଣ ପାଢ଼ୀ, ଜୟଶ୍ରୀ ରାଉତ, ଲକି ସାମଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହସମ୍ପାଦିକା ସାବିତ୍ରୀରାଣୀ ଦାସ, ଶୁଭ୍ରାଂଶୁ କୁମାର ରାଉତ, ଭବେଶ କୁ ମହାନ୍ତି, ରାହୁଲ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ । ରଶ୍ମିରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁସ୍ତକ 'ଅନ୍ତର୍ଜାତୀୟ ରାଜନୀତି' ଉନ୍ମୋଚିତ



ବାଲେଶ୍ୱର,୨୧।୨(ସମିସ): ଫକୀର ମୋହନ ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ ଆନ୍ତର୍ଜାତୀୟ ରାଜନୀତି ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକଟିକୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିନେଶ ଚନ୍ଦ୍ର ଦାସ ଏବଂ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି ମିଳିତ ଭାବେ ଉନ୍ମୋଚନ କରିଥିଲେ । ଉନ୍ମୋଚନ ସଭାରେ ଉପସ୍ଥିତ ଅତିଥିମାନେ ପୁସ୍ତକଟିର ସମୀକ୍ଷା କରିବା ସହ ଏହା ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରସ୍ତୁତ ହୋଇଥିବାରୁ ଉଚ୍ଚଶିକ୍ଷା ଓ ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ ବୋଲି ମତବ୍ୟକ୍ତ କରିଥିଲେ । ଉନ୍ମୋଚନ ସଭାରେ ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପିକା ଡକ୍ଟର ଅଞ୍ଜନା ବେହେରା ,ପ୍ରଶାସନିକ ଅଧିକାରୀ, ଲକ୍ଷ୍ମୀ ନାରାୟଣ ନାୟକ, ଏକାଡେମିକ ବର୍ଷାର, ସୁଜିତ ଦାସ, ଅର୍ଥନୀତି ବିଭାଗର ଅଧ୍ୟାପକ, କୁଞ୍ଜ ବିହାରୀ ମହାନ୍ତି, ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ, ଅଦ୍ୱୈତ ରଞ୍ଜନ ନାୟକ, ସେକ୍ସନ ଅଧିକାରୀ ବଳରାମ ନାଏକ ଏବଂ ଆକାଉଣ୍ଟାଣ୍ଟ ନିରଞ୍ଜନ ତ୍ରୀୟା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ପୁସ୍ତକଟି ଡକ୍ଟର ସନ୍ତୋଷ କୁମାର ରାଉତ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ପ୍ରମୋଦ ବେହେରାଙ୍କ ଦ୍ୱାରା ମିଳିତ ଭାବେ ଲିଖିତ ।

## ବସନ୍ତ କୁମାର ଶତପଥୀଙ୍କ ଶ୍ରାଦ୍ଧୋତ୍ସବ

ବାଲେଶ୍ୱର,୨୧।୨(ସମିସ): କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ବିଶିଷ୍ଟ କଥାକାର ତଥା ସାରସ୍ୱତ ସାଧକ ବସନ୍ତ କୁମାର ଶତପଥୀଙ୍କ ୩୩ ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ କହିଥିଲେ, ବ୍ୟକ୍ତିଗତ କ୍ଷୋଭର ପ୍ରତିଫଳନ ହିଁ ବସନ୍ତୀୟ ଗଳ୍ପ ଚେତନାର ମୂଳଉତ୍ସ' । ପରିଷଦ ସମ୍ପାଦକ ଡ. ରତ୍ନାକର ସିଂହ ନିଜର ପ୍ରାକଭାଷରେ ଉଲ୍ଲେଖ କରିଥିଲେ ଯେ, ହାସ୍ୟରସ ତାଙ୍କ ଗଳ୍ପର ଦୃଶ୍ୟମାନ ଦିଗ ହେଲେହେଁ ରଚନାର ଅନ୍ତଃସ୍ଥଳରେ ଜୀବନ-ଜଗତ-ମଣିଷ ପ୍ରତି ଦରଦ ପ୍ରତିଫଳିତ ହୋଇଛି । ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସାରସ୍ୱତ ସାଧକ ଏବଂ ବସନ୍ତ ଶତପଥୀଙ୍କର ସାନ ପୁତ୍ର ସୁରଜିତ ଶତପଥୀ ମଧ୍ୟ ଉକ୍ତ ସଭାରେ ଉପସ୍ଥିତ ରହିଥିଲେ ।

## ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୨୧।୨(ସମିସ): ପୁଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରତିଷେଧମୂଳକ ଚିକିତ୍ସା ଓ ସାମଗ୍ରିକ କଲ୍ୟାଣ ଲକ୍ଷ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହଯୋଗରେ ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ଏକ ମେଗା ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରିଜର୍ଭ ପୁଲିସ ଲାଇନ ସ୍ଥିତ ପୁଲିସ ହସପିଟାଲଠାରେ ଆୟୋଜିତ ଏହି ଶିବିରକୁ ପୂର୍ବାଞ୍ଚଳ ଜୋନ ପୁଲିସ ଡିଆଇଜି ପିନାକ ମିଶ୍ର ଉଦଘାଟନ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ବେହେରାଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।



ସହକାରୀ ଆରକ୍ଷୀ ଅଧିକ୍ଷକ ମନିଷା ସୌଗୁନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର ଏଥିରେ ପୌରହିତ୍ୟ କରିଥିଲେ । ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଅଭିଯାନରେ ମୋଟ୧୨ଶହ କର୍ମଚାରୀ ଲାଭାନ୍ୱିତ ହେବେ । ଶିବିରକୁ ବାଲେଶ୍ୱର ଲାୟନ୍ସ କ୍ଲବ କାର୍ଯ୍ୟାଳୟ ସଂଯୋଜକ ଦେବବ୍ରତ ନନ୍ଦ ଓ ଅସୀମା ଘୋଷ ଶିବିରର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ବଡ଼ଭଉଣୀ ଶାଶୂର ଆକ୍ରମଣରେ ସାନଭଉଣୀ ଗୁରୁତର

ନୀଳଗିରି, ୨୧।୨ (ସମିସ): ବଡ଼ଭଉଣୀ ଯୌତୁକ ନିର୍ଯାତନାର ଶିକାର ହୋଇଥିବାବେଳେ ବାଦ ପଡିନାହାନ୍ତି ସାନଭଉଣୀ । ବଡ଼ଭଉଣୀର ଶାଶୂଙ୍କ ମାଡ଼ରେ ସାନ ଭଉଣୀ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତିହୋଇଥିବା ଦେଖିବାକୁ ମିଳିଛି । ଏମିତି ଏକ ଅଭାବନୀୟ ଘଟଣା ନୀଳଗିରି ଥାନା ଅଧୀନ ସାନପାଟପୁର ଗ୍ରାମରେ ଘଟିଯାଇଛି । ସୂଚନା ଅନୁଯାୟୀ ଖନ୍ତାପଡ଼ା ଥାନା ଅଧୀନ କସବାଜୟପୁର ଗ୍ରାମର ମୃତ୍ୟୁଞ୍ଜୟ ଦାସଙ୍କ ବଡ଼ଝିଅ ରାଜଶ୍ରୀ ଦାସଙ୍କୁ ନୀଳଗିରି ଥାନା ଅଧୀନ ସାନପାଟପୁର ଗ୍ରାମର ଉମାକାନ୍ତ ରାଉତଙ୍କ ବଡ଼ପୁଅ ସନ୍ତୋଷ କୁମାର ରାଉତଙ୍କୁ ୨୦୨୦ ମସିହାରେ ପ୍ରେମବିବାହ କରିଥିଲେ । ବିବାହର ତିନିବର୍ଷ ଭଲରେ କଟିବା ପରେ ରାଜଶ୍ରୀଙ୍କ ଉପରେ ଆରମ୍ଭ ହୋଇଥିଲା ଯୌତୁକ ନିର୍ଯ୍ୟାତନା । ଏ ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିଲା ଏବଂ ଅଭିଯୋଗ ପରଠାରୁ ନିଜ ବାପଘରେ ରହୁଥିଲେ ରାଜଶ୍ରୀ । ଶୁକ୍ରବାର ଦିନ ପ୍ରାୟ ୧୧ଘଟିକା ସମୟରେ ରାଜଶ୍ରୀ ତାଙ୍କ ସାନଭଉଣୀଙ୍କ ସହିତ ନିଜ ଛୁଆପାଇଁ ସାନପାଟପୁର ଗ୍ରାମର ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଅଣ୍ଡା ଆଣିବାକୁ ଯାଇଥିଲେ । ହେଲେ ସେଠାରେ ରାଜଶ୍ରୀଙ୍କ ଶାଶୂ ସୁମତି ରାଉତ ଓ ଶଶୁର ଉମାକାନ୍ତ ରାଉତ ପହଞ୍ଚି ବୋହୂ ରାଜଶ୍ରୀଙ୍କୁ ଟଣାଓଟରା କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଦୁଇଭଉଣୀଙ୍କୁ ଅତି ନିର୍ମମଭାବେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସାନଭଉଣୀ ଲିପ୍ସା ଗୁରୁତର ହୋଇଥିବାବେଳେ ପରିବାର ଲୋକେ ଖବରପାଇ ଲିପ୍ସାଙ୍କୁ ତୁରନ୍ତ ନୀଳଗିରି ମେଡ଼ିକାଲ ଆଣି ଭର୍ତ୍ତିକରିଥିଲେ । ତେବେ ଏହି ଘଟଣା ସଂପର୍କରେ ନୀଳଗିରି ଥାନାରେ ରାଜଶ୍ରୀଙ୍କ ମା ମମତା ଦାସ ଲିଖିତ ଅଭିଯୋଗ କରିଥିବାବେଳେ ନୀଳଗିରି ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।



## ୧୯୭୭ ବ୍ୟାଚ୍ ଇତିହାସ ବିଭାଗର ବନ୍ଧୁମିଳନ




ବାଲେଶ୍ୱର,୨୧।୨(ସମିସ): ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟର୧୯୭୭ମସିହା ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଡ ବିନୋଦିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ୩୦ଜଣ ସଦସ୍ୟ ଅଂଶ ଗ୍ରହଣ କରିଥିଲେ । ପ୍ରଥମେ ଦିବଙ୍ଗତ ସହପାଠୀମାନଙ୍କର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ଡ. ସୁଶାନ୍ତ ପାତ୍ର ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବାଲେଶ୍ୱର ତଥା ଚାନ୍ଦିପୁର ଐତିହାସିକ ଡ. ଅନନ୍ତ କର, ଡ ସନ୍ତୋଷ କୁମାର ସିଂ, ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ କଥା ରଖିଥିଲେ । ସଦସ୍ୟ ଲକ୍ଷ୍ମୀଧର ମହାନ୍ତି, କାହ୍ନଚରଣ ବିଶ୍ୱାଳ, ଡ କୈଳାସ ବରାଳ,ଡ ସତ୍ୟଭାମା ପତି ଓ ଜ୍ୟୋତି ପ୍ରକାଶ ମହାପାତ୍ର ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମହେଶ ମିଶ୍ର, ସୁଧାଂଶୁ ରାଉତରାୟଙ୍କ ସମେତ ବାଲେଶ୍ୱର ଓ ବାରିପଦା ସଂଘର ସଦସ୍ୟ ଗୋପାଳ ଜେନା, ସୁଶାନ୍ତ ପାତ୍ର, ରଘୁମଣି ମହାପାତ୍ର, ଅନନ୍ତ ପଣ୍ଡା, ସନ୍ତୋଷ ସିଂ, ଖଗେନ୍ଦ୍ର ଜେନା, ଶ୍ୟାମସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ ।

## ତାଳସାରୀରେ ୨୦୧୫ଟି ଅଲିଭ୍ ରିଡଲେ ଅଣ୍ଡା ସଂଗ୍ରହ

ଚନ୍ଦନେଶ୍ୱର, ୨୧।୨ (ସମିସ) : ଅଲିଭ ରିଡଲେ କଇଁଛଙ୍କ ତୀର୍ଥସ୍ଥଳୀ ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା'ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି କଇଁଛରୁ ମୋଟ ୨୦୧୫ଟି ଅଣ୍ଡା ସଂଗ୍ରହ କରାଯାଇଥିବା କଥା ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି କହିଛନ୍ତି । ସମସ୍ତ ଅଣ୍ଡାକୁ ସୁରକ୍ଷିତ ଭାବେ ହେଚେରୀରେ ରଖା ଯାଇଥିବା ବେଳେ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛି । ବିବରଣୀରୁ ପ୍ରକାଶ,ପ୍ରତିବର୍ଷ ତାଳସାରୀ ବେଳାଭୂମି ଓଲିଭ ରିଡଲେ କଇଁଛମାନେ ସମୂହ ଅଣ୍ଡାଦାନ କରିଥାନ୍ତି । ଭୋଗରାଇର ଉଦୟପୁରରୁ କୀର୍ତ୍ତନିଆ ପ୍ରାୟ ୧୦କି.ମି ସୁଦୀର୍ଘ ବେଳାଭୂମି ସେମାନଙ୍କ ସୁରକ୍ଷିତ ସ୍ଥାନ । ତାଳସାରୀର ମୁରଲୀ ଚଢ ଓ ନାରାୟଣ ମହାନ୍ତି ପଡିଆ ଦାଣ୍ଡି ଆଦି ସ୍ଥାନରେ ସେମାନେ ସୁରକ୍ଷିତ ଭାବେ ଅଣ୍ଡାଦାନ କରି ଫେରିଥାନ୍ତି । ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ଏବଂ ଜଳେଶ୍?ର ବନ୍ୟପ୍ରାଣୀ ବନାଂଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ମଧ୍ୟ ବିଭାଗ ପକ୍ଷରୁ କଇଁଛଙ୍କ ଅଣ୍ଡାଦାନ ପାଇଁ ବିଶେଷ ଗୁରୁତ୍ୱ ଦିଆ ଯାଇଛି । "ସୁବର୍ଷା' ସ୍ୱତନ୍ତ୍ର ବୋଟରେ ବିଚିତ୍ରପୁର ଜେଟିରୁ ପ୍ରତିଦିନ ୬କି.ମି ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି । ଚଳିତ ବର୍ଷ କଇଁଛମାନେ ଆଗୁଆ ଆସିଥିବା ବେଳେ ସେମାନଙ୍କ ଶହେ ଟୋପିବ ବୋଲି ବନପାଳ ଶ୍ରୀ ମହାନ୍ତି ପ୍ରକାଶ କରନ୍ତି । ସବୁଜ ବାହିନୀର କର୍ମଚାରୀ ହରିଶଙ୍କର ସାହୁ, ରାଜୀବ ଜେନା ପ୍ରମୁଖ ଏଥିପାଇଁ ତତ୍ପର ଅଛନ୍ତି । ସୂଚନା ଥାଉକି, ଗତ ବର୍ଷ ୮୪ଟି କଇଁଛ ୯୫୮୫ଟି ଅଣ୍ଡାଦାନ କରିଥିଲେ । ହେଚେରୀରେ ଅଣ୍ଡା ସବୁକୁ ରଖା ଯିବା ସହିତ ଶାବକ ସବୁକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦିଆ ଯାଇଥିଲା ।




## ପୂର୍ବ ଶତ୍ରୁତାରୁ ଗାଡ଼ି ଭଙ୍ଗାରୁଜା ଓ ସୁନା ଗହଣା ଲୁଟ, ଦୁଇ ଗିରଫ

ସୋର, ୨୧।୨(ସମିସ): ସୋର ଥାନା ସରଶଙ୍ଖ ନିକଟରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣାରେ ଉଭୟ ପକ୍ଷରୁ ଦୁଇ ଜଣକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ସାମସନ ମହାପାତ୍ର କୁପାରୀରେ ମୋରମ ବ୍ୟବସାୟ କରନ୍ତି । ଫଳରେ ସେଠାରେ ବ୍ୟବସାୟକୁ କେନ୍ଦ୍ର କରି ତାଙ୍କର ଅନେକ ଶତ୍ରୁ ଅଛନ୍ତି । ଗତକାଲି ରାତିରେ ସାମସନ ଥର କାରରେ ତାଙ୍କ ବିବାହିତା ଭଉଣୀ ସ୍ୱାଗତିକାଙ୍କୁ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିଲେ । ସରଶଙ୍ଖ ନିକଟରେ ଗୋଳିହା ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ରାଉତ ଏବଂ କୁପାରୀ ସଇଁ ଗ୍ରାମର ସମୀର ରଥ ଏକ ସ୍କର୍ପିଓ ଏବଂ ଅନ୍ୟ ଏକ ଥର ଗାଡ଼ିରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଆସି ତାଙ୍କ ଥର ଗାଡିକୁ ସାଇଡ ମାରି ଗାଡିକୁ ଅଟକାଇଥିଲେ । ଗାଡି ଅଟକିବା ପରେ ସେମାନେ ଲୁହା ରଡ଼, ଭୁଜାଲି, ତେଲେଙ୍ଗା କଟୁରୀରେ ଗାଡିକୁ ଆକ୍ରମଣ କରି ଗାଡିକୁ ଭାଙ୍ଗିଦେବା ସହିତ ସ୍ୱାଗତିକାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ । ସାମସନ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ନିକଟରୁ ୧୫ ଗ୍ରାମର ସୁନା ବ୍ରେସ ଲେଟ, ସ୍ୱାଗତିକାଙ୍କ ନିକଟରୁ ୩୦ ଗ୍ରାମର ସୁନାଚେନ, ଏକ ବ୍ରେସଲେଟ ଲୁଟ କରି ନେଇଯାଇଥିଲେ । ଜୀବନ ବିକଳରେ ଉଭୟ ସେଠାରୁ ଖସି ଆସି ଜଣେ ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ସୋର ଥାନାକୁ ଆଣିଥିଲେ । ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପୃଥକ ମାମଲା ରୁଜୁ କରି ସାମସନ ଏବଂ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

# ହିଟାଚି ସହ ପଥର ବୋଝେଇ ଡମ୍ଫର ଜବତ

ସୋର, ୨୧।୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଏକ ଟାଟା ହିଟାଚି ସହ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରି ସୋର ଥାନା ଜିମା ଦିଆଯାଇଛି। ଏହି ଖାଦାନରେ ପ୍ରଶାସନ ତରଫରୁ ୧୬୩ ଧାରା ଲାଗୁ କରାଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି।କିନ୍ତୁ ପଥର ମାଫିଆ ମାନେ ୧୬୩ ଧାରାକୁ ଖାତିର ନ କରି ଅହରହ ଖାଦାନରୁ ପଥର ଚୋରି କରୁଛନ୍ତି। ଗତକାଲି ରାତିରେ ୪୨ ନମ୍ବର କ୍?ାରୀରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଟାଟା ହିଟାଚି ସେଠାରେ କାର୍ଯ୍ୟ କରୁଥିବା ବେଳେ ହିଟାଚି ଟିକୁ ଜବତ କରି ପୁଲିସ ଜିମା ଦେଇଥିଲେ। ସେହିପରି କଲେଜ ଛକରେ ଚଢ଼ାଉ କରି ପଥର ଖାଦାନରୁ ପଥର ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ଓଡି ୦୪ ଏଚ ୪୦୨୦ ନମ୍ବର ବିଶିଷ୍ଟ ଡମ୍ଫରକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଛି।ଏହି ଚଢ଼ାଉ ହେଉଥିବା ଜାଣିପାରି ଅନ୍ୟ ଗାଡି ଗୁଡିକ ଫେରାର ହୋଇଯାଇଥିଲେ।

# ଉଦ୍ୟାନ ବିଭାଗ କାର୍ଯ୍ୟ ନିରୀକ୍ଷକଙ୍କ ମୃତ୍ୟୁ

ସିମୁଳିଆ,୨୧।୨ (ସମିସ): ସିମୁଳିଆ ବ୍ଲକ ଉଦ୍ୟାନ ବିଭାଗର କାର୍ଯ୍ୟ ନିରୀକ୍ଷକ ଡ଼ମ୍ବୁରଧର ନାୟକ(୫୧) ଘରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ଆଜି ଅପରାହ୍ନ ସମୟରେ ଖାଇପିଇ ଘରେ ଶୋଇଥିବା ସମୟରେ ଅସୁସ୍ଥ ଅନୁଭବ କରିବା ସହ ବାନ୍ତି କରିଥିଲେ। ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ଅଟୋ ସାହାଯ୍ୟରେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସର୍ଭେରେ ସୀମିତ ଜଳେଶ୍ୱର-ଚନ୍ଦନେଶ୍ୱର ପ୍ରସ୍ତାବିତ ରେଳପଥ !

ବାଲେଶ୍ୱର(ଉତ୍ତର), ୨୧।୨ (ସମିସ)




ଭୋଗରାଇର ୪୪ ଗାଁରେ ହେବ ସର୍ଭେ

ବହୁ ପ୍ରତୀକ୍ଷିତ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ କେବଳ ସର୍ଭେରେ ସୀମିତ ରହିଯିବ କି? ଏଭଳି ପ୍ରଶ୍ନ ଭୋଗରାଇ ବାସୀଙ୍କ ମନରେ ଦୀର୍ଘଦିନ ଧରି ଉଙ୍କି ମାରୁଛି। କିଛିଦିନ ପୂର୍ବରୁ ଭୋଗରାଇ ତହସିଲଦାରଙ୍କୁ ଦକ୍ଷିଣ ପୂର୍ବ ରେଳ ଡିଭିଜନ ଖଡ଼ଗପୁରର ଡିଆରଏମଙ୍କ ପକ୍ଷରୁ ସର୍ଭେ ପାଇଁ ଆସିଥିବା ପତ୍ର ପୁଣି ପ୍ରସ୍ତାବିତ ରେଳ ପଥ ନିର୍ମାଣ ହେବାକୁ ନେଇ ଆଶା ସଞ୍ଚାର କରିଛି। ଅନ୍ୟପକ୍ଷରେ ଚଳିତ ବିଧାନସଭା ଅଧିବେଶନରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କରିଥିବା ପ୍ରଶ୍ନ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କଠାରୁ ମିଳିଥିବା ଉତ୍ତର ଉକ୍ତ ରେଳପଥ ନିର୍ମାଣ କୁ ଦୃଢ଼ୀଭୂତ କରିଥିବା ଜଣାପଡ଼ିଛି। ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ସଂକ୍ରାନ୍ତରେ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପାଇଁ ରେଳ ବିଭାଗ ପକ୍ଷରୁ ଭୋଗରାଇ ତହସିଲଦାରଙ୍କୁ ପ୍ରସ୍ତାବିତ ଗ୍ରାମଗୁଡ଼ିକର ତାଲିକା ପଠାଯାଇଛି କି? ଏ ସମ୍ପର୍କରେ ରାଜ୍ୟ ସରକାର ଓ ରାଜସ୍ୱ ବିଭାଗ ଅବଗତ ଅଛନ୍ତି କି? ଯଦି ଅବଗତ ଅଛନ୍ତି, ଏହି ପ୍ରସ୍ତାବିତ ରେଳପଥ କେଉଁ ବାଟରେ ଯିବ? ଯେଉଁ ବାଟ ଦେଇ ରେଳପଥ ଯିବ, ସେହି ଗାଁଗୁଡ଼ିକର ସବିଶେଷ ତାଲିକା ସରକାର ପ୍ରଦାନ କରିବେ କି? ଏ ନେଇ ରାଜସ୍ୱ ବିଭାଗ ସର୍ଭେ ଓ ଜମି ଅଧିଗ୍ରହଣ ପାଇଁ କି ପଦକ୍ଷେପ ନେଇଛି ବୋଲି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଚଳିତ ବିଧାନସଭା ଅଧିବେଶନର ପ୍ରଶ୍ନୋତ୍ତର କାଳରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଲେ; ପ୍ରସ୍ତାବିତ ଜଳେଶ୍?ର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ସଂକ୍ରାନ୍ତରେ ରେଳ ବିଭାଗ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭୋଗରାଇ ତହସିଲଦାରଙ୍କୁ ଏକ ପତ୍ର ପଠାଇବା ସହିତ ପ୍ରସ୍ତାବିତ ଗ୍ରାମଗୁଡ଼ିକର ତାଲିକା ପ୍ରଦାନ କରାଯାଇଛି। ରେଳବାଇ ବିଭାଗ ଦ୍ୱାରା ପ୍ରାଥମିକ ସର୍ଭେ କାର୍ଯ୍ୟ ତଥା ବେସରକାରୀ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ୪୪ଟି ଗ୍ରାମ ଚିହ୍ନଟ ହୋଇଛି। ଏହି ଗ୍ରାମଗୁଡ଼ିକ ହେଉଛି; ନହରା, ମୁଣ୍ଡମାରୀ, ବଡ଼ମନ୍ଦାରୁଣୀ, ମଶାନବାଡ଼ିଆ, ଖଳାଗଡ଼ିଆ, ବାହାର୍ଦ୍ଦା, ନିଜାମପୁର, ନାଚିନ୍ଦା, କୁଶୁଡ଼ା, ଚକଗୁଜଡ଼ିହା, ଗବଗାଁ, ଅଲାଲବିନ୍ଧା, ମକରପୁର, ବାଗରୁଖୀ, ଈଶ୍ୱରପୁର, ଚକକହ୍ନେଇପୁର, ମାଟିଖଣା, ମହିଷାମୁଣ୍ଡା, ସୁନାଧରବସାଣ, ଟେଙ୍ଗରାମାରୀ, କାଠକଟା, ଗୀତଖୋଲା, ଠାକୁରଭଉଁରୀ, ପୁରୀପ୍ରତଭଉଁରୀ, ଖଇଡ଼ବାଡ଼ି, ପାଞ୍ଚବାଟିଆ, ବାଛୁରୀ ଖୁଆଡ଼, ବାଘପଞ୍ଜାର, ଶାନ୍ତିନଗର, ହାରିଗୋଛିଆ, ସରାବଣି, ଗୋଛିଦାତେଘରୀ, ଆରୁହାପାଳ, ମଙ୍ଗରପୁର, ବିନ୍ଧାପଦ୍ମପୁର, ଚକ ସରବଣୀ, ଚାଉଳକେରା, ଡେଉଁରୀ ଓ ନାଫରାଇ ଗାଁ। ତେବେ ଏହି ସର୍ଭେ କାର୍ଯ୍ୟ ଓ ଜମି ଅଧିଗ୍ରହଣ ପ୍ରକ୍ରିୟା କେବେ ଶେଷ ହେବ ତଥା ଚଳିତ ରେଳ ବଜେଟ ରେ ଏହି ରେଳପଥ ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ବରାଦ ହେବ ତାକୁ ନେଇ ଭୋଗରାଇବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତା ଛଡ଼ା ପୂର୍ବଥର ପରି କେବେଳ ସର୍ଭେ ମଧ୍ୟରେ ଏହି ଆକାଂକ୍ଷିତ ରେଳ ପ୍ରକଳ୍ପ ସୀମିତ ରହିବ ତାହା ବୁଦ୍ଧିଜୀବୀ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ପୋଖରୀ ଖୋଳା ନାମରେ ଚାଲିଥିଲା ଚୋରାପଥର ଖାଦାନ



ନୀଳଗିରି, ୨୧।୨ (ସମିସ): ବାଲେଶ୍ୱର ଜିଲ୍ଲାର ଏକମାତ୍ର ଲଘୁଖଣିଜ ସମ୍ପଦର ଭଣ୍ଡାର ନୀଳଗିରିରେ ମାଫିଆଙ୍କ ଆତଙ୍କରାଜ। ଅହରହ ୨୪ଘଣ୍ଟା ଚୋରାରେ ପଥର, ମୋରମ୍, ମାଟି ଲୁଟଚାଲିଛି। ସ୍ଥାନୀୟ ପ୍ରଶାସନ ସବୁଦେଖି ଆଖିରେ ଅନ୍ଧପୁଟୁଳି ବାନ୍ଧି ହାତଟେକି ବସିଛି। ଫଳରେ ରାଜ୍ୟ ରାଜକୋଷ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି।ଏସବୁ ଖବର ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନଜରରେ ଥିବାବେଳେ ଶନିବାର ଦିନ ଅପରାହ୍ନ ପ୍ରାୟ ୪ଟା ସମୟରେ ଅଚାନକ ମହିଷାପଟା ପଞ୍ଚାୟତର ଡମ୍ବୁରୁଘାଟିରେ ପୋଖରୀଖନନ ଆଳରେ ଏକ ପଥରଖାଦାନ ଉପରେ ଚଢ଼ାଉ କରିଥିଲେ। ସାଂସଦ ପ୍ରତାପ ଷଡଙ୍ଗୀ ଚଢ଼ାଉ କରିବାକୁ ଯାଇଥିବା ବେଳେ ସତେ ଯେପରି ଏଠାରେ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଖାଦାନ ଭଳି ଲାଗିଲା। ସଙ୍ଗେସଙ୍ଗେ ଖଣିବିଭାଗର ଅଧିକାରୀ, ପୋଲିସ ଓ ବନବିଭାଗର ଅଧିକାରୀଙ୍କୁ ଡକାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବଡ଼ ପୋକ୍ଲିନ ଜବତ କରିଛି। ଏପଟେ ମାଫିଆମାନେ ବ୍ଲାଷ୍ଟିଂ କରିବା ପାଇଁ ଜିଲୋଟିନ ଏବଂ ତାର ମଧ୍ୟ ସଂଯୋଗ କରିଦେଇଥିଲେ। ଏସବୁକୁ ମଧ୍ୟ ଜବତ କରାଯାଇଛି। ସୂଚନା ଅନୁସାରେ ଡମ୍ବୁରୁଘାଟିରେ ଥିବା ଏକ ପୋଖରୀର ପୁନରୁଦ୍ଧାର ପାଇଁ ୨୦୨୫/୨୬ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ଫଳକ ମରାଯାଇ କାମ ବାହାନାରେ ବନବିଭାଗ ନିକଟରୁ ଅନୁମତି ଆଣିଥିଲେ। ଯେହେତୁ ଉକ୍ତ ଜାଗାଟି ବନବିଭାଗ ଅଧିନରେ ଅବସ୍ଥିତ। ପୋଖରୀର ସାମାନ୍ୟ ଏକ କୋଣ ବନ ବିଭାଗ ଅଧିନରେ ଆସୁଥିବାବେଳେ ପର ମିଶନ ମାଗିଥିଲେ। ଡିଏଫ୍ଓ ମଧ୍ୟ ଅନୁମତି ଦେଇଥିଲେ। ମାତ୍ର ପଥର ମାଫିଆ ମାନେ ପୋଖରୀକୋଣ ଖନନ ଆଳରେ ଏକ ବିରାଟ ପଥରଖାଦାନ କରି ଲକ୍ଷଲକ୍ଷ ଟଙ୍କାର ପଥର ଚୋରି କରି ନେଇଯାଇଥିବା ଦେଖାଯାଇଛି। ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନିକଟରେ ଏସବୁ ତଥ୍ୟ ଥିବା ବେଳେ ସ୍ଥାନୀୟ ଅଧିକାରୀଙ୍କ ନିକଟରେ କିପରି ନ ଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ଥାନୀୟପ୍ରଶାସନ ଯେଉଁ କାମ

## ଧରିଲେ ସାଂସଦ ପ୍ରତାପ ଷଡଙ୍ଗୀ, ଦୁଇ ପୋକ୍ଲିନ ଜବତ

କରିପାରିନଥିଲା, ତାହାକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ କରି ଦେଖାଇଛନ୍ତି। ଏହି ଚଢ଼ାଉରେ ସାଂସଦଙ୍କ ସହିତ ବାଲେଶ୍ୱର ଖଣିଅଧିକାରୀ ଜଗନ୍ ବେହେରା, ନୀଳଗିରି ଖଣିଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି, ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ନୀଳଗିରି ରେଞ୍ଜଅଧିକାରୀ ମନୱର ଖାଁ, ମିତ୍ରପୁର ଫରେଷ୍ଟର ମଞ୍ଜୁଲତା ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଖବର ଲେଖାହେବା ବେଳକୁ ପକ୍ଲିନ ଦୁଇଟିକୁ ଥାନାକୁ ଅଣାଯାଉଥିବା ବେଳେ ମାଲିକଙ୍କ ବିରୋଧରେ କେସ ରୁଜୁ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

# ଗୁଡ଼ିଖୋଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୨୧।୨ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗୁଡିଖୋଳାସ୍ଥିତ ଗୁଡିଖୋଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ୟାମସୁନ୍ଦର ପୁର ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ସେଠୀ, ମୁଖ୍ୟ ବକ୍ତା ଅତିରିକ୍ତ ଶିକ୍ଷାଧିକାରୀ ସୀତା ହାଁସଦା ସମ୍ମାନିତ ଅତିଥି ଶ୍ୟାମସୁନ୍ଦର ସମିତି ସଭ୍ୟ ଭୋଳାନାଥ ମାଝୀ, ଯୁବ କବି ସୁନିଲ ମିଶ୍ର, ବିଦ୍ୟାଳୟର ଶିକ୍ଷା କମିଟିର ସଭାପତି ଜୟନ୍ତୀ ମୁର୍ମୁ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସିଂ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସପ୍ନାଲି ଦାସ ଓ ସବିତା ରାଉତ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷକ ଶନୈଶ୍ଚ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ସିଂ, ଜୟନ୍ତୀ ମୁର୍ମୁ, ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିମୁଳିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ

ସିମୁଳିଆ, ୨୧।୨ (ସମିସ): ସିମୁଳିଆ ବ୍ଲକ ସ୍ତରୀୟ ଏକ ଦିବସୀୟ ଉଦ୍ୟାନ କୃଷି କର୍ମଶାଳା ମାର୍କୋଣା ସ୍ଥିତ ଉଦ୍ୟାନ ବିଭାଗର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ଆତ୍ମା ଅଧ୍ୟକ୍ଷ ରମାକାନ୍ତ ପଢ଼ିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସୋରର ବାସୁଦେବ ଶତପଥୀ, ସମ୍ମାନିତ ଅତିଥି ଭାବେ ସୋର ର ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁଶ୍ରୀ ଶ୍ରୁତି ସଂଜିତା ଗିରି, ସିମୁଳିଆର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ର, ଖଇରା ବ୍ଲକ ର ଅଗ୍ରଣୀ ଛତୁ ଚାଷୀ ସଞ୍ଜୟ କୁମାର ନାୟକ, ଅତିରିକ୍ତ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ସୁରୂପା ନନ୍ଦ ପତି, ସିମୁଳିଆର ଜୈବିକ ଚାଷୀ ଗଜେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇ କୃଷକ ମାନଙ୍କୁ ଉଦ୍ୟାନ କୃଷି ରେ ସରକାର ଦେଉଥିବା ପ୍ରୋତ୍ସାହନ ସମ୍ପର୍କ ରେ ସୂଚନା ଦେବା ସହିତ ବିଭିନ୍ନ ବିଷୟରେ ତାଲିମ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିର ରେ ଈଶ୍ୱରପୁର, ଅଡା, ବାଉରିପଦା, କ୍ଷୀରକୋଣା, ଚାଲୁଣି ଗାଁ, ପାହି ତୋରାନା, ଆନନ୍ଦପୁର ପଂଚାୟତ ର ଚାଷୀ ନିର୍ବାଚିତ ପ୍ରତିନିଧି ମାନେ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ସିମୁଳିଆ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସିମୁଳିଆ ବ୍ଲକ କୃଷି ଅଧିକାରୀ ବିପି ରୋଜାଲିନ, ସମ୍ମାନିତ ଅତିଥି ଭାବେ ସୋରର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ସୁଭଦର୍ଶନୀ, ସିମୁଳିଆର ସହକାରୀ ମତ୍ସ୍ୟ ଅଧିକାରୀ ଗାୟତ୍ରୀ ନାୟକ, ସମାଜସେବୀ ରାଧାରମଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ଆଦର୍ଶ ଶିକ୍ଷୟିତ୍ରୀଙ୍କ ପରଲୋକ

ଚନ୍ଦନେଶ୍ୱର, ୨୧।୨(ସମିସ): ଭୋଗରାଇ ବ୍ଲକ କୁସୁଡା ପଞ୍ଚାୟତ ସେହି ଗ୍ରାମର ଡ. ଅମୂଲ୍ୟ ମହାପାତ୍ରଙ୍କ ଧର୍ମପତ୍ନୀ ତଥା ଡାକ୍ତର ଅଚିନ୍ତ୍ୟ ମହାପାତ୍ରଙ୍କ ଭାଉଜ ବିଜୟା ମହାପାତ୍ରଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା ବେଳେ କୋରାପୁଟ ସ୍ଥିତ ବିବେକାନନ୍ଦ



ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ଜଣେ ଆଦର୍ଶ ମହିଳା ହୋଇଥିବା ବେଳେ ସେ ସୁଦୂର କୋରାପୁଟ ଜିଲ୍ଲାର ଏକ ବିଦ୍ୟାଳୟରେ ଶିକ୍ଷକତା ସମାପନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରିଣୀ ଭାବେ ସେମିଳିଗୁଡା, କୋରାପୁଟରୁ ଅବସର ଗ୍ରହଣ କରିଥିଲେ।ଆକାଶବାଣୀ ଜୟପୁର ନାରୀମହଲରେ ଜଣେ ଆଲୋଚିକା ମଧ୍ୟ ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର କୁସୁଡ଼ା ପଞ୍ଚାୟତ ରେ ଶୋକର ଛାୟା ଖେଳିଯାଇଛି। ସାନ ଝିଅ ତପସ୍ୱିନୀ ମହାପାତ୍ର ମୁଖାଗ୍ନି ଦେବା ସହିତ ସମସ୍ତ ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଚନ୍ଦନେଶ୍ୱର, ୨୧।୨ (ସମିସ): ଉତ୍କଳ ସମ୍ମିଳନୀ ଭୋଗରାଇ ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇ ଯାଇଛି। ଚନ୍ଦନେଶ୍ୱର ଭାରତୀୟ ବିଦ୍ୟା ନିକେତନରେ ଏ ନେଇ ଆୟୋଜିତ ସଭାକୁ ଶାଖାର ସମ୍ପାଦକ ଅନନ୍ତ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଶ୍ରୀନିବାସ ପ୍ରଧାନ ଯୋଗଦେଇ ଭାଷା ଗୋଟିଏ ଜାତିର ମୁକୁଟ। ଭାଷା ହିଁ ଆମର ପରିଚୟ ଏବଂ ଆମ ସଂସ୍କୃତି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ଆମେ ଓଡିଆ ଏବଂ ଆମ ଭାଷା ବଡିଆ। ଏଥିପାଇଁ ଆମେ ସବୁବେଳେ ଗର୍ବ କରିବା ଉଚିତ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ତଥା ଶିକ୍ଷକ ନେତା ସୁଶାନ୍ତ କୁମାର ବେହେରା, ଶିକ୍ଷାବିତ ହେମନ୍ତ ଜେନା, ସମାଜସେବୀ ଦଦୁଲ ଦାସ ଅଧିକାରୀ ପ୍ରମୁଖ ଯୋଗଦେଇ ଓଡିଆଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀର ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଶେଷରେ ବିଦ୍ୟା ନିକେତନର ଆଚାର୍ଯ୍ୟ ଚିତ୍ତ ରଞ୍ଜନ ଗିରି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।





ନୀଳଗିରି: ମାତୃଭାଷା ମାଆର ଭାଷା। ଭାଷା ବ୍ୟବହାର ନହେଲେ ଭାଷା ମରିଯାଏ। ଭାଷା ମଣିଷର ପରିଚୟ। ମାତୃଭାଷାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ସମାଜରେ ସର୍ବଦା ସ୍ୱତନ୍ତ୍ର ବୋଲି ଆଜି ବିଶ୍ୱ ମାତୃଭାଷା ଦିବସରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ବକ୍ତବ୍ୟ ପ୍ରକାଶ ପାଇଥିଲା। ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଅଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ଡ. ପ୍ରଦୀପ୍ତ କୁମାର ମିଶ୍ର, ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ନିଜନିଜ ବକ୍ତବ୍ୟ ରଖିବାସହ ଛାତ୍ରୀମାନେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଆଇନ ସଚେତନତା ଶିବିର

ବାଲେଶ୍ୱର,୨୧।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଖାନନଗର ପଞ୍ଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଜାତୀୟ ଆଇନସେବା ପ୍ରାଧିକରଣର ଜାଗୃତି ଯୋଜନା, ଆଶା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ସରକାରୀ ଓ ସ୍ଥାନୀୟ ପ୍ରଶାସନିକ ସଂସ୍ଥାଗୁଡିକ ସହିତ ମିଶି ତୃଣମୂଳ ସ୍ତରରେ ନିଃଶୁଳ୍କ ଆଇନସେବା ପହଂଚାଇବା, ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ, ବାଲ୍ୟ ବିବାହର ଶିକାର ହୋଇଥିବା ପିଲାମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବା, ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କୁ କଡାକଡି ଭାବରେ ଲଗୁ କରିବା ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ମୌଳିକ କାର୍ଯ୍ୟକ୍ରମ ଯଥା ରାଷ୍ଟ୍ରୀୟ ଲୋକ ଅଦାଲତ, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ପିଡୀତା କ୍ଷତିପୂରଣ ଯୋଜନା, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବେଧଡ଼କ ଚାଲିଛି ଚୋରା ମାଟି କାରବାର

କାଳିପଦା, ୨୧।୨ (ସମିସ): ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର। ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହୁଛି। ମାଟି ମାଫିଆମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଟି ମାଫିଆମାନେ ପାଳଜାମକୁଣ୍ଡା, ବିଷ୍ଣୁପୁର, ହାସିମପୁର, କୁଦମାନସିଂ ଆଦି ସ୍ଥାନରେ ମାଟି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ହାତ ବାରିସୀ କରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଉଛି। ଫଳରେ ସାଧାରଣଲୋକଙ୍କରବିରୁଧାଭାସ ପ୍ରାଶାସନ ପାଖରେ ପହଞ୍ଚିପାରୁ ନାହିଁ। ମାଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ମଧୁଚନ୍ଦ୍ରିକାରେ ବେଆଇନ କାମ ଚଳାଉଛନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ହେଉଛି।ଘଟଣା ସମ୍ପର୍କରେ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ଆରଆଇଙ୍କୁ ମାଫିଆମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗଣେଶ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଆପାଳ, ୨୧।୨ (ସମିସ): ବାଲିଆପାଳ ବ୍ଲକ ଖଗଡାପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରୀ ଗଣେଶଙ୍କ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ମନ୍ଦିର କମିଟିର ସଭାପତି ବ୍ରଜକିଶୋର ଭୂୟାଁ ସୂଚନା ଦେଇଛନ୍ତି। ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରଦ୍ଧାପତିଙ୍କ ମନ୍ଦିର ସମେତ ମହାଦେବ ମନ୍ଦିର, ମା ଲକ୍ଷ୍ମୀ, ମା' ବିମ୍ବଳାଙ୍କ ମନ୍ଦିର ରହିଛି। ଏହି ମନ୍ଦିର ନିର୍ମାଣ ହେଲେ ଶ୍ରଦ୍ଧାଳୁ ମାନେ ଗଣେଶଙ୍କର ଦର୍ଶନ କରିପାରିବା ସହିତ ଶ୍ରଦ୍ଧା କ୍ଷେତ୍ରରେ ସୈନ୍ଦର୍ଯ୍ୟ ମଧ୍ୟ ଦ୍ୱିଗୁଣିତ ହେବ ବୋଲି ଡ଼ ତ୍ରିପାଠୀ କହିଛନ୍ତି। ଶ୍ରଦ୍ଧାକ୍ଷେତ୍ରର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠିଙ୍କ ଦ୍ୱାରା ଭୂମିପୂଜା କରାଯାଇଥିଲା। ମନ୍ଦିରର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରୀୟନାଥ ସେଠି, କାଳୀଚରଣ ଦେ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଦିବ୍ୟକାମ ମହାନ୍ତିଙ୍କ ସମେତ ଅନ୍ୟ ପୂଜକ ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡିରେ ଧାନକିଣାରେ ପାତର ଅନ୍ତର

# ସମିତି ଆଗରେ ଧାନବସ୍ତା ରଖି ଚାଷୀଙ୍କ ଧାରଣା

ବାଲେଶ୍ୱର/ବାହାନଗା, ୨୧।୨ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଧୀନ ଗୋପାଳପୁର ସେବା ସମବାୟ ସମିତିରେ ଚାଷୀଙ୍କ ଧାନ କିଣାରେ ପାତର ଅନ୍ତର କରାଯିବା ଅଭିଯୋଗ କରି ଟୋକନ ପାଇ ଧାନ ଦେବାରୁ ବଞ୍ଚିତ ହୋଇଥିବା ଚାଷୀ ସମିତି କାର୍ଯ୍ୟାଳୟ ଆଗରେ ଧାନ ବସ୍ତା ରଖି ଧାରଣାରେ ଦେଇଥିବା ଦେଖିବାକୁ ମିଳିଛି। ସରକାର ମଣ୍ଡିରେ ଧାନ କିଣାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଥିବାର ଡ଼ିଣ୍ଡିମ ପିଟୁଥିବା ବେଳେ ମଣ୍ଡିରେ ଉଡୁଛି ସରକାରୀ ନିୟମ କାନୁନର ଧଜିଆ। ଯାହାର ବାସ୍ତବ ଚିତ୍ର ବାହାନଗା ବ୍ଲକ ଗୋପାଳପୁର ସେବା ସମବାୟ ସମିତିରୁ ଆସିଛି।

ଖବର ଅନୁସାରେ ଗୋପାଳପୁର ପାଇକସ୍ତା ଗ୍ରାମର ଚାଷୀ ରମେଶ ଚନ୍ଦ୍ର ବେହେରା ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜୀକରଣ କରିଥିଲେ। ପରେ ସରକାରଙ୍କ ପକ୍ଷରୁ ୩୫ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରିପାଇଁ ଟୋକନ ମିଳିଥିଲା। ହେଲେ ମଣ୍ଡିରେ ତାଙ୍କ ଧାନକୁ କିଣା ଯାଉନଥିବା ବେଳେ ତାଙ୍କ ପର ତାରିଖ ଥିବା ଚାଷୀଙ୍କ ଧାନ କିଣା ଯାଉଥିବାର ଅଭିଯୋଗ ଆଣିଥିଲେ। ତାଙ୍କର ଟୋକନ ଅବଧି ସରିବାକୁ ବସିଥିବା ବେଳେ ମଣ୍ଡିରେ ପାତର ଅନ୍ତରର ପ୍ରମାଣ ସ୍ୱରୂପ ତାଙ୍କ ପର ଚାଷୀ ପ୍ରଦୀପ ମିଶ୍ର ମଣ୍ଡିରେ ଧାନ ବିକ୍ରି କରିଥିବା ଅଭିଯୋଗ ମଧ୍ୟ ଆଣିଥିଲେ। ହେଲେ ସମିତି ସମ୍ପାଦିକା ମଣ୍ଡିରେ ଧାନ ବିକ୍ରିରେ ପାତର ଅନ୍ତର ହୋଇନଥିବା କହି ସଫେଇ ଦେଉଥିବା ବେଳେ ଅନ୍ୟ ପଟେ ଟୋକନ ଲାପ୍ସ ହେବାକୁ ସ୍ୱଳ୍ପ ସମୟ ଥିବା ଚାଷୀ ରମେଶ ବେହେରାଙ୍କ ୩୫ କୁଇଣ୍ଟାଲ ଧାନ ସହ ଅନ୍ୟ ଚାଷୀଙ୍କ ଧାନ ମଧ୍ୟ ମଣ୍ଡିରେ ଧାନ ପଡିରହିଛି। ଯାହାକୁ ନେଇ ଚାଷୀଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। କିନ୍ତୁ ସମ୍ପାଦିକା ଚଞ୍ଚକତା କରି କେତେକ ଚାଷୀଙ୍କ ଧାନକୁ ସିଧା ସଳଖ ଭାବେ ମିଲକୁ ପଠାଇ ମଣ୍ଡିରେ ବିକ୍ରି ହୋଇଥିବା ଦର୍ଶାଇ ଉକ୍ତ ଚାଷୀଙ୍କୁ ଧାନର ମୂଲ୍ୟ ପ୍ରଦାନ କରାଇଥିବାର ଅନେକ ଚାଷୀ ଅଭିଯୋଗ ଆଣିଛନ୍ତି। ଏ ନେଇ ଆଜି ଏହି ସେବା ସମବାୟ ସମିତିର ସମ୍ପାଦିକା ଭାବେ କାର୍ଯ୍ୟ କରୁଥିବା ପ୍ରୀତି ପଲ୍ଲବୀ ଜେନାଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଚାଷୀ ଶ୍ରୀ ବେହେରାଙ୍କ ସହ ୧୦ରୁ ଉର୍ଦ୍ଧ୍ୱ ଚାଷୀ ଧାରଣା ଦେଇଛନ୍ତି। ଘଟଣା ବାବଦରେ ଅବଗତ ପରେ ସମିତିରେ ଧାନ କ୍ରୟ କମିଟି ପହଞ୍ଚି ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ବେଳେ ଚାଷୀ ନିଜର ଧାନକୁ ମଣ୍ଡିରେ ବିକ୍ରି ଦାବି କରିବା ସହ ସମିତି ସମ୍ପାଦିକାଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ନିଜର ନ୍ୟାର୍ଯ୍ୟ ଦାବିରେ ଚାଷୀମାନେ ଅଟଳ ରହିଥିଲେ। ଏ ବାବଦରେ ଗୋପାଳପୁର ସେବା ସମବାୟ ସମିତି ସଭାପତି ବେଣୁଧର ଜେନାଙ୍କୁ ପଚାରିବାରୁ ସେ ମଣ୍ଡିରେ ଧାନ ନ ଦେଇ ମିଲକୁ ପଠା ଯାଇଥିବା ଅଭିଯୋଗ ବାବଦରେ ମୁଁ ଜାଣି ନାହିଁ ବୋଲି ପ୍ରକାଶ କରିଛନ୍ତି। ଚାଷୀଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଚାଷୀଙ୍କ ଧାନ କିଣିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# କଟକ ସିଟି





## ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ରାତି ୧୧ରେ ଉଠିଲା ଧାରଣା; ସୋମବାର ପୁଣି ଆଲୋଚନା



କଟକ,୨୧।୨(ସମିସ):

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଦୀର୍ଘ ୨୮ ଧରି ଛାତ୍ରୀମାନେ ପ୍ରତିବାଦ କରିଆସୁଥିବା ବେଳେ ଆଜି ଏହା ଉଗ୍ର ରୂପ ଧାରଣ କରିଥିଲା। ଶତାଧିକ ଛାତ୍ରୀ କଲେଜ୍ ଗେଟ୍‌ରେ ତାଲା ପକାଇବା ସହ ରାସ୍ତାରୋକ କରିଥିଲେ। ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ଜିଦ୍‌ରେ ଅଟଳ ଥିବା ଛାତ୍ରୀଙ୍କୁ ପ୍ରଶାସନିକ ଅଧିକାରୀ ବୁଝାସୁଝା କରିବା ପରେ ରାସ୍ତାରେ ଧାରଣାରୁ ଉଠି କଲେଜ୍ କ୍ୟାମ୍ପସରେ ଦୀର୍ଘ ୫ ଦୀର୍ଘ ପାଞ୍ଚ ଘଣ୍ଟା ଧାରଣାରେ ବସିଥିଲେ। ଏହି ସମୟରେ କଟକ ମେୟର ସୁବାସ ସିଂ, ବାରବାଟି କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଶ୍ରୀତମ ଦାସ ଓ ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ ଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ସୋମବାର ଏ ବିଷୟରେ ପୁନର୍ବାର ଜିଲ୍ଲା ପ୍ରଶାସନ, ସରକାରଙ୍କ ପ୍ରତିନିଧି ଦଳର ଉପସ୍ଥିତିରେ ଛାତ୍ରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦିଆଯିବା ପରେ ଛାତ୍ରୀମାନେ ରାତି ୧୧ଟାରେ ସଂପୂର୍ଣ୍ଣ ଧାରଣାରୁ ଉଠିଥିଲେ। ଯେପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ମାନ୍ୟତା ନ ଦିଆଯାଇଛି ସେପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି କହିଛନ୍ତି ଛାତ୍ରୀମାନେ। କଟକ ସହରର ସର୍ବପୁରାତନ ଐତିହ୍ୟ ସମ୍ପନ୍ନ ଶୈଳବାଳା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଦୀର୍ଘ ୨୮ ଦିନଧରି ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛନ୍ତି। ଅନେକଥର ବିଶ୍ୱବିଦ୍ୟାଳୟ ଦାବିରେ ଛାତ୍ରୀଙ୍କ ପକ୍ଷରୁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବଜେଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବାଦ୍ ଦିଆଯାଇ ରାଜ୍ୟରେ ଅନ୍ୟ ୪ଟି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଥିବାରୁ ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକଟ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଛନ୍ତି।

- ଆନ୍ଦୋଳନର ଉଗ୍ର ରୂପ ଦେଖି ଆଶ୍ୱାସନା ଦେଲା ପ୍ରଶାସନ
- ଦାବି ପୂରଣ ନ ହେଲେ ଧାରଣା ଜାରି ରଖିବେ ଛାତ୍ରୀ






## ଚର୍ଚ୍ଚାରେ ସଦର ବିଧାୟକ ଓ ଗ୍ୟାଙ୍ଗଷ୍ଟର୍ ତପୁ-ସକିଲ

# ବାଲି ବ୍ୟବସାୟ ପାଇଁ ବଢୁଛି ଅପରାଧ



**ଅପରାଧୀ-ରାଜନେତା ସଲାସୁତୁରା ଅଭିଯୋଗ**

କଟକ,୨୧।୨(ସମିସ): ନୂଆପଡ଼ା ଗୁଳିକାଣ୍ଡ ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଏହି ହତ୍ୟାକାଣ୍ଡର ଚେର ବହୁ ଦୂରକୁ ଲମ୍ବିଥିବା ସନ୍ଦେହ କରାଯାଉଛି। ବିଶେଷ କରି କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ଏହି ଘଟଣାରେ ପରୋକ୍ଷ ସମ୍ପୃକ୍ତି ଥିବା ନେଇ ସାମାଜିକ ଗଣମାଧ୍ୟମରେ ବର୍ତ୍ତମାନ ବ୍ୟାପକ ଚର୍ଚ୍ଚା ହେଉଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ ଓରଫ "ହୁକୁ' ବିଧାୟକଙ୍କ ଅତି ନିକଟତର ବୋଲି ଜଣାପଡ଼ିଛି। ଏପରିକି ବିଧାୟକ ବାଲି ଓ ଅନ୍ୟାନ୍ୟ ବ୍ୟବସାୟ ପରିଚାଳନା ପାଇଁ କୁଖ୍ୟାତ ଅପରାଧୀଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଆଜି ଭାଇରାଲ୍ ହେଉଥିବା ଏକ ଫଟୋରେ ବିଧାୟକଙ୍କୁ ମୋଷ୍ଟୱାଣ୍ଟେଡ୍ ଅପରାଧୀ "ତପୁ' ସହ ଦେଖିବାକୁ ମିଳିଛି, ଯିଏକି ପୂର୍ବରୁ ହତ୍ୟା ଓ ଦାଦାବଟି ଆଦାୟ ଭଳି ଅନେକ ମାମଲାରେ ସଂଶ୍ଳିଷ୍ଟ ରହିଥିଲା। ଏହି ଘଟଣାରେ ଆଉ ଏକ ପ୍ରମୁଖ ନାମ ସାମ୍ନାକୁ ଆସିଛି, ସେ ହେଉଛି ମହମ୍ମଦ ସକିଲ। ପୁଲିସ ପକ୍ଷରୁ ତଡ଼ିପାର ଆଦେଶ ପାଇଥିବା ସକିଲ ବର୍ତ୍ତମାନ ବିଧାୟକଙ୍କ ସହାୟତାରେ ସଦର ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରୁଥିବା ଏବଂ ବାଲିଘାଟ ପରିଚାଳନା କରୁଥିବା ଶୁଣିବାକୁ ମିଳୁଛି। ଅଭିଯୋଗ ଅନୁଯାୟୀ, ଗୁଳିକାଣ୍ଡର ଅନ୍ୟତମ ଅଭିଯୁକ୍ତ ଅଭିଜିତ ମହାନ୍ତି ଓରଫ "ନାଣ୍ଟୁ' ବର୍ତ୍ତମାନ ସକିଲ ଗ୍ୟାଙ୍ଗର ଜଣେ ସକ୍ରିୟ ସଦସ୍ୟ ଥିଲା।

ନୂଆପଡ଼ା ଗୁଳିକାଣ୍ଡ ଘଟଣାରେ ବ୍ୟବହୃତ ବନ୍ଧୁକଟି କଳାହାଣ୍ଡିରୁ ଅଣାଯାଇଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ସକିଲ ହିଁ ନାଣ୍ଟୁକୁ ଏହି ବନ୍ଧୁକ ଯୋଗାଇ ଦେଇଥିଲା। ପୂର୍ବ ସରକାର ଅମଳରେ ଜେଲରେ ଥିବା ଅପରାଧୀମାନେ ବର୍ତ୍ତମାନ ଜାମିନ୍‌ରେ ଆସି ରାଜନୈତିକ ଛତ୍ରଛାୟା ତଳେ ରହି ପୁଣି ସକ୍ରିୟ ହୋଇଉଠିଛନ୍ତି। ବାଲିଘାଟ ଓ ଅନ୍ୟାନ୍ୟ ବ୍ୟବସାୟିକ ସ୍ୱାର୍ଥ ପାଇଁ ଏଭଳି ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟରଙ୍କୁ ବ୍ୟବହାର କରାଯିବା ଦ୍ୱାରା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଛି। ପୁଲିସ କେବଳ ଲୋକଦେଖାଣିଆ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ବନ୍ଧୁକ ଯୋଗାଣ ଓ ପଛରେ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ରେଭେନ୍‌ସା ବିଶୃଙ୍ଖଳା ପାଇଁ କର୍ତ୍ତୃପକ୍ଷ ଦାୟୀ: ଏଆଇଡିଏସ୍‌ଓ

କଟକ,୨୧।୨(ସମିସ): ଗତକାଲି ସାମାନ୍ୟ ଫୁଟବଲ ଖେଳକୁ କେନ୍ଦ୍ରକରି ରେଭେନସା ବିଶ୍ୱବିଦ୍ୟାଳୟରେ ଦୁଇଟି ହଷ୍ଟେଲର ଅନ୍ତେବାସୀଙ୍କ ମଧ୍ୟରେ ବିଶୃଙ୍ଖଳା ଅତ୍ୟନ୍ତ ଦୁଃଖଦାୟକ ବୋଲି ଏଆଇଡିଏସଓ ପକ୍ଷରୁ କୁହାଯାଇଛି। ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି ଯେ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ସରକାର ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଜନାବଦ୍ଧ ଭାବେ ଶିକ୍ଷାନୁଷ୍ଠାନର ଶୈକ୍ଷିକ, ସାଂସ୍କୃତିକ ଓ ଗଣତାନ୍ତ୍ରିକ ବାତାବରଣକୁ ଧ୍ୱଂସ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ହରଣ କରାଯାଉଛି। ଯାହାର ଫଳ ସ୍ୱରୂପ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। କ୍ୟାମ୍ପସ ମଧ୍ୟରେ ଶୈକ୍ଷିକ, ସାଂସ୍କୃତିକ ଓ ଗଣତାନ୍ତ୍ରିକ ବାତାବରଣକୁ ସୁରକ୍ଷା ଦେବା ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଏଆଇଡିଏସଓ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# 'ବଜେଟ୍ ଶ୍ରମିକ ଓ କୃଷକ ବିରୋଧୀ'

କଟକ, ୨୧।୨(ସମିସ): ଓଡିଶା ବଜେଟ୍: ୨୦୨୬–୨୭ ରାଜ୍ୟର ଶ୍ରମଜୀବୀ ଏବଂ କୃଷିଜୀବୀ ଲୋକଙ୍କ ପାଇଁ ସହାୟତା ଅତି ନଗଣ୍ୟ ବୋଲି ସିପିଆଇ(ଏମ) କଟକ ଜିଲ୍ଲା କମିଟି ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ସରକାର ଏହି ବଜେଟ୍‌କୁ 'ଗରିବମୁଖୀ' ଓ 'ସମାବେଶୀ' ବୋଲି ପ୍ରଚାର କରୁଥିଲେ ମଧ୍ୟ, ପ୍ରକୃତରେ ଏଥିରେ ଶ୍ରମିକ, କୃଷକ, ଯୁବ, ମହିଳା ଓ ପଛୁଆ ବର୍ଗର ମୂଳ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଏହି ବଜେଟ୍ ପୂର୍ବପରି କର୍ପୋରେଟ ସପକ୍ଷବାଦୀ ଓ ଶ୍ରମିକ-କୃଷକ ବିରୋଧୀ ବଜେଟ ବୋଲି କହିଛନ୍ତି ସିପିଆଇ-ଏମ ନେତୃବୃନ୍ଦ।

# ବେଆଇନ ବାଣ ତିଆରି ଉପରେ ଲାଗୁନି ଲଗାମ୍

କଟକ, ୨୧।୨(ସମିସ):

କଟକ ଜିଲ୍ଲାରେ ବେଆଇନ ବାଣ ପ୍ରସ୍ତୁତି ଓ ବ୍ୟବସାୟ ଦିନକୁ ଦିନ କାୟା ବିସ୍ତାର କରିଛି। ପୁଲିସର ଚଢ଼ଉ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଲୁଚାଛପାରେ ଚାଲିଥିବା ଏହି ବ୍ୟବସାୟ ଯୋଗୁଁ ଗତ ୪ ମାସ ମଧ୍ୟରେ ଅନେକ ଜୀବନ ଗଲାଣି। ଲାଇସେନ୍ସ ଓ ସୁରକ୍ଷା ବ୍ୟବସ୍ଥା ନ ଥାଇ ଚାଲିଥିବା ଏହି କାରଖାନାଗୁଡ଼ିକ ଏବେ ମୃତ୍ୟୁର ଯନ୍ତା ପାଲଟିଛି। ଗୋଟିଏପଟରେ ବାରମ୍ବାର ଅଘଟଣ ପରେ ବି ଜୀବନଜୀବିକା କଥା କହି ବାଣ ପ୍ରସ୍ତୁତିକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆପଣାଇ ନେଇଥିବା ପରିଲକ୍ଷିତ ହେଉଛି। ଏଭଳି ବେଆଇନ ବାଣ ତିଆରି ଉପରେ ଲଗାମ ଲାଗିପାରୁନଥିବା ବେଳେ ଗତ ୪ ମାସରେ ୫ଜଣଙ୍କ ପ୍ରାଣହାନି ଘଟିଲାଣି। ଏବେ ବି କଟକ ଜିଲ୍ଲାର ସାଲେପୁର ବ୍ଲକ ଅନ୍ତର୍ଗତ ପଦମପୁର, ମହାଜନପୁର, ତ୍ରିଲୋଚନପୁର ,ପାଗା ସମେତ ଡିଗିରିଆ ଓ ଆଠଗଡର କେତେକ ଗ୍ରାମ ଓ କଟକ ସଦର ଅଞ୍ଚଳ ବାଣ ତିଆରିର ପେଣ୍ଠ ସ୍ଥଳ ପାଲଟିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଭୟଙ୍କର ବିସ୍ଫୋରଣ ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରି ରଖିଛି। ଗତକାଲି ଜଗତପୁର ଥାନା ତଥା ସାଲେପୁର ବ୍ଲକ ଅଞ୍ଚଳର ଏକ ଘର ଭିତରେ ବାଣ ଗଚ୍ଛିତ ଥିବା ବେଳେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଏଥିରେ ଏକା ସାଙ୍ଗରେ ଗୋଟିଏ ପରିବାରର ୩ ଜଣ ସଦସ୍ୟ ଜଣେ ମହିଳା, ତାଙ୍କର ୩ ବର୍ଷର ଝିଅ ଓ ଶାଶୂ ପ୍ରାଣ ହରାଇଛନ୍ତି। ବିସ୍ଫୋରଣରେ ପାଖାପାଖି ଦୁଇଟି ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି କଟକ ସଦର ଅଞ୍ଚଳର ଖଲର୍ଦ୍ଧା ଗ୍ରାମରେ ଗତ ଜାନୁଆରୀ ୧୮ରେ ଏକ ବେଆଇନ ବାଣ କାରଖାନାରେ ଘଟିଥିବା ବିସ୍ଫୋରଣରେ ସୁରେଶ ଭୋଇ ନାମକ ଜଣେ ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାର ନଜିର ରହିଛି। ସେହିଭଳି ଗତ ୨୦୨୫ ଅକ୍ଟୋବରରେ ଆଠଗଡ ପୁରୁଣା ଡିଗିରିଆ ଅଞ୍ଚଳରେ ବେଆଇନ ବାଣ ତିଆରି କରୁଥିବା ସମୟରେ ବିସ୍ଫୋରଣ ଘଟି ୨ଜଣ ବ୍ୟକ୍ତି ଗୁରୁତର ହୋଇ ପ୍ରାଣ ହରାଇଥିଲେ। ପ୍ରକାଶଥାଉକି କିଛି ବର୍ଷ ପୂର୍ବରୁ ବାଣ ତିଆରି ପାଇଁ ବିଭିନ୍ନ ନିୟମାବଳୀ ଅନୁସରଣ କରି ହାତଗଣତି କେତେକଙ୍କୁ ଲାଇସେନ୍ସ ମିଳିଥିଲା; ହେଲେ ଏହାକୁ ଆଉ ନବୀକରଣ କରାଯାଇ ନଥିବା ବେଳେ ବାଣ ତିଆରି ପାଇଁ ଆଉ ଏନଓସି ଦିଆଯାଇନାହିଁ। ବେଧଡକ ଭାବେ କାରିଗରମାନେ ବାଣ ଭିଡୁଥିବା ଜଣାପଡିଛି। କଟକ ଜିଲ୍ଲା ଜଗତପୁରର ପଦ୍ମପୁର ଅଞ୍ଚଳ ବାଣ କାରିଗରୀ ପାଇଁ ସାରା ରାଜ୍ୟରେ ପ୍ରସିଦ୍ଧ ଓ ଏହାକୁ 'ଓଡ଼ିଶାର ଶିବକାଶୀ' ବୋଲି କୁହାଯାଏ। ଏହି କାରିଗରୀ ଉପରେ ପଦ୍ମପୁର, ତ୍ରିଲୋଚନପୁର ଓ ମହାଜନପୁରର ପ୍ରାୟ ୩୦୦ରୁ ଅଧିକ ପରିବାର ନିର୍ଭର କରନ୍ତି। ଲାଇସେନ୍ସ ନଥିବାରୁ କାରିଗରମାନେ ସତର୍କତାର ସହିତ ଲୁଚାଛପାରେ ବାଣ ତିଆରି କରୁଛନ୍ତି। ସୂଚନା ଅନୁଯାୟୀ, ବାଣ ପ୍ରସ୍ତୁତ ଆଳରେ କିଛି କାରିଗର ଅପରାଧୀଙ୍କ ପାଇଁ ବିପଜ୍ଜନକ 'ହାତ ବୋମା' ମଧ୍ୟ ତିଆରି କରୁଛନ୍ତି, ଯାହା ଏବେ ପ୍ରଶାସନ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହି ସମସ୍ତ ଅଞ୍ଚଳରେ ବାର୍ଷିକ କୋଟିଏ ଟଙ୍କାର ବାଣ ବ୍ୟବସାୟ ହୋଇଆସୁଛି। ମାତ୍ର ପୁଲିସ ପକ୍ଷରୁ ଦୀପାବଳି ପୂର୍ବରୁ ଏହି ବେଆଇନ କାରଖାନାଗୁଡ଼ିକ ଉପରେ ଚଢଉ କରାଯାଉଥିବା ବେଳେ ଅନ୍ୟ ଦିନଗୁଡିକରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।

**୪ ମାସରେ ୬ ଜଣଙ୍କ ପ୍ରାଣହାନି**



10001/78/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିମୋନିଆ ନିରାକରଣ ସଚେତନତା ଅଭିଯାନ

ନିମୋନିଆ ଏକ ଗୁରୁତର ରୋଗ ଯାହା ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁର ପ୍ରମୁଖ କାରଣ ଅଟେ। ତେଣୁ ଘରୋଇ ଚିକିତ୍ସାରେ ସମୟ ନଷ୍ଟ କରନ୍ତୁ ନାହିଁ। ନିମୋନିଆର ଲକ୍ଷଣ ଦେଖାଦେବା ମାତ୍ରେ, ଶିଶୁକୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାନ୍ତୁ।

୧୨ ନଭେମ୍ବର ୨୦୨୫ - ୨୮ ଫେବୃଆରୀ ୨୦୨୬



SAANS ସାଁସ୍
ନିମୋନିଆ ନାହିଁ ଯାହାର, ପିଲାଦିନ ଠିକ୍ ତାହାର

"ନିମୋନିଆକୁ କଲେ ଦମନ, ସୁଖମୟ ହେବ ଶିଶୁ ଜୀବନ"

ଲକ୍ଷଣ

| | | | |
|---|---|---|---|
| କାଶ ଓ ଥଣ୍ଡା ବଢ଼ିବା | ଦ୍ରୁତ ଗତିରେ ନିଶ୍ୱାସପ୍ରଶ୍ୱାସ ନେବା | ନିଶ୍ୱାସପ୍ରଶ୍ୱାସ ନେବା ବେଳେ ଛାତିତଳ ଭିତରକୁ ପଶିଯିବା | ଅତ୍ୟଧିକ ଜ୍ୱର ହେବା |

ପ୍ରତିରୋଧ

- ପି.ସି.ଭି. ଟୀକା ଆପଣଙ୍କ ପିଲାକୁ ନିମୋନିଆ ଏବଂ ଅନ୍ୟାନ୍ୟ ରୋଗରୁ ସୁରକ୍ଷା ଦେଇଥାଏ
- ଏହି ଟୀକା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ
- ତେଣୁ ପି.ସି.ଭି. ଟୀକାର ତିନୋଟି ମାତ୍ରା ଶିଶୁକୁ ସୁନିଶ୍ଚିତ ଦିଅନ୍ତୁ

OIPR-10001/10003/2/25-26/0019

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

■ ଅପରେସନ ସାଇବର କବଚ

## ୨୦୬୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୧୪୬ ଗିରଫ

କଟକ,୨୧।୨(ସମିସ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ' ଜୋରଦାର ଭାବେ ଜାରି ରହିଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅଧୀନରେ ସମଗ୍ର ରାଜ୍ୟରେ ବିଗତ ୯ ଦିନ ମଧ୍ୟରେ ମୋଟ ୨,୦୬୭ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାସହ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୧୬୬ଟି ସାଇବର ମାମଲା, ଚେକ୍ ଉଠାଣ ସମ୍ପର୍କିତ ୭ଟି ମାମଲା ଏବଂ ନକଲି ସିମ୍ ସମ୍ପର୍କିତ ୭ଟି ମାମଲା ରୁଜୁ ହୋଇଛି। ଏହି ସମସ୍ତ ମାମଲାରେ ମୋଟ ୧୪୬ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ୬୦୯ ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଣ୍ଟଧାରୀଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

## ୨୪ରୁ ଚିନ୍ମୟ ମିଶନ ପକ୍ଷରୁ ହନୁମାନ ଚାଳିଶା ମହାଯଜ୍ଞ



କଟକ,୨୧।୨(ସମିସ): ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଚିନ୍ମୟ ମିଶନ ଓଡ଼ିଶା ତରଫରୁ ଏକ ରାଜ୍ୟସ୍ତରୀୟ ବୃହତ୍ ଆଧ୍ୟାତ୍ମିକ ତଥା ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ 'ଶ୍ରୀ ହନୁମତ୍ ମହୋତ୍ସବ ଓ ଶ୍ରୀ ହନୁମାନ ଚାଳିଶା ମହାଯଜ୍ଞ' ୨୪ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜନ ପାଇଁ ସ୍ଥିର ହୋଇଛି। ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ପାଇଁ ଏହା କରାଯାଉଛି। ଚିନ୍ମୟ ମିଶନର ଆନ୍ତର୍ଜାତୀୟ ଆନ୍ତ ପ୍ରଶାସନିକ ମୁଖ୍ୟ ପୂଜ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଜୀ 'ସଙ୍କଟମୋଚନ' ଉପରେ ପ୍ରବଚନ ପ୍ରଦାନ କରିବେ। ଫେବୃୟାରୀ ୨୫ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଗୀତା ପଞ୍ଚାମୃତ ଉପରେ ଚିନ୍ମୟ ମିଶନ ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ପୂଜ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନରେ ପ୍ରତିଦିନ ବିଭିନ୍ନ ଧର୍ମାନୁଷ୍ଠାନର ବିଶିଷ୍ଟ ସନ୍ଥମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସ୍ଥିର ହୋଇଛି। କାର୍ଯ୍ୟକ୍ରମ ସକାଳ ଓ ସନ୍ଧ୍ୟାରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅପରାହ୍ନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରାଇ ସେମାନଙ୍କୁ ସୁନାଗରିକ କରିବା ଲକ୍ଷ୍ୟରେ ଚିନ୍ମୟ ମିଶନର ଅଭିଜ୍ଞ ଆଚାର୍ଯ୍ୟ ଓ ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ ବୋଲି ଅଧ୍ୟକ୍ଷ ଡଃ କିଶନଲାଲ ଅଗ୍ରୱାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସମ୍ମିଳନୀରେ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ, ଡା. ଚିତ୍ତ ରଞ୍ଜନ ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଦ୍ୱିବେଦୀ, ନିହାର ରଞ୍ଜନ ରାୟ ଉପସ୍ଥିତ ଥିଲେ। ମହୋତ୍ସବର ସଂପାଦକ ସଂଗ୍ରାମ କେଶରୀ କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବିଶ୍ୱ ମାତୃଭାଷା ଦିବସ



କଟକ,୨୧।୨(ସମିସ): ମାଛୁଆ ବଜାରସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଅଷ୍ଟାଦଶ ବାର୍ଷିକ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଭିସ୍ୱାର ସମ୍ପାଦକ ସଂଗ୍ରାମ କେଶରୀ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସୁଲତା ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ସୁଲତାପଣ୍ଡା ଯୋଗ ଦେଇଥିଲେ। ସମ୍ପାଦକ ମନୋଜ ଦାସ ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀମାନେ ମାତୃଭାଷା ଲେଖିବା, କହିବା ପାଇଁ ଶପଥ ଗ୍ରହଣ କରିଥିଲେ। ସହକାରୀ ଆଚାର୍ଯ୍ୟା ଲୋପାମୁଦ୍ରା ସାହୁ, ନମିତା କୁମାରୀ ବେହେରା, ସୋନାଲିଶା ବାରିକ, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ, ମଧୁସ୍ମିତା ସାହୁ ଓ ସେବିକା ଜୟନ୍ତୀ ସାହୁ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ପରିଚାଳନା କରିଥିଲେ। ଆଚାର୍ଯ୍ୟା ରଶ୍ମିତା ସୁତାର ଧନ୍ୟବାଦ ଦେଇଥିଲେ।

## ୨୩ରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବାରଙ୍ଗ,୨୧।୨(ସମିସ): ନନ୍ଦନକାନନ ମୁଖ୍ୟ ଦ୍ୱାର ସମ୍ମୁଖରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିର ଜରାଜୀର୍ଣ୍ଣ ଯୋଗୁ ନୂତନ ଭାବେ ଏକ ମନ୍ଦିର ଗଢ଼ାଯାଇଛି। ଏହାର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୩ରୁ ୨୬ ୪ ଦିନ ଧରି ଅନୁଷ୍ଠିତ ହେବ। ପୁରୁଣା ମନ୍ଦିରକୁ ଭଙ୍ଗାଯାଇ ନୂତନ ଭାବେ ଉତ୍କଳୀୟ ଶିଳ୍ପୀ କଳାରେ ୩ କୋଟି ଟଙ୍କା ବ୍ୟବରେ ଏହି ମନ୍ଦିର ଗଢାଯାଇଛି। ଏହି ଧାର୍ମିକ ଉତ୍ସବରେ ପ୍ରଥମ ଦିନରେ ୬୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବାରଙ୍ଗ କେନାଲରୁ କଳସ ଯାତ୍ରା ଅନୁଷ୍ଠିତ ହୋଇ ଘଟ ସ୍ଥାପନ କରାଯିବ। ଶେଷ ଦିନରେ ପୂର୍ଣ୍ଣାହୂତି ହେବ ଓ ସବୁଦିନ ସନ୍ଧ୍ୟାରେ ଅଷ୍ଟପ୍ରହରୀ, ସଂକୀର୍ତ୍ତନ ଓ ଭଜନ ସନ୍ଧ୍ୟା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ମନ୍ଦିର ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀରେ ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ସମ୍ପାଦକ ବିଜୟ ପାତ୍ର, ରଘୁନାଥପୁର ଗ୍ରାମର ସଭାପତି ନବଘନ ପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଖଣି ମାଫିଆ-ପ୍ରଶାସନ ମଧୁଚନ୍ଦ୍ରିକା ● ସରପଞ୍ଚ ଓ ସହଯୋଗୀଙ୍କୁ ପୁଲିସ ଉଠାଇବାରୁ ଉତ୍ତେଜନା

# ରାସ୍ତାରୋକ; ଥାନା ଆଗରେ ମହିଳାଙ୍କ ଧାରଣା

ତିଗିରିଆ,୨୧।୨(ସମିସ):



ତିଗିରିଆ ଥାନା ବାଲିପୁଟ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଶନିବାର ତିଗିରିଆ ପୁଲିସ ଥାନାକୁ ଉଠାଇ ଆଣିବା ପ୍ରତିବାଦରେ ଅପରାହ୍ନରେ ସ୍ଥାନୀୟ ଜନସାଧାରଣ ବିନ୍ଧାଣିମା ବାଇପାସ୍ ଛକ ନିକଟରେ ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଛନ୍ତି। ଏଥିସହ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରିଛନ୍ତି। ବାଲିପୁଟ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଛାଡିବା ଦାବିରେ ତିଗିରିଆ ଥାନା ସମ୍ମୁଖରେ ଶତାଧିକ ଜନସାଧାରଣ ଧାରଣାରେ ବସିଥିବା ବେଳେ ରାଜ୍ୟ ରାଜପଥ ଉପରେ ଟାୟାର ଜାଳି ପ୍ରତିବାଦ କରିଥିଲେ।

ସୂଚନା ମୁତାବକ ବାଲିପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ଦୈନିକ ଶତାଧିକ ହାଇୱା ଗ୍ରାମ ନିକଟରେ ଥିବା ବେଆଇନ ଲଘୁ ଖଣିଜ ସମ୍ପଦ ପରିବହନ କରୁଛନ୍ତି। ଏନେଇ ଅଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଶୁକ୍ରବାର ରାତିରେ ବାଲିପୁଟ ପଞ୍ଚାୟତ ଅଧିନ ଖୁଣ୍ଟିଆସାହରେ ଜନୈକ ବ୍ୟକ୍ତିଙ୍କ ଘରେ ବାହାଘର କାର୍ଯ୍ୟକ୍ରମ ଥିବାରୁ ଗ୍ରାମବାସୀମାନେ ଶୁକ୍ରବାର ସନ୍ଧ୍ୟାରୁ ଶନିବାର ସକାଳ ପର୍ଯ୍ୟନ୍ତ ଗ୍ରାମ ରାସ୍ତାରେ ହାଇୱା ଚଳାଚଳକୁ ବନ୍ଦ କରିବାକୁ ଚାଳକମାନଙ୍କୁ ଅନୁରୋଧ କରିଥିଲେ। ମାତ୍ର ଗ୍ରାମ ଭିତରେ ବରଯାତ୍ରୀଙ୍କ ଶୋଭାଯାତ୍ରା ଚାଲିଥିବା ବେଳେ ଏକ ହାଇୱା ଗ୍ରାମ ରାସ୍ତା ଦେଇ ଯିବାକୁ ଚେଷ୍ଟା କରିଥିଲା। ଏନେଇ ଗ୍ରାମବାସୀ ଓ ହାଇୱା ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା।

ମାତ୍ର ହାଇୱା ଚାଳକ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ବେଆଇନ ଖଣିଜ ସାମଗ୍ରୀ ନେଉଥିବା କହିବା ସହ ତାର କେହି କିଛି କରିପାରିବେ ନାହିଁ ବୋଲି କହିଥିଲା। ଯାହାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ହାଇୱା ଚାଳକ ଦ୍ରୁତ ଗତିରେ ଗ୍ରାମ ମଧ୍ୟରେ ଗାଡ଼ି ନେଇ ପଳେଇ ଆସିଥିଲା। ଯେଉଁଥିରେ ଜଣେ ଗ୍ରାମବାସୀ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଥିବାବେଳେ ସାମାନ୍ୟ ଆହତ ହୋଇଥିଲେ।

ଘଟଣା ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସୁତାରଙ୍କୁ ଅବଗତ କରାଇବା ପରେ ସରପଞ୍ଚ ପହଞ୍ଚି ଗାଡ଼ି ଡ୍ରାଇଭରକୁ ଅଟକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଫଳରେ ସେଠାରେ ସରପଞ୍ଚ ଓ ଡ୍ରାଇଭରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ତିଗିରିଆ ଥାନାରେ ହାଇୱା ଚାଳକ ଲିଖିତ ଅଭିଯୋଗ କରିବାରୁ ଆଜି ତିଗିରିଆ ପୁଲିସ ସରପଞ୍ଚ ଶ୍ରୀ ସୁତାର ଓ ସହଯୋଗୀ ପ୍ରତାପ କୁମାର ବେହେରାଙ୍କୁ ଥାନାକୁ ଉଠାଇ ଆଣିଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀମାନେ ଦୁଇ ଦଳ ହୋଇ ଗୋଟିଏ ଗୋଷ୍ଠୀ ଥାନାକୁ ଆସି ହୋହଲ୍ଲା କରିବା ସହ ଅନ୍ୟ ଗୋଟିଏ ଗୋଷ୍ଠୀ ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ବାଲିପୁଟ ଛକରେ ରାସ୍ତା ଅବରୋଧ କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ଯୋଜନା ବୋର୍ଡ ସଭ୍ୟା ସସ୍ମିତା ରାଉତ ଓ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଥାନା ସମେତ ରାସ୍ତାରୋକ କରିଥିବା ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସହ ଆଲୋଚନା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ଜନ୍ମ ମାଟିରେ ପହଞ୍ଚିଲା ସାଉଦିଆରବରେ ମୃତକଙ୍କ ଶବ

ସାଲେପୁର,୨୧।୨(ସମିସ): ସାଉଦିଆରବରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ସାଲେପୁର ବ୍ଲକ୍ ଅଞ୍ଚଳର ଯୁବକଙ୍କ ମୃତଦେହ ତାଙ୍କ ଜନ୍ମମାଟିରେ ପହଞ୍ଚିଛି। ଆଜି ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା।

**ଶୋକାକୁଳ ପରିବେଶରେ ଶେଷକୃତ୍ୟ**

ପ୍ରକାଶ ଯେ, ସାଲେପୁର ବ୍ଲକ୍ ଅନ୍ତର୍ଗତ ସୁନ୍ଦଖଣ୍ଡ ଗ୍ରାମପଞ୍ଚାୟତ କୁଳସମିତଙ୍ଗା ଗ୍ରାମର ପ୍ରମୋଦ ସାହୁଙ୍କର ଗତ ୧୩ତାରିଖରେ ସାଉଦିଆରବରେ ହୃଦ୍‌ଘାତରେ ପରଲୋକ ଘଟିଥିଲା। ମୃତଦେହକୁ ଗ୍ରାମକୁ ଆଣିବା ପାଇଁ ତାଙ୍କ ପରିବାର ପକ୍ଷରୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ସ୍ଥାନୀୟ ବିଜେପି ନେତା ସତ୍ୟବାଦୀ ଚଇନିଙ୍କୁ ଅବଗତ କରାଯିବାରୁ ତାଙ୍କ ଉଦ୍ୟମରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଅନୁରୋଧ କରାଯାଇଥିଲା। ସାଂସଦଙ୍କ କାର୍ଯ୍ୟାଳୟ




ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ଶବ ଆଣିବାର ବ୍ୟବସ୍ଥା କରିଥିଲେ। ବିମାନ ବନ୍ଦରରେ ସାଂସଦଙ୍କ ପ୍ରତିନିଧି ଭାବେ ସତ୍ୟବାଦୀ ଚଇନି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମୃତଦେହକୁ ପୈତୃକ ଗ୍ରାମ କୁଳସମିତଙ୍ଗାରେ ପହଞ୍ଚାଇବା ପରେ ଶେଷକୃତ୍ୟ ସଂପନ୍ନ କରାଯାଇଛି।

କଣ୍ଟାପଡା ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ମୁହାଁମୁହିଁ

## ପ୍ରତିବାଦରେ ଜନପ୍ରତିନିଧିଙ୍କ ଅହୋରାତ୍ର ଧାରଣା ଜାରି

କଣ୍ଟାପଡା,୨୧।୨(ସମିସ): କଣ୍ଟାପଡା ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟରେ ପ୍ରଶାସନ ଠିକ୍ ଭାବରେ ସହଯୋଗ କରୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ଭୋଇ, ଉପାଧ୍ୟକ୍ଷ ଜଟିନ୍ଦ୍ର ନାଥ ବରାଳଙ୍କ ନେତୃତ୍ୱରେ ୧୬ଜଣ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ୨ଜଣ ଜିଲ୍ଲା ପରିଷଦ ସଦସ୍ୟ ବିଡିଓଙ୍କୁ ସାକ୍ଷାତ କରିବାକୁ ଯିବା ପୂର୍ବରୁ ବ୍ଲକ ଗେଟ୍‌ରେ ପ୍ରଶାସନ ତାଲା ପକାଇଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାସନର ଏଭଳି ନୀତିକୁ ବିରୋଧ କରି ଶାସକ ଓ ବିରୋଧୀ ଉଭୟେ ଧାରଣାରେ ବସି ରହିଥିଲେ। ଧାରଣାର ୪ର୍ଥ ଦିନରେ ପୂର୍ବତନ ବିଧାୟକ ଡା. ପ୍ରମୋଦ ମଲ୍ଲିକ, ନିଆଳିର ତୃପ୍ତିରଂଜନ ବେହେରା, ଅଭିମନ୍ୟୁ ମଲ୍ଲିକ, ସମାଜସେବୀ ପୀତବାସ ଜେନା, ପୂର୍ବତନ ନିଆଳି ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ ଆନ୍ଦୋଳନକୁ ସମର୍ଥନ ଜଣାଇ ଦୀର୍ଘ ସମୟ ଧାରଣାସ୍ଥଳରେ ବସିଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସହ ୧୬ଜଣ

**ଆଗକୁ ତୀବ୍ର ହେବ ଆନ୍ଦୋଳନ**

ନିର୍ବାଚିତ ଜନପ୍ରତିନିଧି ବ୍ଲକ ପରିସରରେ ଅହୋରାତ୍ର ଧାରଣାରେ ବସିଛନ୍ତି।

ପ୍ରଶାସନ ମୁହଁରେ ତୁଣ୍ଡି ବାନ୍ଧି ବସିଥିବା ବେଳେ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ନିଆଳି ବିଧାୟକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିଲେ। ତେବେ ହଠାତ୍ କେଉଁ କାରଣରୁ ବିଧାୟକ ଏଭଳି ସାମ୍ବାଦିକ ସମ୍ମିଳନୀ ଡାକି ବ୍ଲକ ପ୍ରଶାସନର ମୁଖପାତ୍ର ସାଜିଲେ ତାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ଆସନ୍ତା ସୋମବାର ସୁଦ୍ଧା ଯଦି ଜିଲ୍ଲା ପ୍ରଶାସନ ଆନ୍ଦୋଳନକାରୀଙ୍କ ନିକଟକୁ ନଆସେ ତେବେ ପୂର୍ବତନ ବିଧାୟକଙ୍କ ସହ କଣ୍ଟାପଡା, ନିଆଳି ଓ ବାରଙ୍ଗ ବ୍ଲକ୍‌ର ବହୁ ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣ ଆନ୍ଦୋଳନରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେହିପରି ଆନ୍ଦୋଳନର ଦଶମ ଦିନରେ ଆନ୍ଦୋଳନକାରୀମାନେ ଦଶାହ ଶୁଦ୍ଧିଘର ସହ ବ୍ରାହ୍ମଣଭୋଜନୀ ଓ ମହୋତ୍ସବର ଆୟୋଜନ କରିବେ ବୋଲି ୮ନଂ ଜିଲ୍ଲା ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପିୟୁଷ ରଂଜନ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଜଳଯୋଗାଣ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

**ବିଧାନସଭା ସମ୍ମୁଖରେ ୨୫ରେ ସମୂହ ଧାରଣା**

କଟକ,୨୧।୨(ସମିସ): ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଜଳ ଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଛି। ଜଳଯୋଗାଣ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ମିଳିତ ମଞ୍ଚ ତରଫରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶାସନ ସଚିବ, ଅର୍ଥବିଭାଗ, ଶାସନ ସଚିବ, ନଗର ଉନ୍ନୟନ ବିଭାଗ ମୁଖ୍ୟଙ୍କ ସହିତ ବହୁଥର ଆଲୋଚନା କରାଯାଇଛି। ଦୀର୍ଘ ୩୦ବର୍ଷରୁ ଅଧିକ ହେଲା ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ରାଜ୍ୟସରକାର କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ କର୍ମଚାରୀଙ୍କ ମହଲରେ ଘୋର ଅସନ୍ତୋଷ ଓ ଅଶାନ୍ତି




ରହିଛି। ମିଳିତ ମଞ୍ଚ ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ୨୫ତାରିଖ ବୁଧବାର ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜଳଯୋଗାଣ କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ଗଣଧାରଣାରେ ବସିବେ। ଜନସାଧାରଣଙ୍କ ପାନୀୟ ଜଳଯୋଗାଣରେ ବ୍ୟାଘାତ ସୃଷ୍ଟି ହେଲେ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଉପାଧ୍ୟକ୍ଷ ଡକ୍ଟର ମନୋଜ କୁମାର ମହାନ୍ତି, ହିନ୍ଦ୍ ମଜଦୁର ସଭାର ସଭାପତି ବିଜୟଭୂଷଣ ପତି, ସମ୍ପାଦକ ଶରତଚନ୍ଦ୍ର ରାଉତରାୟ, କ୍ଷିରେନ୍ଦ୍ରନାଥ ପୁହାଣ, ଯଯାତି କେଶରୀ ନାୟକ, ଶିବପ୍ରସାଦ ମହାନ୍ତି, ମକରଧ୍ୱଜ ସାହୁଙ୍କ ସମେତ ଅନେକ କର୍ମଚାରୀ ସୂଚନା ଦେଇଛନ୍ତି।

## ବିଶ୍ୱ ବଜ୍ରକାପ୍ତା ଦିବସ ପାଳିତ

ବାରଙ୍ଗ,୨୧।୨(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଦିନ ବିଶ୍ୱ ବଜ୍ରକପ୍ତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବଜ୍ରକପ୍ତା ସଂରକ୍ଷଣ ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ନନ୍ଦନକାନନ ଉପ-ନିର୍ଦ୍ଦେଶକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ବଜ୍ରକାପ୍ତା ସଂରକ୍ଷଣ ଓ ଆବଶ୍ୟକତା ବିଷୟରେ ସାଧାରଣରେ ସଚେତନତା ସୃଷ୍ଟି କରିବା ଉପରେ ଉପ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କୁଇଜ୍ ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଶ୍ୱ ମାତୃଭାଷା ଦିବସ ପାଳିତ



ସାଲେପୁର,୨୧।୨(ସମିସ): ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସରକାରୀ ସ୍ତରରେ ନିଷ୍ଠାପର ଭାବରେ ଉଦ୍ୟମ କରାଗଲେ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧି ଲାଭ କରିପାରିବ ବୋଲି ସାଲେପୁରସ୍ଥିତ ରୋଧପୁରଠାରେ ମା'ଶାରଳାଙ୍କ ମନ୍ଦିର ପରିସରରେ ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ସାଲେପୁର ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡଃ ନିଖିଳେଶ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଅଧ୍ୟକ୍ଷ ଡଃ ଯୁଧିଷ୍ଠିର ଖଟୁଆ ଯୋଗଦେଇ ଭାଷା ସାହିତ୍ୟ ପ୍ରତି ସମସ୍ତଙ୍କର ମମତା ରହିବା ଉଚିତ୍ ବୋଲି କହିଥିଲେ। ସାରସ୍ୱତ ସମାରୋହ ସମିତିର ସଂପାଦିକା ଡଃ ତରୁଲତା ଦେବୀ, ଉପସଭାପତି ବିଷ୍ଣୁଚରଣ ମିଶ୍ର, ସ୍ନେହମୟୀ ବାରିକ, ଦୀପ୍ତିମୟୀ ରାଉତ, ମାନସ କୁମାର ଦାଶ, ଦେବେନ୍ଦ୍ର କୁମାର ନାୟକ, ରାମଚନ୍ଦ୍ରସାହୁ, ହିମାଂଶୁ ଶେଖର ଦାଶ, ସମ୍ବିତ କୁମାର ଦାସ, ହେମନ୍ତ କୁମାର ନନ୍ଦ, ପୂର୍ବତନ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁ, ଡଃ ପ୍ରସନ୍ନ କୁମାର ମହାପାତ୍ର, ରଂଜନ କୁମାର ବେହେରା, ହେମନ୍ତ କୁମାର ଭୂୟାଁ, ସ୍ମୃତିରଂଜନ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ସଞ୍ଜ ନଇଁଲେ ଅନ୍ଧାରରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଡାକ୍ତର ନଥିବାରୁ ଚିକିତ୍ସା ସେବା ନପାଇ ଫେରୁଛନ୍ତି ରୋଗୀ**

ସାଲେପୁର,୨୧।୨(ସମିସ):

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୩ଟି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଇଁ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ କିଛିମାସ ହେବ ସଞ୍ଜ ନଇଁଲେ ଡାକ୍ତରଖାନା ପରିସରରେ କିଟିକିଟି ଅନ୍ଧାର ରାଜୁତି କରୁଛି। ଫଳରେ ରୋଗୀ ସମ୍ପର୍କୀୟଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି।

ପ୍ରକାଶ ଯେ, ରୋଗୀ ସେବାପାଇଁ ଅତୀତରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା। ସେଥିପାଇଁ ଆଖପାଖ ଅଞ୍ଚଳର ଓ ୩ଟି ନିର୍ବାଚନ ମଣ୍ଡଳୀର ରୋଗୀମାନେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। କିନ୍ତୁ ଦୁଃଖର ବିଷୟ ଏବେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର ନଥିବାରୁ ବହୁ ଦୂରଦୂରାନ୍ତରରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଚିକିତ୍ସା ହୋଇନପାରି ନିରାଶ ହୋଇ ଫେରୁଥିବା




ଅଭିଯୋଗ ହେଉଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ଜଣ ଡାକ୍ତର ରହିବା ସ୍ଥାନରେ ଏବେ ୪ଜଣ ଡାକ୍ତର ରୋଗୀସେବା କରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଲୋକୀକରଣ କରାଯାଇଥିବାବେଳେ କିଛି ମାସ ନପୁରୁଣୁ ନିମ୍ନମାନର ଲାଇଟ୍ ଲାଗିଥିବାରୁ ଲାଇଟ୍ ଗୁଡିକ ନଷ୍ଟ ହୋଇଥିବାବେଳେ ସନ୍ଧ୍ୟାବେଳେ ଡାକ୍ତରଖାନା ପରିସର ଅନ୍ଧକାରମୟ ହୋଇଯାଉଛି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଭିନ୍ନ ସମସ୍ୟାଦେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗତି କରୁଥିବାବେଳେ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଉନଥିବାରୁ ଆସ୍ତେ ଆସ୍ତେ ସାଲେପୁର ଡାକ୍ତରଖାନା ତାହାର ସୁନାମ ହରାଇବାକୁ ବସିଲାଣି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

**● ରେଳଧାରଣାରୁ ସ୍ୱାସ୍ଥ୍ୟ ସହାୟିକାଙ୍କ ମୃତଦେହ ଉଦ୍ଧାର ଘଟଣା**

# ୫ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କଲା ଜିଆର୍‌ପି

ବ୍ରହ୍ମପୁର,୨୧ା୨(ସମିସ): ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କସନ ଓ ଖୋଡାସିଙ୍ଗି ନିକଟସ୍ଥ ରେଳଧାରଣରୁ ଏମକେସିଜିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ସହାୟିକା ରାଜଲକ୍ଷ୍ମୀ ସାହୁ(୪୮)ଙ୍କ ଖଣ୍ଡ ବିଖଣ୍ଡିତ ମରଶରୀର ଗତ ୧୮ ତାରିଖରେ ଉଦ୍ଧାର ହୋଇଥିଲା। ରାଜଲକ୍ଷ୍ମୀଙ୍କୁ ଡାକି ନେଇ ହତ୍ୟା କରାଯାଇଥିବା ତାଙ୍କ ପୁଅ ଅଭିଯୋଗ କରିଥିଲେ। ଏନେଇ ଜିଆରପି ପୋଲିସ ମୃତଦେହକୁ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଥିଲା। ପ୍ରାଥମିକ ତଦନ୍ତରୁ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଗୋଟିଏ ପଟେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେଉଥିବା ବେଳେ ଅନ୍ୟପଟେ ପ୍ରାଥମିକ ତଦନ୍ତ ଆଧାରରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସେପଟେ ଉକ୍ତ ଘଟଣାରେ ଗୁରୁତର ଆହତ ବାବୁଲା ଜେନା ପଡୋଶୀ ଆନ୍ଧ୍ରପ୍ରଦେଶର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଦୁର୍ଘଟଣାରେ ରାଜଲକ୍ଷ୍ମୀଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ପୁଲିସକୁ କହିଥିଲେ। ଫଳରେ ଘଟଣା ଦିନ ଉପସ୍ଥିତ ସମସ୍ତ ୫ଜଣ ପ୍ରତ୍ୟକ୍ଷଦର୍ଶୀଙ୍କୁ ଥାନାକୁ ଡାକି ଶନିବାର ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ଘଟଣାର ତଦନ୍ତ ଅଧିକାରୀ ତଥା ଜିଆରପି ଏସଆଇ ଆରତୀ ପୋଦାର ସୂଚନା ଦେଇଛନ୍ତି। ଉଭୟ ପୋଲିସ ଓ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଟ୍ରେନ ଧକ୍କାରେ ହିଁ ରାଜଲକ୍ଷ୍ମୀଙ୍କର ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି। ଅନ୍ୟପଟେ ଗୁରୁତର ବାବୁଲା ଜେନା ଆଇସିୟୁରେ ଚିକିତ୍ସିତ ହେଉଥିବାରୁ ତାଙ୍କର ବୟାନ ରେକର୍ଡ ହୋଇପାରିନଥିବା ଜଣାପଡିଛି।

**ବ୍ରହ୍ମପୁର ମହାନଗର ନିଗମର ରାଜସ୍ୱ ସମୀକ୍ଷା ବୈଠକ**

# ବକେୟା ଭଡ଼ା ପୈଠ ନ କଲେ ଚୁକ୍ତି ରଦ୍ଦ

ବ୍ରହ୍ମପୁର,୨୧ା୨(ସମିସ)



ବ୍ରହ୍ମପୁର ମହାନଗର ନିଗମର ଯେଉଁ ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ନାହିଁ ସେ ସମସ୍ତ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ମାର୍ଚ୍ଚ ପହିଲା ସୁଦ୍ଧା ସାରିବାକୁ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଟ୍ୟାକ୍ସ କଲେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ବ୍ରହ୍ମପୁର ମହାନଗର ନିଗମ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ରାଜସ୍ୱ ଆଦାୟ ସମ୍ପର୍କିତ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥି ସହ ବିଭିନ୍ନ ସରକାରୀ ସଂସ୍ଥାଗୁଡିକରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ବିଇଡିଏ ଦ୍ୱାରା ନିର୍ମିତ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକର ହୋଲ୍ଡିଂ ଟ୍ୟାକ୍ସ ନିର୍ଦ୍ଧାରଣରେ କୌଣସି ଦ୍ୱନ୍ଦ୍ୱ ନରହିବା ପାଇଁ ଏକ ସ୍ୱତନ୍ତ୍ର ଟାକ୍ସ ଫୋର୍ସ ଗଠନ କରି ସରଜମିନ ତଦନ୍ତ କରିବାକୁ ବୈଠକରେ ସ୍ଥିର ହୋଇଛି। ସେହିପରି ମହାନଗର ନିଗମର ସମସ୍ତ ଷ୍ଟଲ ମାସିକ ଭଡା ପଇଠ ପାଇଁ ଗତ ୭ତାରିଖରୁ ଆରମ୍ଭ ହୋଇଥିବା କ୍ୟୁଆର୍ କୋଡ ଏବଂ ନିର୍ଦ୍ଦେଶାବଳୀ ବଣ୍ଟନ ପ୍ରକ୍ରିୟାକୁ ଆଗାମୀ ସପ୍ତାହକ ମଧ୍ୟରେ ଶେଷ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ବାରମ୍ବାର ଯିବା ସତ୍ତ୍ୱେ ଯେଉଁ ଷ୍ଟଲଗୁଡିକ ବକେୟା ଭଡ଼ା ପଇଠ କରୁନାହାନ୍ତି ସେସବୁର ଚୁକ୍ତି ରଦ୍ଦ, ଷ୍ଟଲ ସିଲ ଏବଂ ଓପିଡିଆର ନିୟମ ପ୍ରକାରେ କ୍ଷମତାପ୍ରାପ୍ତ ସାର୍ଟିଫିକେଟ ଅଫିସରଙ୍କ ନିକଟରେ ମାମଲା ରୁଜୁ ଭଳି ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କମିଶନର ସ୍ପଷ୍ଟ ସୂଚନା ଦେଇଛନ୍ତି। ମହାନଗର ନିଗମ ରାଜସ୍ୱର ନିଜସ୍ୱ ଉତ୍ସ ମଧ୍ୟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଟ୍ରେଡ ଲାଇସେନ୍ସ ଫି। ତେଣୁ ମାର୍ଚ୍ଚ ପହିଲାରୁ ୧୫ତାରିଖ ମଧ୍ୟରେ ଟ୍ରେଡ ଲାଇସେନ୍ସର ନବୀକରଣ ଏବଂ ନୂଆ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ ଦାଖଲ କରିବାକୁ ନିଗମ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସେଥିପାଇଁ ନିଗମ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯିବ। ସେଥିସହିତ ସହର ଭିତରେ ନିଗମର ବିଭିନ୍ନ ଟିମ୍ ଜନସଚେତନତା, ଧରପଗଡ ଏବଂ ଖିଲାପିଙ୍କ ବିରୁଦ୍ଧରେ ଅନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବେଳେ ସହରର ଅନେକ ଦେଶୀମଦ ଭାଟି ଟ୍ରେଡ ଲାଇସେନ୍ସ କରିନଥିବା କମିଶନରଙ୍କ ଦୃଷ୍ଟିକୁ ଆସିବା ପରେ ସେ ଅବକାରୀ କମିଶନରଙ୍କ ସହ ଯୋଗାଯୋଗ କରି ସେ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ କହିଥିଲେ। ଅପରପକ୍ଷେ ଆଇସିଆଇସିଆଇ ବ୍ୟାଙ୍କର ବିଭିନ୍ନ ଶାଖା ମଧ୍ୟ ଟ୍ରେଡ ଲାଇସେନ୍ସ କରିନଥିବା ଜଣାପଡିବା ପରେ ତୁରନ୍ତ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ସ୍ଥିର କରାଗଲା। କେବଳ କୋର୍ଟ ରହିତାଦେଶକୁ ବାଦ ଦେଲେ ମହାନଗର ନିଗମର ନିଜସ୍ୱ ରାଜସ୍ୱର ଅନ୍ୟ ସମସ୍ତ ଉତ୍ସର ଟିକିନିଖି ତଦାରଖ କରି ଖାସ କରି ବିଜ୍ଞାପନ ଫି, ପରିମଳ ବାବଦ ଉପଭୋକ୍ତା ଫି, କଲ୍ୟାଣ ମଣ୍ଡପ, ସମ୍ମିଳନୀ କକ୍ଷର ରେକର୍ଡ ଯାଞ୍ଚ ସହ ଫି ଆଦାୟକୁ ଶତ ପ୍ରତିଶତ ନିଶ୍ଚିତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ଡେପୁଟି କମିଶନର କଲ୍ୟାଣୀ ସଙ୍ଘମିତ୍ରା ଦେବୀ ଏବଂ ଆଶୀର୍ବାଦ ପରିଡା, ସହକାରୀ କମିଶନର ରୋନିତ କୁମାର, ବିକ୍ରମ ସୁଣ୍ଡି ଏବଂ ବିଶାଳ ଗୌରବଙ୍କ ସମେତ ରାଜସ୍ୱ ଏବଂ ଟ୍ରେଡ ଲାଇସେନ୍ସ ଅନୁବିଭାଗର କର୍ମଚାରୀ ଓ ଟ୍ୟାକ୍ସ କଲେକ୍ଟରମାନେ ଉପସ୍ଥିତ ଥିଲେ।

**● ଫୋକସରେ ହୋଲ୍ଡିଂ ଟ୍ୟାକ୍ସ, ଦୋକାନ ଭଡ଼ା ଓ ଟ୍ରେଡ ଲାଇସେନ୍ସ ଫି ଆଦାୟ ବୃଦ୍ଧି**

## ଗଞ୍ଜାମ ଜିଲ୍ଲା ପଛୁଆ ବର୍ଗ ବିକାଶ ମଞ୍ଚ ବୈଠକ



ବ୍ରହ୍ମପୁର,୨୧ା୨(ସମିସ): ସ୍ଥାନୀୟ ରେଡିଓ ଷ୍ଟେସନ ସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଗଞ୍ଜାମ ଜିଲ୍ଲା ପଛୁଆ ବର୍ଗ ବିକାଶ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରଭାକର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ମହିଳା ସଭାନେତ୍ରୀ ସବିତା ସାହୁକାର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସରକାର ଓବିସି ବର୍ଗଙ୍କୁ ବୈଷୟିକ ଓ ଅଣବୈଷୟିକ ଶିକ୍ଷା କ୍ଷେତ୍ରରେ ଶତକଡା ୧୧.୨୫ପ୍ରତିଶତ ସଂରକ୍ଷଣ ଦେଇଥିବାରୁ ସଭାରେ କୃତଜ୍ଞତା ପ୍ରକାଶ କରାଯାଇଥିଲା। କିନ୍ତୁ ଯେହେତୁ ଓବିସି ବର୍ଗ ପ୍ରଥମରୁ ନିଯୁକ୍ତି, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଭଳି ବିଭିନ୍ନ କ୍ଷେତ୍ରରେ ଶତକଡା ୨୭ପ୍ରତିଶତ ସଂରକ୍ଷଣ ପାଇ ଆସୁଥିଲେ। ପୂର୍ବଭଳି ସଂରକ୍ଷଣ ଦେବାକୁ ସଭାରେ ଦାବି କରାଯାଇଥିଲା। ଶେଷରେ ବାସୁଦେବ ସାହୁକାର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ମହାରଣା, ଜି. ଭାସ୍କର ରେଡ୍ଡୀ, ହରପ୍ରିୟା ସାହୁ, ରେଣୁବାଳା ସାହୁ, ସୁଧୀରକାନ୍ତ ସାହୁ ଓ ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନା ଅଧିକାରୀଙ୍କୁ ସାମ୍ବାଦିକଙ୍କ ସମ୍ବର୍ଦ୍ଧନା

କୁକୁଡ଼ାଖଣ୍ଡି,୨୧ା୨(ସମିସ): ବ୍ରହ୍ମପୁର ସଦର ଥାନାରେ ନୂତନ ଥାନା ଅଧିକାରୀ ଭାବେ ସନ୍ତୋଷ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଅଞ୍ଚଳର ବିଭିନ୍ନ ପ୍ରମୁଖ ବ୍ୟକ୍ତି ବିଶେଷ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ କୁକୁଡାଖଣ୍ଡି ବ୍ଲକର ସାମ୍ବାଦିକ ମାନେ ସଦର ଥାନାରେ ପହଞ୍ଚି ଥାନା ଅଧିକାରୀ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସାକ୍ଷାତକାର ସମୟରେ ସାମ୍ବାଦିକ ମାନେ ଅଞ୍ଚଳରେ ରହିଥିବା ବିଭିନ୍ନ ଆଇନ-ଶୃଙ୍ଖଳା ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ। ଏହାର ଉତ୍ତରରେ ଶ୍ରୀ ବେହେରା କହିଥିଲେ ଯେ, ପୁଲିସ ଓ ସାମ୍ବାଦିକମାନଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହିଲେ ଅଞ୍ଚଳର ସମସ୍ୟାମାନଙ୍କୁ ସଫଳତାର ସହ ମୁକାବିଲା କରାଯାଇପାରିବ। ସେ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିବଦ୍ଧ ବୋଲି କହିଥିଲେ।



## ମାଟ୍ରିକ ପରୀକ୍ଷାର ୨ୟ ଦିନ ପୁଣି ଅନୁପସ୍ଥିତ ରହିଲେ ୬୬୧ ପରୀକ୍ଷାର୍ଥୀ

ବ୍ରହ୍ମପୁର,୨୧ା୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା(ମାଟ୍ରିକ) ଶନିବାର ଦ୍ୱିତୀୟ ଦିନରେ ଜିଲ୍ଲାର ୨୧୭ଟି ପରୀକ୍ଷାକେନ୍ଦ୍ର ମୋଟ ୪୪ହଜାର ୫୨୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେଥି ମଧ୍ୟରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ନିମନ୍ତେ ମୋଟ ୪୩ହଜାର ୮୨୩ଜଣ ପରୀକ୍ଷା ଦେଇଥିବା ବେଳେ ୫୬୪ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ସେହିପରି ମୁକ୍ତ ବିଦ୍ୟାଳୟର ୭୨୪ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩୧ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୩ଜଣ ଅନୁପସ୍ଥିତ ଥିଲେ। ମଧ୍ୟମାର ମୋଟ ୭୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪ଜଣ ଅନୁପସ୍ଥିତ ଥିଲେ। ଏଭଳି ଭାବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିବସରେ ମୋଟ ୬୬୧ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିବା ଜଣାପଡିଛି। ଆସନ୍ତା ସୋମବାର ହିନ୍ଦୀ ଓ ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ମାର୍ଚ୍ଚ ୨ତାରିଖରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଶେଷ ହେବ।



**● ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

## ମହିଳାଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ



ବ୍ରହ୍ମପୁର,୨୧ା୨(ସମିସ): ସର୍ବୋଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରାଜ୍ୟର ସମସ୍ତ ଆଇନଜୀବୀ ସଂଘକୁ ଚିଠି ଜାରି କରାଯାଇଥିଲା। ଏହି କ୍ରମରେ ଗଞ୍ଜାମ ଓକିଲ ସଂଘର ଏକ ଜରୁରୀ ସାଧାରଣ ବୈଠକ ସଭାପତି ମନୋଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମାର୍ଚ୍ଚରେ ହେବାକୁ ଥିବା ସଙ୍ଘର କର୍ମକର୍ତ୍ତା ନିର୍ବାଚନରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ମୋଟ ପଦବୀର ଶତକଡା ୩୦ପ୍ରତିଶତ ସଂରକ୍ଷଣ ରଖିବାକୁ ଆଗତ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଫଳରେ ଏହି ନିଷ୍ପତ୍ତି ଚଳିତ ବର୍ଷ ମାର୍ଚ୍ଚ ୨୮ ତାରିଖରେ ହେବାକୁ ଥିବା ନିର୍ବାଚନରେ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। ବୈଠକରେ ଗଞ୍ଜାମ ଓକିଲ ସଂଘର ସମ୍ପାଦକ ଟି. ଭେଙ୍କେଟ ରାଓ, ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ନୋଟିସକୁ ପଢ଼ି ଶୁଣାଇଥିଲେ, ଉପସଭାପତି ତିରୁମୁଲା ରେଡ୍ଡୀ ବ୍ୟାଖ୍ୟା କରିଥିଲେ ଏବଂ ଶେଷରେ ସହ-ସମ୍ପାଦକ ଅସିତ ସାବତ ଧନ୍ୟବାଦ ଅର୍ପଣ କରିଥିଲେ।


**ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଚେତନତା ସଭା**

# ଫାଇନ୍ ଓ ଆଇନର ଭୟ ନୁହେଁ; ସଚେତନତା ହିଁ ଦୁର୍ଘଟଣା ରୋକିବ



ବ୍ରହ୍ମପୁର,୨୧ା୨(ସମିସ): ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି, ନିମଖଣ୍ଡି ଥାନା ଓ କୁମାରୀ କାମାକ୍ଷା ପେଟ୍ରୋଲ ପମ୍ପର ମିଳିତ ସହଯୋଗରେ ଲୋଚାପଡ଼ା ରୋଡ୍ ଧୋବାନାଳ ନିକଟରେ ତଥା ଶକ୍ତିନଗର ଛକ ନିକଟ ହିନ୍ଦୁସ୍ଥାନ ପେଟ୍ରୋଲିୟମର କୁମାରୀ କମାକ୍ଷୀ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମାବଳୀ ଉପରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା ଓ ଟ୍ରାଫିକ ଥାନା ଅଧିକାରୀ ପଦ୍ମ ଚରଣ ଭଙ୍ଗ ଯୋଗଦେଇ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଏବଂ ନିୟମାବଳୀ ସମ୍ବନ୍ଧରେ ତଥା ସୁରକ୍ଷିତ ଡ୍ରାଇଭିଂ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସେହିଭଳି ନିମଖଣ୍ଡି ଥାନା ଅଧିକାରୀ ଶ୍ରୀସାହା କହିଥିଲେ ଦେଶରେ ବିଶେଷ କରି ଗଞ୍ଜାମ ଜିଲ୍ଲାରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ଓ ଆହତ ଅତ୍ୟନ୍ତ ଚିନ୍ତାଜନକ। ବେପରୁଆ ଗାଡ଼ି ଚାଳନା, ଗାଡ଼ି ଚଲାଇବା ବେଳେ ମଦ୍ୟପାନ, ମୋବାଇଲ୍ ବ୍ୟବହାର, ଦ୍ରୁତ ଗତି, ହେଲମେଟ ନପିନ୍ଧିବା, ଅନ୍ୟମନସ୍କ ଓ ଅନିଦ୍ରା ହୋଇ ଗାଡି ଚଲାଇବା ବିଶେଷକରି ଟ୍ରାଫିକ ନିୟମର ଅବମାନନା ଏବଂ ଉଲ୍ଲଂଘନ ହିଁ ଦୁର୍ଘଟଣା ବୃଦ୍ଧିର ପ୍ରମୁଖ କାରଣ। ଟ୍ରାଫିକ ଥାନା ଅଧିକାରୀ ଶ୍ରୀଭଙ୍ଗ କାବ୍ୟ ଶୈଳୀରେ ଓ ବିଭିନ୍ନ ପୌରାଣିକ ଘଟଣାବଳିର ଉଦାହରଣ ଉଲ୍ଲେଖ କରି ଟ୍ରାଫିକ ନିୟମକୁ ମାନିବାର ଆବଶ୍ୟକତାକୁ ପ୍ରାଞ୍ଜଳ ଭାବେ ରଖିଥିଲେ ଏବଂ ଆମର ପର ପିଢ଼ିକୁ ଏନେଇ ସଚେତନ ଓ ଅବଗତ କରିବାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କର ବୋଲି ସେ ଆହ୍ୱାନ ଦେଇଥିଲେ।

ଯଦିଓ ପୁଲିସ ପ୍ରଶାସନ ପକ୍ଷରୁ ଏହାର ନିୟନ୍ତ୍ରଣ ନେଇ ଯଥୋଚିତ ପଦକ୍ଷେପ ନିଆଯାଉଛି ତଥାପି ଜନସାଧାରଣଙ୍କ ସହଯୋଗ ମିଳିଲେ ହିଁ ଏଥିରେ ନିୟନ୍ତ୍ରଣ ଆସିପାରିବ ବୋଲି ଉଭୟ ପୁଲିସ ଅଧିକାରୀ ମତବ୍ୟକ୍ତ କରିଥିଲେ। ଜନସାଧାରଣଙ୍କ ନିରାପଦ ଯାତ୍ରାକୁ ସୁନିଶ୍ଚିତ କରିବା ସକାଶେ ସରକାର, ପୁଲିସ ଓ ପ୍ରଶାସନ ତରଫରୁ ଯେଉଁସବୁ ନିୟମ ଓ ମାର୍ଗଦର୍ଶିକା ଜାରି କରାଯାଇଛି ଜନସାଧାରଣ ତାହାକୁ ସମ୍ମାନ ଦେବା ସହ ଅନୁପାଳନ କରିବାର ଆବଶ୍ୟକତା ରହିଛି। ତେବେ ଯାଇ ଏହି ସମସ୍ୟାକୁ ସୂଚାରୁ ରୂପେ ପରିଚାଳନା କରାଯାଇ ପାରିବ। ଫାଇନ ଓ ଆଇନର ଭୟ ନୁହଁ ସଚେତନତା ହିଁ ଏହାକୁ ରୋକିବାର ଏକମାତ୍ର ଉପଯୁକ୍ତ ମାଧ୍ୟମ ଏବଂ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଏନେଇ ଏକ ଉତ୍ତମ ପଦକ୍ଷେପ ନେଇଥିବାରୁ ପ୍ରଶଂସାଯୋଗ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାରୋଟି ବ୍ୟାରିକେଡକୁ ନିମଖଣ୍ଡି ଥାନା ଅଧିକାରୀ ଓ ଟ୍ରାଫିକ ଥାନା ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାପିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଭଳି ଅଧିକ ୪ଟି ବ୍ୟାରିକେଡ଼ ସ୍ଥାପନ କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ମାନି ଯେଉଁ ବାଇକ ଚାଳକମାନେ ହେଲମେଟ ବ୍ୟବହାର କରି ରାସ୍ତାରେ ଯାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନିମଖଣ୍ଡି ଥାନାର ଏଏସଆଇ କେ. ସି. ମାଝୀ, ଏଏସଆଇ ଦେବ ରଞ୍ଜନ ସାହୁ, କନଷ୍ଟେବଳ ଅନିଶ୍ ବାରିକ ଓ ଟ୍ରାଫିକ ଥାନାର ହାବିଲଦାର ଲୁନା ବେହେରା ଯୋଗ ଦେଇଥିଲେ। କମିଟି ସଭାପତି ସଂଜିବ କୁମାର ପଟ୍ଟନାୟକଙ୍କ ସମେତ ଉପ ସଭାପତି ଦେବୀ ପ୍ରସାଦ ଦାସ, କୋଷାଧକ୍ଷ ଏମ୍ ଲାବଣ୍ୟ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସହ ସମ୍ପାଦକ ବି. ଭି. ସାଗର, ସଂଗଠନ ଉପସମ୍ପାଦକ ଅଜିତ୍ କୁମାର ପଟ୍ଟନାୟକ, ସହସଂଗଠନ ସମ୍ପାଦକ ଅନୀଲ ଅଧିକାରୀ, ସଂଯୋଜକ ସି. ଏଚ. ରାମକୃଷ୍ଣ ଦାସ, ସହସଂଯୋଜକ ଶ୍ରୀମନ୍ତ ପାଣିଗ୍ରାହୀ, ସୁନିଲ ପାତ୍ର, ଉପଦେଷ୍ଟା ଲକ୍ଷ୍ମୀକାନ୍ତ ଜେନା, ପ୍ରବୀଣ କୁମାର ପଟ୍ଟନାୟକ, ଏଲ. ଏନ. ପାଢ଼ୀ, ପ୍ରଶାନ୍ତ ଶର୍ମା, ରାମା ରାଓ ଓ ଗୋପାଳ ମିଶ୍ର ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ରାୟଗଡ଼ ବ୍ଲକରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା



**ରାୟଗଡ଼,୨୧।୨(ସମିସ):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଗଜପତି ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ରାୟଗଡ ବ୍ଲକ ମିନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଓ ଜିଲ୍ଲାପରିଷଦ ସଭ୍ୟା ଗୌତମୀ ଜାନି ମଞ୍ଚାସୀନ ଥିଲେ। ଆଜିର ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକରୁ ୬୧୧ଜଣ ଯୁବକ ଓ ଯୁବତୀ ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ୩୭୪ ଜଣଙ୍କୁ ଚୟନ କରାଯାଇଛି। ସେଥିମଧ୍ୟରୁ ୬୭ ଜଣଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଛି। ଆଜିର ନିଯୁକ୍ତି ମେଳାରେ ୧୯ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟବାହାରର ଘରୋଇ କମ୍ପାନୀ ଯୋଗ ଦେଇ ପ୍ରତ୍ୟେକ ନିଯୁକ୍ତିର ସୁଯୋଗ ପ୍ରଦାନ କରିବା ସହିତ କିଛି ଘରୋଇ କମ୍ପାନୀ ତାଲିମ୍ ପ୍ରଦାନ ପରେ ନିଯୁକ୍ତି ପ୍ରଦାନ କରିବେ। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧି ଯୋଗ ଦେଇଥିଲେ।

# ମରାମତି ଅଭାବରୁ ବେହାଲ୍ ଆର୍‌ଡ଼ି ରାସ୍ତା

ଟିକାବାଲି,୨୧।୨(ସମିସ)



ଟିକାବାଲି ବ୍ଲକ ପିକରଡ଼ି ପଞ୍ଚାୟତ ଗସାଗୁଡା ଛକ ଠାରୁ ମକବିଦିଙ୍ଗିଆ ଏବଂ ଲିଙ୍ଗା ଦେଇ ପୁକୁଲିଙ୍ଗିଆ ପର୍ଯ୍ୟନ୍ତ ଲମ୍ବିଥିବା ଆରଡି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ୬ ବର୍ଷରୁ ଅଧିକ

**ପ୍ରଶାସନିକ ଅବହେଳାକୁ ନେଇ ଜନ ଅସନ୍ତୋଷ**

ପୂର୍ବେ ନିର୍ମାଣ କରାଯାଇଥିବା ଏହି ରାସ୍ତାର ଥରେ ହେଲେ ମରାମତି ହୋଇ ନ ଥିବାରୁ ଏହାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଯାତାୟାତରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସୂଚନା ଅନୁଯାୟୀ, ନିର୍ମାଣ ପରଠାରୁ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାର ସବୁ ପିଚୁ ଉଠିଯାଇଛି। ଏବେ ରାସ୍ତା ସାରା କେବଳ ବଡ଼ ବଡ଼ ଖାଲଖମା ସାଙ୍ଗକୁ ଧାରୁଆ ଚିପ୍ସ ଓ ମେଟାଲ ବିଛେଇ ହୋଇପଡ଼ିଛି। ଏହି ରାସ୍ତା ଦେଇ ଦୁଇଚକିଆ ଯାନ କିମ୍ବା ଚାରିଚକିଆ ଯାନ ଚଳାଇବା କଷ୍ଟକର ହୋଇପଡ଼ିଛି। ବିଶେଷ କରି ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କୁ ନେବା ଆଣିବା କରିବା ସମୟରେ ଆମ୍ବୁଲାନ୍ସ ପାଇଁ ମଧ୍ୟ ଏହି ରାସ୍ତା ଏକ ବଡ଼ ବାଧକ ସାଜିଛି। ବାରମ୍ବାର ଗୁହାରି ସତ୍ତ୍ୱେ ଏହି ରାସ୍ତା ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହିଛି। ରାସ୍ତାର ଦୁରବସ୍ଥା ଯୋଗୁଁ ସ୍ଥାନୀୟ ବ୍ୟବସାୟ ଓ ଶିକ୍ଷାର୍ଥୀଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ପ୍ରଶାସନିକ ଅଧିକାରୀ ଏସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଗସାଗୁଡା, ମକବିଦିଙ୍ଗିଆ, ଲିଙ୍ଗା ଓ ପୁକୁଲିଙ୍ଗିଆ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ଏହି ରାସ୍ତାର ପୁନଃନିର୍ମାଣ କିମ୍ବା ମରାମତି କାର୍ଯ୍ୟ ଆରମ୍ଭ ନହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ବେଲଗୁଣ୍ଠା,୨୧।୨(ସମିସ):** କ୍ଷେତ୍ରୀୟ ବରପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ଗିରିଧର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ଅନିତା ତ୍ରିପାଠୀ ସଂଯୋଜନା କରିଥିଲେ। ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ରୁନିବାଳା ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ, ତତ୍ ସହିତ ମହିଳା ଯୁବ ରେଡ଼କ୍ରସ ଶାଖାର ସହ-ଉପଦେଷ୍ଟା ସ୍ୱରୂପାରାଣୀ ବିଶ୍ୱାଳ ସମ୍ମାନୀତ ଅତିଥି ରୂପେ ମଞ୍ଚାସିନ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଗିରିଧର ନାୟକ ସରକାରଙ୍କ ଏହି ଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଅଂଶଗ୍ରହଣକାରୀ ଛାତ୍ରୀମାନଙ୍କୁ ତାଲିମ ନେବାକୁ ପ୍ରେରଣା ଯୋଗାଇଥିଲେ। ରସାୟନ ବିଭାଗର ଅଧ୍ୟାପକ ଡ଼ଃ. ଇ. ରବିନାରାୟଣ ପାତ୍ର ଅନ୍ୟତମ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ପ୍ରଶିକ୍ଷିକା ଭାବେ ବନିତା ସାହୁ ଓ ମୀନତୀ ଗୌଡ଼ ଯୋଗ ଦେଇଥିଲେ। ସହ ସଂଯୋଜିକା ଧରିତ୍ରୀ ରାଣୀ ବିଷାଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

**ବେଲଗୁଣ୍ଠା,୨୧।୨(ସମିସ):** ସ୍ଥାନୀୟ ଖଇରପୁଟି ଛକରେ ଥିବା ହନୁମାନ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଅଷ୍ଟ ପ୍ରହର ନାମ ଯଜ୍ଞ ଏବଂ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ଶୁଭାଧିବାସ ଏବଂ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ସକାଳ ଠାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନାମ ସମାପନ, ପୂର୍ଣ୍ଣାହୁତି, ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ ଏବଂ ଯମୁନା ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଯଜ୍ଞ ଦେଖିବା ସହ ହନୁମାନଙ୍କ ଦର୍ଶନ ଏବଂ ପ୍ରସାଦ ସେବନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ୍ ବାହିନୀ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଖଇରପୁଟି ଏବଂ ବଡ଼ସାଦରା ଗ୍ରାମବାସୀ ସହଯୋଗ କରିଥିଲେ।

# ଉତ୍କଳ ସମ୍ମିଳନୀ ଗଜପତି ଶାଖାର ଜରୁରୀ ବୈଠକ

**ପାରଳାଖେମୁଣ୍ଡି,୨୧।୨(ସମିସ):** ପାରଳାଖେମୁଣ୍ଡି ଠାରେ ଉତ୍କଳ ସମ୍ମିଳନୀ ଗଜପତି ଶାଖାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଅସ୍ମିତାର ସୁରକ୍ଷା କିପରି କରାଯାଇପାରିବ ପ୍ରାଞ୍ଜଳ ଭାବେ କହିଥିଲେ। ଗତ ମାସ ଦଶପଲ୍ଲାରେ ଯୋଗଦେଇଥିବା ଗଜପତିର ପ୍ରତିନିଧିମାନଙ୍କର ନିଜ ନିଜ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ରାଜ୍ୟରେ ଅନୁଭୂତ ତିନୋଟି ଶାଖା ଦ୍ୱନ୍ଦ ରହିବା ଏବଂ ଏହାର ସରଳୀକରଣ ପାଇଁ ପଦକ୍ଷେପ ନେବା ଜରୁରୀ ବୋଲି ସଭାରେ ମୁଖ୍ୟ ଆଲୋଚନା ହୋଇଥିଲା। ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ନିଜସ୍ୱ ମତ ଦେଇ କହିଥିଲେ ଏସବୁକୁ ଏକତ୍ରୀକରଣ କରାଯାଇ ରାଜ୍ୟସ୍ତରରେ ନୂଆ ନିର୍ବାଚନ କରାଯାଇ ଅନୁଷ୍ଠାନକୁ ସୁଦୃଢ଼ କରିବାକୁ ଅନୁରୋଧ କରାଗଲା। ଆଶାଲତା ପାଣିଗ୍ରାହୀ, ବିଚିତ୍ରାନନ୍ଦ ବେବର୍ତ୍ତା, ମୂରଲୀଧର ପରିଛା, ଗୌରହରି କର, ସୁଧା ପଟ୍ଟନାୟକ, ସଚ୍ଚିଦାନନ୍ଦ ସାମଲ, ଆର୍ତ୍ତତ୍ରାଣ ଚଇନି ପ୍ରମୁଖ ଯୋଗଦାନ କରି ନିଜସ୍ୱ ମତ ରଖିଥିଲେ। ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଋଷିକୁଲ୍ୟା ରୋକେରୀକୁ ଐତିହ୍ୟ ସ୍ଥଳ ପାଇଁ ପ୍ରସ୍ତାବ



**ଗଞ୍ଜାମ,୨୧।୨(ସମିସ):** ଗଞ୍ଜାମ ବ୍ଲକ କନଫରେନ୍ସ ହଲରେ ଓଡିଶା ଜୈବ ବିବିଧତା ବୋର୍ଡ ଦ୍ୱାରା ଗଞ୍ଜାମ ଜିଲ୍ଲାର ୮ଟି ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟ ମାନଙ୍କୁ ନେଇ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଓଡିଶା ଜୈବ ବିବିଧତା ବୋର୍ଡରୁ ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର ଓ ଡ଼କ୍ଟର ସତ୍ୟ ରଞ୍ଜନ ବେହେରା ପ୍ରାଣି ବିଜ୍ଞାନୀ ଉପସ୍ଥିତ ରହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଣୀ ବିଶେଷଜ୍ଞ ଶିବ ପ୍ରସାଦ ପରିଡା ଓ ଉଦ୍ଭିଦ ବିଜ୍ଞାନୀ ଡ଼କ୍ଟର ପ୍ରସନ୍ନ ନାୟକ ଗଞ୍ଜାମ ଓ ଓଡିଶାର ଜୈବ ବିବିଧତା ବିଷୟରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଋଷିକୁଲ୍ୟା ରୋକେରୀ ଏକ ବିଶ୍ୱ ପ୍ରସିଦ୍ଧ ଅଲିଭ ରିଡଲେ ଗଣ ଅଣ୍ଡାଦାନ କେନ୍ଦ୍ର ବୋଲି ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସ୍ଥଳକୁ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା କେମିତି ଅଧିକ ସଂରକ୍ଷଣ କରିହେବ ସେ ସମ୍ବନ୍ଧରେ ଆଲୋଚନା କରିହେବ ସେନେଇ ଆଲୋଚନା ହୋଇଥିଲା। ଏହି ସମ୍ପର୍କରେ କୌଣସି ବ୍ୟକ୍ତିଙ୍କର କିଛି ଅଭିଯୋଗ ରହିଥିଲେ ସରକାରଙ୍କୁ ପତ୍ର ଲେଖି ଅବଗତ କରିବେ ବୋଲି ବିଶେଷଜ୍ଞ ମାନେ ମତ ପ୍ରକାଶ କରିଥିଲେ।

# ମାନସିକ ରୋଗୀଙ୍କୁ ଚିକିତ୍ସା କର୍ମଶାଳା



**ପାରଳାଖେମୁଣ୍ଡି,୨୧।୨(ସମିସ):** ଜିଲ୍ଲାର ପୁଲିସ ଅଧିକାରୀଙ୍କ ପାଇଁ ମାନସିକ ରୋଗର ଶିକାର ହୋଇଥିବା ବ୍ୟକ୍ତିଙ୍କୁ କିପରି ମର୍ଯ୍ୟାଦା ଏବଂ ସମ୍ବେଦନଶୀଳତାର ସହିତ ଚିକିତ୍ସା କରିବେ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଡା. ପ୍ରଣୟ ରଞ୍ଜନ ନାୟକ, ସିୟୁଟିଏମ୍‌ର ନର୍ସି ସ୍କୁଲ ଅଧ୍ୟକ୍ଷା ଏସ୍.ଏନ୍. ସନ୍ଧ୍ୟା, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ କୁଶା କହଁର ଯୋଗ ଦେଇଥିଲେ। ବକ୍ତାମାନେ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା, ସାମାଜିକ, ମାନସିକ ଏବଂ ଆଇନଗତ ଦିଗ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ମାନସିକ ରୋଗରେ ପୀଡିତ ବ୍ୟକ୍ତିଙ୍କ ସହିତ ଜଡିତ ପରିସ୍ଥିତିରେ ପ୍ରଥମ ପ୍ରତିକ୍ରିୟାକାରୀ ଭାବରେ ପୁଲିସ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କିପରି ମାନସିକ ରୋଗୀଙ୍କୁ ମର୍ଯ୍ୟାଦା ଏବଂ ସମ୍ମାନ ସହିତ ଚିକିତ୍ସା କରିବା, ଧୈର୍ଯ୍ୟ, ସହାନୁଭୂତି ଏବଂ ବୃତ୍ତିଗତାର ସହିତ ପ୍ରତିକ୍ରିୟା ଦେବା, କଳଙ୍କ ଏବଂ ଭେଦଭାବକୁ ଏଡାଇ ଦେବା, ଠିକ୍ ସମୟରେ ଚିକିତ୍ସା ସହାୟତା ଏବଂ ସମନ୍ୱୟ ସୁନିଶ୍ଚିତ କରିବା, ମାନସିକ ସ୍ୱାସ୍ଥ୍ୟସେବା ଆଇନ ୨୦୧୭ ଅନୁଯାୟୀ ସୁନିଶ୍ଚିତ ଅଧିକାରକୁ ସୁରକ୍ଷା ଦେବା ଏହି ଅଧିବେଶନର ଲକ୍ଷ୍ୟ ଥିଲା। ସମାଜରେ ଦୁର୍ବଳ ବ୍ୟକ୍ତିଙ୍କ ସହିତ କାର୍ଯ୍ୟ କରିବା ସମୟରେ ମାନବିକ ଅଭ୍ୟାସକୁ ସୁଦୃଢ଼ କରିବା ଏବଂ ପୁଲିସ କର୍ମଚାରୀଙ୍କ ମଧ୍ୟରେ ସମ୍ବେଦନଶୀଳତା ବୃଦ୍ଧି କରିବା ଉପରେ ଆଲୋଚନା ହୋଇଥିଲା।

# ମିଳୁନି ହରିଶ୍ଚନ୍ଦ୍ର ସହାୟତା; ମୃତକଙ୍କ ପରିବାର ଅସହାୟ

**କୁକୁଡ଼ାଖଣ୍ଡି,୨୧।୨(ସମିସ):** ରାଜ୍ୟରେ ସରକାର ବଦଳିବା ସହ ଅନେକ ଯୋଜନାର ଦିଗଦର୍ଶନ ବଦଳିଛି। କିନ୍ତୁ ପୂର୍ବତନ ସରକାରଙ୍କ ଅମଳରେ ଚାଲୁଥିବା ହରିଶ୍ଚନ୍ଦ୍ର ଯୋଜନା ଏବେ ପ୍ରାୟ ବନ୍ଦ ସଦୃଶ ହୋଇପଡ଼ିଥିବା ଅଭିଯୋଗ ଉଠିଛି। ମୃତକଙ୍କ ଶବ ସଂସ୍କାର ପାଇଁ ଏହି ଯୋଜନା ଅନୁସାରେ ପରିବାରକୁ ୨ ହଜାର ଟଙ୍କା ସହାୟତା ମିଳୁଥିଲା। ହେଲେ ସରକାର ପରିବର୍ତ୍ତନ ପରେ ଏହି ସହାୟତା ରାଶି ମିଳୁନଥିବାରୁ ଗରିବ ପରିବାର ଗଭୀର ସମସ୍ୟାରେ ପଡ଼ିଛନ୍ତି। କୁକୁଡ଼ାଖଣ୍ଡି ବ୍ଲକର ଲାଠି, ବେଦାଳିଆ, ମହୁଡ଼ା, ଶିହଳା, ଟାମଣା ଓ ବାଘଲଟି ପଞ୍ଚାୟତ ସହିତ ଅନ୍ୟାନ୍ୟ ଅଞ୍ଚଳର ପ୍ରାୟ ଏକ ହଜାରରୁ ଅଧିକ ହିତାଧିକାରୀ ଏହି ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାର ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଲେ ମଧ୍ୟ ସୁଫଳ ମିଳୁନାହିଁ। ସରପଞ୍ଚମାନଙ୍କ କହିବା ଅନୁସାରେ, ରାଜ୍ୟ ସରକାର ପକ୍ଷରୁ ଏହି ଯୋଜନା ପାଇଁ ପାଣ୍ଠି ଯୋଗାଣ ହେଉନଥିବାରୁ ସେମାନେ ମଧ୍ୟ ଅସହାୟ। ଅନ୍ୟପଟେ ଜିପିଡିଓ କହିଛନ୍ତି ଯେ, ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ମାଧ୍ୟମରେ ଆସୁଛି। ଯଦି ମୃତକଙ୍କ ପରିବାର ୧୫ ଦିନ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିବେ ଓ ପଞ୍ଚାୟତ ପକ୍ଷରୁ ବ୍ଲକ କାର୍ଯ୍ୟାଳୟକୁ ପ୍ରେରଣ କରାଯିବ, ତେବେ ସହାୟତା ମିଳିପାରିବ। କିନ୍ତୁ ବ୍ଲକସ୍ତରରେ ସଚେତନତାର ଅଭାବ, ପ୍ରଶାସନିକ ଅସମନ୍ୱୟ କାରଣରୁ ଗରିବ ଲୋକଙ୍କୁ ମୃତ୍ୟୁ ପରେ ମଧ୍ୟ ସମ୍ମାନପୂର୍ଣ୍ଣ ସଂସ୍କାର କରିବାରେ ଅସୁବିଧା ହେଉଛି। ସରକାର ତୁରନ୍ତ ଏହି ଯୋଜନାକୁ ସକ୍ରିୟ କରି ହିତାଧିକାରୀଙ୍କୁ ସହାୟତା ଦେବାକୁ ଦାବି ହେଉଛି।

# ବନ୍ଦେ ଭାରତ ଧକ୍କାରେ ଷଣ୍ଢ ମୃତ


**ରମ୍ଭା,୨୧।୨(ସମିସ):** ଶୁକ୍ରବାର ସକାଳେ ସାବୁଲିଆ ରେଳ ଫାଟକ ପାଶ୍ୱର୍ରେ ବନ୍ଦେ ଭାରତ ଟ୍ରେନ ଧକ୍କାରେ ଏକ ଷଣ୍ଢ ଆହତ ହୋଇଥିଲା। ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ପଶୁ ଡାକ୍ତରଙ୍କ ସହାୟତାରେ ତାର ଚିକିତ୍ସା କରାଯାଇଥିଲା। ଷଣ୍ଢଟି ଗୁରୁତର ଥିବାରୁ ଅପରାହ୍ନରେ

**ଅନ୍ତିମ ସଂସ୍କାର କଲେ ସାମାଜିକ କର୍ମୀ**

ମୃତ୍ୟୁ ହୋଇଥିଲା। ଏହାପରେ ସାମାଜିକ କର୍ମୀଙ୍କ ଦ୍ୱାରା ମୃତ ଷଣ୍ଢକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ପୋତି ଦିଆଯାଇଥିଲା। ସଂସ୍କାର କାର୍ଯ୍ୟରେ ଶଙ୍କର ସାହୁ, ସୁଦାମ ପାଢ଼ୀ, ପ୍ରହଲ୍ଲାଦ ପାତ୍ର, କୃଷ୍ଣଚନ୍ଦ୍ର ବେହେରା, କବିରାଜ ଦଳେଇ, କୁମର ସାହୁ, ପୂର୍ତ୍ତ ବିଭାଗର କୋଷାଧ୍ୟକ୍ଷ ରଘୁନାଥ ମହାପାତ୍ର, ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ, ରମ୍ଭା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଗୋପୀନାଥ ବେହେରା, ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟମାନଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ।

# କବିସୂର୍ଯ୍ୟନଗରକୁ ଜିଲ୍ଲା ପାଇଁ ପ୍ରସ୍ତାବ

**କବିସୂର୍ଯ୍ୟନଗର,୨୧।୨(ସମିସ):** ଗଞ୍ଜାମ ଜିଲ୍ଲାକୁ ବିଭାଜନ କରି ଘୁମୁସର, ଋଷିକୁଲ୍ୟା (ଆସିକା), ବ୍ରହ୍ମପୁର, ଭଞ୍ଜନଗର ଓ କବିସୂର୍ଯ୍ୟନଗର ଭାବେ ଜିଲ୍ଲା କରିବାକୁ ରାଜ୍ୟ ସରକାର ଠାରେ ଅନୁମୋଦନ ପାଇଁ ପ୍ରସ୍ତାବ ରହିଛି। ଐତିହାସିକ ସହର ଭାବେ କବିସୂର୍ଯ୍ୟନଗର ପାରିଚିତ। ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ମାଟିର ସାରସ୍ୱତ ସାଧକ, ବରପୁତ୍ର କବିସୂର୍ଯ୍ୟ ବଳଦେବଙ୍କ ନାମରେ ନାମିତ ସହର। ଯେଉଁଠି କବିସୂର୍ଯ୍ୟଙ୍କ ଜନ୍ମଭୂମି ଓ ଲୀଳାଭୂମି ଭାବେ ଆଠଗଡ଼ ପାଟଣା। ଯାହାର




ପ୍ରମାଣ ଏବେ ବି ଦେଖିବାକୁ ମିଳେ। ବ୍ୟବସାୟିକ, ଅର୍ଥନୈତିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଏହାର ସ୍ଥାନ ସ୍ୱତନ୍ତ୍ରତା ରହିଛି। ଏକ ପ୍ରାଚୀନ ସହର କବିସୂର୍ଯ୍ୟନଗର। ୧୯୬୦ ମସିହାରେ ଏନଏସି ଗଠିତ, ଏବେ ମ୍ୟୁନିସିପାଲିଟିର ମାନ୍ୟତା ପାଇଛି। ଏଠାରୁ ଖଲିକୋଟ, ପୋଲସରା, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ବେଗୁନିଆପଡା, କୋଦଲା, କବିସୂର୍ଯ୍ୟନଗର ଆଦି ଏନଏସି, ମୁନିସିପାଲିଟି ଓ ବ୍ଲକ ଆଦି କମ ଦୂରତାରେ ରହିଛି। ଏହା କେନ୍ଦ୍ରସ୍ଥଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାକୁ ନେଇ ଏକ ଜିଲ୍ଲା ଗଠନ କବିସୂର୍ଯ୍ୟବଳଦେବ ନାମରେ ଗଠନ କରିବାକୁ ଦାବି ହୋଇଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ରାଜ୍ୟସ୍ୱ ବିଭାଗ, ମୁଖ୍ୟ ଶାସନ ସଚିବ, ଗଞ୍ଜାମ ଜିଲ୍ଲପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଆସିକା ସାଂସଦ ଓ କବିସୂର୍ଯ୍ୟନଗର ବିଧାୟକଙ୍କୁ କବିସୂର୍ଯ୍ୟ ବଳଦେବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଛି। କବିସୂର୍ଯ୍ୟନଗର ଠାରେ ପନିପରିବା, ଆଲୁମିନିୟମ କାରଖାନା, କଂସା ପିତଳ ବ୍ୟବସାୟ ଓ କାରଖାନା, ହସ୍ତତନ୍ତ, କୋର୍ଟ, ଥାନା, ତହସିଲ, ସବରେଜିଷ୍ଟର, ପାଠାଗାର, ବିଭିନ୍ନ ବିଭାଗୀୟ ଡିଭିଜନ, ସବ ଡିଭିଜନ କାର୍ଯ୍ୟାଳୟ ଥିବାରୁ ଏଠାରେ ଜିଲ୍ଲା ମୁଖ୍ୟାଳୟ ଗଠନ କରିବାର ସମସ୍ତ ସୁବିଧା ରହିଛି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# 'ମାତୃଭାଷା ଜାତିର ଜୀବନ, ବଳ, ପ୍ରାଣ ଓ ପରିଚୟ'



**ପାରଳାଖେମୁଣ୍ଡି,୨୧।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ପଦ୍ମନାଭ ଗଜପତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ଡ.ପ୍ରେମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ମୁଖ୍ୟବକ୍ତା ଭାବେ ଜନ୍ମଞ୍ଜୟ ସାହୁ, ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ କମିଟି ସଭପତି ଏମ.ଦେବୀ ଓ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରା ମଞ୍ଚାସୀନ ଥିଲେ। ମାତୃଭାଷା ହେଉଛି ଜାତିର ଜୀବନ, ବଳ, ପ୍ରାଣ, ଓ ପରିଚୟ ବୋଲି ଏହି ଅବସରରେ କୁହାଯାଇଥିଲା। ଓଡ଼ିଆ ଅସ୍ମିତତାକୁ ସୁରକ୍ଷା ଦେବାପାଇଁ ପିଲାଟି ବେଳୁ ନିଜକୁ ସମର୍ପିତ କରିବାପାଇଁ ଦିଗ୍‌ଦର୍ଶନ ଦିଆଯାଇଥିଲା।

କାର୍ଯ୍ୟକ୍ରମକୁ ମୀନତି ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଳ, ଅମ୍ରିତା ହୋତା, ଭି.ରାଜେଶ୍ୱରୀ ଓ ମନୋରଞ୍ଜନ ସ୍ୱାଇଁ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ଶିଳ୍ପୀ ଓ କଣ୍ଠ ଶିଳ୍ପୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଧାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଋଷିକୁଲ୍ୟା ନଦୀ ସୁରକ୍ଷା ପାଇଁ ଅଭିଯାନ

ଧରାକୋଟ,୨୧।୨(ସମିସ)



ଋଷିକୁଲ୍ୟା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଂପ୍ରତି ଆରମ୍ଭ ହୋଇଛି ଋଷିକୁଲ୍ୟା ନଦୀ ସୁରକ୍ଷା ଅଭିଯାନ। ଗଞ୍ଜାମ ଜିଲ୍ଲାର ସୋରଡା ବ୍ଲକ ଅନ୍ତର୍ଗତ ଗାଜଲବାଡି ପଞ୍ଚାୟତର ପିପଲପଙ୍କା ଠାରେ ୧୦୨୩ କୋଟି ଟଙ୍କା ବ୍ୟୟରେ ସରକାର ଏକ ବୃହତ୍ତ ଡ୍ୟାମ ନିର୍ମାଣ ଯୋଜନା କରୁଛନ୍ତି। ଏହି ଡ୍ୟାମ ନିର୍ମାଣ ହେଲେ ନିକଟସ୍ଥ ୨୩ ଗୋଟି ଗାଁର ହଜାର ହଜାର ଏକର ଚାଷ ଜମି ଓ ଜଙ୍ଗଲ ପାଣିରେ ବୁଡି ନଷ୍ଟ ହୋଇଯିବ। ଏହାର ପ୍ରତିକୂଳ ପ୍ରଭାବ ପରିବେଶ ପ୍ରତି ବିପଦ ସୃଷ୍ଟି କରିବ। କୃଷି, କୃଷକ, ଗୃହ ପାଳିତ ପଶୁ ମାନଙ୍କ ଜୀବନ ଜୀବିକା ମଧ୍ୟ ନଷ୍ଟ ହୋଇଯିବ। ଅନ୍ୟ ପକ୍ଷରେ ନଦୀ ଶଯ୍ୟାରୁ ଅବାଧରେ ବାଲି ଚାଲାଣ ବୃଦ୍ଧି ପାଇବ। ଲୋକଙ୍କ ଜୀବନ ଜୀବିକା ନଷ୍ଟ ହେବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପଡିବ। ଏହା ବିରୋଧରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଋଷିକୁଲ୍ୟା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରାଇବା ପାଇଁ ଅଭିଯାନ ଆରମ୍ଭ ହୋଇଛି। କମିଟି ପକ୍ଷରୁ ଶନିବାର ଧରାକୋଟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କମିଟି ସଭାପତି ଆଦିତ୍ୟ ନାରାୟଣ ରଥ, ସଦସ୍ୟ ସୀମାଞ୍ଚଳ ନାହାକ, ସୁଧୀର ରାଉତ, ପ୍ରତାପ ନାୟକ, ଅଳକ ନାଥ ମିଶ୍ର, ଅଶୋକ ଦଳେଇ, ଶ୍ୟାମ ସୁନ୍ଦର ଖାଡଙ୍ଗା, ଡି ପାର୍ବତୀ, କୁମାରୀ ଦାସ, ଯଶୋଦା ନାୟକ ପ୍ରମୁଖ ଉପସ୍ଥିତ ରହି ସରକାର ଗୋପାଳପୁର ଓ ଛତ୍ରପୁର ନିକଟରେ ଅବସ୍ଥିତ ଟାଟା ଓ ଆଦାନୀ କମ୍ପାନୀକୁ ଋଷିକୁଲ୍ୟା ନଦୀର ପାଣି ବିକ୍ରି ପାଇଁ ମସୁଧା କରୁଥିବା ସହ ନଦୀର ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲାସ୍ତରୀୟ ସୁପୋଷିତ ଓଡ଼ିଶା ମିଶନ କର୍ମଶାଳା

**ପାରଳାଖେମୁଣ୍ଡି,୨୧।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦିନିକିଆ ଜିଲ୍ଲାସ୍ତରୀୟ ସୁପୋଷିତ ଓଡ଼ିଶା ମିଶନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ଦେବୀ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ ସ୍ନିଗ୍ଧାରାଣୀ, ରାଜ୍ୟସ୍ତରରୁ ଷ୍ଟେଟ କଂସଲଟେଣ୍ଟ ଶ୍ରୀକାନ୍ତ ପଟ୍ଟନାୟକ, ସୁରକ୍ଷା ଅଧିକାରୀ ସାରଳା ପାତ୍ର ଓ କାର୍ଯ୍ୟାକାରୀ ଅଧିକାରୀ କେ.ସୁନୀତା ମଞ୍ଚାସୀନ ଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଶିକ୍ଷକ ଭାବେ ରାଜ୍ୟସ୍ତରରୁ ଷ୍ଟେଟ କଂସଲଟେଣ୍ଟ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ




ଦେଖାଯାଉ ଥିବା କୁପୋଷଣକୁ ଦୂର କରି ପିଲାଙ୍କୁ ସୁପୋଷିତ କରିବା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର ଓ ଅଙ୍ଗନବାଡି କର୍ମୀ ପ୍ରଶିକ୍ଷଣ ନେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୧/୨/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୯୭,୬୭୨/- | ସୁନା:୦୦.୨୦୦ ଗ୍ରାମ୍ | ରୁପା: ୫୪.୮୦୦ ଗ୍ରାମ୍





### ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

# ଏକାଠି ହେଲେ, କଠୋର ଆଭିମୁଖ୍ୟ ରଖିଲେ



- ପୂର୍ବପରି ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ
- ଦାବି ନ ଶୁଣିଲେ ମନ୍ତ୍ରୀ, ଅଧିକାରୀଙ୍କୁ ବିରୋଧ ହେବ
- ଦରକାର୍ ପଡ଼ିଲେ ଶ୍ରୀମନ୍ଦିରକୁ ଧସେଇ ପଶିବାକୁ ନିଷ୍ପତ୍ତି

ପୁରୀ,୨୧।୨(ସମିସ): ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି ପୁରୀବାସୀ। ବିଶେଷକରି ପୁରୀ ସହର ଏବଂ ସଦରବାସୀ କିପରି ସହଜରେ ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ବିଭିନ୍ନ ଫୋରମରେ ଦାବି ଜଣାଇ ଆସୁଛନ୍ତି। ପ୍ରଶାସନ ଏବଂ ସରକାର ଆଶ୍ୱାସନା ଦେଇ ନୀରବ ରହିବା ପରେ ପୁଣିଥରେ ସ୍ୱରକୁ ଶାଣିତ କରିଛନ୍ତି ପୁରୀ ସହର ଓ ସଦରବାସୀ। ଏଥର ଦାବି ନ ଶୁଣିଲେ କଠୋର ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି। ଏଥିଲାଗି ଶନିବାର ଭକ୍ତସାଲବେଗ ସମ୍ମିଳନୀ କକ୍ଷରେ ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଏକାଠି ହୋଇଥିଲେ ସହର ଓ ସଦରର ବିଭିନ୍ନ ବର୍ଗର ଲୋକେ। ପ୍ରାରମ୍ଭରେ ଆବାହକ ସ୍ୱାଧୀନ ପଣ୍ଡା ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନକୁ ନେଇ ରାଜ୍ୟ ସରକାର, ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତାକୁ ପ୍ରଶ୍ନ ଉଠାଇଥିଲେ। କାର୍ତ୍ତିକ ମାସରେ ହବିଷ୍ୟାଳୀଙ୍କ ପାଇଁ ହେଉ ବା ଏବେ ଆରମ୍ଭ କରାଯାଇଥିବା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସବୁ ଜିଲ୍ଲାବାସୀଙ୍କ ନିମନ୍ତେ ସୁ ବ୍ୟବସ୍ଥା କରୁଥିବା ସମୟରେ ପୁରୀ ସହର ଓ ସଦରବାସୀ କାହିଁ ତାଙ୍କ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହେବେ? ସରକାର ଆମ ଦାବି ଗ୍ରହଣ କରି ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ। ନଚେତ୍ ବିଭିନ୍ନ ଉପାୟରେ ଆନ୍ଦୋଳନ ଜାରି ରହିବ ଏବଂ ଏହାର ପରିଣାମ ପାଇଁ ପ୍ରଶାସନ ଏବଂ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

ବୈଠକରେ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ବସ୍ତିଆ, ସମାଜସେବୀ ଚକ୍ରଧର ମହାପାତ୍ର, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ଅକ୍ଷୟ ମିଶ୍ର, ପୁରୀ ଜିଲ୍ଲା କିନ୍ନର ସଂଘ ସଭପତି ପ୍ରିୟାନ୍ସି ଦାସ, ମାଟିର ମଣିଷ ସଭାପତି ପ୍ରଶାନ୍ତ ପ୍ରଧାନ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସାମାଜିକ କର୍ମୀ ତନ୍ମୟ ଚାଟାର୍ଜୀ, ମାନବାଧିକାର କର୍ମୀ ସୁମିତ୍ରା ବାରିକ, ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ଅମରେନ୍ଦ୍ର ପାଇକରାୟ, ବରିଷ୍ଠ ସାମ୍ବାଦିକ ନାରାୟଣ ଦାଶ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ନିଜ ନିଜର ମତ ରଖିଥିଲେ। ସେମାନେ କହିଥିଲେ ଯେ, ଏହା ଆମ ନାର୍ଯ୍ୟ ଅଧିକାର ଏଥିରୁ ଆମକୁ କେହି ବଞ୍ଚିତ କରିପାରିବେ ନାହିଁ। ପୂର୍ବରୁ ନେତା, ଅଧିକାରୀ କହିଥିଲେ ଯେ, ଜାନୁୟାରୀ ମାସରେ ଶ୍ରୀମନ୍ଦିର ଗହଳି ରହିବ। ଏହା ପରେ ପୁରୀବାସୀଙ୍କ ନିମନ୍ତେ ବ୍ୟବସ୍ଥା କରାଯିବ। ହେଲେ ଏବେ ଚୁପ୍ କାହିଁକି? ପୁରୀବାସୀଙ୍କ ମୌଳିକ ଅଧିକାରର ତଣ୍ଟିଚିପି ସରକାର ଓ ପ୍ରଶାସନ ଅବରୋଧ କରୁଛନ୍ତି। ଆମ ଅଧିକାର ନ ମିଳିବା ପର୍ଯ୍ୟନ୍ତ ରିଲେ ଅନଶନରେ ବସିବା। ଦରକାର ପଡ଼ିଲେ ଶ୍ରୀମନ୍ଦିର ଭିତରକୁ ହଜାର ହାଜର ସଂଖ୍ୟାରେ ଏକାଠି ହୋଇ ଧସେଇ ପଶିବା। ସହର ଏବଂ ସଦରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଗାମୀ ରଥଯାତ୍ରା ବୈଠକରେ ମନ୍ତ୍ରୀ, ଅଧିକାରୀଙ୍କୁ ବିରୋଧ କରାଯିବ। ଦରକାର୍ ପଡ଼ିଲେ ସମଗ୍ର ଓଡିଶାର କିନ୍ନର ସଂଘ ଏକାଠି ହେବେ। ଗ୍ରାମାଞ୍ଚଳରୁ ମଧ ହଜାର ହଜାର ସଂଖ୍ୟାରେ ଲୋକେ ଆନ୍ଦୋଳନରେ ଯୋଗଦେବେ। ସେହିପରି ପୂର୍ବରୁ ପୁରୀବାସୀଙ୍କ ଚିରକୁଟି ବ୍ୟବସ୍ଥା ଥିଲା। ଏମିତି ବି ପୁରୀ ଲୋକଙ୍କ ପରିଚୟପତ୍ର ଦେଖି ସେମାନଙ୍କୁ ପଶ୍ଚିମ ଦ୍ୱାରାରେ ଛଡାଯାଉଥିଲା। ତେଣୁ ଏହି ବ୍ୟବସ୍ଥା ଲାଗୁ କରାଯାଉ। ଯଦି ସରକାର ଓ ପ୍ରଶାସନ ନ ଶୁଣନ୍ତି ତେବେ ଆଇନ ଅମାନ୍ୟ କରିବା ଲାଗି ମଧ ଅନେକ ମତ ରଖିଛନ୍ତି।

ସମସ୍ତ ଆଲୋଚନା ପରେ ସ୍ତମ୍ଭକାର ହରିଶଙ୍କର ମିଶ୍ର କହିଥିଲେ, ପ୍ରଥମେ ମୁଖ୍ୟ ପ୍ରଶାସକଙ୍କୁ ଭେଟି ପ୍ରସ୍ତାବ ଦେବା। ପରେ ଅହିଂସା ହେଉ ବା ହିଂସାତ୍ମକ ଭାବେ ଆମ ନାର୍ଯ୍ୟ ଅଧିକର ନିମନ୍ତେ ସଂଗ୍ରାମ ଜାରି ରହିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୃସିଂହ ଚରଣ ଦାସ, ଉର୍ଜାବନ ଓଡିଶା ସଭାପତି ସନ୍ତୋଷ ସେନାପତି, ଦେବରାଜ ଦାସ, ବନିତା ଦୀକ୍ଷିତ, ଗୌରୀ ସାହୁ, ପ୍ରମୋଦ ପଟ୍ଟନାୟକ, ବର୍ଷା ଦାସ, ବସନ୍ତ ଲେଙ୍କା, ସତ୍ୟ ନାରାୟନ ସାହୁ, ରିମଝିମ୍ ଦାଶ, ମୋନିକା ପାଟିଲ, ସମ୍ପୂର୍ଣ୍ଣ ପ୍ରଧାନ, ଜୁପିଟର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବେଣ୍ଟ ନୀତି; ମୃଗ ଶିକାର କଲେ ଶ୍ରୀରାମ

## ବେଣ୍ଟ ପୋଖରୀ ସଫା କଲେ ‘ବଡ଼ଦାଣ୍ଡ ସେବା’ ସ୍ୱେଚ୍ଛାସେବୀ

ପୁରୀ,୨୧।୨(ସମିସ): ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଶନିବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀରାମଚନ୍ଦ୍ର ବୀର ବେଶରେ ଜଗନ୍ନାଥବଲ୍ଲଭ ମଠରେ ବିଜେ ହୋଇ ମୃଗ ଶିକାର କରିଥିଲେ। ଠାକୁରଙ୍କ ପକ୍ଷରୁ ଲେଙ୍କା ସେବକ ଶର ବିନ୍ଧିବା ପରେ ଏହି ନୀତି ସମ୍ପନ୍ନ ହୋଇଥିଲା।



ଶ୍ରୀମନ୍ଦିରରେ ଠାକୁରଙ୍କ ମଙ୍ଗଳ ଆଳତି ସରିଗଲା ପରେ ଶ୍ରୀରାମ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡ଼ୁ ସେବକମାନେ ବିମାନକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ଶ୍ରୀରାମଙ୍କୁ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ ହୋଇଥିଲେ। ଭିତରଛ ତୀର କମାଣ ଶ୍ରୀଅଙ୍ଗରେ ଛୁଆଁଇବା ପରେ ଲେଙ୍କା ସେବକଙ୍କୁ ବଢାଇ ଦେଇଥିଲେ। ଲେଙ୍କା ମୃଗ ଜ୍ଞାନରେ ପଇଡ଼କୁ ବିଦ୍ଧ କରିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳା। ଏହି ନୀତି ପୂର୍ବରୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ସେବା ‘ବଡଦାଣ୍ଡ ସେବା’ ପକ୍ଷରୁ ଜଗନ୍ନାଥ ବଲ୍ଲଭ ପରିସର ବେଣ୍ଟ ପୋଖରୀ ସଫା କରାଯାଇଥିଲା। ଜଗନ୍ନାଥ ପାତ୍ରୀଙ୍କ ପରିଚାଳନାରେ ଅନୁଷ୍ଠାନର ରୋହିତ ଜେନା, ଦିବାକର ବେହେରା, ରାମଚନ୍ଦ୍ର ହଲ୍‌ଦର, ନାରାୟଣ ରାୟ ସିଂ, ପିଙ୍କି କିନ୍ନର, ବଟକୃଷ୍ଣ ମହାପାତ୍ର , ସୂର୍ଯ୍ୟକାନ୍ତ ନାୟକ, ଜଗନ୍ନାଥ ଦୋରା, ସୁନିଲ୍ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ପୁରୀ,୨୧।୨(ସମିସ): ଚଳିତ ଫେବୃୟାରୀ ମାସରେ ପୁରୀ ପୁଲିସ ଆଉ ଗୋଟିଏ ସଫଳତା ପାଇଛି। ଶନିବାର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଅଦାଲତ ପେଣ୍ଟକଟା ମେରାଇନ ଥାନାର ଏକ ଏସ୍‌ଟି ମାମଲା (୮୪/୨୦୨୧)ର ଶୁଣାଣି କରି ଅଭିଯୁକ୍ତ ହିନା ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କୁ ଭାରତୀୟ ଦଣ୍ଡବିଧି ଧାରା ୩୭୬(୨)(ଖ) ଅନୁଯାୟୀ ୨୦ ବର୍ଷ କଠୋର ସଜା ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ କଠୋର ସଜା ଭୋଗିବାକୁ ଆଦେଶ ହୋଇଛି। ଏହି ମାମଲାର ସଫଳ ପରିଚାଳନା ଓ ଆଦାଲତରେ ଦୃଢ଼ ଭାବେ ପ୍ରମାଣ ପ୍ରସ୍ତୁତି ପାଇଁ ପବ୍ଲିକ ପ୍ରସିକ୍ୟୁଟରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ଜିଲ୍ଲା ପାଇଁ ୨୦୨୬ରେ ଏହା ଫେବୃଆରୀ ମାସର ଚତୁର୍ଥ ଦୋଷୀ ସାବ୍ୟସ୍ତ ରାୟ। ଏସ୍‌ପି ପ୍ରତୀକ୍ ସିଂ ନେତୃତ୍ୱ ଓ ସମ୍ପୂର୍ଣ୍ଣ ଟିମ୍‌ୱର୍କ ଦ୍ୱାରା ଏହି ସଫଳତା ମିଳିଛି। ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଆଚାର୍ଯ୍ୟ ହରିହରଙ୍କୁ ପୁରୀ ସେବା ସମିତିର ଶ୍ରଦ୍ଧାଞ୍ଜଳି

# ଅସହାୟଙ୍କ ସେବାରେ ସଦା ଅଗ୍ରଗାମୀ ଥିଲେ ଆଚାର୍ଯ୍ୟ

ପୁରୀ,୨୧।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷକ ଓ ସମାଜସେବୀ ଆଚାର୍ଯ୍ୟ ହରିହରଙ୍କ ପୁଣ୍ୟତିଥି ଅବସରରେ ପୁରୀ ସେବା ସମିତି ପକ୍ଷରୁ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମିତିର ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କର ତ୍ୟାଗମୟ ଓ ସେବାମୟ ଜୀବନକୁ ସ୍ମରଣ କରିଥିଲେ। ୧୮୭୯ ମାର୍ଚ୍ଚ ୮ରେ ଜନ୍ମଗ୍ରହଣ କରିଥିବା ଆଚାର୍ଯ୍ୟ ହରିହର ସାରା ଜୀବନ ଦେଶସେବା ଓ ସମାଜ ସେବାରେ ନିୟୋଜିତ ରହିଥିଲେ। ସେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟତାବାଦୀ ଚେତନା ଜାଗୃତ କରିଥିଲେ। ସତ୍ୟବାଦୀ ସାହିତ୍ୟ ଆନ୍ଦୋଳନରେ ତାଙ୍କର ଅବଦାନ ଅତ୍ୟନ୍ତ ସ୍ମରଣୀୟ। ସେ ଭଗବତ୍ ଗୀତାର ଓଡ଼ିଆ ଅନୁବାଦ ସହିତ ‘ପିଲାଙ୍କ ବ୍ୟାକରଣ’ ପରି ଅନେକ ଗ୍ରନ୍ଥ ରଚନା କରି ଶିକ୍ଷା କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ପୁରୀ ସେବା ସମିତିର ପ୍ରତିଷ୍ଠାତା ସ୍ୱେଚ୍ଛାସେବୀ ଭାବେ ସେ ଅସହାୟ ଓ ପୀଡ଼ିତମାନଙ୍କ ସେବାରେ ସଦା ଅଗ୍ରଗାମୀ ଥିଲେ। ଏହି ଅବସରରେ ପୁରୀ ସେବା ସମିତିର ଉପସଭାପତି ସୌମେନ୍ଦ୍ର ଦାସ କହିଥିଲେ ଯେ, ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ, ନିଷ୍ଠା ଓ ଦେଶପ୍ରେମ ଆଜିର ଯୁବପିଢ଼ୀ ପାଇଁ ପ୍ରେରଣାସ୍ରୋତ। ତାଙ୍କ ସେବାଭାବ ସମାଜ ପାଇଁ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିବ। ସେବା ସମିତିର ସ୍ୱେଚ୍ଛାସେବୀ ଭାବେ ଆଚାର୍ଯ୍ୟଙ୍କ ଆଦର୍ଶକୁ ଅନୁସରଣ କରି ସମାଜ ସେବା କାର୍ଯ୍ୟ ଜାରି ରଖିବାକୁ ସମସ୍ତେ ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ଅଙ୍କିତ ତ୍ରିପାଠୀ, ବିଶ୍ୱଜିତ୍ ମିଶ୍ର, ଶୁଭଜିତ୍ ଶର୍ମା, ଆଶିଷ ଲେଙ୍କା, ମନମୋହନ ସାହୁ, ନରେଶ କୁମାର ସାହୁ, ଲୋକନାଥ ପାତ୍ର, ଓମ୍ ପ୍ରକାଶ ପ୍ରଧାନ, ଆଶୁତୋଷ ଜେନା, ରାଜେନ୍ଦ୍ର ଅଭିଷେକ ରଥ ପ୍ରମୁଖ ଯୋଗଦେଇଥିଲେ।

## ଜବରଦସ୍ତ ଟେକି ନେଇ ମାଡ଼; ଅଭିଯୁକ୍ତ ଗିରଫ

ପୁରୀ,୨୧।୨(ସମିସ): ଜୋର୍ ଜବରଦସ୍ତ ଜଣଙ୍କୁ ବାଇକ୍‌ରେ ଉଠାଇ ନେଇ ମାଡ଼ ମାରିବା ଏବଂ ପୁଣି ତାଙ୍କ ଘରେ ପଶି ଖରାପ ଭାଷାରେ ଗାଳିଗୁଲଜ କରି ଚୋରି କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ବାସେଳିସାହି ଥାନା ପୁଲିସ। ଅଭିଯୁକ୍ତ ହେଲେ ପାର୍ବତୀପୁରର ଡମ୍ବରୁଧର ଖଟେଇ (୨୬)। ପାର୍ବତୀପୁର ମହାପାତ୍ର ବଗିଚାର ଉର୍ମିଳା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ବୁଧବାର ମଧ ରାତ୍ରରେ ଡମ୍ବରୁଧର ଓ ତାଙ୍କର ସହଯୋଗୀ ଏକ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ତାଙ୍କ ପୁଅକୁ ଜୋର୍ ଜବରଦସ୍ତ ଏକ ଫାର୍ମକୁ ଉଠାଇ ନେଇଥିଲେ। ମାଡ଼ ମାରିବାରୁ ତାଙ୍କ ପୁଅର ବାମ ହାତରେ ଆଘାତ ଲାଗିଥିଲା। ଏହାପରେ ରାତି ୨ଟାରେ ଡମ୍ବରୁଧର ପୁଣିଥରେ ଜୋର୍ ଜବରଦସ୍ତ ଉର୍ମିଳାଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ୨ଟି ମୋବାଇଲ ଫୋନ, ଗୋଟିଏ କ୍ୟାମେରା, ହଳେ କାନଫୁଲ, ଗୋଟିଏ ନାକଫୁଲ ନେଇ ଯାଇଥିଲେ। ଏ ନେଇ ଉର୍ମିଳା ଗୁରୁବାର ବାସେଳିସାହି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲାରୁଜୁ କରି ତଦନ୍ତ ଚଳାଇଥିଲା ବେଳେ ଶନିବାର ଅଭିଯୁକ୍ତ ଡମ୍ବରୁଧରକୁ ଗିରଫ କରି କୋର୍ଟଚାଲାଣ କରିଛି। ତା’ ନିକଟରୁ ଗୋଟିଏ ଛୁରୀ, ୩ଟି ମୋବାଇଲ, ଗୋଟିଏ କ୍ୟାମେରା, ହଳେ କାନଫୁଲ, ଗୋଟିଏ ନାକଫୁଲ ଜବତ କରାଯାଇଛି।

## ‘ଭାଷା ଆମ ସଂସ୍କୃତି ଓ ଅସ୍ତିତ୍ୱର ଆଧାର’

ପୁରୀ,୨୧।୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପକ୍ଷରୁ ଶନିବାର ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ସୁ ସାହିତ୍ୟିକ ଡ. ଦେବାନନ୍ଦ ଦାସ ଯୋଗଦେଇ ମାତୃଭାଷା ଏବଂ ସାହିତ୍ୟର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, “ଯେଉଁ ଜାତି ନିଜ ମାତୃଭାଷାକୁ ସମ୍ମାନ ଦିଏ ନାହିଁ, ସେ ଜାତି କେବେ ବି ପ୍ରଗତି କରିପାରେନାହିଁ। ସାହିତ୍ୟ ମାଧ୍ୟମରେ ହିଁ ମାତୃଭାଷାର ମୂଳଦୁଆ ସୁଦୃଢ଼ ହୋଇଥାଏ। ମୁଖ୍ୟଅତିଥି ଭାବେ ଭାଷାବିତ୍ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କହିଥିଲେ, ‘ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ଏହା ଆମ ସଂସ୍କୃତି ଓ ଅସ୍ତିତ୍ୱର ଆଧାର’। ମାତୃଭାଷା ମାଆ ପରି ପବିତ୍ର, ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର। ପରିସରର ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର ସଭାରେ ଅଧ୍ୟକ୍ଷତା କରି କହିଥିଲେ, “ସଂସ୍କୃତ ସମସ୍ତ ଭାଷାର ଜନନୀ ଏବଂ ଆମ ମାତୃଭାଷା ଓଡ଼ିଆ ସହ ଏହାର ସମ୍ପର୍କ ଅତି ନିବିଡ଼। ବିଦ୍ୟାର୍ଥୀମାନେ ନିଜ ଭାଷାକୁ ନେଇ ଗର୍ବ କରିବା ଉଚିତ। ପ୍ରାରମ୍ଭରେ ଆଧୁନିକ ବିଭାଗର ବିଭାଗ ମୁଖ୍ୟ ଡ. ସୁଶାନ୍ତ



କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ମାତୃଭାଷା ସମ୍ବନ୍ଧୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଡ. ଶକ୍ତି ପ୍ରସାଦ ଦ୍ୱିବେଦୀ ପରିଚାଳନା କରିଥିଲେ। ସଭାକୁ ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି ଏବଂ ଅଧ୍ୟାପକ ଡ. ରୁଦ୍ର ପ୍ରସାଦ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିସରର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ମାତୃଭାଷା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ।

### ବନ୍ଧୁକ ମୁନରେ ବାଲି ଚୋରାଚାଲାଣ

# ଜିଲ୍ଲାପାଳ, ଏସ୍‌ପିଙ୍କୁ ଫେରାଦ ହେଲେ ଗ୍ରାମବାସୀ

ପୁରୀ,୨୧।୨(ସମିସ): ପୁରୀ ଜିଲାରେ ବେଧଡ଼କ ଲୁଟ୍ ହେଉଛି ବାଲି। ଏହାଦ୍ୱାରା ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିଯୋଗୁ ନଦୀବନ୍ଧଗୁଡିକ ଦୁର୍ବଳ ହେଉଛି। ଫଳରେ



ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି । ଏହି ବାଲି ଚୋରାଚାଲାଣ ଯୋଗୁ ଜନଜୀବନ ବିପଦରେ ପଡୁଥିଲେ ମଧ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ମାଫିଆଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏବେ ବାଲିମାଫିଆ ବନ୍ଧୁକ ମୁନରେ ବାଲି ଚୋରାଚାଲାଣ କରୁଛନ୍ତି। ଏହାକୁ ନେଇ ଶନିବାର ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଞ୍ଚାୟତର ବାଲିହୁଙ୍ଗା ଗ୍ରାମବାସୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି।

ଗ୍ରାମବାସୀ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଆମ୍ଭ ଗ୍ରାମ ଦେଇ ପ୍ରବାହିତ ଦୟାନଦୀର ଖନନ କାର୍ଯ୍ୟ ଡ୍ରେନେଜ ବିଭାଗ ଦ୍ୱାରା ଚାଲିଛି। ନଦୀ ଖନନ ହେଲେ ଆମ ଅଞ୍ଚଳର ବନ୍ୟା ନିୟନ୍ତ୍ରଣ ସହିତ ଚାଷ ଓ ଧନଜୀବନ ରକ୍ଷା କରାଯାଇପାରିବ। ନଦୀ ଖନନରୁ ବାହାରୁଥିବା ବ୍ୟବହାର ଯୁକ୍ତ ବାଲି ଓ ଉର୍ବର ମାଟିକୁ ନଦୀପଠା ଓ ବ୍ୟକ୍ତିଗତ ଜମିରେ ଗଦା କରାଯାଉଛି। ଏହାର ସୁଯୋଗ ଦେଇ କେତେଜଣ ନ୍ୟସ୍ତସ୍ୱାର୍ଥ ଅସାମାଜିକ ବ୍ୟକ୍ତି ସ୍ପଷ୍ଟ ଦିବାଲୋକରେ ବେଆଇନ ଭାବେ ବାଲି ଚାଲାଣ କରୁଛନ୍ତି। ରାଜସ୍ୱ ବିଭାଗକୁ ରୟାଲିଟି ନ ଦେଇ ଏହାକୁ ବିକ୍ରି କରୁଛନ୍ତି। ଜମି ମାଲିକ ଓ ଗ୍ରାମବାସୀ ଅଭିଯୋଗ କଲେ ବାଲିମାଫିଆମାନେ ବନ୍ଧୁକ ଦେଖାଇ ଭୟଭୀତ କରୁଛନ୍ତି। ଏପରି କି, ଧମକ ଚମକ ଦେବା ସହ ମିଥ୍ୟା ପ୍ରଲୋଭନ ଦେଖାଇ ଦିନରାତି ହାଇୱା, ଟ୍ରାକ୍ଟର ଓ ଟ୍ରକ୍‌ରେ ବାଲି ଲୁଟି ନେଉଛନ୍ତି। ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ସହ ଅଞ୍ଚଳରେ ଆଇନ ଶୃଙ୍ଖଳା ଅବନତିର କାରଣ ପାଲଟୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ଗାଁର ସାମାଜିକ ଓ ଆଇନ ଶୃଙ୍ଖଳା ବ୍ୟାହତ ହେଉଛି। ତେଣୁ ଏହି ବାସ୍ତବ ସମସ୍ୟାକୁ ଅନୁଧ୍ୟାନ କରି ସରକାରୀ ରାଜସ୍ୱର ସୁରକ୍ଷା ଓ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ଏଥିସହ ବାଲି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେମାନେ ଅନୁରୋଧ କରିଛନ୍ତି।




# ବାସହୀନ ପରିବାରକୁ ଗୃହ ବଣ୍ଟନ



**ପ୍ରୀତିପୁର, ୨୧।୨(ସମିସ):** ବିଞ୍ଝାରପୁର ବ୍ଲକର ଆଉଁରୀ ପଞ୍ଚାୟତ ତଥା ଆଉଁରୀ ଗ୍ରାମରେ ବାସହୀନ ୬ଟି ପରିବାରକୁ ଗୃହ ବଣ୍ଟନ କରଯାଇଛି। ଗ୍ରାମର ସମାଜସେବୀ ଭରତ ବାଇ ଗ୍ରାମର ଏହି ୬ ଜଣଙ୍କୁ ଗୋପବନ୍ଧୁ କୁଟୀର ଯୋଗାଇ ଦେଇଛନ୍ତି। ପ୍ରକାଶ ଯେ ଆଉଁରୀ ପଞ୍ଚାୟତର ଡିହକୂଳ ଗ୍ରାମର ଭରତ ବ୍ୟବସାୟ ପାଇଁ ରାଉରକେଲାରେ ଅବସ୍ଥାନ କରୁଛନ୍ତି। ତେବେ ଗ୍ରାମର କିଛି ବାସହୀନ ମଣିଷ ମାନଙ୍କର ବାସଗୃହର ଆବଶ୍ୟକତାକୁ ଅନୁଭବ କରି ସେ ସେମାନଙ୍କୁ ଖଣ୍ଡେ ଘର ତୋଳିଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଛନ୍ତି। ଉପକୂଳ ଅଞ୍ଚଳରେ ସେ ବାଣ୍ଟିଥିବା ଘର ଗୁଡିକୁ ଗୋପବନ୍ଧୁ କୁଟୀର ନାମରେ ନାମିତ କରିଥିବା ବେଳେ ଆଦିବାସୀ ବହୁଳ ସୁନ୍ଦରଗଡ଼ ଭଳି ଜିଲ୍ଲା ମାନଙ୍କରେ ଏହି ଘରର ନାମକୁ ପାର୍ବତୀ ଗିରି କୁଟୀର ଭାବରେ ସେ ନାମିତ କରିଛନ୍ତି। ସେ ସମୁଦାୟ ୪୪ଟି ଘର ବାସହୀନମାନଙ୍କୁ ବଣ୍ଟନ କରିସାରିଲେଣି। ଆଉଁରୀ ପଞ୍ଚାୟତରେ ଅନୁଷ୍ଠିତ ବନ୍ଧୁମିଳନ ଓ ଗୃହବଣ୍ଟନ ସମାବେଶରେ ସମାଜସେବୀ ଭରତ ବାଇଙ୍କ ସହିତ ସାମ୍ବାଦିକ ସମରେନ୍ଦ୍ର ପାଢ଼ୀ, ରାଣାପ୍ରତାପ ମହାପାତ୍ର, ସମାଜସେବୀ ପ୍ରବୀର କୁମାର ସେଠୀ, ବିଜୟ ମଲିକ, ସର୍ଦ୍ଦାର ମଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ବିଦ୍ୟୁତ ପଙ୍ଖା ବଣ୍ଟନ କରାଯାଇଥିଲା।

# ଶ୍ରମିକ ନେତାଙ୍କ ପରଲୋକ

**ବ୍ୟାସନଗର, ୨୧।୨(ସମିସ):** ଫେରୋକ୍ରୋମ ୱାର୍କର୍ସ ୟୁନିୟନର ପ୍ରାକ୍ତନ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମଲିକ(୬୪)ଙ୍କ ଶନିବାର ସକାଳେ ନିଜ ବାସଭବନ କୋପଣ୍ଡ ଗ୍ରାମରେ ପରଲୋକ ଘଟିଛି। ରବୀନ୍ଦ୍ର ପ୍ରତିଦିନ ପରି ଆଜି ଭୋରୁ ଉଠିବା ପରେ ଦୁଆରମୁହଁ ଝାଡୁ କରିବା ବେଳେ ହଠାତ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁର ରୋଡ୍ ମେଡିକାଲକୁ ନେଇଯାଇଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ରବୀନ୍ଦ୍ର ଫେରୋକ୍ରୋମ ଶ୍ରମିକ ସଂଘରେ ଦୁଇ ଥର ସମ୍ପାଦକ ହୋଇଥିଲେ। ଗଣେଶ ବଜାର ନିକଟରେ ଥିବା ବଏଜ କ୍ଲବର ଆଜୀବନ ସଦସ୍ୟ ଥିବା ରବୀନ୍ଦ୍ରଙ୍କ ଶେଷକୃତ ଗାଁ ଶ୍ମଶାନରେ କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ବଏଜ କ୍ଲବର ସଭାପତି ବିଶ୍ୱମ୍ବର ରାଉତ୍, ସମ୍ପାଦକ ମନୀନ୍ଦ୍ର କୁମାର ଧଳ, ମୁଖ୍ୟ ଉପଦେଷ୍ଟା ହାରାଧନ ବାନାର୍ଜୀ, ରାଜେନ୍ଦ୍ର କୁମାର ସାମଲ, ପ୍ରଭାତ କୁମାର ମହାପାତ୍ର, ନିଗମାନନ୍ଦ ମହାନ୍ତି, ମନୋଜ ମହାନ୍ତି, ଜ୍ଞାନରଞ୍ଜନ ପଟ୍ଟନାୟକ, ସୌମେନ୍ଦ୍ର ରାଉତ ପ୍ରମୂଖ ଶୋକ ପ୍ରକାଶ କରିଛନ୍ତି।

**ନାବାଳିକା ବେଆଇନ ପ୍ରସବ ମାମଲା**

# ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ୍ ହେଲା ଲକ୍ଷ୍ମୀ ହସ୍ପିଟାଲ

**ବ୍ୟାସନଗର, ୨୧।୨(ସମିସ)**

ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ କୋପଣ୍ଡ ମହନ୍ତ ସାହିରେ ଜନୈକା ନାବାଳିକା ମା’ ହେବା ଏବଂ ବେଆଇନ ଗର୍ଭପାତ ମାମଲାରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଦନ୍ତକୁ ତ୍ୱରାନ୍ୱିତ କରିବା ସହିତ ଏହି ମାମଲାରେ ଲକ୍ଷ୍ମୀ ହସ୍ପିଟାଲକୁ ଶନିବାର ସିଲ୍ କରିଛି। ପୂର୍ବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ ଏବଂ ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକଙ୍କୁ କୋର୍ଟଚାଲାଣ କରାଯାଇଥିଲା। ନାବାଳିକାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଟ୍-ଷ୍ଟେ ହୋମରେ ରଖାଯାଇଥିବା ବେଳେ ୧୬ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଏଡିଏମ୍‌ଓ ଡ. ମନୋଜ କୁମାର ସେନାପତି ଏବଂ ମାଜିଷ୍ଟ୍ରେଟ ତଥା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ବେଆଇନ ଗର୍ଭପାତ ସ୍ଥଳ ଲକ୍ଷ୍ମୀ ହସ୍ପିଟାଲରେ ପହଞ୍ଚି ଆନୁସଙ୍ଗିକ କାଗଜପତ୍ର ଯାଞ୍ଚ କରିଥିଲେ। ସେତେବେଳେ ହସ୍ପିଟାଲରେ ଆଡମିଶନ୍ ରୋଗୀ ରହିଥିଲେ। ଚିକିତ୍ସାରେ ବାଧା ସୃଷ୍ଟି ହେବା ଆଶଙ୍କା କରି ଆଜି ପର୍ଯ୍ୟନ୍ତ ମହଲତ ଦେଇ ହସ୍ପିଟାଲକୁ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶନିବାର ବିଧିବଦ୍ଧ ଭାବେ ଏଡିଏମ୍‌ଓ ଡ. ମନୋଜ କୁମାର ସେନାପତି ଏବଂ ମାଜିଷ୍ଟ୍ରେଟ ତଥା ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଶିଶୁ ବିଶେଷଜ୍ଞ ଡାକ୍ତର ଗୋତମ ସାହୁ ଏହି ଘଟଣାର ତଦନ୍ତକାରୀ ଅଧିକାରିଣୀ ତଥା ଯାଜପୁର ରୋଡ୍ ଆଦର୍ଶ ଥାନାର ଏସଆଇ ମିନି ଭୋଇ ପ୍ରମୁଖ ପୂର୍ବାହ୍ନରେ ଲକ୍ଷ୍ମୀ ହସ୍ପିଟାଲ ପରିସରରେ ପହଞ୍ଚିବା ପରେ ହସ୍ପିଟାଲ ପରିସର ମଧ୍ୟରେ ଥିବା ସମସ୍ତ ରୁମକୁ ତନ୍ନତନ୍ନ କରି ଯାଞ୍ଚ କରି ହସ୍ପିଟାଲକୁ ସିଲ୍ କରାଯାଇଥିଲା। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ହସ୍ପିଟାଲକୁ ସିଲ୍ ରଖାଯିବ ବୋଲି ଏଡିଏମ୍‌ଓ ସୂଚନା ଦେଇଥିଲେ। ଏପଟେ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇ ପ୍ରକୃତ ସତ୍ୟ ଖୋଜୁଛି ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ। ତେବେ ଘଟଣା ଦିନ ଶିଶୁକନ୍ୟା ଗାଏବ ହେବା ଏବଂ ହଠାତ୍ ଅଭିଯୁକ୍ତ ଘର ନିକଟରୁ ମିଳିବା ଘଟଣା ନେଇ ଜିଲ୍ଲାରେ ଚହଳ ସୃଷ୍ଟି କରିଥିଲା। ମିଳିଥିବା ଶିଶୁ କନ୍ୟାର ଜନ୍ମ ଘଟଣାର ସାତ ଆଠ ଦିନ ପୂର୍ବରୁ ହୋଇଥିବା ନେଇ ଆଲୋଚନା ହେଉଥିବା ବେଳେ ଉକ୍ତ ନାବାଳିକା, ଉଦ୍ଧାର ଶିଶୁ ଏବଂ ଅଭିଯୁକ୍ତର ଡିଏନ୍ଏ ଟେଷ୍ଟ ପାଇଁ ସାଧାରଣରେ ଦାବି ହେଉଛି। ଉଦ୍ଧାର ହୋଇଥିବା ନାବାଳିକାକୁ କିଏ ଓ କାହିଁକି ଗାଏବ କରିଥିଲା? ଏଥିରେ ଏକ ନା ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି ତାହା ଯାଞ୍ଚ ହେବା ଆବଶ୍ୟକ। ଘଟଣାରେ ଗିରଫ ହୋଇଥିବା ଏକ ମାତ୍ର ଅଭିଯୁକ୍ତ ପଦ୍ମନାଭ ଶତପଥୀ ଅଛନ୍ତି ତା ଅନ୍ୟ କେହି ତାଙ୍କୁ ସହଯୋଗ କରୁଥିଲେ ତାର ଅଧିକ ଯାଞ୍ଚ ପାଇଁ ପୁଲିସ ତାକୁ ରିମାଣ୍ଡରେ ନେଇ ତଦନ୍ତ କରିବାକୁ ମଧ୍ୟ ଦାବି ହେଉଛି।




# ଏସ୍‌ୟୁଜେ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ



**ପାଣିକୋଇଲି, ୨୧।୨(ସମିସ):** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ପରଜଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତାଙ୍କୁ ଗୁରୁବାର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ୬ ଜଣ ଦୁର୍ବୃର୍ତ୍ତ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଶ୍ରୀ ଭୁକ୍ତା ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃର୍ତ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଆଜି ଏସ୍‌ୟୁଜେ ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲା ଶାଖାର ସାମ୍ବାଦିକ ସଂଘ ପକ୍ଷରୁ ଏକ ଦାବିପତ୍ର ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସଂଘର ସଭାପତି କୈଳାସ ନାୟକ ଓ ଜିଲ୍ଲା ସଂଘର ସଭାପତି ସୁବାସ ଧଳ ଏବଂ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀଙ୍କ ନେତୃତ୍ୱରେ ଶତାଧିକ ସାମ୍ବାଦିକ ଉପସ୍ଥିତ ରହି ଶ୍ରୀ ଭୁକ୍ତାଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ଦାବିପତ୍ର ପ୍ରଦାନରେ ଅଶୋକ ଦାସ, ପ୍ରଦୀପ ମାଝୀ, ମନୋଜ ସାହୁ, ସୋଭିନ ପରିଡ଼ା, ପ୍ରକାଶ ରାଉତ, ଜନ୍ମଞ୍ଜୟ ଦାଶ, ବିକ୍ରମ କେଶରୀ ସାହୁ, ଅକ୍ଷୟ ଜେନା ଶହ ଅନେକ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।

# ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ମହିଳା



**କବାଟବନ୍ଧ/ଦାନଗଦି, ୨୧।୨ (ସମିସ):** ଆନ୍ଧ୍ର ପ୍ରଦେଶର ଜଣେ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁଦାନ କରି ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଯାଜପୁର ଜିଲ୍ଲାର ଜଣାଶୁଣା ଡାକ୍ତର ତଥା କବାଟବନ୍ଧ ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କରଙ୍କ ଉଦ୍ୟମରେ ମହିଳାଙ୍କୁ ଚକ୍ଷୁଦାନ କରାଯାଇଥିଲା। ସୂଚନାଯୋଗ୍ୟ ଡାକ୍ତର କର ଏବଂ ସଚେତନ ନାଗରିକ ମଞ୍ଚ ଲୋକ ମାନଙ୍କୁ ଅଙ୍ଗଦାନ ପାଇଁ ସଚେତନ କରୁଛନ୍ତି। ତେଣୁ ଏହି ମହାନ କାର୍ଯ୍ୟରେ ଆନ୍ଧ୍ରପ୍ରଦେଶ ରାଜ୍ୟର ଜଣେ ଯୁବକ ସାମିଲ ହୋଇ ନିଜ ମାଆଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି। ଯାଜପୁର ଜିଲ୍ଲା କଳିଙ୍ଗ ନଗର ଠାରେ କାର୍ଯ୍ୟରତ ଆନ୍ଧ୍ରପ୍ରଦେଶର ରବି କ୍ରିଷ୍ଣା ଚାଟି ତାଙ୍କ ମାଆ ଶ୍ୟାମାଳା ଚାଟି ଦେବୀଙ୍କ ଚକ୍ଷୁଦାନ କରି ତାଙ୍କୁ ଅମର କରିଛନ୍ତି। ଶନିବାର ଯାଜପୁର ରୋଡ୍ ଠାରେ ଶ୍ୟାମଳା ଦେବୀ ଚାଟି ୮୩ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ପୁତ୍ର ରବି ତୁରନ୍ତ ଡା. ନିହାର ରଞ୍ଜନ କର ଏବଂ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରାଙ୍କ ସହିତ ଯୋଗାଯୋଗ କରିଥିଲେ। ଡାକ୍ତର କର ଏବଂ ଶ୍ରୀ ବେହେରା ଦୃଷ୍ଟି ଦାନ ଚକ୍ଷୁ ଭଣ୍ଡାର ସହିତ ଯୋଗାଯୋଗ କରି କଳିଙ୍ଗ ନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞଙ୍କ ସହିତ ଆଲୋଚନା କରି ଅସ୍ତ୍ରୋପଚାର ଦ୍ୱାରା ଚକ୍ଷୁ ବାହାର କରି ଏଲଭି ପ୍ରସାଦ ଚକ୍ଷୁ ହସ୍ପିଟାଲକୁ ପଠାଯାଇଥିଲା। ଦୃଷ୍ଟିଦାନ ଚକ୍ଷୁ ଭଣ୍ଡାର ପକ୍ଷରୁ ଶ୍ରୀଧର ବେହେରା ଏବଂ ନୀଳାଦ୍ରି ବିହାରୀ ଦାଶଙ୍କୁ ଶ୍ୟାମଳା ଦେବୀଙ୍କ କର୍ଣ୍ଣିଆ(ଚକ୍ଷୁ) ହସ୍ତାନ୍ତର କରାଯାଇ ପୁତ୍ର ରବି କ୍ରିଷ୍ଣାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

**ରାଜପଥରେ ଡାଇଭରର୍ସନ ରାସ୍ତା ବନ୍ଦ କରିବାକୁ ପ୍ରତିବାଦ**

# ଠିକା କମ୍ପାନୀର ଗାଡ଼ି ଅଟକାଇଲେ ଗ୍ରାମବାସୀ

**ଧର୍ମଶାଳା, ୨୧।୨(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ କ୍ଷେତ୍ରପାଳ ପଞ୍ଚାୟତ ଶ୍ରୀରାମପୁର ଛକ ନିକଟରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଉପରେ ଥିବା ଡାଇଭର୍ସନକୁ ରାଜପଥ ନିର୍ମାଣ କରୁଥିବା ଏଆଇପିଏଲ୍ କମ୍ପାନୀ ଗତକାଲି ରାତିରେ ବନ୍ଦ କରିବାକୁ ନେଇ ଗ୍ରାମବାସୀଙ୍କ ପ୍ରତିବାଦ ସହ ଠିକା କମ୍ପାନୀ ଗାଡ଼ିକୁ ଦୀର୍ଘ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଟକ ରଖି ରାଜପଥ ଅବରୋଧ କରିଥିଲେ। ଡାଇଭର୍ସନ ବନ୍ଦ ହେବାରୁ ଶ୍ରୀରାମପୁର ଗ୍ରାମବାସୀଙ୍କ ସହ ଜରୁରୀକାଳୀନ ଗାଡି, ଆମ୍ବୁଲାନ୍ସ ସହ ସାଧାରଣ ଲୋକ ଓ ଗୃହପାଳିତ ପଶୁମାନଙ୍କ ଯାତାୟାତରେ ଜଟିଳ ସମସ୍ୟା ଦେଖାଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଛକରେ ଗ୍ରାମବାସୀଙ୍କ ଯାତାୟତ ପାଇଁ ଦୀର୍ଘ ଦିନରୁଥିବା ରାସ୍ତା ସଂକୁଚିତ ରହିଥିବା ବେଳେ ଏହାର ପ୍ରତିକାର ପାଇଁ ଯାତାୟତର ସୁବିଧା କରିବାକୁ ଗ୍ରାମବାସୀ ଠିକା କମ୍ପାନୀ ଓ ଏନଏଚଏଆଇକୁ ଗ୍ରାମବାସୀ ଅବଗତ କରିଥିଲେ। ଆଜି ମଧ୍ୟ ପୁନର୍ବାର ଗ୍ରାମବାସୀ ଏହି ରାସ୍ତାର ସ୍ଥାଇ ପ୍ରତିବାଦରେ ଠିକା କମ୍ପାନୀ ସହ ଏନ୍‌ଏଚଏଆଇ କର୍ତ୍ତୃପକ୍ଷଙ୍କୁ ଠିକା କମ୍ପାନୀ ଦ୍ୱାରା ଲିଖିତ ଅଭିଯୋଗ କରାଯାଇଥିଲା। ସୂଚନା ମୁତାବକ ଶ୍ରୀରାମପୁର ଗ୍ରାମ ସମ୍ମୁଖରେ ଥିବା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥରେ ଡାଇଭର୍ସନକୁ ଗତକାଲି ରାତିରେ ଡାଇଭର୍ସନ୍ ଉପରେ ମୋହରମ ଗଦା କରିଦିଆଯାଇଥିବାରୁ ସମ୍ପୂର୍ଣ୍ଣ ଭାବେ ଏଥିରେ ଚଳାଚଳ ଅବରୋଧ ହୋଇରହିଥିଲା। ଫଳରେ ଗାଁ ଲୋକଙ୍କ ସହ ଗୃହପାଳିତ ପଶୁ ରାଜପଥର ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଇପାରୁନଥିଲେ। ଏହାର ପ୍ରତିବାଦରେ ଶ୍ରୀରାମପୁର ଗ୍ରାମବାସୀମାନେ ଆଜି ସକାଳ ୮ ଟାରୁ ୧୧ ଟାପର୍ଯ୍ୟନ୍ତ ସମସ୍ତ ଗ୍ରାମବାସୀ ରାଜପଥ ଉପରେ ଏକାଠି ହୋଇ ଠିକା କମ୍ପାନୀର ଗାଡି ଗୁଡିକୁ ଅଟକାଇ ଏହାର ସ୍ଥାୟୀ ପ୍ରତିକାର ଦାବି କରିଥିଲେ। ତୁରନ୍ତ ମୋରମ ହଟାଇ ଏହି ଡାଇଭର୍ସନକୁ ଖୋଲିବା ସହିତ ଏହାକୁ ପିଚୁ କରିବାକୁ ଦାବି କରି ସମସ୍ତ ଗ୍ରାମବାସୀ ଅଡିବସିଥିଲେ। ଏହାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନିଆନଗଲେ ଆନ୍ଦୋଳନ ଅଧିକ ତୀବ୍ରତର ହେବ ବୋଲି ଗ୍ରାମବାସୀ ଉପସ୍ଥିତ ଥିବା ଠିକା କମ୍ପାନୀର ଅଧିକାରୀଙ୍କୁ କହିଥିଲେ। ଘଟଣା ସ୍ଥଳରେ ଧର୍ମଶାଳା ପୋଲିସ ପହଁଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ।



**ଦୀର୍ଘ ୪୦ ବର୍ଷର ଅପେକ୍ଷା**

# ସରକାରୀ ଖାତାକୁ ଫେରିଲା କଟିକଟା ହାଟ ପୋଖରୀ




**ଦଶରଥପୁର, ୨୧।୨(ସମିସ)**

ଯାଜପୁର ତହସିଲ ପ୍ରଶାସନର ତ୍ରୁଟି ଯୋଗୁଁ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଧରି ଜନୈକ ବ୍ୟକ୍ତିଙ୍କ ମାଲିକାନାରେ ରହିଯାଇଥିବା ଗ୍ରାମ ପୋଖରୀ ପୁଣିଥରେ ସରକାରୀ ତଥା ସର୍ବସାଧାରଣ ଗ୍ରାମ ପୋଖରୀ ଭାବେ ସରକାରୀ ମାନ୍ୟତା ପାଇଥିବାରୁ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ଏଭଳି ଘଟଣା ଦଶରଥପୁର ତହସିଲ ଅନ୍ତର୍ଗତ କଟିକଟା ଗ୍ରାମ ପୋଖରୀ କ୍ଷେତ୍ରରେ ଦେଖିବାକୁ ମିଳିଛି। କଟିକଟା ପଞ୍ଚାୟତ କଟିକଟା ମୌଜା ଶାବକ ଖାତା ନଂ ୫୬୦ ଏବଂ ପ୍ଲଟ ନଂ ୪୬୪, ୪୬୫ରେ ସର୍ବସାଧାରଣଙ୍କ ହିତରେ ବ୍ୟବହୃତ ହେଉଥିବା କଟିକଟା ହାଟ ପୋଖରୀକୁ ଯାଜପୁର ତହସିଲ ପ୍ରଶାସନର ଦାୟିତ୍ୱହୀନତାରୁ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ହେବ ଗ୍ରାମର ସୁରେନ୍ଦ୍ର ନାଥ ପରିଡ଼ା ତଞ୍ଚକତା କରି ନିଜ ନାମରେ ରେକର୍ଡ ଭୁକ୍ତ କରି ଦଖଲରେ ରଖିଥିଲେ। ବିଭିନ୍ନ ସମୟରେ ଗ୍ରାମବାସୀ ମାନେ ଏକାଧିକ ବୈଠକରେ ମିଳିତ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଖରୀକୁ ଦଖଲ ମୁକ୍ତ କରିବାକୁ ଅନୁରୋଧ କରିବା ସତ୍ତ୍ୱେ ତାହା ସମ୍ଭବ ହୋଇନଥିଲା। ଯାହାକୁ ନେଇ କଟିକଟା ପଞ୍ଚାୟତର ତତ୍କାଳୀନ ସରପଞ୍ଚ ତଥା ବରିଷ୍ଠ ସମାଜସେବୀ ରଘୁନାଥ ପରିଡ଼ା, କଟିକଟାର ବର୍ତ୍ତମାନର ସରପଞ୍ଚ କାଞ୍ଚନବାଳା ପରିଡ଼ା, ଅମୂଲ୍ୟ ପରିଡ଼ା, ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସମେତ ଅନ୍ୟ କିଛି ଗ୍ରାମବାସୀ ଉପ ଜିଲ୍ଲାପାଳ ଯାଜପୁର, ଜିଲ୍ଲାପାଳ ଏବଂ ପରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଆବେଦନକୁ ବିଚାର କରି ରାଜସ୍ୱ ପ୍ରଶାସନ ଉକ୍ତ ପୋଖରୀର ହାଲ ଖାତା ନଂ ୯୩୨ ଏବଂ ପ୍ଲଟ ନଂ ୬୭୯- ୬୧ ଡିସିମିଲ, ୬୮୫-୭ ଡିସିମିଲ ଓ ୬୮୬-୫ ଡିସିମିଲ ପ୍ଲଟକୁ ସରକାରୀ ସମ୍ପତ୍ତି ଭାବେ ମାନ୍ୟତା ପ୍ରଦାନ କରିଥିଲେ। ଏ ସମ୍ପର୍କିତ ସରକାରୀ ରେକର୍ଡ ପ୍ରକାଶ ପାଇବା ପରେ ଗ୍ରାମବାସୀ ରାଜସ୍ୱ ପ୍ରଶାସନ ଓ ଦଶରଥପୁରର ପୂର୍ବତନ ତହସିଲଦାର ବିକ୍ରମ କିଶୋର ପରିଡ଼ାଙ୍କୁ ସାଧୁବାଦ ଜଣାଇବା ସହିତ ନିଜ ନିଜ ମଧ୍ୟରେ ମିଷ୍ଟାନ୍ନ ଖୁଆଇ ଖୁସି ପ୍ରକଟ କରିଛନ୍ତି।



## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୨୧ ।୨(ସମିସ):ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀଆଜିବିଧାନସଭାରେ ବଜେଟ୍ ଉପସ୍ଥାପନ ସମୟରେ ରାଜ୍ୟରେ ଯେଉଁ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରିଛନ୍ତି । ସେଥିରେ ଝାରସୁଗୁଡା ସ୍ଥାନ ପାଇଥିବାରୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ଜିଲ୍ଲାରେ ଉଚ୍ଚଶିକ୍ଷାର



ବିକାଶ ସହିତ ଯୁବ ପ୍ରତିଭାଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ଝାରସୁଗୁଡା ସମେତ ଜଗତ୍ସିଂହପୁର, କେନ୍ଦ୍ରାପଡା ଓ ଭଦ୍ରକରେ ଗୋଟିଏ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଘୋଷଣା କରିବା ସହିତ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସେଠାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କହିଛନ୍ତି ।

■ ଧର୍ମଶାଳା ବିଧାୟକଙ୍କ ସାଂଘାତିକ ଅଭିଯୋଗ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନି ଅବକାରୀ ବିଭାଗ

ଭୁବନେଶ୍ୱର,୨୧।୨(ସମିସ): ରାଜ୍ୟରେ ବେଧଡ଼କ ଭାବରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି । ଚୋରାମଦ ପିଇ ଲୋକଙ୍କ ଜୀବନ ମଧ୍ୟ ଯାଉଛି । ଅତୀତରେ ଏନେଇ ବିରୋଧୀ ତମ୍ବିତୋଫାନ କରିଥିଲା ବେଳେ ସରକାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସମସ୍ତ ଅଭିଯୋଗକୁ ସରକାର ବାଏଁ ବାଏଁ ଉଡ଼ାଇ ଦେଉଥିବା ବେଳେ ଶାସକ ଦଳକୁ ସମର୍ଥନ କରୁଥିବା ଧର୍ମଶାଳାର ପ୍ରଭାବଶାଳୀ ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କର ଏକ ତାରକା ପ୍ରଶ୍ନ ସରକାରଙ୍କୁ ଅଡ଼ୁଆରେ ପକାଇଛି । ବିଭିଓମାନେ ତାଙ୍କ କଥା ଶୁଣୁନାହାନ୍ତି ବୋଲି ନିକଟ ଅତୀତରେ ନିଜେ ମୁଖ୍ୟମନ୍ତ୍ରୀ ଏକ ସଭାରେ କହିଥିବା ବେଳେ ଏବେ ଶାସକ ଦଳ ସମର୍ଥକ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ କଥା ଅବକାରୀ ବିଭାଗ ଶୁଣୁ ନ ଥିବା କହିବା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶନିବାର ସେ ଏକ ପ୍ରଶ୍ନରେ ଧର୍ମଶାଳାରେ ବେଆଇନ ଭାବରେ ମଦ କାରବାର ବଢ଼ି ଚାଲିଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଏହାସହ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏନେଇ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା କହିଛନ୍ତି । ଶ୍ରୀ ସାହୁଙ୍କର ଏପରି ଅଭିଯୋଗକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

ବିଧାୟକ ଶ୍ରୀ ସାହୁ ନିଜର ପ୍ରଶ୍ନରେ କହିଥିଲେ ଯେ ଧର୍ମଶାଳାରେ ବେଆଇନ ଭାବରେ ଉଭୟ ଦେଶୀ ଏବଂ ବିଦେଶୀ ମଦ କାରବାର ଦିନକୁ ଦିନ ବଢ଼ି ଚାଲିଛି । ଏହି ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଏହି ସମସ୍ୟା ନିରାକରଣ ପାଇଁ ଅବକାରୀ ବିଭାଗକୁ ଅବଗତ କରିଥିଲେ ହେଁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସେ ପ୍ରଶ୍ନରେ ଉଲ୍ଲେଖ କରିଛନ୍ତି ।

ବିଧାୟକ ଶ୍ରୀ ସାହୁଙ୍କ ଏହି ପ୍ରଶ୍ନ ଏବେ ରାଜ୍ୟ ରାଜନୀତିରେ ଆଲୋଚନାର ଖୋରାକ୍ ଯୋଗାଇଛି । ରାଜ୍ୟ ସରକାର ତଥା ବିଜେପି ସଂଗଠନ ସହ ଶ୍ରୀ ସାହୁଙ୍କର ସମ୍ପର୍କ କାହାକୁ ଅଛପା ନୁହେଁ । ସ୍ୱାଧୀନ ଭାବରେ ନିର୍ବାଚିତ ହୋଇଥିଲେ ହେଁ ସେ ଏବେ ରାଜ୍ୟ ରାଜନୀତିରେ ବେଶ୍ ପ୍ରଭାବଶାଳୀ ବିଧାୟକ । ଏପରିସ୍ଥଳେ ସେ ଉଠାଇ ଥିବା ପ୍ରଶ୍ନକୁ ଆଦୌ ଅଣଦେଖା କରାଯାଇ ନ ପାରେ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି । ଧର୍ମଶାଳାରେ ବେଆଇନ ମଦ କାରବାର ବଢୁଥିବା କଥା କହି ସେ ରାଜ୍ୟ ଅବକାରୀ ବିଭାଗର ବିଭିନ୍ନ ଦାବିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ ବିଭାଗ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନନେବା, ଅନ୍ୟ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅବକାରୀ ବିଭାଗ କିପରି ରାଜ୍ୟର ଶାସନ ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବ ସେନେଇ ପ୍ରଶ୍ନ ଉଠିଥିବା ବେଳେ ଉତ୍ତରରେ ଅବକାରୀ ମନ୍ତ୍ରୀ ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ନ ଦେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି ।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଯୋଡ଼ା, ୨୧।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ୬ ନମ୍ବର ୱାର୍ଡ ବାଟୁ ହଟିଙ୍ଗରେ ହାତୀ ଆକ୍ରମଣରେ ଜଣେ ୭୦ବର୍ଷୀୟା ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ରଘୁ ବାଙ୍କିରା । ରଘୁ ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ମନମରା ବୈତରଣୀ ସଂରକ୍ଷିତ ଜଙ୍ଗଲକୁ ଯାଇଥିବା ବେଳେ ଦୁଇ ଦିନ ହେବ ଘରକୁ ଫେରି ନଥିଲେ । ଘରଲୋକ ଆଜି ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରେ ତାଙ୍କ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ । ଶବ ପାଖରେ ଗୋଟିଏ ହାତୀ ଜଗି ରହିଥିଲା । ବନବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବା ସହ ମୃତଦେହ ଉଦ୍ଧାର କରିଥିଲା । ମୃତକଙ୍କ ଦେହ କ୍ଷତାକ୍ତ ଥିବା ଏବଂ ନିକଟରେ ହାତୀର ଉପସ୍ଥିତିକୁ ଭିତ୍ତିକରି ତାଙ୍କ ମୃତ୍ୟୁ ହାତୀ ଆକ୍ରମଣରେ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ପଠାଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି ।


**AFFIDAVIT**

I, Jaydev Mohapatra, S/o. Gopinath Mohapatra, resident of Vill. Badakhua, P.o. Sunhat, P.S. Town, Dist. Balasore, Odisha, Pin. 756002 declare by this affidavit No. 515 dtd. 20.01.2026 that now onwards I shall be known as **JAYADEB MOHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Pipili, Dated- 18.02.2026, I Dhanamani Mishra, W/o- Brajaraj Mishra, permanent resident of At/Po-Deypursasan, Ps- Delanga, Dist-Puri, PIN-752046, Odisha, declare that I have change my name from Radhamani Mishra to Dhanamani Mishra. Henceforth I shall be known as **DHANAMANI MISHRA** for all purposes.

**WANTED**

A well-established firm invites applications for the following position

**Tele Sales Executive**

**Out Bound Uk process**

Good English Speaking

**Salary: 10k to 20k**

depend upon experience

Interested candidates can send their CV to

**Email: pin24u@gmail.com**

9776245778
7752003261

**Location: Bhubaneswar**

**AFFIDAVIT**

By virtue of an affidavit **no. 482** before the **Notary Public, Jeypore, dtd.20.02.2026**, I, Anushree Padhi, resident of Panjiaguda, near Siva Temple, P.O. Jayanagar, P.S. Jeypore Sadar, Dist- Koraput hereby declare that my original name was "Anushree Padhi" and after my marriage, my surname has been changed to "Rath" and I am known as "Anushree Rath". That both the names **"Anushree Padhi" & "Anushree Rath"** belong to one and the same person, i.e., myself.

**AFFIDAVIT**

By virtue of an affidavit sworn before the **Notary Public, Sonepur, dtd.21.02.2026**, I, **Laxmipriya Danga,** permanent resident of Patabhadi, Po/P.S. Sonepur, Dist- Subarnapur, Pin - 767017 hereby declare that I have changed my name from **"Laxmipriy Danga" to "Laxmipriya Danga".** Henceforth, I shall be known as **Laxmipriya Danga** for all purposes.

**AFFIDAVIT**

By virtue of an affidavit **no.603** before **Notary Public, Umerkote, dtd. 19.02.2026**, I, **Ritanjali Santra**, permanent resident of At-Jharigam Road, P.S.- Umerkote, Tahasil- Umerkote, Dist-Nabarangpur - 764073 hereby declare that I have changed the name of my minor daughter from **"Sudhatta Santra" to "Sudhata Santra".** Henceforth, my minor daughter shall be known as **Sudhata Santra** for all purposes.

**Sd/- Ritanjali Santra**

**AFFIDAVIT**

By virtue of an affidavit sworn before The Executive Magistrate, Cuttack, on dated-04/02/2026. I, **Bijay Chandra Prusty,** S/o- Late Padmalav Prusty, permanent resident of Vill: Mukameswar, PO: Uttamapur, PS: Cuttack Sadar, Dist: Cuttack, PIN: 753011, State: Odisha declare that I have changed my minor son's name from **Sairam Prusty** to **Yuvraj Prusty.** Henceforth, he shall be known as **Yuvraj Prusty** (new name) for all purposes.

**Bijay Chandra Prusty**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 21/02/2026. I, **Saraswati Sahoo** (applicant name), W/o- Nilamani Sahu, permanent & current resident of AT: Sanjaya Behera Gali, Ward No.9, High School Para, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Audition Sahu** to **Auditee Sahu.** Henceforth, she shall be known as **Auditee Sahu** (new name) for all future purposes.

**Saraswati Sahoo**

**AFFIDAVIT**

By virtue of an affidavit (CF No. 97, Date- 20/02/2026) sworn before The Executive Magistrate, Bhubaneswar, I, **Anwesha Rai Tripathy,** legally wife of Dhananjay Kumar Rai, permanent resident of Flat No. B/607, Acrux Neon, At-Rudrapur, Naharkanta, PO/PS: Balianta, Bhubaneswar, Dist: Khordha, State: Odisha, PIN: 751035 declare that, after marriage I have changed my name from **Anwesha Tripathy** to **Anwesha Rai Tripathy.** Henceforth, I shall be known as **Anwesha Rai Tripathy** (new name), W/o Dhananjay Kumar Rai for all purposes.

**Anwesha Rai Tripathy**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-21/02/2026. I, **Premalata Goud** (new name), D/o Duryodhan Goud, permanent & current resident of AT: Lanjigarh, PO: Lanjigarh Road, PS: Narla, Dist: Kalahandi, State: Odisha, PIN: 766110 declare that I have changed my name from **Pritisamaya Gouda** to **Premalata Goud.** Henceforth, I shall be known as **Premalata Goud** (new name) for all future purposes.

**Premalata Goud**

GOVERNMENT OF ODISHA 34001/111/2526

OFFICE OF THE CHIEF CONSTRUCTION ENGINEER,KHORDHA (R&B) CIRCLE, KHORDHA

INVITATION FOR BIDS (IFB)

No. 326 Dated. 18.02.2026

EOI Identification No. CCE-Khordha (R&B) Circle-02/2025-26

Expression of Interest

1. The Chief Construction Engineer, Khordha (R&B) Circle, Khordha (the "Authority") on behalf of the Works Department, Government of Odisha (The government )invites Expression of Interest (EOI) from eligible registered service providers as mentioned below.
2. Nature of work :- Arrangement of Venue set-up Logistics and other allied activities associated with state level function at different locations under Khordha (R&B) Circle
3. Available of bid document in the website :- From 10:30 A.M of 24.02.2026 to 4:00 P.M of 05.03.2026
4. Date of opening of Bid :- Dt.06.03.2026 at 11.00 AM

The bidders have to participate in Online Bidding only: Further details can be seen from the website:- https//tendersodisha.gov.in any addendum/corrigendum/ cancellation of tender can also be seen in the said website

Sd/-Er.M.K.Mahananda
Chief Construction Engineer
Khordha (R&B) Circle, Khordha

OIPR-34001/34127/1/25-26/0001

34001/105/2526 GOVERNMENT OF ODISHA

e-Procurement Notice, Angul (R&B) Division

Bid Identification No. 74 of 2025-26

email id - angulrbdivision@yahoo.co.in

1. Number of Works : 02 (Two) number of road works; 03 (Three) number of building works; 03 (Three) number of Electrical works
2. Approximate estimated cost : Varies from 5.40 lakh to 37.81 lakh
3. Period of completion : Varies from 01 (One) to 03 (Three) Calendar months
4. Date & Time of availability of bid document in the portal : from **Dt. 24.02.2026**
5. Last date / Time for receipt of bid in the portal : **Dt. 06.03.2026 up to 5.00 P.M.**
6. Date of opening Bid : **Dt. 07.03.2026 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in

Superitending Engineer,
Angul (R&B) Division

OIPR-34001/34074/1/25-26/0007

Government of Odisha "e" procurement Notice

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
E-mail – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/43/2025-26

34001/106/2526

1. Name of the work :- 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL"
2. Estimated Cost :- 1. Rs.7,96,487/-
3. Availability of bid document in the website. :- 11.30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders :- 11:30 Hours on dt. 05.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
R.W Electrical Division Sambalpur

OIPR-34001/34175/1/25-26/0003

GOVERNMENT OF ODISHA 25001/213/2526

OFFICE OF THE SUPERINTENDING ENGINEER
RURAL WORKS DIVISION, BANSPAL
E-mail-eerwbansapal@gmail.com

"e" Procurement Notice for Road Works
Identification No Road Online NCB - 11/2025-26.

1. Name of the Work : Road Works in the District of Keonjhar for the year 2025-26.
2. Total Number of Work : 02 Nos.
3. Estimated Cost : Rs. 5.83 Lakhs to 25.49 Lakhs (Approx.)
4. Class of Contractor : "C" & "B", "D" & "C" Class
5. Period of Completion : As per annexure of e-Procurement Notice No. **11 of 2025-26.**
6. Other Details : NA

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W.D Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No. 11 | Dt.24.02.2026 at 11.00 A.M. | Dt.06.03.2026 up to 5.00 P.M. | Dt.05.03.2026 up to 5.00 P.M. | 07.03 .2026 At 11.00 A.M. |

Further details can be seen from the Website www.tendersodisha.gov.in

Sd/-
Superintending Engineer,
R.W. Division, Banspal

OIPR-25001/25198/1/25-26/0001

GOVERNMENT OF ODISHA 19001/45/2526

PANCHAYAT SAMITI, GUDARI

Email- ori-gudari@od.gov.in

INVITATION FOR BIDS (IFB)
e-procurement Notice

IDENTIFICATION NO. 02/2025-26 of PANCHAYAT SAMITI, GUDARI
No. 344/GPSSK/2026, (GPSSK, Tender) Dev Dated 20.02.2026

1. The **Panchayat Samiti, Gudari** Invites **Percentage Rate** Bids in **Single Cover** system in on **ONLINE MODE** for construction of **Gram Panchayat Subhadra Shakti Kendra** (Civil + Electrification+ PH) as detailed in the **Detailed Tender Call Notice (D.T.C.N)** from the eligible class of contractors.
2. No. of Works : 03 (Three) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "B" & "C" Class
5. Date & Time of available in web site & receipt online : 11:00Hrs of 02.03.2026 to 17.00 Hrs. of 16.03.2026.
6. Date of Opening of Technical Bid : 18.03.2026 at 11:00 Hrs.
7. The Bidder have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

Block Developmtne Officer
Gudari

OIPR-19001/19045/1/25-26/0001


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଟ୍ଟନି ଅଚଳାବସ୍ଥା...

ହୋଇପାରନ୍ତା । ବୋଧହୁଏ ସରକାର ସେଥିପାଇଁ ପ୍ରସ୍ତୁତ ନାହାନ୍ତି । ଚାଷୀ ସମସ୍ୟା ନେଇ ଆଜି ସାରା ରାଜ୍ୟ ଆନ୍ଦୋଳିତ ଏବଂ ଏହାର ପ୍ରତିଧ୍ୱନି ବିଧାନସଭାରେ ଗୁଞ୍ଜରିତ ହେବା ସ୍ୱାଭାବିକ ଅଟେ । ଆଜି ରାସ୍ତାରେ ଚାଷୀ ଛିଡ଼ା ହୋଇଥିବା ବେଳେ ସେମାନଙ୍କ ଧାନ ବିକ୍ରି ହୋଇପାରୁ ନାହିଁ । କଟ୍ନୀଛଟ୍ନୀ ବ୍ୟାପକ ଭାବରେ ହେଉଛି । ଏହାର ପ୍ରତିଧ୍ୱନି କ'ଣ ବିଧାନସଭାରେ ଶୁଭିବ ନାହିଁ କି ବୋଲି ଶ୍ରୀ ଆଚାର୍ଯ୍ୟ ପାଲଟା ପ୍ରଶ୍ନ ପଚାରିଛନ୍ତି । ଗୃହ ଚଳାଇବା ଦାୟିତ୍ୱ ସରକାରଙ୍କର ଅଟେ । ସରକାର କାହିଁକି ଚାଷୀ ସମସ୍ୟାର ସମାଧାନ ପାଇଁ ଆଲୋଚନା କରୁନାହାନ୍ତି ବୋଲି ସେ ପ୍ରଶ୍ନ ଉଠାଇବା ସହ ସରକାରଙ୍କର ଏନେଇ ଆନ୍ତରିକତା ନାହିଁ ଏବଂ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚାଷୀଙ୍କ ସମସ୍ୟା ସରକାର ଦେଖିପାରୁ ନାହାନ୍ତି । ମଣ୍ଡିରେ ଧାନ ଧରି ଚାଷୀ ବିକ୍ରି ପାଇଁ ଅପେକ୍ଷାରତ ଥିବାବେଳେ ସେମାନଙ୍କ ଧାନ ଉଠୁନାହିଁ । ଅନେକ ସ୍ଥାନରେ ଚାଷୀଙ୍କୁ ଟୋକନ ମିଳୁନାହିଁ । ମାତ୍ର ରାଜ୍ୟର ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ସରକାର ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି ଶ୍ରୀ କାଡାମ ଅଭିଯୋଗ କରିଛନ୍ତି ।

ଅପରପକ୍ଷେ ଗୃହ ମଧ୍ୟରେ ବିରୋଧୀଙ୍କ ଏପରି ଆଚରଣକୁ ଶାସକ ଦଳ ପକ୍ଷରୁ କଡା ନିନ୍ଦା କରାଯାଇଛି । ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀ ସଦସ୍ୟ ଉଦ୍ଦେଶ୍ୟମୂଳକ ଭାବେ ୪ ଦିନ ହେଲାଣି ଗୃହ ଚଳାଇ ଦେଉ ନାହାନ୍ତି । ଫଳରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଆଲୋଚନା ହୋଇ ପାରୁନାହିଁ । ଯଦି ପ୍ରକୃତରେ ଚାଷୀଙ୍କ ସମସ୍ୟା ସମାଧାନ ସେମାନଙ୍କ ଉଦ୍ଦେଶ୍ୟ ଥା'ନ୍ତା, ତାହେଲେ ସେମାନେ ଗୃହ ଅଚଳ କରନ୍ତେ ନାହିଁ ।

### 'ସୁପ୍ରିମ୍' ଝଟ୍କା...

ୟୁରୋପୀୟ ସଂଘ (ଇୟୁ) ସମେତ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିଥିବା ସବୁ ଦେଶ ଉପରେ ଏବେ ୧୦ ପ୍ରତିଶତ ଶୁଳ୍କ ଲାଗିବ । ଅର୍ଥାତ୍ ଭାରତକୁ ମଧ୍ୟ ୧୮ ପ୍ରତିଶତ ବଦଳରେ ୧୦ ପ୍ରତିଶତ ଶୁଳ୍କ ଦେବାକୁ ହେବ । ହ୍ୱାଇଟ ହାଉସରେ ସାମ୍ବାଦିକ ସମ୍ମିଳନୀ କରି ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟର କିଛି ବିଚାରପତିଙ୍କୁ ନେଇ ମୋତେ ଲଜ୍ୟା ଲାଗୁଛି । ସେମାନେ ଦେଶ ପାଇଁ କଳଙ୍କ ଏବଂ ଦେଶଦ୍ରୋହୀ । କିଛି ବିଚାରପତି ଆମ ସମ୍ବିଧାନକୁ ବିଶ୍ୱାସ କରୁନାହାନ୍ତି । ଦେଶ ପାଇଁ ଭଲ କାମ କରିବାକୁ ଏହି ବିଚାରପତିଙ୍କ ପାଖରେ ସାହସ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜର ଉତ୍ତମ ବନ୍ଧୁ ବୋଲି ଟ୍ରମ୍ପ ସମ୍ବୋଧନ କରିଥିବା ବେଳେ ଭାରତ ସହ ବାଣିଜ୍ୟ ଚୁକ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଶୁଳ୍କକୁ ନେଇ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଅଧ୍ୟୟନ କରୁଛୁ ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି । ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଶନିବାର କୁହାଯାଇଛି ଯେ ଆମେରିକା ପ୍ରଶାସନ ନେଇଥିବା ପଦକ୍ଷେପର ଦେଶ ଉପରେ କି ପ୍ରଭାବ ପକାଇବ ତାହାର ଆକଳନ କରାଯାଉଛି । ସରକାର ଘଟଣାକ୍ରମ ଉପରେ ନଜର ରଖିଛନ୍ତି । ଏହା ପୂର୍ବରୁ ଶୁକ୍ରବାର ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ କହିଥିଲେ ଯେ ଫେବୃଆରୀ ଶେଷ ସୁଦ୍ଧା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଯିବ । ମାର୍ଚ୍ଚରେ ଚୁକ୍ତି ସ୍ୱାକ୍ଷର ହେବ । ଆଉ ଏପ୍ରିଲରୁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ ।

ନୂଆ ଶୁଳ୍କକୁ ନେଇ ଟ୍ରମ୍ପ କହିଛନ୍ତି ଯେ ୧୯୭୪ର ବାଣିଜ୍ୟ ନିୟମ ଧାରା ୧୨୨ ଅଧିନରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଥିବା ଶୁଳ୍କରୁ ଅତିରିକ୍ତ ଭାବେ ଏହା କାର୍ଯ୍ୟକାରୀ ହେବ । ଏହା ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିବା ଶୁଳ୍କର ସ୍ଥାନ ନେବ । ସୂଚନାଯୋଗ୍ୟ ଯେ ଧାରା ୧୨୨ରେ ପେମେଣ୍ଟ ବାଲାନ୍ସ ପାଇଁ ବଡ଼ ଏବଂ ଗମ୍ଭୀର ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ଦେଶ ଉପରେ ୧୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ କ୍ଷମତା ଦେଉଛି । ମାତ୍ର ଏହାକୁ କେବଳ ୧୫୦ ଦିନ ପାଇଁ ଲଗାଇ ହେବ । ତେବେ ଏ ପର୍ଯ୍ୟନ୍ତ ଏହି ଧାରାର ପ୍ରୟୋଗ କରାଯାଇ ନ ଥିଲା ।

ଟ୍ରମ୍ପ କହିଥିଲେ ଯେ ସୁପ୍ରିମକୋର୍ଟ ରଦ୍ଦ କରିଥିବା ଶୁଳ୍କ ଲାଗୁ କରିବା ପାଇଁ ମୋତେ ସଂସଦର ସହାୟତା ନେବା ଆବଶ୍ୟକତା ନାହିଁ । ରାଷ୍ଟ୍ରପତିଙ୍କୁ ମିଳିଥିବା ଅଧିକାର ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରିପାରିବି । ଶୁଳ୍କ ବାବଦ ଅର୍ଥ ପୈଠ କରିବା ନେଇ ସୁପ୍ରିମକୋର୍ଟ କିଛି କହିନାହାନ୍ତି । ତେଣୁ ସରକାର ଶୁଳ୍କ ବାବଦରେ କୌଣସି କମ୍ପାନୀଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥ ଫେରସ୍ତ କରାଯିବ ନାହିଁ । ବିଚାରପତି ବହୁତ ଖରାପ ରାୟ ଶୁଣାଇଛନ୍ତି । ଆହୁରି ୨ ବର୍ଷ ପର୍ଯ୍ୟନ୍ତ ଏହି ମାମଲା ଚାଲିବ ବୋଲି ଲାଗୁଛି । ସୁପ୍ରିମକୋର୍ଟଙ୍କ ରାୟ ଉପରେ ବିଦେଶୀ ଶକ୍ତିଙ୍କ ପ୍ରଭାବ ପଡ଼ିଛି । ଯଦି ଶୁଳ୍କ ନ ଲଗାଯିବ ତେବେ ବିଦେଶୀ ଦେଶ କିଛି ମାମଲାରେ ଆମେରିକାଠାରୁ ଆଗକୁ ପଳାଇବେ । ରାଷ୍ଟ୍ରପତିମାନେ ପୂର୍ବରୁ ଏହି ଶୁଳ୍କ ଲଗାଇଦେବା ଉଚିତ ଥିଲା । ମାତ୍ର ସେମାନେ ଦେଶକୁ ଦୁର୍ବଳ ହେବାକୁ ଦେଇଥିଲେ । ଏହାଦ୍ୱାରା ଅନ୍ୟ ଦେଶକୁ ଲାଭ ମିଳିଥିଲା । ଏହି ଶୁଳ୍କ ରାଜସ୍ୱ ବଜାୟ ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ବିଚାର କରାଯିବ । ଆଇଇପିଏ ଅଧିନରେ ଏକ ଡଲାର ଶୁଳ୍କ ବି ଆଦାୟ କରାଯାଇପାରିବ ନାହିଁ । ଏହା ଅତ୍ୟନ୍ତ ହାସ୍ୟାସ୍ପଦ । କୌଣସି ଦେଶଠାରୁ ଶୁଳ୍କ ଆଦାୟ କରିପାରିବି ନାହିଁ, ମାତ୍ର ସେହି ଦେଶ ଏବଂ ବ୍ୟବସାୟୀଙ୍କୁ ବର୍ବାଦ କରିପାରିବି ବୋଲି ଟ୍ରମ୍ପ ଧମକ ଦେଇଛନ୍ତି ।

### ଚର୍ଚ୍ଚାରେ ଭାରତୀୟ...

କରିଥିଲେ । ରାଷ୍ଟ୍ରପତିଙ୍କ କ୍ଷମତାକୁ ରୋକିବା ନେଇ ସାମ୍ବିଧାନିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ କାତ୍ୟାଲ ସାମାଜିକ ଗଣମାଧ୍ୟମରେ ବିଜୟ ହେଲା ବୋଲି ପୋଷ୍ଟ କରିଥିଲେ । ସେ ନିଜ ଆଇନଗତ ଟିମ୍‌କୁ ମଧ୍ୟ ପ୍ରଶଂସା କରିଛନ୍ତି । ନିଜ ଟିମ୍‌କୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି । ଓକିଲଙ୍କୁ ବହୁତ ଭଲ କହି ଦରଦୀ ମଣିଷ ଆଖ୍ୟା ଦେଇଛନ୍ତି । କାତ୍ୟାଲ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରି କହିଥିଲେ ଯେ କ୍ଷମତା ବିକେନ୍ଦ୍ରୀକରଣରେ ସାମ୍ବିଧାନିକ ବ୍ୟବସ୍ଥାର 'ନିର୍ଣ୍ଣାୟକ ବିଜୟ' ହୋଇଛି । ରାଷ୍ଟ୍ରପତି କ୍ଷମତାଶାଳୀ, ମାତ୍ର ଆମ ସମ୍ବିଧାନ ଏବେ ବି ସବୁଠାରୁ ଶକ୍ତିଶାଳୀ ଅଛି । ଆଜି ଯାହା ହୋଇଛି ତାହା ଆମେରିକା ବ୍ୟବସ୍ଥାର ବଡ଼ ଉଦାହରଣ । ଜଣେ ପ୍ରବାସୀଙ୍କ ପିଲା ଭାବେ ମୁଁ କୋର୍ଟକୁ ଯାଇ କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ରାଷ୍ଟ୍ରପତି ବେଆଇନ ଭାବେ କାର୍ଯ୍ୟ କରୁଥିବା କହିଥିଲି ।

ସୂଚନା ଅନୁଯାୟୀ, ନିଲ କାତ୍ୟାଲ ୧୯୭୦ରେ ଚିକାଗୋରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାଆ ଜଣେ ଡାକ୍ତର ଏବଂ ବାପା ଇଞ୍ଜିନିୟର ଥିଲେ । ଉଭୟେ ଭାରତରୁ ଆମେରିକା ଆସିଥିଲେ । ଏବେ ୱାଶିଂଟନ ସ୍ଥିତି ମିଲବ୍ୟାଙ୍କ ଏଲଏଲପିର ସହଯୋଗୀ ଭାବେ କାତ୍ୟାଲ କାମ କରୁଛନ୍ତି । ସେ 'ଲିଟିଗେସନ ଆଣ୍ଡ ଆର୍ବିଟେସନ' ଗ୍ରୁପର ମଧ୍ୟ ସଦସ୍ୟ ଅଛନ୍ତି । ୟାଲେ ଲ ସ୍କୁଲରୁ କାତ୍ୟାଲ ଡିଗ୍ରୀ ହାସଲ କରିଥିଲେ । ପରେ ସୁପ୍ରିମକୋର୍ଟ ବିଚାରପତି ଷ୍ଟିଫେନ ଜି. ବ୍ରେୟରଙ୍କ କ୍ଲର୍କ ଭାବେ କାମ କରିଥିଲେ । ୧୯୯୮-୯୯ରେ ସେ ଡେପୁଟି ଆଟର୍ଣ୍ଣି ଜେନେରାଲ ଭାବେ କାର୍ଯ୍ୟ କରିଥିଲେ । ଆମେରିକା ନ୍ୟାୟ ବିଭାଗ ୨୦୧୧ରେ ତାଙ୍କୁ ନାଗରିକଙ୍କୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଏଡମଣ୍ଡ ରାଣ୍ଡଲଫ ଆୱାର୍ଡ'ରେ ସମ୍ମାନିତ କରିଥିଲା । ସୁପ୍ରିମକୋର୍ଟରେ ନିଲ ଅନେକ ମାମଲାରେ ପ୍ରତିନିଧିତ୍ୱ କରିଛନ୍ତି । ଆମେରିକାର ଜଣେ ପ୍ରସିଦ୍ଧ ଓକିଲ ଭାବେ ସେ ଜଣାଶୁଣା । ସେ ଏକାଡେମିକ ଏବଂ ଲିଟିଗେସନ ସହିତ କାର୍ଯ୍ୟନିର୍ବାହୀ କ୍ଷମତା, ଜାତୀୟ ସୁରକ୍ଷା ଆଇନ ଏବଂ ସାମ୍ବିଧାନକ କ୍ଷମତାର ଯାଞ୍ଚ ଆଦି ପ୍ରସଙ୍ଗରେ କାର୍ଯ୍ୟ କରୁଛନ୍ତି ।

### ସ୍କୁଲରେ ସପ୍ତମ ଶ୍ରେଣୀ...

ଦଳର ପ୍ରତିନିଧିମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି । ଅପରପକ୍ଷେ, ଏହି ଖବର ପଦାକୁ ଆସିବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି ।

### ୩୭ ଲକ୍ଷ ଟଙ୍କାର...

ତାରିଖ ଲିଙ୍ଗରାଜ ଷ୍ଟେସନ ନିକଟରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା । ଗିରଫ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ସେକ୍ ଆକବର ଠାରୁ ୪୦୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା । ଆକବର ଜଣେ ଅଟୋଚାଳକ ହୋଇଥିବା ବେଳେ ସେ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣି ବାଲେଶ୍ୱର ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ । ଗିରଫ ଆକବରର ଲିଙ୍କରେ ୩ ଅଭିଯୁକ୍ତ ସମୀର, ଇର୍ସାଦ୍ ମୁନାଫ୍ ଥିଲେ । ଆକବରକୁ ଅଧିକ ପଚରାଉଚରା କରାଯିବା ପରେ ଅନ୍ୟ ସହଯୋଗୀଙ୍କ ବିଷୟରେ ତଥ୍ୟ ମିଳିଥିଲା ।

### ଏଣିକି କାଗଜ...

ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି । ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି । ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କୋଉଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭକ୍ତି ପ୍ରକାଶ କରିଛନ୍ତି ।


**WANTED**

A well-established firm invites applications for the following positions:

1. **Senior Accountant - (1 No.)** Experience : 10 yrs. above
2. **Junior Accountant - (1 No.)** Experience : 2-5 yrs. above
3. **Supervisor - (2 Nos.)** Experience : 2-5 yrs. above
4. **Sales Executive - (1 No.)** Experience : 2-5 yrs. above

**Salary: Best in the industry** | **Location : Bhubaneswar**

Interested candidates can send their CV to **Email: 19sanatang@gmail.com**

**Contact 7978386707**

**Nayagarh (Autonomous) College, Nayagarh**

Quotation Call Notice

Sealed quotations are invited from registered reputed Firms/ Dealers/ Suppliers having valid GST Registration, PAN and IT clearance etc. for supply of equipment/chemicals under MRIP-2023. Quotations should be sent to Dr. Deepak Ranjan Sahoo, Principal Investigator (MRIP-2023 Sponsored by DHE, ODISHA) and Lecturer, Dept. of Zoology, Nayagarh (Autonomous) College, Nayagarh, Odisha-752069. The details of specifications of the items can be downloaded from college Website: www.ngrautocol.ac.in. The quotations must reach on or before **5.00 P.M.** of **27th February 2026** by Speed Post/Registered Post only and the quotations will be opened on **28th February 2026 at 11.30 A.M.** The undersigned reserve the rights to accept or reject any or all quotations without assigning any reason thereof.

Sd/-Principal
Nayagarh (Autonomous) College,
Nayagarh

Government of Odisha "e" procurement Notice

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
E-mail – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/43/2025-26

34001/99/2526

1. Name of the work :- 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL" 2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost :- 1. Rs.7,96,487/- 2. Rs.8,05,024/-
3. Availability of bid document in the website. :- 11.30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders :- 11:30 Hours on dt. 06.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
R.W Electrical Division Sambalpur

OIPR-34001/34175/1/25-26/0002

## ରାଇରଙ୍ଗପୁର ଷ୍ଟେସନରେ ନାହିଁ ଜିଆରପି ଥାନା

# ତଦନ୍ତରେ ହେଉଛି ବିଳମ୍ବ, ଶବକୁ ମିଳୁନି ଉଚିତ ସମ୍ମାନ

ରାଇରଙ୍ଗପୁର, ୨୧।୨(ସମିସ)




ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ରେଳ ଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ହୋଇଥିବା ବେଳେ ଜିଆରପି ଥାନା ନାହିଁ। ଯାହାକୁ ନେଇ ରାଇରଙ୍ଗପୁର ଜିଆରପି ନିଜେ ଅସୁରକ୍ଷିତ ଭାବେ ରହିଛନ୍ତି। କୌଣସି ଅଘଟଣର ତଦନ୍ତରେ ବିଳମ୍ବ ହେଉଥିବାରୁ ଶବକୁ ଉଚିତ ସମ୍ମାନ ମିଳିପାରୁନାହିଁ। ରାଇରଙ୍ଗପୁରକୁ ଟାଟା ସମେତ ଅନ୍ୟାନ୍ୟ ସ୍ଥାନକୁ ରେଳ ଚଳାଚଳ କରୁଛି। ରାଇରଙ୍ଗପୁର (ବହଳଦା ରୋଡ) ଜିଆରପି ଅଧୀନରେ ରାଇରଙ୍ଗପୁର, ବହଳଦା, ବାଦାମପାହାଡ଼, ଗୋରୁମହିଷାଣୀ ଆଦି ସ୍ଥାନ ରହିଛି। ପୂର୍ବରୁ ବହଳଦାଠାରେ ଏକ ଜିଆରପି ଥାନା ଥିଲା। ତେବେ ବର୍ତ୍ତମାନ ତାହା ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜିଆରପି କର୍ମଚାରୀ ନିୟୋଜିତ ଥିବାବେଳେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନଟିଏ ନାହିଁ। ବିନା ବିଲ୍ଡିଂରେ ଜିଆରପି ଥାନା ଚାଲିଛି। କର୍ମଚାରୀଙ୍କ ରହିବା ପାଇଁ ମଧ କୌଣସି ବ୍ୟବସ୍ଥା ନାହିଁ। କୌଣସି ସ୍ଥାୟୀ ଜିଆରପି ଥାନା କିମ୍ବା ଆଉଟପୋଷ୍ଟ ନ ଥିବାରୁ କର୍ମଚାରୀ ହୀନସ୍ତା ହେଉଛନ୍ତି।

ରାଇରଙ୍ଗପୁର ରେଳ ଷ୍ଟେସନ ଅଧୀନରେ କୌଣସି ଅଘଟଣା ଘଟିଲେ, ତଦନ୍ତ ନିମନ୍ତେ ଅନେକ ବିଳମ୍ବ ହେଉଛି। ତଦନ୍ତ ନିମନ୍ତେ ବାଲେଶ୍ୱର ଜିଆରପି ଟିମ ଆସିଥା'ନ୍ତି। ଦୂରତା ଯୋଗୁଁ ଅଘଟଣ ସ୍ଥାନରେ ପହଞ୍ଚି ତଦନ୍ତ କରିବାରେ ବିଳମ୍ବ ହେଉଛି। ମୃତଦେହ ଉଦ୍ଧାର କରି ତାହାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାରେ ଦୁଇଦିନ ଲାଗିଯାଉଛି। ଫଳରେ ମୃତ୍ୟୁ ପରେ ମଧ ଶବକୁ ଉଚିତ ସମ୍ମାନ ମିଳିପାରୁନାହିଁ। କିନ୍ତୁ ଏହାର ନିକଟରେ ରାଉରକେଲା ଓ ଟାଟାନଗର ଜିଆରପି ରହିଛନ୍ତି। ଏପରି ଗମ୍ଭୀର ରେଳ ସମ୍ବନ୍ଧୀୟ ମାମଲା ବାଲେଶ୍ୱର ବଦଳରେ ଉକ୍ତ ସ୍ଥାନକୁ ରେଫର କରାଗଲେ ତଦନ୍ତ ଖୁବ ତ୍ୱରାନ୍ୱିତ ହୋଇପାରିବ। ରାଇରଙ୍ଗପୁରରେ ଜିଆରପି ଥାନା ନ ଥିବାରୁ ରେଳ ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାସହିତ କର୍ମଚାରୀ ମଧ ଧନ୍ଦି ହେଉଛନ୍ତି। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜ ଅଞ୍ଚଳ ହୋଇଥିବାବେଳେ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ଅନେକ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଲୋକେ ଆସୁଛନ୍ତି। ଅମୃତ ଭାରତ ଯୋଜନାରେ ରାଇରଙ୍ଗପୁର ରେଳ ଷ୍ଟେସନର ନବକଳେବର ହେଉଛି। କିନ୍ତୁ ଜିଆରପି ଥାନା ନାହିଁ। ତେଣୁ ଯାତ୍ରୀ ଓ ଲୋକଙ୍କ ସୁବିଧା ନିମନ୍ତେ ରାଇରଙ୍ଗପୁର କିମ୍ବା ବହଳଦା ରୋଡ ଷ୍ଟେସନରେ ଏକ ଜିଆରପି ଆଉଟପୋଷ୍ଟ ଖୋଲିବା ନେଇ ଦାବି ଉପସ୍ଥାପନ କରିଛନ୍ତି।

**ପୁରୁଣା ଥାନା କୋଠା ଜରାଜୀର୍ଣ୍ଣ**
**ନିୟୋଜିତ ଜିଆରପି କର୍ମଚାରୀଙ୍କ ବସିବା ପାଇଁ ନାହିଁ ସ୍ଥାନ**
**ଅଘଟଣ ଘଟିଲେ ତଦନ୍ତ ପାଇଁ ବାଲେଶ୍ୱରରୁ ଆସୁଛନ୍ତି ଜିଆରପି**

## ଅବକାରୀ ବିଭାଗର ଚଢ଼ଉ

### ୧୧୧୦୦ କିଗ୍ରା ପୋଚ, ୮୫୦ ଲିଟର ମଦ ଜବତ



**ବେତନଟୀ, ୨୧।୨(ସମିସ):** ବେତନଟୀ ଅବକାରୀ ଥାନା ଅଧୀନରେ କମଳାଶୋଳ ଓ ମାଙ୍କଡାପାଳ ଗ୍ରାମରୁ ୧୧୧୦୦ କିଗ୍ରା ପୋଚ ଓ ୮୫୦ ଲିଟର ରନ୍ଧା ମଦ ଜବତ କରାଯାଇଥିବା ଜଣାଯାଇଛି। ସେଥିମଧ୍ୟରୁ କମଳାଶୋଳରୁ ୫୭୦୦ କି.ଗ୍ରା. ପୋଚ ଓ ୪୨୦ ଲିଟର ରନ୍ଧା ମଦ ଓ ମାଙ୍କଡାପାଳରୁ ୫୪୦୦ କିଗ୍ରା ପୋଚ ଓ ୪୩୦ ଲିଟର ରନ୍ଧାମଦ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା, ଉଦଳା ଥାନାଧିକାରୀ ଏସ୍‌କେ ରେଣ୍ଡୀ, ରେଞ୍ଜ ଅଧିକାରୀ ସଞ୍ଜୟ କୁମାର କାଣ୍ଡି, ମୋବାଇଲ ୟୁନିଟର ମୁଖ୍ୟ କେ. କାମେଶ୍ୱର ମିଳିତ ଭାବେ ଚଢଉ କରି ଜବତ କରିଥିଲେ। ସମସ୍ତ ପୋଚ ଓ ରନ୍ଧା ମଦ ନଷ୍ଟ କରିଦିଆଯାଇଥିବା ଜଣାପଡ଼ିଛି।

## ରାଇରଙ୍ଗପୁର ସହର ମଧରେ ଓଲଟିଲା ଟ୍ରେଲର

### ବିଳମ୍ବିତ ରାତି ପାଇଁ ଅଘଟଣରୁ ବର୍ତ୍ତିଲେ ଲୋକେ



**ରାଇରଙ୍ଗପୁର, ୨୧।୨(ସମିସ):** ରାଇରଙ୍ଗପୁର ସହର ମଧରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରେଲର ଓଲଟି ପଡ଼ିଛି। ତେବେ ବିଳମ୍ବିତ ରାତି ପାଇଁ ବଡ଼ଧରଣ ଅଘଟଣରୁ ଲୋକେ ବର୍ତ୍ତିଯାଇଛନ୍ତି। ଯାହାର ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଶୁକ୍ରବାର ବିଳମ୍ବିତ ରାତି ୧୨:୫୯ ମିନିଟ୍ ସମୟରେ ଏକ ଚୂନ ବୋଝେଇ ଟ୍ରେଲର ଟାଟାନଗର ପଟୁ ରାଇରଙ୍ଗପୁର ଆସୁଥିଲା। ୨୨୦ ଜାତୀୟ ରାଜପଥର ବିଜୁ ପଟ୍ଟନାୟକ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ରାତିରେ ବିଚ ରାସ୍ତା ମଝିରେ ଅଘଟଣ ଘଟିଥିଲା। ରାତିରେ ଲୋକେ ନ ଥିବାରୁ ବଡ଼ ଅଘଟଣରୁ ଲୋକେ ବର୍ତ୍ତିଯାଇଛନ୍ତି। ରାସ୍ତା କଡ଼କୁ ଗାଡ଼ି ପାର୍କିଂ ଥିବାବେଳେ ତାହା ମଧ ବର୍ତ୍ତିଯାଇଛି। ଶନିବାର ସକାଳୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା ନେଇ ତଦନ୍ତ କରିଥିଲେ। ରାସ୍ତା ମଝିରେ ଟ୍ରେଲର ଓଲଟିଥିବାବେଳେ ତାହାକୁ ଉଠାଇବା ବ୍ୟବସ୍ଥା କରାଯାଇଥିଲା।

## ଭୀମକୁଣ୍ଡରେ ବନାଗ୍ନି ସଚେତନତା



**ମହୁଲଡିହା, ୨୧।୨(ସମିସ):** କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକର ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡଠାରେ ବନ ବିଭାଗ ପକ୍ଷରୁ ଅଗ୍ନି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବୋଟିଂ ଓ ପାଖଆଖ ଗ୍ରାମର ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ ସଭାରେ ବାଲିପୋଷି ଫରେଷ୍ଟ ସେକ୍ସନର ବନପାଳ ପ୍ରଦୀପ କିଶୋର ହାଇବୁରୁ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବାରେ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିଥିଲେ। ରାତି ପାହିଲେ ପର୍ଯ୍ୟଟନସ୍ଥଳୀକୁ ଶହ ଶହ ଲୋକ ଆସୁଥିବାବେଳେ ନିଆଁ ଲାଗିଲେ ସେମାନେ ମୁହଁ ମୋଡି ଚାଲିଯିବେ ବୋଲି କହିଥିଲେ। ଏଣୁ ମନୁଷ୍ୟକୃତ ନିଆଁ ରୋକିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ବୋଲି କହିଥିଲେ। ଓଏଫଏସଡିପି ସଂଯୋଜକ କୃତ୍ତିବାସ ପରିଡ଼ା, ସୁକାନ୍ତ କୁମାର ସାହୁ ସମସ୍ତଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇ ଜଙ୍ଗଲକୁ ନିଆଁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହି ସଚେତନତା ସଭାରେ ସାଲେଇବେଡା ସରପଞ୍ଚ ପେଲଙ୍ଗ ସଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ ଜଙ୍ଗଲକୁ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଲୋକଙ୍କୁ କହିଥିଲେ। ସାମ୍ବାଦିକ ଶରତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ବନରକ୍ଷୀ ବିକାଶ ମହାନ୍ତ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସ୍କୁଲ ବସ୍‌ରେ ବିପଦପୂର୍ଣ୍ଣ ଯାତ୍ରା

# ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଅଭିଭାବକ ଚିନ୍ତିତ




**କରଞ୍ଜିଆ, ୨୧।୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବସ୍ ସେବାରେ ଗୁରୁତର ଅବହେଳା ପରିଲକ୍ଷିତ ହୋଇଛି। ସ୍କୁଲ ବସ୍‌ରେ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏ ନେଇ ଅଭିଭାବକ ସେମାନଙ୍କ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ବସ୍‌ର ନମ୍ବର ପ୍ଲେଟ୍ ସ୍ଥାନ ସମ୍ପୂର୍ଣ୍ଣ ଭାବେ ଖାଲି ରହିଛି। ଯାହା ଯାତାୟାତ ନିୟମର ସ୍ପଷ୍ଟ ଉଲ୍ଲଂଘନ। ବସ୍‌ରେ ଥିବା ଆପଦକାଳୀନ ଦ୍ୱାର କେବଳ ଜାଲି ଦ୍ୱାରା ଆବୃତ୍ତ ରହିଛି। ଅନ୍ୟପକ୍ଷରେ କେତେକ ଝରକା କାଚ ସମ୍ପୂର୍ଣ୍ଣ ଖୋଲା ରହୁଥିବାରୁ ଛାତ୍ରଛାତ୍ରୀ ମୁଣ୍ଡ ବାହାର କରି ବସୁଥିବା ଦୃଶ୍ୟ ଦେଖାଯାଇଛି। ଯାହା ଯେକୌଣସି ସମୟରେ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ। ଏ ନେଇ ଛାତ୍ରଛାତ୍ରୀଙ୍କ ମାତାପିତାଙ୍କ ପକ୍ଷରୁ ଅଭିଯୋଗ ମଧ ଆସୁଛି। ଏଭଳି ଅବ୍ୟବସ୍ଥା ପରିବହନ ବିଭାଗ ନିୟମକୁ ଉଲ୍ଲଂଘନ କରୁଛି। ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମତ ପ୍ରକାଶ ପାଇଛି। ସେହିପରି ବିଦ୍ୟାଳୟ ପକ୍ଷରୁ ଯଥେଷ୍ଟ ସଚେତନତା ଓ ସୁରକ୍ଷା ବ୍ୟବସ୍ଥା କଡାକଡି ଭାବେ ଅନୁସରଣ କରିବାକୁ ଦାବି ହେଉଛି।

## ତୁଳସୀଚଉରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା, ୨୧।୨(ସମିସ):** ବାରିପଦା ମ୍ୟୁନିସିପାଲିଟିର ପିସିପୁର କ୍ଲଷ୍ଟର ଅନ୍ତର୍ଗତ ତୁଳସୀଚଉରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସିପ୍ରା ନାମତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ସିଆରସିସି ଧନଞ୍ଜୟ ସାହୁ ଓ ପରିଚାଳନା କମିଟି ସଭାପତି




ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଦୌଡ଼ ପ୍ରତିଯୋଗିତାରେ କ୍ଷିତୀଶ ବାରିକ, ମ୍ୟୁଜିକ ଚେୟାରରେ ସୌମ୍ୟ ଜ୍ଞାନ ଗିରି, ଡିସ୍‌କସ୍ ଥ୍ରୋରେ ତନ୍ମୟ ବେହେରା, ସ୍କିପିଙ୍ଗରେ ବନ୍ଦନା ସିଂ ଓ ଝୋଟିରେ ତନୁଜା କାଦରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ ଅନ୍ୟାନ୍ୟ ଖେଳାକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଗୌତମ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ମୋନିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆନ୍ତର୍ଜାତିକ ଭାଷା ଦିବସ ପାଳିତ



**ରାଇରଙ୍ଗପୁର, ୨୧।୨(ସମିସ):** ସ୍ଥାନୀୟ ପାଡିଆ ଧର୍ମଶାଳାରେ ସାମାଜିକ ଓ ସାଂସ୍କୃତିକ ସଂଗଠନ ହିନ୍ଦୀ ଭାଷୀ ଆନୁକୂଲ୍ୟରେ ଆନ୍ତର୍ଜାତିକ ଭାଷା ଦିବସ ପାଳିତ ହୋଇଯାଇଛି। ଆବାହକ ବିଜୟ କୁମାର ରାମଙ୍କ ତତ୍ତ୍ୱାବଧାନ ଓ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିହାରୀ ଏକତା ସଂଘ ସଭାପତି ଲାଲବାବୁ ସାଓ ସଭାପତିତ୍ୱ କରି ନିଜ ଭାଷାର ମହତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜେଶ କୁମାର ପ୍ରଜାପତି ସ୍ୱାଗତ ଭାଷଣ ପ୍ରସ୍ତୁତ କରିଥିଲେ। ପ୍ରଥମେ ମା' ସରସ୍ୱତୀଙ୍କୁ ସ୍ମରଣ କରି ଏହି କାର୍ଯ୍ୟକ୍ରମଟି ଶୁଭାରମ୍ଭ ହୋଇଥିଲା। ହିନ୍ଦୀ ଭାଷୀ ସଂଗଠନର ରମେଶ କୁମାର ସାହା ସମସ୍ତ ଭାଷା ପତ୍ର ସମ୍ମାନ ଜଣାଇଥିଲେ। ଚନ୍ଦ୍ରଭୂଷଣ ଯାଦବ, ବୈଦ୍ୟନାଥ ସାଓ, ରୂପେଶ ସାମଲ, ଅଙ୍କିତ ପାଡିଆ, ଅରୁଣ ମହାନ୍ତି, ମନୋରଞ୍ଜନ ହାଁସଦା, ବିନୋଦ ଦାସ, ଅବଧେଶ ମିଶ୍ର, କିଶୋର ରଜକ, ମଦନ ରଜକ, ଉଜ୍ୱଳ ଯାଦବ ଓ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସାଫଳ ହୋଇଥିଲା। ହିନ୍ଦୀ ଭାଷୀ ଲୋକନାଥ ମହଲା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦେଶକୁ ଗଲା ମୟୂରଭଞ୍ଜ ଷ୍ଟବେରୀ



**ଶୁକ୍ଳି, ୨୧।୨(ସମିସ):** ଲଣ୍ଡନ ଓ ଦୁବାଇକୁ ଗଲା ଷ୍ଟ୍ରବେରୀ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡର ଯଶିପୁର ଓ ଶୁକ୍ଳି ବ୍ଲକର ଷ୍ଟ୍ରବେରୀ ଲଣ୍ଡନ ଓ ଦୁବାଇକୁ ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏକ କ୍ୱିଣ୍ଟାଲରୁ ଅଧିକ ଷ୍ଟ୍ରବେରୀ ପଠାଯାଇଛି। ଲଣ୍ଡନ ଓ ଦୁବାଇରେ ଏହି ଅଞ୍ଚଳର ଷ୍ଟ୍ରବେରୀର ଚାହିଦା ଅଧିକ ରହିଛି। ପାଲାଡିଅମ୍ ନାମକ ଏକ ସଂସ୍ଥା ଜରିଆରେ ବିଦେଶକୁ ଷ୍ଟ୍ରବେରୀ ପଠାଯାଇଛି।

ଗତ ଦୁଇବର୍ଷ ହେଲା କରଞ୍ଜିଆ ଅଞ୍ଚଳରେ କୃଷି ଉଦ୍ୟାନ ବିଭାଗର ସହାୟତାରେ ଷ୍ଟବେରୀ ଚାଷ କରିଆସୁଛନ୍ତି ଚାଷୀ। ସ୍ଥାନୀୟ ବଜାରରେ ବିକ୍ରି କରିବା ସହିତ ଜିଲ୍ଲା, ଜିଲ୍ଲା ବାହାର ଓ ରାଜ୍ୟ ବାହାରେ ଟାଟା, ରାଞ୍ଚି, କୋଲକାତାରେ ବିକ୍ରି କରୁଥିଲେ ଚାଷୀ। ୨୫୦ ଗ୍ରାମ ଓଜନର ପ୍ୟାକେଟକୁ ୧୦୦ ଟଙ୍କାରେ ବିକ୍ରି କରୁଛନ୍ତି ଚାଷୀ। କିନ୍ତୁ ଏବେ ସ୍ଥାନୀୟ ବଜାରରେ ବିକ୍ରି କରିବା ସମସ୍ୟା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଠାକାର ଷ୍ଟ୍ରବେରୀ ବିଦେଶରେ ଅଧିକ ଚାହିଦା ରହିଲେ ଆଗକୁ ଅଧିକ ରପ୍ତାନି ହେବ ଷ୍ଟ୍ରବେରୀ। ପ୍ରଥମ ପର୍ଯ୍ୟାୟରେ ୩୪୦ ପ୍ୟାକେଟ ଷ୍ଟ୍ରବେରୀ ପଠାଯାଇଛି। ପ୍ରତ୍ୟେକ ପ୍ୟାକେଟରେ ୨୫୦ ଗ୍ରାମ ଷ୍ଟ୍ରବେରୀ ରହିଛି। ଦିନ ତମାମ ଷ୍ଟ୍ରବେରୀ ସଂଗ୍ରହ ପରେ ଶୀତଳୀକରଣ କରି କୋଲକାତା ପର୍ଯ୍ୟନ୍ତ ଯିବା ପରେ ଆକାଶ ମାର୍ଗରେ ବିଦେଶ ଯିବାର ବନ୍ଦୋବସ୍ତ ହୋଇଛି। କରଞ୍ଜିଆ ଉପଖଣ୍ଡ ଚାଷୀଙ୍କ ଅମଳ ଷ୍ଟ୍ରବେରୀ ବିଦେଶକୁ ରପ୍ତାନି ହେଉଥିବାରୁ ଚାଷୀ ଉପକୃତ ହେଉଛନ୍ତି ବୋଲି ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ସହକାରୀ କୃଷି ନିର୍ଦ୍ଦେଶକ ଅମ୍ରିତାଂଶୁ ନାୟକ କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ



**ମହୁଲଡିହା/ଠାକୁରମୁଣ୍ଡା, ୨୧।୨(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣୀସ୍ଥ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହେଇଯାଇଛି। ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ଓ ଜାତିର ଉନ୍ନତି ପାଇଁ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ଶିଶୁ ଭାଇଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆଚାର୍ଯ୍ୟ ଭାଗୀରଥି ପତି ମାତୃଭାଷା ଦିବସର ଇତିହାସ ଓ ସାମ୍ପ୍ରତିକ ସମୟରେ ଏହାର ଭୂମିକା ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଆଚାର୍ଯ୍ୟ କମଳଲୋଚନ ମହାନ୍ତ ଯୋଗ ଦେଇଥିଲେ। ଏ ଅବସରକରେ ବକ୍ତୃତା, ଆଶୁ ଭାଷଣ, ସୁଲିଖନ, ଅନ୍ତାକ୍ଷରୀ, ଗଳ୍ପ ଓ କବିତା ଲିଖନ, ପୁସ୍ତକ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ତ୍ରିଲୋଚନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଆଚାର୍ଯ୍ୟ ସହଯୋଗ କରିଥିଲେ। ଆଚାର୍ଯ୍ୟ ଯୋଗେଶ୍ୱର ମହାନ୍ତ ଅତିଥିଙ୍କ ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର

# ଯୋଗଦେବେ ୧୫ଟି ରାଜ୍ୟର ୨୧୧ ଜଣ ସ୍ୱେଚ୍ଛାସେବୀ

ବାରିପଦା, ୨୧।୨(ସମିସ)




ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନଏସଏସ)ର ରୌପ୍ୟ ଜୟନ୍ତୀ ବର୍ଷରେ ପ୍ରଥମଥର ପାଇଁ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏକ ଜାତୀୟ ସଂହତି ଶିବିର ଆୟୋଜିତ ହେବାକୁ ଯାଉଛି। ଏହି ଶିବିରରେ ୧୫ଟି ରାଜ୍ୟ (ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ)ରୁ ୨୧୧ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିବେ। ଏହାବ୍ୟତୀତ ମୟୂରଭଞ୍ଜର ବିଭିନ୍ନ ଏନଏସଏସ ୟୁନିଟରୁ ୩୯୦ ଜଣ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ, ବ୍ୟୁରୋ, ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ, ପୁରସ୍କାରପ୍ରାପ୍ତ କାର୍ଯ୍ୟକ୍ରମ ଅଧିକାରୀ, ସ୍ୱେଚ୍ଛାସେବୀ ଯୋଗଦେବେ।

ଏହି ଜାତୀୟ ସଂହତି ଶିବିରର ଲକ୍ଷ୍ୟ ହେଉଛି ସାରା ଭାରତରୁ ସ୍ୱେଚ୍ଛାସେବକଙ୍କୁ ଏକତ୍ର କରି ଦେଶର ସାଂସ୍କୃତିକ, ସାମାଜିକ ଓ ଭାଷାଗତ ବିବିଧତାକୁ ଅନୁଭବ କରିବା ପାଇଁ ଯୁବକଙ୍କ ମଧରେ ଜାତୀୟ ଏକତା, ଭ୍ରାତୃତ୍ୱ ଓ ସାମ୍ପ୍ରଦାୟିକ ସଦ୍‌ଭାବକୁ ବୃଦ୍ଧି କରିବା। ଏହି ୭ଦିନିଆ ଶିବିର ସାମୂଦାୟିକ ସେବା ମାଧ୍ୟମରେ ନେତୃତ୍ୱ, ଜାତୀୟ ଗର୍ବ ଓ ଜାତୀୟ ସଂହତିର ବୁଝାମଣାକୁ ବିକଶିତ କରିବା। ଶିବିରରେ ଅଂଶଗ୍ରହଣକାରୀ ବିଭିନ୍ନ ପ୍ରତିଯୋଗିତା (ଯୋଗ, ଜୁମ୍ବା ଓ ବାରିପଦା ସହରରେ ଏକ ସାଂସ୍କୃତିକ ରାଲି)ରେ ଯୋଗ ଦେବେ। ବିଭିନ୍ନ ସଚେତନତା ସମ୍ବନ୍ଧୀୟ ବୈଷୟିକ ଅଧିବେଶନ, ଭାରତର ସବୁଠାରୁ ସ୍ୱଚ୍ଛ ଗ୍ରାମ ଭାବେ ଜଣାଶୁଣା ପ୍ରସିଦ୍ଧ, ସ୍ୱଚ୍ଛ ଓ ସ୍ଥାୟୀ ଆଦିବାସୀ ଗ୍ରାମ ବୋବେଇଜୋଡା ପରିଦର୍ଶନ କରିବେ। ସେମାନେ ଭାରତର ରାଷ୍ଟ୍ରପତିଙ୍କ ଗ୍ରାମ ପାହାଡପୁର (ବାଦାମପାହାଡ) ରେ ଅବସ୍ଥିତ ଏସଏଲଏସ ସ୍କୁଲ ଓ ରାଇରଙ୍ଗପୁରସ୍ଥ ହଲିଡେ ହୋମ ମଧ ପରିଦର୍ଶନ କରିବେ। ପ୍ରତ୍ୟେକ ଦିନ ଅଂଶଗ୍ରହଣକାରୀ ଦଳଗୁଡ଼ିକ ଦ୍ୱାରା ବିବିଧତା ମଧରେ ଏକତା ପ୍ରଦର୍ଶନ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାବ୍ୟତୀତ, ଦେଶ ସମ୍ମୁଖରେ ମୟୂରଭଞ୍ଜର ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ଏକ ପ୍ରଦର୍ଶନୀ-ସହ-ବିକ୍ରୟର ବ୍ୟବସ୍ଥା କରାଯାଇଛି। ଏ ଅବସରରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ସୁଶ୍ରୀ ସରିତା ପଟେଲ, ଆଞ୍ଚଳିକ ନିର୍ଦ୍ଦେଶକ ଏନଏସଏସ ଓଡ଼ିଶା ସରକାରଙ୍କ ରାଜ୍ୟ ନୋଡାଲ ଅଧିକାରୀ, ସହକାରୀ ଉପ-ସଚିବ ଡକ୍ଟର ରମେଶ ବେହେରା, କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ରେଜିଷ୍ଟ୍ରାର ସୁମିତା ସିଂ, ଏନଏସଏସ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ ଓ ମୟୂରଭଞ୍ଜର ଜିଲ୍ଲା ନୋଡାଲ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଂଶଗ୍ରହଣକାରୀ ମୟୂରଭଞ୍ଜର ସଂସ୍କୃତି, ଐତିହ୍ୟ ଇତ୍ୟାଦିର ଏକ ଭଲ ଅଭିଜ୍ଞତା ପାଇବେ।

**ମୟୂରଭଞ୍ଜରୁ ସାମିଲ ହେବେ ୩୯୦**